79th YEAR OF PUBLICATION

ପ୍ରଜାତନ୍ତ୍ର ପ୍ରଚାର ସମିତି

ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

# ପ୍ରଜାତନ୍ତ୍ର

## The Prajatantra

ମୀନାବଜାର

ମୂଲ୍ୟ: ୨୦ଟଙ୍କା ମାତ୍ର

ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 @the_prajatantra theprajatantra@yahoo.com www.theprajatantra.org

୭୯ବର୍ଷ ❑ ସଂଖ୍ୟା-୧୭୬ ● କଟକ ● ଶନିବାର ● ୩୧ ଜାନୁଆରୀ-୨୦୨୬ ● ମକର-୩୦ ● ସାଲ୍-୧୪୩୧

CUTTACK ● SATURDAY ● 31 JANUARY-2026 ● RNI Regd. No. 4001/57

ମୂଲ୍ୟ : ₹ ୫ ଟଙ୍କା

# ୨୨ ଇସ୍‌ଲାମିକ୍ ଦେଶଙ୍କ ଦିଲ୍ଲୀ ବୈଠକ ଆଜି

**ନୂଆଦିଲ୍ଲୀ,(ପିପିଏସ୍):** ରାଜଧାନୀ ଦିଲ୍ଲୀରେ ବିଶ୍ୱର ବିଭିନ୍ନ ଇସ୍‌ଲାମିକ ଦେଶଗୁଡ଼ିକର ନେତାମାନଙ୍କର ଏକ ସମାବେଶ ହେବାକୁ ଯାଉଛି। ଶନିବାର (ଜାନୁଆରୀ ୩୧) ସାରା ବିଶ୍ୱର ନେତାମାନେ ଏକତ୍ରିତ ହେବେ। ଏହାର ଅଧ୍ୟକ୍ଷତା ଭାରତ ଏବଂ ୟୁଏଇ କରିବେ। ବୈଠକର ଲକ୍ଷ୍ୟ ହେଉଛି, ଭାରତ ଓ ଆରବ ଦେଶ ମଧ୍ୟରେ ସହଯୋଗକୁ ଆହୁରି ମଜବୁତ କରିବା ଏବଂ ସହଭାଗୀତାକୁ ଏକ ନୂତନ ଦିଗଦର୍ଶନ ଦେବା। ଏଥିରେ ୨୨ ଆରବ ଦେଶର ବୈଦେଶିକ ମନ୍ତ୍ରୀମାନେ ଅଂଶଗ୍ରହଣ କରିବେ। ବୈଠକ ଏପରି ଏକ ସମୟରେ ହୋଇଛି, ଯେତେବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗାଜାର ପୁନଃନିର୍ମାଣ ତଦାରଖ ପାଇଁ ଏକ 'ଶାନ୍ତି ବୋର୍ଡ' ଗଠନ ଘୋଷଣା କରିଛନ୍ତି। ଏହି ପଦକ୍ଷେପ ପାଲେଷ୍ଟାଇନ୍ ଅଞ୍ଚଳଗୁଡ଼ିକର ଶାସନ, ସାର୍ବଭୌମତ୍ୱ ଏବଂ ବାହ୍ୟ ତଦାରଖ ବିଷୟରେ ଆରବ ଦେଶଗୁଡ଼ିକରେ ଏକ ନୂତନ ବିତର୍କ ଆରମ୍ଭ କରିଛି। ଭାରତ ପାଇଁ, ଏହି ଅସ୍ଥିରତା ମଧ୍ୟରେ ଆରବ ବୈଦେଶିକ ମନ୍ତ୍ରୀମାନଙ୍କର ଏକ ବୈଠକ ଡାକିବା ପଶ୍ଚିମ ଏସିଆରେ ଏହାର ବଢୁଥିବା କୂଟନୈତିକ ପ୍ରଭାବ ଏବଂ ଏହାର ସତର୍କ ସମନ୍ୱୟକୁ ପ୍ରତିଫଳିତ କରୁଛି। ଇସ୍ରାଏଲ ସହିତ ଦୃଢ଼ ସମ୍ପର୍କ ବଜାୟ ରଖିବା ସହିତ ଆରବ ଦେଶଗୁଡ଼ିକ ସହିତ ଗଭୀର ରାଜନୈତିକ, ଅର୍ଥନୈତିକ ଏବଂ ଲୋକ-ସାଧାରଣ ସମ୍ପର୍କ ବଜାୟ ରଖିବା ଏବଂ ପାଲେଷ୍ଟାଇନ ଉଦ୍ଦେଶ୍ୟ ପ୍ରତି ଏହାର ନିରନ୍ତର ସମର୍ଥନ ରଖିଆସିଛି। ଦିଲ୍ଲୀର ଭାରତ ମଣ୍ଡପମ୍‌ରେ ବୈଠକ ଆୟୋଜନ ହେଉଛି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମଧ୍ୟ ଏ ସମ୍ପର୍କରେ ସୂଚନା ପ୍ରଦାନ କରିଛି। ସମସ୍ତ ଆରବ ଲିଗ୍ ସଦସ୍ୟ ଦେଶର ବୈଦେଶିକ ମନ୍ତ୍ରୀ ଏବଂ ମହାସଚିବ ମଧ୍ୟ ଏଥିରେ ଅଂଶଗ୍ରହଣ କରିବେ ବୋଲି କୁହାଯାଇଛି। ବୈଠକ ପୂର୍ବରୁ ଭାରତ ମଣ୍ଡପମ୍‌ରେ ବରିଷ୍ଠ ଅଧିକାରୀମାନଙ୍କର ସାକ୍ଷାତ ହୋଇଛି। ପୂର୍ବ ବୈଠକ ୨୦୧୬ରେ ବାହାରିନ୍‌ରେ ଅନୁଷ୍ଠିତ ହୋଇଥିଲା।




# ୧୭ରୁ ବିଧାନସଭା ଅଧିବେଶନ

## ୨୦ରେ ଆଗତ ହେବ ରାଜ୍ୟ ବଜେଟ୍, ୨୮ କାର୍ଯ୍ୟଦିବସ

**ଭୁବନେଶ୍ୱର,(ପିପିଏସ୍):** ଓଡ଼ିଶା ବିଧାନସଭାର ୨୮ଦିନିଆ ବଜେଟ୍ ଅଧିବେଶନ ଆସନ୍ତା ୧୭ତାରିଖରୁ ଆରମ୍ଭ ହେବ। ୨୦୨୬-୨୭ ଆର୍ଥିକ ବର୍ଷର ବଜେଟ୍ ଫେବୃୟାରୀ ୨୦ତାରିଖରେ ଗୃହରେ ଉପସ୍ଥାପିତ ହେବ । ରାଜ୍ୟପାଳ ଡଃ ହରିବାବୁ କମ୍ଭମପାଟିଙ୍କ ଅଭିଭାଷଣରୁ ବିଧାନସଭାର ଅଧିବେଶନ ଆରମ୍ଭ ହେବ । ବିଧାନସଭାର ଅଧିବେଶନ ଦୁଇଟି ପର୍ଯ୍ୟାୟରେ ଫେବୃୟାରୀ ୧୭ରୁ ୨୪ ଓ ମାର୍ଚ୍ଚ ୯ରୁ ଏପ୍ରିଲ ୮ତାରିଖ ପର୍ଯ୍ୟନ୍ତ ଚାଲିବାର କାର୍ଯ୍ୟକ୍ରମ ରହିଛି। ବିଧାନସଭା ସଚିବାଳୟ ପକ୍ଷରୁ ଏନେଇ ବିଧିବଦ୍ଧ କାର୍ଯ୍ୟସୂଚୀ ଜାରି ହୋଇଛି। ରାଜ୍ୟ ଅର୍ଥମନ୍ତ୍ରୀ ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଫେବୃୟାରୀ ୨୦ତାରିଖରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ରାଜ୍ୟ ବଜେଟ୍ ଉପସ୍ଥାପନ କରିବେ। କ୍ରମାଗତ ତୃତୀୟଥର ପାଇଁ ଶ୍ରୀ ମାଝୀ ବିଧାନସଭାରେ ବାର୍ଷିକ ବଜେଟ୍ ଆଗତ କରିବେ। ବଜେଟ୍ ଉପରେ ଫେବୃୟାରୀ ୨୩ ଓ ୨୪ତାରିଖ ଦୁଇଦିନ ଧରି ସାଧାରଣ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି। ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ଚଳିତ ବଜେଟ୍‌ରେ ଗ୍ରାମାଞ୍ଚଳର ଭିତ୍ତିଭୂମି ବିକାଶ ସମେତ ସାମାଜିକ କଲ୍ୟାଣ ଆଦି ଉପରେ ଅଧିକ ଗୁରୁତ୍ୱ ଦିଆଯାଇପାରେ ବୋଲି ଜଣାପଡ଼ିଛି। ଚଳିତଥର ରାଜ୍ୟ ବଜେଟ୍ ପରିମାଣ ୩ଲକ୍ଷ କୋଟି ଟଙ୍କା ଛୁଇଁବ ବୋଲି ଆକଳନ ହୋଇଛି। ବଜେଟ୍‌କୁ ଗୃହର ଅନୁମୋଦନ ପାଇଁ ମାର୍ଚ୍ଚ ୩୧ତାରିଖରେ ବ୍ୟୟମଞ୍ଜୁରୀ ବିଲ୍ ଆଗତ ହେବାର କାର୍ଯ୍ୟକ୍ରମ ରହିଛି। ବିଧାନସଭାର ୨୮ଦିନିଆ ବଜେଟ୍ ଅଧିବେଶନ ଦୁଇଟି ପର୍ଯ୍ୟାୟରେ ବସିବ। ପ୍ରଥମ ପର୍ଯ୍ୟାୟରେ ଫେବୃୟାରୀ ୧୭ରୁ ୨୪ତାରିଖ ପର୍ଯ୍ୟନ୍ତ ଚାଲିବ। ଫେବୃୟାରୀ ୨୫ରୁ ମାର୍ଚ୍ଚ ୮ତାରିଖ ପର୍ଯ୍ୟନ୍ତ ବିଧାନସଭା ମୁଲତବୀ ରହିବ। ଅଧିବେଶନର ପ୍ରଥମ ଦିନରେ ରାଜ୍ୟପାଳ ଡଃ କମ୍ଭମପାଟି ଗୃହରେ ଅଭିଭାଷଣ ରଖିବେ। ଫେବୃଆରୀ ୧୮ ଓ ୧୯ ତାରିଖରେ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଗତ ହୋଇ ତା'ଉପରେ ଆଲୋଚନା କରାଯିବ। ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ମାର୍ଚ୍ଚ ୯ରୁ ଏପ୍ରିଲ ୮ତାରିଖ ପର୍ଯ୍ୟନ୍ତ ବସିବାର କାର୍ଯ୍ୟକ୍ରମ ରହିଛି । ଏହି ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ଆରମ୍ଭର ପ୍ରଥମଦିନରେ ବିଭିନ୍ନ ବିଭାଗୀୟ ସ୍ଥାୟୀ କମିଟିର ରିପୋର୍ଟ ଉପସ୍ଥାପନ ସହ ମାର୍ଚ୍ଚ ୧୦ରୁ ୩୦ତାରିଖ ପର୍ଯ୍ୟନ୍ତ ବିଭାଗୀୟ ଖର୍ଚ୍ଚଦାବି ଉପରେ ଆଲୋଚନାର କାର୍ଯ୍ୟକ୍ରମ ରହିଛି। ବଜେଟ୍ ଅଧିବେଶନ ସରଗରମ ହେବାର ସମ୍ଭାବନା ରହିଛି। ଅଧିବେଶନ ସମୟରେ ରାଜ୍ୟସଭା ନିର୍ବାଚନ ଥିବାବେଳେ ଶାସକ ଓ ବିରୋଧୀ ମୁହାଁମୁହିଁ ହେବାର ଆଶଙ୍କା ରହିଛି। ତା'ଛଡ଼ା ରାଜ୍ୟର ବିଭିନ୍ନ ପ୍ରସଙ୍ଗ ଯଥା- ଧାନ ବିକ୍ରି, ଚାଷୀ ଓ ବେକାର ସମସ୍ୟା, ଶିକ୍ଷା ବ୍ୟବସ୍ଥାରେ ସଂସ୍କାର, ଆଇନଶୃଙ୍ଖଳା ଆଦି ପ୍ରସଙ୍ଗରେ ବିରୋଧୀ ଦଳଗୁଡ଼ିକ ନିଜର ସ୍ୱର ଶାଣିତ କରିବେ ବୋଲି ଆକଳନ କରାଯାଉଛି।



**ଦୁଇଟି ପର୍ଯ୍ୟାୟରେ ଚାଲିବ ବଜେଟ୍ ଅଧିବେଶନ**

# ଖୋଲିବ ନବ ହତ୍ୟା ରହସ୍ୟ

## ଖୁବ୍‌ଶୀଘ୍ର ଖୁଲାସା: ଆଇନ ମନ୍ତ୍ରୀ



**ଭୁବନେଶ୍ୱର,(ପିପିଏସ୍):** ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ନବ କିଶୋର ଦାସ ହତ୍ୟା ମାମଲାର ଖୁବ୍‌ଶୀଘ୍ର ଖୁଲାସା ହେବ। ନବଙ୍କ ଝିଅ ଦୀପାଳି ଦାସଙ୍କ ବୟାନ ପରେ ଏଭଳି ପ୍ରତିକ୍ରିୟା ରଖିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଗୁରୁବାର ନବ ଦାସଙ୍କ ଶ୍ରାଦ୍ଧ ବାର୍ଷିକୀରେ ଦୀପାଳିଙ୍କ ମନ୍ତବ୍ୟ ପରେ ପୃଥ୍ୱୀରାଜ ହରିଚନ୍ଦନ ପ୍ରତିକ୍ରିୟା ରଖିଛନ୍ତି। ଆଇନ ମନ୍ତ୍ରୀ କହିଛନ୍ତି ଯେ ଦୀପାଳିଙ୍କ ପ୍ରତିକ୍ରିୟା ଦେଖିଛି। ତିନି ବର୍ଷ ତଳେ କ'ଣ ତଦନ୍ତ ହୋଇଥିଲା ଜଣାନାହିଁ। ପରିବାର ଲୋକଙ୍କ ସନ୍ଦେହକୁ ନେଇ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ଆରମ୍ଭ ହୋଇଛି। ମାମଲାର ସତ୍ୟତା, ଷଡ଼ଯନ୍ତ୍ର ଓ ସମ୍ପୃକ୍ତି ନେଇ ଆମୂଳଚୂଳ ତଦନ୍ତ ହେବ। ଆଇନମନ୍ତ୍ରୀ ପୂର୍ବ ସରକାରକୁ ଟାର୍ଗେଟ୍ କରିଛନ୍ତି । ତଦନ୍ତକୁ ବନ୍ଦ କରିବାକୁ ଗତ ସରକାର ପ୍ରଚେଷ୍ଟା କରିଥିଲେ। ଗତ ସାତ ଆଠମାସ ତଳେ ତାଙ୍କ ପରିବାର ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପରେ ପୁନଃ ତଦନ୍ତ ଆରମ୍ଭ ହୋଇଛି । ଏହା ପରେ ତଦନ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି। ଖୁବ୍‌ଶୀଘ୍ର ହତ୍ୟାକାଣ୍ଡର ଖୁଲାସା ହୋଇ ନିର୍ଯ୍ୟାସ ବାହାରିବ ବୋଲି କହିଛନ୍ତି ଆଇନ ମନ୍ତ୍ରୀ। ପ୍ରକାଶଯୋଗ୍ୟ, ନବ ଦାସଙ୍କ ୩ୟ ଶ୍ରାଦ୍ଧ ବାର୍ଷିକୀରେ ଝିଅ ଦୀପାଳି ଦାସ କହିଥିଲେ ଯେ ସିବିଆଇ ତଦନ୍ତ ପାଇଁ ଆମେ ମୁଖ୍ୟମନ୍ତ୍ରୀଙ୍କୁ ଦାବି ପତ୍ର ଦେଇଛୁ ଆଗାମୀ ଦିନରେ ସବୁ କିଛି ଠିକ୍ ଭାବରେ ହେବ ବୋଲି ଆଶା।

# ପାନ ମସଲା ଉପରୁ ହଟିଲା କଟକଣା

**ଭୁବନେଶ୍ୱର,(ପିପିଏସ୍):** ରାଜ୍ୟରେ ନିଶା ଦ୍ରବ୍ୟରେ ଆସୁଥିବା ଗୁଟ୍‌ଖା ବିକ୍ରି ବନ୍ଦ ହୋଇଥିବା ବେଳେ ପାନ ମସଲାକୁ ନେଇ ଦ୍ୱନ୍ଦ୍ୱ ଲାଗିରହିଛି। ତେବେ ରାଜ୍ୟରେ ପାନ ମସଲା ବିକ୍ରି ବନ୍ଦ ହେବନାହିଁ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସିଟି ଜିଏସ୍‌ଟି ବିଭାଗକୁ ଚିଠି ଲେଖି ଅବଗତ କରିଛନ୍ତି। ପାନ ମସଲାରେ ତମ୍ବାଖୁ ବା ନିକୋଟିନ୍ ରହୁନାହିଁ। ସେଥିପାଇଁ ବଜାରରେ ପାନ ମସଲା ବିକ୍ରି ବନ୍ଦ ହେବ ନାହିଁ । କିନ୍ତୁ ଗୁଟ୍‌ଖା, ଜର୍ଦ୍ଦା ଓ ଖଇନି ଉପରେ କଟକଣା ଜାରି ରହିବ। ଗତ ସପ୍ତାହରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଗୁଟ୍‌ଖା ବିକ୍ରି ଉପରେ ନିଷେଧାଦେଶ ଜାରି କରିଥିଲା। ସୁପ୍ରିମକୋର୍ଟଙ୍କ ତାଗିଦ ପରେ ଓଡ଼ିଶା ସରକାର ଗୁଟ୍‌ଖା, ପାନ ମସଲା, ଖଇନି ଓ ଜର୍ଦ୍ଦା ଭଳି ସାମଗ୍ରୀ ବିକ୍ରି ଉପରେ କଟକଣା ଜାରିକରିଛନ୍ତି। ଗୁଟ୍‌ଖାରେ ନିକୋଟିନ୍ ରହୁଥିବାରୁ ଏହା ଉପରେ ବ୍ୟାନ୍ ଲଗାଯାଇଛି। ଏପରିକି କିଛି କମ୍ପାନୀ ପାନ ମସଲା ବାହାନାରେ ଗୁଟ୍‌ଖା ବିକ୍ରି କରୁଥିବା ମଧ୍ୟ ଦେଖାଯାଇଛି।

# ଆରମ୍ଭ ହେବ ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା

**ଭୁବନେଶ୍ୱର,(ପିପିଏସ୍):** ମୋହନ ସରକାର ବରିଷ୍ଠ ନାଗରିକଙ୍କୁ ମାଗଣାରେ ପୁରୀ ନେଇ ଜଗା ଦର୍ଶନ କରାଇବେ। ଏଥିପାଇଁ ପଞ୍ଚାୟତ ସ୍ତରରେ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରି ସମ୍ମତି ନେବାକୁ ରାଜ୍ୟ ପର୍ଯ୍ୟଟନ ବିଭାଗ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖିଛନ୍ତି। ରାଜ୍ୟରେ ଖୁବ୍‌ଶୀଘ୍ର ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନା ଆରମ୍ଭ ହେବାକୁ ଯାଉଛି। କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଅଧୀନରେ ୬୦ ରୁ ୭୫ ବର୍ଷ ବୟସର ବରିଷ୍ଠ ନାଗରିକ ଏବଂ ୭୫ବର୍ଷ ବୟସ ପର୍ଯ୍ୟନ୍ତ ବିଧବା ମହିଳାମାନେ ବାର୍ଦ୍ଧକ୍ୟ ପେନସନ ଯୋଜନା ଏବଂ ବିଧବା ପେନସନ ଯୋଜନା ଅଧୀନରେ ସ୍ୱୟଂଚାଳିତ ଭାବରେ ଏହି ଯୋଜନାର ହିତାଧିକାରୀ ହେବେ। ଏ ନେଇ ୧୩ ଜାନୁଆରୀରେ ସମସ୍ତ ଜିଲ୍ଲାର ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ସହିତ ଏକ ସଂକ୍ଷିପ୍ତ ଆଲୋଚନା ହୋଇସାରିଛି। ଏହି ଯୋଜନାର ଲାଭ ଉଠାଇବା ପାଇଁ ପେନ୍‌ସନ ବଣ୍ଟନ ଦିନ ପଞ୍ଚାୟତ କାର୍ଯ୍ୟାଳୟରେ ହିତାଧିକାରୀଙ୍କଠାରୁ ସେମାନଙ୍କ ସମ୍ମତିପତ୍ର ସଂଗ୍ରହ କରାଯିବ।



# ରଙ୍ଗେଇଲୁଣ୍ଡାରେ ପ୍ରତିଷ୍ଠା ହେବ ଜାତୀୟ ଡ୍ରୋନ୍ ଇନୋଭେସନ୍ କରିଡର

**ଭୁବନେଶ୍ୱର,(ପିପିଏସ୍):** ବିମାନ ଚଳାଚଳ କ୍ଷେତ୍ରରେ ନୂଆ ଅଧ୍ୟାୟ ସୃଷ୍ଟି କରିବାକୁ ଯାଉଛି ଓଡ଼ିଶା। ଗଞ୍ଜାମ ଜିଲ୍ଲାର ରଙ୍ଗେଇଲୁଣ୍ଡା ବିମାନ ବନ୍ଦରକୁ ଦେଶର ପ୍ରଥମ ବ୍ୟବସାୟିକ ଭାବେ ରୂପାନ୍ତରିତ କରି ସେଠାରେ 'ନ୍ୟାସନାଲ ୟୁଏଭି ଟେଷ୍ଟ ଆଣ୍ଡ ଇନୋଭେସନ୍ କରିଡର' ସ୍ଥାପନ କରିବାକୁ ଓଡ଼ିଶା ସରକାର ନିଷ୍ପତ୍ତି ନେଇଛନ୍ତି। ଭାରତର ଆକାଶମାର୍ଗରେ ନୂଆ ପିଢ଼ିର ଡ୍ରୋନ୍ ପ୍ରଯୁକ୍ତିବିଦ୍ୟାକୁ ସାମିଲ କରିବା ନିମନ୍ତେ ଓଡ଼ିଶା ଏହି ନିର୍ଣ୍ଣାୟକ ପଦକ୍ଷେପ ନେଇଛି। ହାଇଦ୍ରାବାଦରେ ଅନୁଷ୍ଠିତ ୱିଙ୍ଗସ ଇଣ୍ଡିଆ-୨୦୨୬ ସମ୍ମିଳନୀରେ ଓଡ଼ିଶା ଏହି ଘୋଷଣା କରିବା ସହ ଏଥିପାଇଁ 'ବୋନଭୋ ଏରୋ' ନାମକ କମ୍ପାନୀ ସହ ଏମ୍‌ଓୟୁ ସ୍ୱାକ୍ଷରିତ କରିଛି। ରଙ୍ଗେଇଲୁଣ୍ଡାଠାରେ ଏହି ଜାତୀୟ ଡ୍ରୋନ୍ ଇନୋଭେସନ୍ କରିଡର ସ୍ଥାପନ ଦ୍ୱାରା ଓଡ଼ିଶା କେବଳ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଆଗେଇବ ନାହିଁ ବରଂ ଜାତୀୟସ୍ତରରେ ଡ୍ରୋନ୍ ଶିଳ୍ପର ପ୍ରାଣକେନ୍ଦ୍ର ସାଜିବ। ଏହି ପ୍ରକଳ୍ପର ସବୁଠୁ ବଡ଼ ବିଶେଷତ୍ୱ ହେଉଛି, ଏଠାରେ ଡ୍ରୋନଗୁଡ଼ିକ କୌଣସି ଲ୍ୟାବ, କୋଠରୀ ବା ହଲ୍ ମଧ୍ୟରେ ଅବା ଛୋଟ ପରିସରରେ ପରୀକ୍ଷାନିରୀକ୍ଷା କରାଯିବ ନାହିଁ ବରଂ ପ୍ରକୃତ ଓ ଗତିଶୀଳ ଆକାଶମାର୍ଗରେ ଏଗୁଡ଼ିକର ପରୀକ୍ଷଣ କରାଯାଇ ସେମାନଙ୍କର ଦକ୍ଷତାକୁ ଆକଳନ କରାଯିବ। ଉପଯୁକ୍ତ ଇକୋସିଷ୍ଟମ ମଧ୍ୟରେ ଡ୍ରୋନ୍ ପରୀକ୍ଷା କରିବା ଦ୍ୱାରା ଏହାର ବ୍ୟବହାରିକ ଜଟିଳତା ଓ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସଠିକ ଭାବେ ବୁଝିହେବ । ଯାହାକି ଦେଶର ପରବର୍ତ୍ତୀ ପିଢ଼ିର ଏରିଏଲ୍ ସିଷ୍ଟମକୁ ବୈଧ କରିବା ଓ ଏହାର ପ୍ରସାର କ୍ଷେତ୍ରରେ ଏକ ବଡ଼ ସଫଳତା ହେବ ବୋଲି କୁହାଯାଉଛି । ଏହି ଡ୍ରୋନ୍ ଇନୋଭେସନ କରିଡ଼ର ପାଇଁ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଦେଶର ପ୍ରମୁଖ ଷ୍ଟାର୍ଟଅପ୍ କମ୍ପାନୀ 'ବିଓଏନଭି ଏରୋ' ସହ ଏମଓୟୁ ସ୍ୱାକ୍ଷରିତ ହୋଇଛି । ଏହି ଅବସରରେ ବାଣିଜ୍ୟ ଓ ପରିବହନ ବିଭାଗର ସଚିବ ଉଷା ପାଢ଼ୀ ଗଣମାଧ୍ୟମକୁ ସୂଚନା ଦେଇ କହିଥିଲେ ଯେ ଓଡ଼ିଶା ଆଗାମୀ ଯୁଗର ଗମନାଗମନ ପାଇଁ ଭିତ୍ତିଭୂମି ପ୍ରସ୍ତୁତ କରୁଛି। 'ବେନଭୋ ଏରୋ' ଭଳି ଦେଶୀୟ ଉଦ୍‌ଭାବକଙ୍କ ସହାୟତାରେ ରଙ୍ଗେଇଲୁଣ୍ଡାକୁ ଜାତୀୟସ୍ତରର ଏକ ପରୀକ୍ଷଣ କେନ୍ଦ୍ରରେ ପରିଣତ କରାଯିବ । ଏଠାରେ ସରକାର ଓ ଶିଳ୍ପ ଜଗତ ମିଳିତ ଭାବେ ଭାରତର 'ଲୋ-ଅଲ୍ଟିଚ୍ୟୁଡ୍ ଇକୋନୋମି'ର ରୂପରେଖ ପ୍ରସ୍ତୁତ କରିବେ। ଓଡ଼ିଶା କେବଳ ଜାତୀୟ ନୀତିକୁ କାର୍ଯ୍ୟକାରୀ କରିବା ନୁହେଁ ବରଂ ଜାତୀୟ ନୀତି ପ୍ରଣୟନରେ ନିଜର ଅବଦାନ ରଖିବାକୁ ଲକ୍ଷ୍ୟ ରଖିଛି।



# ଆହୁରି ୨ରୁ ୩ଡିଗ୍ରୀ ବଢ଼ିବ ତାପମାତ୍ରା

**ଭୁବନେଶ୍ୱର,(ପିପିଏସ୍):** ଓଡ଼ିଶାରେ ଶୀତର ପ୍ରଭାବ କମ୍ ରହିଛି। ତାପମାତ୍ରା ଆହୁରି ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିବାର ସମ୍ଭାବନା ରହିଛି। ଫଳରେ ଶୀତର ପରିମାଣ କମ୍ ରହିବ। ମାତ୍ର ଅନେକ ସ୍ଥାନରେ କୁହୁଡ଼ିର ପ୍ରଭାବ ଦେଖିବାକୁ ମିଳୁଛି। ଆହୁରି ୨ଦିନ ଘନକୁହୁଡ଼ିର ପ୍ରଭାବ ନେଇ କିଛି ଜିଲ୍ଲାକୁ ପାଣିପାଗ ବିଭାଗ ଚେତାବନୀ ଦେଇଛି। ସେପଟେ ବର୍ତ୍ତମାନ ରାଜ୍ୟରେ କୌଣସି ପାଣିପାଗ ନିୟାମକ ସକ୍ରିୟ ନଥିବା ବେଳେ ଆଗାମୀ ୭ ଦିନ ଯାଏଁ ପାଗ ମୁଖ୍ୟତଃ ଶୁଖିଲା ରହିବ। ରାଜ୍ୟରେ ତାପମାତ୍ରା ଆହୁରି ବୃଦ୍ଧି ପାଇବ। ଆଗାମୀ ୨୪ ଘଣ୍ଟା ମଧ୍ୟରେ ରାତିର ସର୍ବନିମ୍ନ ତାପମାତ୍ରା ୨-୩ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ହେବ। ଫଳରେ ରାତିରେ ଥଣ୍ଡାର ପରିମାଣ କମ୍ ଅନୁଭୂତ ହେବ। ଏହା ପରେ ତାପମାତ୍ରାରେ ଆଉ ବିଶେଷ ପରିବର୍ତ୍ତନ ହେବ ନାହିଁ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଆଗାମୀ ୨୪ ଘଣ୍ଟା ମଧ୍ୟରେ ଘନ କୁହୁଡ଼ି ପାଇଁ ଉପକୂଳ ଓଡ଼ିଶାର ୬ ଜିଲ୍ଲାକୁ ପାଣିପାଗ ବିଭାଗ ୟେଲୋ ୱାର୍ଣ୍ଣିଂ ଜାରି କରିଛି। ଜିଲ୍ଲାଗୁଡ଼ିକ ହେଉଛି କେନ୍ଦ୍ରାପଡ଼ା, ଜଗତସିଂହପୁର, ଖୋର୍ଦ୍ଧା, ପୁରୀ, ଗଞ୍ଜାମ ଓ ଗଜପତି। ସେହିପରି ୩୧ ତାରିଖରୁ ଫେବୃଆରୀ ୧ ତାରିଖ ସକାଳ ପର୍ଯ୍ୟନ୍ତ ଘନ କୁହୁଡି ପାଇଁ ୫ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ଜିଲ୍ଲାଗୁଡ଼ିକ ହେଉଛି ପୁରୀ, ଖୋର୍ଦ୍ଧା, କଟକ, ଜଗତସିଂହପୁର ଓ କେନ୍ଦ୍ରାପଡ଼ା।

# ପୁରୀ ଜିଲ୍ଲାପାଳଙ୍କୁ ନୋଟିସ୍

**ପୁରୀ,(ପିପିଏସ୍):** ପ୍ରସ୍ତାବିତ କୋଣାର୍କ ବାଲୁଖଣ୍ଡ ଅଭୟାରଣ୍ୟ ପ୍ରସଙ୍ଗରେ ପୁରୀ ଜିଲ୍ଲାପାଳଙ୍କୁ ହାଇକୋର୍ଟଙ୍କ ପକ୍ଷରୁ ଅଦାଲତ ଅବମାନନା ନୋଟିସ୍ ଜାରି ହୋଇଛି। ଅଦାଲତ ଅବମାନନା ମାମଲାରେ କାହିଁକି ଦଣ୍ଡିତ କରାଯିବନି ଜବାବ ରଖିବାକୁ କୁହାଯାଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ପାଳନ ହୋଇନଥିବା ଅଭିଯୋଗରେ ଜବାବ ତଲବ ହୋଇଛି । ୩ ସପ୍ତାହ ମଧ୍ୟରେ ଜବାବ ଦଖଲ ପାଇଁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

## ସପ୍ତାହାନ୍ତ ବିଚାର

**ନୂତନ ଶୀତଳଯୁଦ୍ଧରେ ଭାରତର ବିକଳ୍ପ**

## ବାଟେଘାଟେ



ଆମ ଓଡ଼ିଶାରେ ପଚାଶ ହଜାର
ଶିକ୍ଷକ ପଦବୀ ଖାଲି
ଗଣଶିକ୍ଷାର ବ୍ୟବସ୍ଥା ଏଠି
ସାହାରାର ମରୁବାଲି
ଶିକ୍ଷକ ଅଭାବେ ତାଲା ପଡ଼ିଲାଣି
ବିଦ୍ୟାଳୟ ହତା ଖାଲି
ପାଠପଢ଼ା ଏଠି ବଢ଼ିଆ ଚାଲିଛି
କେବଳ ଚାଲିଛି ଗୁଲି
ପାଠକୁ ଗଲେଣି ଭୁଲି
କୋଟି କୋଟି ଅର୍ଥ ଖର୍ଚ୍ଚ ହେଉଛି
ଭରୁଛି କାହାର ଝୁଲି

\- ରାହୀ

# ନିର୍ବାଚନ ପ୍ରସ୍ତୁତିରେ ଓଡ଼ିଶା ବିଜେପି

# ପଶ୍ଚିମବଙ୍ଗରେ ଡେରା ପକାଇଛନ୍ତି ଓଡ଼ିଆ ନେତା

**କୋଲକାତା,(ପିପିଏସ୍):** ପଶ୍ଚିମବଙ୍ଗ ଜଗିବେ ଓଡ଼ିଶା ନେତା। ଆସନ୍ତା ମାର୍ଚ୍ଚ-ଏପ୍ରିଲରେ ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନ ହେବାକୁ ଥିବା ବେଳେ ଏବେଠୁ ସେଠାରେ ଡେରା ପକାଇଲେଣି ଓଡ଼ିଶା ବିଜେପିର ୧୦ ବିଧାୟକଙ୍କ ସମେତ ୩୦ରୁ ଅଧିକ ନେତା। ପଶ୍ଚିମବଙ୍ଗରେ ଓଡ଼ିଆ ଭୋଟରଙ୍କୁ ମନାଇବାକୁ ଓଡ଼ିଶା ନେତାଙ୍କୁ ଦାୟିତ୍ୱ ଦେଇଛି ଦଳ। ପଶ୍ଚିମବଙ୍ଗ ସୀମାରେ ଥିବା ଓଡ଼ିଶାର ବିଭିନ୍ନ ଜିଲ୍ଲାର ଅନେକ ଲୋକ ପଡ଼ୋଶୀ ରାଜ୍ୟରେ ବସବାସ କରୁଛନ୍ତି। ଓଡ଼ିଶାରେ ଯେହେତୁ ବିଜେପି ସରକାର ରହିଛି, ତେଣୁ ପଶ୍ଚିମବଙ୍ଗରେ ବିଜେପି ସରକାର ହେଲେ କିଭଳି ସେଠାକାର ଲୋକମାନେ ଡବଲ ଇଞ୍ଜିନ୍ ସରକାରରୁ ଫାଇଦା ପାଇବେ ସେନେଇ ପଶ୍ଚିମବଙ୍ଗର ଓଡ଼ିଆ ଭୋଟରଙ୍କୁ ଅବଗତ କରିବେ ଓଡ଼ିଶା ନେତା । ଏନେଇ କୋଲକାତା ଠାରେ ଓଡ଼ିଶା ବିଜେପି ନେତାଙ୍କର ପ୍ରଥମ ପର୍ଯ୍ୟାୟ ତାଲିମ ଶିବିର ଶେଷ ହୋଇଛି। ଓଡ଼ିଶା ବିଜେପିର ଏହି ଟିମ୍‌ରେ ବାଲେଶ୍ୱର, କେନ୍ଦୁଝର, ଭଦ୍ରକ, ମୟୂରଭଞ୍ଜ, ଯାଜପୁର, କେନ୍ଦ୍ରାପଡ଼ା ଆଦି ଜିଲ୍ଲାର ବିଜେପି ନେତାମାନେ ସାମିଲ ହୋଇଛନ୍ତି। ଏମିତିକି ଏହି ଟିମ୍‌ରେ ଅନେକ ଆଦିବାସୀ ନେତା ଓ ଯୁବନେତାଙ୍କୁ ସାମିଲ କରାଯାଇଛି। ପଶ୍ଚିମବଙ୍ଗରେ ହେବାକୁ ଥିବା ନିର୍ବାଚନରେ ଓଡ଼ିଶାର ବିଜେପି ବିଧାୟକଙ୍କୁ ଗୋଟିଏ ଲେଖାଏଁ ନିର୍ବାଚନ ମଣ୍ଡଳିର ଦାୟିତ୍ୱ ଦିଆଯିବ। ସେମାନେ ସେସବୁ ନିର୍ବାଚନ ମଣ୍ଡଳୀରେ ପ୍ରଚାର କରିବା ଠାରୁ ଆରମ୍ଭ କରି ନିର୍ବାଚନ ଜିତିବା ଲାଗି ରଣନୀତି ପ୍ରସ୍ତୁତ କରିବେ। କେବଳ ଓଡ଼ିଶା ନୁହେଁ ବିହାର, ଉତ୍ତର ପ୍ରଦେଶ, ଛତିଶଗଡର ବିଜେପି ବିଧାୟକ ମାନଙ୍କୁ ମଧ୍ୟ ପଶ୍ଚିମବଙ୍ଗ ନିର୍ବାଚନ ପାଇଁ ଦିଆଯାଇଛି ଦାୟିତ୍ୱ। ପଶ୍ଚିମବଙ୍ଗର ବିଭିନ୍ନ ନିର୍ବାଚନ ମଣ୍ଡଳୀରେ କେତେ ଓଡ଼ିଆ ଲୋକ ରହୁଛନ୍ତି ତା'ର ତଥ୍ୟ ନେବା ସହ ସେମାନଙ୍କ ସହ ଯୋଗାଯୋଗ କରିବେ ଓଡ଼ିଆ ନେତା । ଓଡ଼ିଶା ଭଳି ପଶ୍ଚିମବଙ୍ଗରେ ବିଜେପି ସରକାର ଆସିଲେ ସେଠାରେ ରହୁଥିବା ଓଡ଼ିଆ ଲୋକମାନଙ୍କୁ କ'ଣ ସୁବିଧା ସୁଯୋଗ ମିଳିବ ସେନେଇ ସେଠାକାର ଲୋକଙ୍କୁ ଅବଗତ କରିବେ ବିଜେପି ନେତା। ଓଡ଼ିଶାରେ କିଭଳି ମହିଳା ମାନଙ୍କୁ ସ୍ୱାବଲମ୍ବୀ କରିବାକୁ ସୁଭଦ୍ରା ଯୋଜନା କରାଯାଇଛି, କିଭଳି ଓଡ଼ିଶାରେ ବିଜେପି ସରକାର ଆସିବା ପରେ ଧାନ ବିକ୍ରି ପାଇଁ ୮୦୦ ଟଙ୍କାର ଇନ୍‌ପୁଟ୍ ସବସିଡି ବ୍ୟବସ୍ଥା କରାଯାଇଛି, କିଭଳି ଓଡ଼ିଶାରେ ଆୟୁଷ୍ମାନ କାର୍ଡ଼ ଲାଗୁ ହେବା ପରେ ଲୋକେ ମାଗଣାରେ ସ୍ୱାସ୍ଥ୍ୟ ସେବା ପାଇ ପାରୁଛନ୍ତି, ବିଜେପି ସରକାରର ସେସବୁ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ସେମାନଙ୍କୁ ଅବଗତ କରାଇବେ। ଏମିତିକି ନିର୍ବାଚନ ପୂର୍ବରୁ ସେଠାରେ ରହୁଥିବା ଓଡ଼ିଆ ଲୋକଙ୍କ ସମସ୍ୟା ବୁଝି ସେଗୁଡ଼ିକର ସମାଧାନ କରିବା ଦିଗରେ କାମ କରିବେ ଓଡ଼ିଶା ନେତା । ଏଥି ସହ କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଓ କେନ୍ଦ୍ର ସରକାରଙ୍କ ଉପଲବ୍ଧି ସମ୍ପର୍କରେ ଲୋକଙ୍କୁ ବୁଝାଇବେ ଓଡ଼ିଶା ନେତା । ରାଜ୍ୟ ବିଜେପି ପ୍ରସ୍ତୁତ କରିଥିବା ବ୍ଲୁପ୍ରିଣ୍ଟକୁ କେମିତି କାର୍ଯ୍ୟକାରୀ କରାଯିବ ସେନେଇ ରାଜ୍ୟ ବିଜେପିର ବୈଠକରେ ହୋଇଛି ଆଲୋଚନା। ଆଉ ଶନିବାର କୋଲକତାରେ ବିଧାୟକ ଏବଂ ବିଧାୟକ ପ୍ରାର୍ଥୀ ମାନଙ୍କ ଏକ ପ୍ରସ୍ତୁତି ବୈଠକ ବସିଛି। ଏଥିରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଧାୟକ ଅମର ନାୟକ, ହିମାଂଶୁ ସାହୁ, ସନ୍ତୋଷ ଖଟୁଆ, ମାନସ ଦତ୍ତ, ଫକୀର ମୋହନ ନାୟକ, ପୂର୍ବତନ ବିଧାୟକ ଗୌତମ ରାୟଙ୍କ ସହ ୧୦ରୁ ଅଧିକ ନେତା ଅଂଶଗ୍ରହଣ କରି ନେଇଥିଲେ ପ୍ରଶିକ୍ଷଣ। ଆଗକୁ ଅନ୍ୟ ନେତା ମାନେ ମଧ୍ୟ ପଶ୍ଚିମବଙ୍ଗ ଗସ୍ତ କରି ନିର୍ବାଚନ କାର୍ଯ୍ୟକ୍ରମରେ ସାମିଲ ହେବେ। ପୂର୍ବ ମିଶନରେ ଆସାମ ପରେ ଓଡ଼ିଶା ଏବଂ ବିହାରରେ ବିଜୟ ବାନା ଉଡ଼ାଇ ସାରିଛି ବିଜେପି। ଆଉ ଏବେ ପଶ୍ଚିମବଙ୍ଗ ଦଖଲ ପାଇଁ ଷ୍ଟ୍ରାଟେଜି ତିଆରି କରି ସାରିଥିବା ବେଳେ ପଡ଼ୋଶୀ ରାଜ୍ୟର ନେତାଙ୍କ କାନ୍ଧରେ ଦାୟିତ୍ୱ ଦେବ ଦଳ। ଓଡ଼ିଶାକୁ ଲାଗି ରହିଥିବା କିଛି ନିର୍ବାଚନ ମଣ୍ଡଳୀ ଏବଂ ହାୱଡ଼ା, କୋଲକାତା, ହୁଗୁଳି, ପଶ୍ଚିମ ମେଦିନୀପୁର, ପୂର୍ବ ମେଦିନୀପୁର, ନର୍ଥ ୨୪ ପ୍ରଗଣା ଏବଂ ସାଉଥ ୨୪ ପ୍ରଗଣା ଭଳି ଓଡ଼ିଆ ବହୁଳ ଅଞ୍ଚଳ ଦାୟିତ୍ୱରେ ରହିବେ ଓଡ଼ିଶା ନେତା। ଆଗକୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟ ସଭାପତି ମଧ୍ୟ କୋଲକାତା ଗସ୍ତ କରି ପ୍ରଚାର କରିବେ। ୨୦୨୧ ନିର୍ବାଚନରେ ୩ରୁ ୭୭କୁ ସିଟ୍ ବୃଦ୍ଧିର ଯୋଶ୍ ସହିତ ଚଳିତ ନିର୍ବାଚନରେ ବଙ୍ଗ ଦଖଲ ପାଇଁ ଲକ୍ଷ୍ୟରଖିଛି ବିଜେପି। ନୂଆପଡ଼ା ପରେ ଓଡ଼ିଶା ନେତାଙ୍କୁ ଦିଆଯାଇଛି ପଶ୍ଚିମବଙ୍ଗ ଟାସ୍କ। ସେଥିରେ କେତେ ସଫଳ ହେଉଛନ୍ତି, ତା'ଉପରେ ନଜର।



# ପ୍ରଜାତନ୍ତ୍ର ପ୍ରଚାର ସମିତି

ଆନୁକୂଲ୍ୟରେ

## ପ୍ରଜାତନ୍ତ୍ର ପାଠଚକ୍ର

**ସମୟ :** ୩୧।୦୧।୨୦୨୬ ଶନିବାର ସନ୍ଧ୍ୟା ୬ଘଟିକା

**ସ୍ଥାନ :** ପ୍ରଜାତନ୍ତ୍ର ସମ୍ମିଳନୀ କକ୍ଷ, ବିହାରୀବାଗ, କଟକ-୨

**ବିଷୟ : ବନ୍ଦେ ମାତରଂ @ ୧୫୦**

ସଭାପତି : **ଡ. ଯୋଗଶଙ୍କର ମହାପ୍ରଶସ୍ତ**
ପ୍ରାଧ୍ୟାପକ, ଅର୍ଥନୀତି ବିଭାଗ,
ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ

ସମ୍ମାନିତ ବକ୍ତା : **ଶ୍ରୀଯୁକ୍ତ ମିହିର ପ୍ରତାପ ଦାସ**
ସଭାପତି, ଉତ୍କଳ ସର୍ବୋଦୟ ମଣ୍ଡଳ

: **ଶ୍ରୀଯୁକ୍ତ ଲକ୍ଷ୍ମୀପ୍ରକାଶ ମହାପାତ୍ର**
କାର୍ଯ୍ୟକାରୀ ସମ୍ପାଦକ, ସରଳାଦେବୀ-
ଭାଗୀରଥି ମହାପାତ୍ର ଟ୍ରଷ୍ଟ

: **ଡ. ପ୍ରମୋଦ କୁମାର ମଙ୍ଗରାଜ**
ଅବସରପ୍ରାପ୍ତ ପ୍ରାଧ୍ୟାପକ,
ରାଜନୀତି ବିଜ୍ଞାନ, ଜେକେବିକେ
ସରକାରୀ ମହାବିଦ୍ୟାଳୟ, କଟକ

*ଆଗ୍ରହୀ ଶ୍ରୋତାଗଣ ବହୁସଂଖ୍ୟାରେ ଯୋଗଦେବାକୁ ଅନୁରୋଧ।*

ଆବାହକ :
ଡାକ୍ତର ରବିରଞ୍ଜନ ସାହୁ
ମୋ:୯୪୩୭୩-୧୦୧୭୧
ଶ୍ରୀ ସନ୍ତୋଷ କୁମାର ପତି

// ନିବେଦକ //
ଡଃ. ଭର୍ତ୍ତୃହରି ମହତାବ
ଅଧ୍ୟକ୍ଷ




# ଆଜିର ରାଶିଫଳ

**ମେଷ**

ମେଷ: କୃଷି କର୍ମରେ ସ୍ୱାବଲମ୍ବୀ ହୋଇ ଆର୍ଥିକ ସ୍ଥିତିକୁ ଦୃଢ଼ କରିବା ପାଇଁ ପରାମର୍ଶ ଦେଇପାରନ୍ତି। ଯାନବାହନ ସୁଖ ମିଳିବ। ବିଦ୍ୟାର୍ଥୀ ଓ ଯୁବକମାନେ ଉତ୍ସାହିତ ଓ ଦୃଢ଼ମନା ହୋଇପାରନ୍ତି।

**ବୃଷ**

ବୃଷ: ଈଶ୍ୱରଙ୍କ ନିକଟରେ ଭାଗ୍ୟ ଓ ଭବିଷ୍ୟତକୁ ସମର୍ପି ଦେଇ କର୍ମତତ୍ପର ରହିବେ। ଭାଷା ମାର୍ଜିତ ହେଉଥିବାବେଳେ ବ୍ୟବହାର ଉଦ୍ରୋଚିତ ହେବ। ବିଦ୍ୟାର୍ଥୀ କୃତିତ୍ୱ ଅର୍ଜନ କରିବେ । ଯୁବକମାନେ ଉଦ୍ୟମୀ ହେବେ।

**ମିଥୁନ**

ମିଥୁନ: ପରମ ଭାଗ୍ୟଶାଳୀ ହୋଇପାରନ୍ତି। ଶୋଭନ ବ୍ୟକ୍ତିତ୍ୱସମ୍ପନ୍ନ ହେବେ। ଦାମ୍ପତ୍ୟ ଜୀବନ ସୁଖପ୍ରଦ ହେବ। ବନ୍ଧୁ ସହାୟତା ମିଳିବ । ବିଦେଶଯାତ୍ରା ଫଳପ୍ରଦ ହେବ। ଛାତ୍ର ଓ ଯୁବ ସମ୍ପ୍ରଦାୟକଙ୍କ ଉତ୍ସାହ ବୃଦ୍ଧି ପାଇବ।

**କର୍କଟ**

କର୍କଟ: ଆୟ ସୀମିତ ହେବ । ଭୋଜିଭାତ ଓ ମଉଜ ମଜଲିସରେ ସମୟ ଅତିବାହିତ କରିବେ । ଆହାର ସୁସ୍ୱାଦୁ ହେବ, ମାତ୍ର ଅତ୍ୟଧିକ ହେଲେ ଅଗ୍ନିମାନ୍ଦ୍ୟର ଶିକାର ହୋଇପାରନ୍ତି । ବିଦ୍ୟାର୍ଥୀ ଭଲ ପାଠ ପଢ଼ିବେ।

**ସିଂହ**

ସିଂହ: ପ୍ରଭାତ ଫେରି ଦ୍ୱାରା ଦେଶପ୍ରେମର ବାର୍ତ୍ତା ପ୍ରଚାର ଓ ପ୍ରସାର ପାଇଁ ସଂଘବଦ୍ଧ ହୋଇ ନିଜେ ଓ ଅନ୍ତେବାସୀଙ୍କୁ ଉଦ୍‌ବୋଧ କରିପାରନ୍ତି। ସଭାସମିତିରେ ବକ୍ତବ୍ୟ ପ୍ରଦାନ କରିପାରନ୍ତି। ସୁସ୍ଥ ରହିବେ।

**କନ୍ୟା**

କନ୍ୟା: ଶିକ୍ଷାନୁଷ୍ଠାନରେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବେ। ଜଣେ ସମାଜସେବୀ ଭାବେ ସେବା ଓ ପରୋପକାରକୁ ଜୀବନର ବ୍ରତ ଭାବେ ଗ୍ରହଣ କରିପାରନ୍ତି । ଦାମ୍ପତ୍ୟ ଜୀବନ ସୁଖପ୍ରଦ ହେବ।

**ତୁଳା**

ତୁଳା: ବଂଶ ମର୍ଯ୍ୟାଦା ରକ୍ଷା କରିବା ପାଇଁ ଉପଯୁକ୍ତ ଦାୟାଦର ଭୂମିକା ନିର୍ବାହ କରିପାରନ୍ତି। ନିଜର ଜ୍ଞାନାଲୋକରେ ସହକର୍ମୀଙ୍କ ଅଜ୍ଞାନତାକୁ ଦୂର କରିବେ । ବିଦ୍ୟାର୍ଥୀ ଓ ଯୁବଗୋଷ୍ଠୀଙ୍କ ମନ ପ୍ରଫୁଲ୍ଲ ରହିବ।

**ବିଛା**

ବିଛା: ପାରିବାରିକ ଜୀବନ ସୁଖମୟ ହେବ। ବହୁ ଦିନଧରି ଆଶା ରଖୁଥିବା ଯାତ୍ରାଟି ସଫଳ ହେବ। ଭ୍ରମଣ ସମୟରେ ନିଜର ମୂଲ୍ୟବାନ ଜିନିଷଗୁଡ଼ିକ ଯତ୍ନରେ ରଖିବାକୁ ପଡ଼ିବ । ସୁସ୍ଥ ଓ ନିରାମୟ ଜୀବନ ବିତାଇବେ।

**ଧନୁ**

ଧନୁ: ଆଜି ଆପଣ କୌଣସି ପ୍ରକାର ମନୋରଞ୍ଜନ କରିବାକୁ ଇଚ୍ଛା କରିବେ; କିନ୍ତୁ କାର୍ଯ୍ୟଭାର ଆପଣଙ୍କର ରାସ୍ତାରେ ବାଧା ହୋଇପାରେ। ଆପଣ ଏଦୁଇଟି ମଧ୍ୟରେ ସନ୍ତୁଳନ ରକ୍ଷା କରିବାକୁ ସଫଳ ହେବେ।

**ମକର**

ମକର: ଆଜି ବୋଧହୁଏ ଆପଣଙ୍କୁ କୌଣସି ମିତ୍ର କିମ୍ବା ସହଯୋଗୀଙ୍କର ସାହାଯ୍ୟ ମିଳିନପାରେ। ଏଥିପାଇଁ ଆପଣ ନିରାଶ ହେବାକୁ ପଡ଼ିପାରେ। ପୂର୍ବରୁ ସଞ୍ଚିତ ଧନ ଖର୍ଚ୍ଚ କରିବାକୁ ପଡ଼ିପାରେ।

**କୁମ୍ଭ**

କୁମ୍ଭ: ଆପଣଙ୍କୁ ନିଜର ଚେଷ୍ଟାର ଫଳ ମିଳିବ। ଯେଉଁଥିରେ କି ଆପଣଙ୍କର ଜୀବନ ହିଁ ବଦଳିଯିବ ଏବେ ଆପଣ ଏବଂ ଆପଣଙ୍କ ପରିବାର ଲୋକେ ପରସ୍ପରକୁ ସହଜରେ ବୁଝିପାରୁଛନ୍ତି । ନିଜର ଚେଷ୍ଟା ବଜାୟ ରଖନ୍ତୁ।

**ମୀନ**

ମୀନ: ବ୍ୟସ୍ତ ହୋଇ କୌଣସି ମହତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଅନ୍ତୁ ନାହିଁ । ଏହି ସମୟଟା ବୋଧହୁଏ ଆପଣ ଚିନ୍ତଗ୍ରସ୍ତ ହୋଇ କାଟୁଛନ୍ତି। ବ୍ୟସ୍ତ ହୁଅନ୍ତୁ ନାହିଁ, ପରିସ୍ଥିତି ଏଭଳି ହେବ ଆପଣ ଆପେ ଆପେ ଏହି ଚିନ୍ତାରୁ ମୁକ୍ତ ହେବେ।

# ବିଶ୍ୱର ଏକମାତ୍ର ଟେନ୍ ଷ୍ଟାର୍ ହୋଟେଲ



ସାଉଦି ଆରବର ଦୁବାଇରେ ବିଶ୍ୱର ଏକମାତ୍ର ଦଶ ତାରକା ହୋଟେଲ 'ଜୁମିରା ବୁର୍ଜ ଅଲ ଆରବ' ରହିଛି। ଦୁବାଇର ଏକ କୃତ୍ରିମ ଦ୍ୱୀପରେ ନିର୍ମିତ ଏହି ହୋଟେଲ ଅତ୍ୟନ୍ତ ବିଳାସପୂର୍ଣ୍ଣ ହୋଇଥିବା ବେଳେ ଏହାର ଆକାର ଏକ ଡଙ୍ଗା ପରି ରହିଛି। ଆର୍କିଟେକ୍ଟ ଟମ୍ ରାଇଟ୍ ଏହି ହୋଟେଲର ଡିଜାଇନ୍ କରିଥିଲେ। ୧୯୯୯ ମସିହାରେ ଏହି ହୋଟେଲର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା। ତେବେ ୩୨୧ ମିଟର ଉଚ୍ଚତାର ଏହି ହୋଟେଲ ବିଶ୍ୱର ସବୁଠାରୁ ଉଚ୍ଚ ହୋଟେଲ ଭାବେ ମଧ୍ୟ ପରିଚିତ। ପିକ୍ ସିଜନରେ ବୁର୍ଜ ଅଲ୍ ଆରବ ହୋଟେଲରେ ଗୋଟିଏ ରାତ୍ରିଯାପନ ପାଇଁ ୧୦ ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟ ଦେବାକୁ ପଡ଼ିଥାଏ। ତେଣୁ କେବଳ ଭିଆଇପି ଓ ସେଲିବ୍ରିଟିମାନେ ଏହି ହୋଟେଲରେ ଛୁଟି କଟାଇବାକୁ ଆସିଥାନ୍ତି। ଏହି ଅଲଟ୍ରା ବିଳାସପୂର୍ଣ୍ଣ ହୋଟେଲରେ ବୁକିଂ କରୁଥିବା ଲୋକଙ୍କୁ ଏକ ଘରୋଇ ଜେଟ୍ ଦ୍ୱାରା ସ୍ୱାଗତ କରାଯାଇଥାଏ। ସେହିପରି ଅନେକ ବିଳାସପୂର୍ଣ୍ଣ ଯାନ ସେମାନଙ୍କୁ ପାଛୋଟି ନେବାକୁ ଆସିଥାନ୍ତି। ଏହି ହୋଟେଲର ଭିତର ଅଂଶ ୨୪ କ୍ୟାରେଟ୍ ସୁନା ପ୍ଲେଟ୍ରେ ନିର୍ମିତ। ସେହିପରି 'ଜୁମିରା ବୁର୍ଜ ଅଲ ଆରବ'ରେ ଗ୍ରାହକମାନଙ୍କୁ ବିଶ୍ୱର ସର୍ବୋତ୍ତମ ଖାଦ୍ୟ ପରଷା ଯାଇଥାଏ। ଏହି ହୋଟେଲରେ ଏକ ଅଣ୍ଡର ୱାଟର ରେଷ୍ଟୁରାଣ୍ଟ ମଧ୍ୟ ରହିଛି।

# ଶୀତଦିନେ ପରିସ୍ରାର ରଙ୍ଗ ଏପରି ଦେଖାଯାଉଛି କି

ଶୀତଦିନ ଆସିବା ସହିତ ଶରୀରରେ ଅନେକ ପରିବର୍ତ୍ତନ ଘଟେ । ଥଣ୍ଡା ବଢ଼ିବା ସହିତ ଖାଦ୍ୟପେୟ, ପାନୀୟ ଅଭ୍ୟାସ ଏବଂ ଦୈନନ୍ଦିନ କାର୍ଯ୍ୟଶୈଳୀରେ ପରିବର୍ତ୍ତନ ଆସେ । ଅନେକ ଲୋକ ଲକ୍ଷ୍ୟ କରନ୍ତି ଯେ ସେମାନଙ୍କର ପରିସ୍ରାର ରଙ୍ଗ ସାଧାରଣ ଠାରୁ ଭିନ୍ନ ଦେଖାଯାଏ । କିଛି ଲୋକଙ୍କ ପରିସ୍ରା ଗାଢ଼ ଦେଖାଯାଏ, ଯେତେବେଳେ ଅନ୍ୟମାନେ ହାଲୁକା ହଳଦିଆ କିମ୍ବା ଭିନ୍ନ ରଙ୍ଗ ଅନୁଭବ କରନ୍ତି। ଏହି ପରିବର୍ତ୍ତନ ପ୍ରାୟତଃ ପ୍ରଶ୍ନ ଉଠାଏ ଯେ ଏହା କୌଣସି ରୋଗକୁ ସୂଚିତ କରେ କି ନାହିଁ । ଏପରି ପରିସ୍ଥିତିରେ, ପରିସ୍ରାର ରଙ୍ଗରେ ଦୀର୍ଘ ସମୟ ପର୍ଯ୍ୟନ୍ତ ପରିବର୍ତ୍ତନ କିମ୍ବା ଅନ୍ୟାନ୍ୟ ସମସ୍ୟାର ଉପସ୍ଥିତି ଚିନ୍ତାର ବିଷୟ।



ଶୀତଦିନେ ପରିସ୍ରାର ରଙ୍ଗ ପରିବର୍ତ୍ତନ ହେବା ସବୁବେଳେ ଅସୁସ୍ଥତାର ଲକ୍ଷଣ ନୁହେଁ। ଲୋକମାନେ ପ୍ରାୟତଃ ଥଣ୍ଡା ଋତୁରେ କମ୍ ପାଣି ପିଅନ୍ତି କାରଣ ସେମାନଙ୍କୁ କମ୍ ଶୋଷ ଲାଗେ ଏବଂ ଝାଳ ବାହାରି ନଥାଏ। ଏହା ଡିହାଇଡ୍ରେସନର କାରଣ ହୋଇପାରେ, ଯାହା ସିଧାସଳଖ ପରିସ୍ରାର ରଙ୍ଗକୁ ପ୍ରଭାବିତ କରେ। ଯେତେବେଳେ ଶରୀରକୁ ପର୍ଯ୍ୟାପ୍ତ ପାଣି ମିଳେ ନାହିଁ, ପରିସ୍ରା ଘନୀଭୂତ ହୋଇ ଗାଢ଼ ହଳଦିଆ ଦେଖାଯାଏ। ହାଲୁକା ହଳଦିଆ ରଙ୍ଗ ସାଧାରଣତଃ ସ୍ୱାଭାବିକ, କିନ୍ତୁ ଯଦି ପରିସ୍ରା ବହୁତ ଗାଢ଼ ହଳଦିଆ, ଲାଲ କିମ୍ବା ଫେଣଯୁକ୍ତ ଦେଖାଯାଏ, ତେବେ ଏହାକୁ ଅଣଦେଖା କରିବା ଉଚିତ୍ ନୁହେଁ । ଯଦି ଏହି ପରିବର୍ତ୍ତନ ଅସ୍ଥାୟୀ ଏବଂ ଅନ୍ୟ କୌଣସି ଜଟିଳତା ବିନା ଆପେ ଆପେ ସମାଧାନ ହୋଇଯାଏ, ତେବେ ଚିନ୍ତା କରିବାର କୌଣସି ଆବଶ୍ୟକତା ନାହିଁ । ତଥାପି ଯଦି ପରିସ୍ରାର ରଙ୍ଗ ସହିତ ଜଳାପୋଡ଼ା, ଯନ୍ତ୍ରଣା, ଦୁର୍ଗନ୍ଧ, ବାରମ୍ବାର ପରିସ୍ରା କିମ୍ବା ଲଗାତାର ଥକ୍କାପଣ ଭଳି ସମସ୍ୟା ଦେଖାଯାଏ, ତେବେ ଏହା ଏକ ଅନ୍ତର୍ନିହିତ ସମସ୍ୟାର ଲକ୍ଷଣ ହୋଇପାରେ। ଏପରି ପରିସ୍ଥିତିରେ ତୁରନ୍ତ ଡାକ୍ତରଙ୍କ ସହିତ ପରାମର୍ଶ କରିବା ଗୁରୁତ୍ୱପୂର୍ଣ୍ଣ।

ପରିସ୍ରାର ରଙ୍ଗରେ ପରିବର୍ତ୍ତନ କିଛି ଚିକିତ୍ସାଗତ ଅବସ୍ଥାକୁ ସୂଚାଇପାରେ। ଏଥିରେ ମୂତ୍ରନଳୀ ସଂକ୍ରମଣ, ବୃକକ୍ ସମସ୍ୟା, ଯକୃତ ସମସ୍ୟା କିମ୍ବା ଡିହାଇଡ୍ରେସନ୍ ଅନ୍ତର୍ଭୁକ୍ତ। କିଛି କ୍ଷେତ୍ରରେ, ଉଚ୍ଚ ରକ୍ତ ଶର୍କରା କିମ୍ବା ଜଣ୍ଡିସ୍ ଭଳି ପରିସ୍ଥିତି ମଧ୍ୟ ପରିସ୍ରାର ରଙ୍ଗ ପରିବର୍ତ୍ତନ କରିପାରେ।

ଯଦି ପରିସ୍ରାର ରଙ୍ଗ ଲାଗିରହେ କିମ୍ବା ରକ୍ତାକ୍ତ ହୁଏ, ତେବେ ଏହା ଏକ ଗୁରୁତର ଲକ୍ଷଣ ହୋଇପାରେ। ପରିସ୍ରା ସମୟରେ ଯନ୍ତ୍ରଣା କିମ୍ବା ଜଳାପୋଡ଼ା ମଧ୍ୟ ସଂକ୍ରମଣର ଲକ୍ଷଣ ହୋଇପାରେ। ତେଣୁ ଲକ୍ଷଣଗୁଡ଼ିକୁ ହାଲୁକା ଭାବରେ ନେବା ଅପେକ୍ଷା ତୁରନ୍ତ ପରୀକ୍ଷା କରାଇବା ଗୁରୁତ୍ୱପୂର୍ଣ୍ଣ।

# ଦୀର୍ଘଦିନ ଧରି ମାନସିକ ଚାପ ଲାଗି ରହୁଛି କି ?

ଆଜିକାଲିର ଜୀବନଶୈଳୀରେ, ଅନେକ ଲୋକଙ୍କ ପାଇଁ ଚାପ ଏକ ବଡ଼ ଅସୁବିଧାର କାରଣ ସାଜିଛି। କୌଣସି ବିଷୟକୁ ନେଇ ଚାପ ଅନୁଭବ କରିବା ସ୍ୱାଭାବିକ, କିନ୍ତୁ ଚାପଗ୍ରସ୍ତ ରହିବା ଅସ୍ୱାସ୍ଥ୍ୟକର। ଦୀର୍ଘ ସମୟ ଧରି ଚାପ ମନ ଏବଂ ଶରୀର ଉଭୟ ପାଇଁ ସମସ୍ୟା ସୃଷ୍ଟି କରିପାରେ। ଶରୀରରେ ଶକ୍ତି ସ୍ତର ହ୍ରାସ ପାଇବା ଆରମ୍ଭ କରେ, ଯାହା ଫଳରେ ଦିନସାରା ଥକ୍କାପଣ ଏବଂ ଦୁର୍ବଳତା ଦେଖାଯାଏ। ନିଦ୍ରାହୀନତା ଚିଡ଼ିଚିଡ଼ା ହୋଇଯାଏ। ଯେକୌଣସି କାମରେ ଆଗ୍ରହ ହରାଇଥାଏ ଏବଂ ଜଣେ ହତାଶ ଅନୁଭବ କରିବାକୁ ଲାଗେ। ଏପରି ପରିସ୍ଥିତିରେ, ତୁରନ୍ତ ଏହି ଚାପକୁ ଦୂର କରିବା ପାଇଁ ଯୋଜନା କରିବା ଉଚିତ, କାରଣ ଦୀର୍ଘ ସମୟ ଧରି ଚାପ ମାନସିକ ଏବଂ ଶାରୀରିକ ସ୍ୱାସ୍ଥ୍ୟ ପାଇଁ ଭଲ ନୁହେଁ।

ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ, ଦୀର୍ଘକାଳୀନ ଚାପ ସ୍ନାୟୁତନ୍ତ୍ରକୁ ନିରନ୍ତର ହାଇ ଆଲର୍ଟ ମୋଡରେ ରଖେ। ମସ୍ତିଷ୍କ ନିରନ୍ତର ଆଲାର୍ମ ସଙ୍କେତ ପଠାଏ, ଚାପ ହରମୋନକୁ ବୃଦ୍ଧି କରେ। ଏହା ନିଦ୍ରା ବ୍ୟାଘାତ, ସ୍ମୃତି ହ୍ରାସ, ଚିନ୍ତା ଏବଂ ଅବସାଦ ଭଳି ସମସ୍ୟା ସୃଷ୍ଟି କରିପାରେ । ଯଦି ଚାପ ଦୀର୍ଘ ସମୟ ପର୍ଯ୍ୟନ୍ତ ରହିଥାଏ, ତେବେ ମନ ଦୁର୍ବଳ ହେବାକୁ ଆରମ୍ଭ କରେ । ପ୍ରଥମ ପଦକ୍ଷେପ ହେଉଛି ଚାପକୁ ସ୍ୱୀକାର କରିବା। କାର୍ଯ୍ୟଭାର, ଆର୍ଥିକ ଚାପ, ପାରିବାରିକ ଦ୍ୱନ୍ଦକୁ ନେଇ ଚିନ୍ତା ଲାଗି ରହିଲେ ଏହା କିପରି ଦୂର ହେବ ସେନେଇ ଚିନ୍ତା କରିବା ଜରୁରୀ । ଏହା କରିବା ପାଇଁ, ପ୍ରତିଦିନ ଧ୍ୟାନ କରନ୍ତୁ ଏବଂ ଗଭୀର ନିଶ୍ୱାସ ନେବା ଯୋଗ ଅଭ୍ୟାସ କରନ୍ତୁ। ଏହା ସ୍ନାୟୁ ପ୍ରଣାଳୀକୁ ଆରାମ ଦିଏ, ମନକୁ ଶାନ୍ତ କରେ ଏବଂ ଚାପ ହ୍ରାସ କରେ।

ମାନସିକ ଚାପ କମାଇବା ପାଇଁ ଚିନ୍ତାଧାରାକୁ ପରିବର୍ତ୍ତନ କରିବା ଉଚିତ । ନକାରାତ୍ମକ ଚିନ୍ତାଧାରା ଆପଣଙ୍କ ମସ୍ତିଷ୍କ ଉପରେ ଗଭୀର ପ୍ରଭାବ ପକାଇଥାଏ। ଆପଣଙ୍କ ଚିନ୍ତାଧାରାରେ ନମନୀୟତା ସୃଷ୍ଟି କରନ୍ତୁ ଏବଂ ଆପଣଙ୍କ ମସ୍ତିଷ୍କକୁ ସକାରାତ୍ମକ ସଙ୍କେତ ପଠାଇବା ପାଇଁ ଜୀବନରେ ଛୋଟ ଛୋଟ ସକାରାତ୍ମକ ଜିନିଷ ଖୋଜନ୍ତୁ। ସୁସ୍ଥ ସ୍ନାୟୁ



ପ୍ରଣାଳୀ ବଜାୟ ରଖିବା ପାଇଁ ଶାରୀରିକ ଭାବରେ ସକ୍ରିୟ ରୁହନ୍ତୁ। ପ୍ରତିଦିନ ହାଲୁକା ବ୍ୟାୟାମ କେବଳ ଶରୀରକୁ ସୁସ୍ଥ ରଖେ ନାହିଁ ବରଂ ମନକୁ ମଧ୍ୟ ଶକ୍ତିଶାଳୀ କରିଥାଏ। ଏହା ହାସଲ କରିବା ପାଇଁ, ଗଭୀର ନିଶ୍ୱାସ ପ୍ରଶ୍ୱାସ, ଧ୍ୟାନ, ହାଲୁକା ଯୋଗ, ଧୀରେ ଚାଲିବା କିମ୍ବା ପ୍ରକୃତିରେ ସମୟ ବିତାଇବା ଭଳି କାର୍ଯ୍ୟକଳାପରେ ନିୟୋଜିତ ହୁଅନ୍ତୁ। ଏହା ଚାପ ହ୍ରାସ କରିବ।

ଦୀର୍ଘକାଳୀନ ଚାପ ହ୍ରାସ କରିବାରେ ନିଦ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ପର୍ଯ୍ୟାପ୍ତ ଏବଂ ଗଭୀର ନିଦ ପାଇବା ଦ୍ୱାରା ହରମୋନ ସନ୍ତୁଳିତ ହୁଏ ଏବଂ ଆପଣଙ୍କ ମନ ଶାନ୍ତ ହୁଏ। ଏହାକୁ ହାସଲ କରିବା ପାଇଁ, ପ୍ରତିଦିନ ସମାନ ସମୟରେ ଶୋଇବା ଅଭ୍ୟାସ କରନ୍ତୁ। ଶୋଇବା ପୂର୍ବରୁ ଆପଣଙ୍କ ଫୋନ୍, ଟିଭି ଏବଂ ଅନ୍ୟାନ୍ୟ ଇଲେକ୍ଟ୍ରୋନିକ୍ ଉପକରଣ ପରିହାର କରନ୍ତୁ। ମନକୁ ଶାନ୍ତ କରିବା ଏବଂ ଶୀଘ୍ର ନିଦ ହେବା ପାଇଁ କୋଠରୀରେ ଆଲୋକ କମ କରନ୍ତୁ ଏବଂ ସଙ୍ଗୀତ ବଜାନ୍ତୁ।

# ଟିଭି ପାଖରେ ରଖନ୍ତୁ ନାହିଁ ଏସବୁ ଜିନିଷ

ପରିବାର ସହ ଏକାଠି ସମୟ କଟାଇବା ସହ ମନୋରଞ୍ଜନର ମାଧ୍ୟମ ଭାବରେ ପ୍ରାୟ ସମସ୍ତଙ୍କ ଘରେ ରହିଥାଏ ଟିଭି। ହେଲେ ଅଜାଣତରେ ବେଳେବେଳେ ଆମେ ଟିଭି ପାଖରେ ଏଭଳି କିଛି ଜିନିଷ ରଖିଦେଇଥାଉ, ଯାହା ଖରାପ ପ୍ରଭାବ ପକାଇଥାଏ। ତେଣୁ ଟିଭି ପାଖରେ କେଉଁ ସବୁ ଜିନିଷ ରଖିବେ ନାହିଁ ଜାଣିରଖନ୍ତୁ।

ଟିଭି ପାଖରେ ପାଣି ବୋତଲ କିମ୍ବା କୌଣସି ତରଳ ପଦାର୍ଥ ଅଥବା ଫୁଲଦାନୀ ରଖନ୍ତୁ ନାହିଁ। ଟିଭି ସ୍କ୍ରିନ୍ ଓ ଏହା ପଛପଟରେ ଥିବା ସର୍କିଟ୍ ଅତ୍ୟନ୍ତ ସମ୍ବେଦନଶୀଳ ହୋଇଥାଏ। ଭୁଲ୍ରେ ବି ଏଥିରେ ପାଣି ପଡ଼ିଗଲେ ଟିଭିର ମଦରବୋର୍ଡ ଖରାପ ହୋଇଯାଇଥାଏ।



ମୋବାଇଲ ଚାର୍ଜର, ସେଟ୍-ଟପ୍-ବକ୍ସ, ସ୍ପିକର, ଇଲେକ୍ଟ୍ରିକ୍ ଖେଳନା ଆଦି ଟିଭି ପାଖରେ ରଖନ୍ତୁ ନାହିଁ। ଏହିସବୁ ଗ୍ୟାଜେଟ୍ରୁ ବାହାରୁଥିବା ଇଲେକ୍ଟ୍ରିକ୍ ସିଗ୍ନାଲ ଟିଭିର ଏଲ୍ଇଡି କିମ୍ବା ଏଲ୍ସିଡିକୁ ଖରାପ କରିଦେଇଥାଏ। ଟିଭିକୁ ସମ୍ପୂର୍ଣ୍ଣଭାବେ ଅଲଗାକରି ସଂଯୁକ୍ତ କରନ୍ତୁ। ସମସ୍ତ ବୈଦ୍ୟୁତିକ ଡିଭାଇସ୍ ଦୂରେଇ ରଖନ୍ତୁ।

ଏୟାର ଫ୍ରେଶନର କିମ୍ବା ପରଫ୍ୟୁମ ମଧ୍ୟ ଟିଭି ପାଖରେ ରଖନ୍ତୁ ନାହିଁ କି ସ୍ପ୍ରେ କରନ୍ତୁ ନାହିଁ। ଏଥିରେ ଥିବା କେମିକାଲ ସବୁ ଟିଭି ସ୍କ୍ରିନ୍ କିମ୍ବା ଭେଣ୍ଟିଲେଶନ ସ୍ଲଟ୍ରେ ଜମିଯାଏ। ଫଳରେ କିଛିଦିନ ପରେ ଟିଭିରେ ମଇଳା ଜମି ରଙ୍ଗ ଖରାପ ହୋଇଯାଏ।

ଉତ୍ସବ ସମୟରେ ଘର ସଜାଉଥିଲେ ଟିଭି ପାଖରେ କୌଣସି ଦୀପ କିମ୍ବା ମହମବତି ଲଗାନ୍ତୁ ନାହିଁ। ଏହାର ଉତ୍ତାପ ପ୍ରଭାବରେ ଟିଭି ସ୍କ୍ରିନ୍ରେ ମାଇକ୍ରୋ କ୍ରାକ୍ ଆସିପାରେ। ଉତ୍ତାପ ଅଧିକ ହେଲେ ଟିଭି ପୋଡ଼ିଯିବାର ମଧ୍ୟ ଆଶଙ୍କା ରହିଥାଏ।

ଟିଭି ପାଖରେ କୌଣସି ଚୁମ୍ବକୀୟ ପଦାର୍ଥ ରହିଲେ ତାହା ଟିଭି ସ୍କ୍ରିନ୍ର ପିକ୍ସେଲକୁ ଖରାପ କରିଥାଏ। ଫଳରେ ରଙ୍ଗ ଖରାପ ହୋଇଥାଏ ଓ ସ୍କ୍ରିନ୍ ଉପରେ ଦାଗ ପଡ଼ିଯାଏ।

# ବରଫି



**ଆବଶ୍ୟକ ସାମଗ୍ରୀ :** ସୁଜି, ଚିନି, ଗୁଆଘିଅ, ମିଲ୍କ ପାଉଡର, ଡ୍ରାଏ ଫ୍ରୁଟ୍ସ।

**ପ୍ରସ୍ତୁତି ପ୍ରଣାଳୀ:** ଏକ ପାତ୍ରକୁ ଗ୍ୟାସ୍‌ରେ ବସାଇ ତାହାକୁ ଗରମ କରନ୍ତୁ। ଏହାପରେ ସେଥିରେ ଗୁଆ ଘିଅ ପକାନ୍ତୁ। ଘିଅ ଗରମ ହେଲେ ସେଥିରେ ସୁଜି ପକାଇ ଧିମା ଆଞ୍ଚରେ ସୁଜିକୁ ଭାଜନ୍ତୁ। ଆସ୍ତେ ଆସ୍ତେ ସୁଜି ହାଲକା ଗୋଲଡେନ କଲର ହେବା ପର୍ଯ୍ୟନ୍ତ ତାହାକୁ ଭାଜନ୍ତୁ। ଏହାପରେ ସେଥିରେ ଚିନି ଓ ପାଣି ପକାଇ ଘାଣ୍ଟନ୍ତୁ। ଏହା ଫୁଟିବା ଆରମ୍ଭ କଲେ ଗ୍ୟାସ୍କୁ ସିମ୍ କରି ଦିଅନ୍ତୁ। ସେଥିରେ କିଛି ମିଲ୍କ ପାଉଡର ପକାଇ ପୂରା ଡ୍ରାଏ ହେବା ପର୍ଯ୍ୟନ୍ତ ଘାଣ୍ଟନ୍ତୁ। ଏକ ଟ୍ରେରେ ଘିଅ ଲଗାଇ ତାହାକୁ ଢାଳି ଦିଅନ୍ତୁ। ଉକ୍ତ ଟ୍ରେରେ ମିଶ୍ରଣକୁ ସେଟ୍ କରି ତାହା ଉପରେ ଡ୍ରାଏ ଫ୍ରୁଟ୍ସ ଦେଇ ସଜାଇ ଦିଅନ୍ତୁ। ଏହାପରେ ତାହାକୁ ପିସ୍ ପିସ୍ କରି କାଟି ଦିଅନ୍ତୁ । ଏହି ମିଶ୍ରଣକୁ ଥଣ୍ଡା ହେବା ପର୍ଯ୍ୟନ୍ତ ଫ୍ରିଜରେ ରଖି ଦିଅନ୍ତୁ। ଅଧ ଘଣ୍ଟା ପରେ ତାହାକୁ ବାହାର କରି ପରିବାର ସଦସ୍ୟଓ ଅନ୍ୟମାନଙ୍କୁ ଖାଇବାକୁ ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ସୁଆଦିଆ 'ବରଫି'।

# ନିୟମିତ ଖାଆନ୍ତୁ ଅମୃତଭଣ୍ଡା

ଅମୃତଭଣ୍ଡାରେ ଅନେକ ପ୍ରକାର ଉପକାରୀ ଗୁଣ ଭରି ରହିଛି। ଏହାକୁ ନିୟମିତ ଖାଇଲେ ତାହା ହଜମ କ୍ରିୟାକୁ ଆହୁରି ସକ୍ରିୟ କରାଇଥାଏ। ଏଥିରେ ଭିଟାମିନ୍-ସି ଭରି ରହିଛି। ତେଣୁ ଏହାକୁ ଖାଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇଥାଏ। ଅମୃତଭଣ୍ଡାରେ ପୋଟାସିୟମ ଏବଂ ଆଣ୍ଟିଅକ୍ସିଡାଣ୍ଟ ଭରି ରହିଛି। ଏଥିରେ ଏଭଳି ତତ୍ତ୍ୱ ରହିଛି, ଯାହା ଉଚ୍ଚ ରକ୍ତଚାପକୁ ମଧ୍ୟ ନିୟନ୍ତ୍ରଣରେ ରଖିଥାଏ। ଏହା ମଧ୍ୟ ଚର୍ମରେ ଚମକ ଆଣିଥାଏ। ନିୟମିତ ଅମୃତଭଣ୍ଡା ଖାଇଲେ ତାହାର ଆଉ ଏକ ଉପକାରୀ ଗୁଣ ରହିଛି। ତାହା କ'ଣ ଜାଣନ୍ତି ? ଏହାଦ୍ୱାରା ଦୃଷ୍ଟିଶକ୍ତି ଆହୁରି ପ୍ରଖର ହୋଇଥାଏ। ଏଥିରେ ଥିବା ପପେନ୍ ଏନ୍‌ଜାଇମ୍ ଆମ ଶରୀରର ଓଜନ କମାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ସବୁଠାରୁ ଖାସ୍ କଥା ହେଲା ଏଥିରେ ଏଭଳି ତତ୍ତ୍ୱ ରହିଛି, ଯାହା କ୍ୟାନ୍ସର ଆଶଙ୍କାକୁ କେତେକାଂଶରେ ଦୂର କରିଥାଏ। ପାଚିଲା ଅମୃତଭଣ୍ଡା ଆମ ଶରୀର ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ।



# ଅଭିନେତ୍ରୀ ମୋନା ସିଂହ

ଅଭିନେତ୍ରୀ ମୋନା ସିଂହ ତାଙ୍କ ଫିଲ୍ମ 'ବର୍ଡର ୨'ର ସଫଳତାକୁ ନେଇ ବେଶ ଖୁସି ଅଛନ୍ତି। ଖୁବ୍ ଶୀଘ୍ର 'କୋହରା'ର ଦ୍ୱିତୀୟ ସିଜିନରେ ସେ ନଜର ଆସିବେ। ନିକଟରେ ତାଙ୍କ ଚରିତ୍ର ଏବଂ ଫିଲ୍ମ ଇଣ୍ଡଷ୍ଟ୍ରିର ବୟସ୍କ କଳାକାରଙ୍କ ବିଷୟରେ ଅଭିନେତ୍ରୀ କଥା ହୋଇଛନ୍ତି। ପିଟିଆଇ ସହିତ କଥାବାର୍ତ୍ତା ସମୟରେ, ମୋନା ୪୦ ବର୍ଷ ବୟସରେ ମଧ୍ୟ ପରଦାରେ ୫୦ ଏବଂ ୬୦ ବର୍ଷର ଚରିତ୍ର ନିଭାଇବା ବିଷୟରେ କହିଛନ୍ତି। ସେ କହିଛନ୍ତି, "ପରଦାରେ ମୁଁ ମୋର ବୟସ ବିଷୟରେ ଚିନ୍ତା କରିନାହିଁ କାରଣ ମୁଁ ବହୁତ ଆତ୍ମବିଶ୍ୱାସୀ ଏବଂ ମୁଁ ଜାଣିଛି ଯେ ମୁଁ କିଏ।ମୋତେ କିଛି ପ୍ରମାଣ କରିବାକୁ ପଡ଼େ ନାହିଁ, ତେଣୁ ମୁଁ ରିସ୍କ ନେଇ ଚାଲିଥାଏ। ଲୋକମାନେ ପ୍ରାୟତଃ ମୋତେ ପଚାରନ୍ତି, 'ତୁମେ ପରଦାରେ ଏତେ ବୃଦ୍ଧ କାହିଁକି ଦେଖାଯାଉଛ ?' ମୁଁ କହେ ଯେ ଏହା କିଛି ଫରକ ପଡ଼େ ନାହିଁ। ଏହି ଚରିତ୍ରରେ ମୁଁ ଅଭିନୟ କରୁଛି ଏବଂ ଏହା ମୋତେ ପ୍ରକୃତରେ ଉତ୍ସାହିତ କରୁଛି।



ଅଭିନେତ୍ରୀ ସ୍ୱୀକାର କରିଛନ୍ତି ଯେ ଇଣ୍ଡଷ୍ଟ୍ରିରେ ଲୋକମାନେ ବୟସ୍କ କଳାକାରଙ୍କୁ ଭଲ ଭୂମିକା ଦେବାକୁ ସଂକୋଚ କରନ୍ତି। ସେ କହିଛନ୍ତି, 'କେବଳ ଏହି ଇଣ୍ଡଷ୍ଟ୍ରିରେ ମହିଳାଙ୍କର ଏକ ଏକ୍ସପାଏରୀ ଡେଟ୍ ଥାଏ। ଏହା ବହୁତ ଦୁଃଖଦର କଥା। ୬୦ ବର୍ଷ ବୟସର ପୁରୁଷମାନେ ଏବେ ବି ରୋମାଣ୍ଟିକ ଭୂମିକାରେ ଅଭିନୟ କରିପାରିବେ, କିନ୍ତୁ ମହିଳାମାନେ କରିପାରିବେ ନାହିଁ। ମୁଁ କେବେ ଏ ବିଷୟରେ ବହୁତ ଚିନ୍ତା କରିନଥିଲି। ତେବେ ଜାନୁଆରୀ ୨୩ରେ ରିଲିଜ୍ ହୋଇଥିବା ଫିଲ୍ମ 'ବର୍ଡର ୨'ରେ ମୋନା ସିଂହ ସନ୍ନି ଦେଓଲଙ୍କ ପତ୍ନୀ ଭୂମିକାରେ ଅଭିନୟ କରିଛନ୍ତି।ଏଥିପାଇଁ ତାଙ୍କୁ ଖୁବ୍ ପ୍ରଶଂସା ମିଳିଛି। ଫିଲ୍ମଟି ବକ୍ସ ଅଫିସରେ ଭଲ ପ୍ରଦର୍ଶନ କରୁଛି, ଛଅ ଦିନରେ ୨୧୩ କୋଟି ରୋଜଗାର କରିଛି।

# ଜିଲ୍ଲାସ୍ତରୀୟ ଗାନ୍ଧୀଜୀଙ୍କ ମହାପ୍ରୟାଣ ଦିବସ

ଫୁଲନଖରା, (ପିପିଏସ): ଜାତିର ପିତା ମହାତ୍ମା ଗାନ୍ଧୀଙ୍କର ୭୮ତମ ବାର୍ଷିକ ମହାପ୍ରୟାଣ ତଥା ଜାତୀୟ ସହୀଦ ଦିବସ ଉପଲକ୍ଷେ ତେଲେଙ୍ଗ ପେଣ୍ଠ ସ୍ଥିତ ଗାନ୍ଧୀ ସ୍ମୃତି ପୀଠରେ ଗାନ୍ଧୀଜୀଙ୍କ ମହାପ୍ରୟାଣ ଦିବସ ପାଳିତ ହେବା ସହିତ ପଲ୍ଲୀଶ୍ରୀ ମେଳା ଉଦଘାଟିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଓସାହେବ ସିନ୍ଧେଙ୍କ ସଭାପତିତ୍ୱରେ ଏକ ସଭା ଆୟୋଜନ କରାଯାଇଥିଲା । ଏହି ସଭାରେ ମୁଖ୍ୟ ଅତିଥି ଭାବେ ଜଙ୍ଗଲ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ମୁଖ୍ୟ ବକ୍ତା ଭାବେ କଟକ ସାଂସଦ ଭର୍ତୃହରି ମହତାବ ଯୋଗଦେଇ ଏ ପୀଠ ହେଉଛି ଏକ ଧର୍ମ କ୍ଷେତ୍ର ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ କଟକ ସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ, ସଦର ବ୍ଲକ ବିଡିଓ ପ୍ରତିକ

## ପଲ୍ଲୀଶ୍ରୀ ମେଳା ଉଦ୍‌ଘାଟିତ

ସାହୁ, କର୍ପୋରେଟର ମମତା ମହାନ୍ତି, ସାଂସଦଙ୍କ ପ୍ରତିନିଧି ପ୍ରତାପ ରାଉତରାୟ ପ୍ରମୁଖ ଯୋଗଦେଇ ଗାନ୍ଧୀଜୀଙ୍କ ନୀତି, ଆଦର୍ଶ ତଥା ଏହି ପିଠକୁ ଗାନ୍ଧୀଜୀଙ୍କ ଆଗମନ ବିଷୟରେ ସ୍ମୃତି ଚାରଣ କରିଥିଲେ । ସକାଳୁ ଗାନ୍ଧୀଜୀଙ୍କ ଶ୍ରାଦ୍ଧ ଦିବସ ଉପଲକ୍ଷ ଜିଲ୍ଲାପାଳ ଦତ୍ତାତ୍ରୟ ଭାଓସାହେବ ସିନ୍ଧେ ଯୋଗଦେଇ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଆୟୋଜିତ ସର୍ବଧର୍ମ ସମନ୍ୱୟ ସଭାରେ ସେ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ଗାନ୍ଧୀଙ୍କ ଅହିଂସା ମାର୍ଗ ଦ୍ୱାରା ପରସ୍ପର ମଧ୍ୟରେ ଭାତୃଭାବ ବୃଦ୍ଧି ଫଳରେ ବିଶ୍ୱରେ ଲାଗିରହିଥିବା ଯୁଦ୍ଧ ବିଭୀଷିକା କୁ ଏଡାଇ ହେବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ କମଳଜିତ୍ ଦାସ, କମିସନର କିରଣଦ୍ୱିପ ସହୋତା କୌର, ସବ-କଲେକଟର ଦିବ୍ୟଜ୍ୟୋତି ସ୍ମୃତି ରଞ୍ଜନ ଦେଓ, ଆଡିସିନାଲ କମିସନର ସୋନାଲି ଟୁଡୁ, ଡିଆଇପିଆରଓ ଭବାନୀ ଶଙ୍କର ଭୁୟାଁ, କଟକ ସାଂସଦଙ୍କ ପ୍ରତିନିଧି ପ୍ରତାପ ରାଉତରାୟ, କର୍ପୋରେଟର ମମତା ମହାନ୍ତି ପ୍ରମୁଖ ଯୋଗଦେଇ ଥିଲେ । ଏହି କାର୍ଯ୍ୟକ୍ରମକୁ ବିଧାୟକଙ୍କ ପ୍ରତିନିଧି ସ୍ୱାଧିନ ଚେତା ମହାନ୍ତି, ପ୍ରସାନ୍ତ ଦଳାଇ, ପ୍ରମୋଦ ବେହେରା ଓ ଗଣେଷ ସାହୁ ପ୍ରମୁଖ ପରିଚାଳନା କରିଥିଲେ ।





# ସ୍ୱରାଜ ଆଶ୍ରମରେ ଚରଖା କେନ୍ଦ୍ର ଉଦ୍‌ଘାଟିତ





କଟକ: କଟକସ୍ଥିତ ସ୍ୱରାଜ ଆଶ୍ରମରେ ଆଜି ଜାତିର ପିତା ମହାତ୍ମାଗାନ୍ଧୀଙ୍କ ମହାପ୍ରୟାଣ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ମାନ୍ୟବର ସାଂସଦ କଟକ ଲୋକସଭା ଶ୍ରୀ ଭର୍ତ୍ତୃହରି ମହତାବ ଓ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଦତାତ୍ରୟ ଭାଉସାହେବ ଶିନ୍ଦେ, ଅତିରିକ୍ତ ଜିଲ୍ଲାପାଳ ଡଃ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର ପ୍ରମୁଖ ଯୋଗଦେଇ ଗାନ୍ଧିଜୀଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣପୂର୍ବକ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରଥିଲେ । ଏଥିସହ ସ୍ୱରାଜ ଆଶ୍ରମରେ ଗାନ୍ଧୀ ଅବସ୍ଥାନ କରିଥିବା ଗୃହ ମଧ୍ୟ ପରିଦର୍ଶନ କରିଥିଲେ । ଆୟୋଜିତ ସର୍ବଧର୍ମ ପ୍ରାର୍ଥନା ସଭାରେ ଗୀତା, କୋରାନ୍ ଓ ବାଇବେଲ ପାଠ କରାଯାଇଥିଲା ଓ ଗାନ୍ଧିଜୀଙ୍କ ପ୍ରିୟ ଆଶ୍ରମ ଭଜନ ପରିବେଷଣ କରାଯାଇଥିଲା । ଏହି ଅବସରରେ ସ୍ୱରାଜ ଆଶ୍ରମ ପରିସରରେ ଏକ ଚରଖା କେନ୍ଦ୍ର ଉଦଘାଟିତ ହୋଇଯାଇଛି।

# ପୁଲିସର ଜୋରଦାର ଚଢ଼ଉ, କାଜୁ ଗାଡ଼ି ଜବତ

## ଘାସମଞ୍ଜିକୁ ପୋସ୍ତ କହି ବିକୁଥିବା ଅସାଧୁ ବ୍ୟବସାୟୀ ଗିରଫ



କୋଣାର୍କ(ପି ପି ଏସ):- କୋଣାର୍କରେ କାଜୁ କହି ନକୁଳ ଦାନା ଓ ପୋସ୍ତକ କହି ଘାସମଞ୍ଜି ପ୍ୟାକେଟ କରି ବିକ୍ରୀ କରାଯାଉଥିବା ଅଭିଯୋଗ ହୋଇଛି ।କିଛି ବଡ଼ କାଜୁ ବ୍ୟବସାୟୀ ପରଦା ପଛରେ ରହି ଖରାପ ଜିନିଷକୁ ସୁନ୍ଦର ପାକେଟ କରି ବୁଲା ବେପାରୀଙ୍କୁ ଦେଇ ଭଲ ମୁନାଫା କମାଉଥିବା ଜଣାପଡିଛି ।ଗତ ବୁଧବାର ଦିନ ମହାରାଷ୍ଟ୍ରର କିଛି ପର୍ଯ୍ୟଟକ ୧୫ପ୍ୟାକେଟ କାଜୁ କିଣି ଠକାମୀରେ ପଡ଼ିବ କୋଣାର୍କ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ସାମାଜିକ ଗଣମାଧ୍ୟମରେ ଘଟଣା ବିଷୟରେ ପ୍ରଚାର ହେବାରେ କୋଣାର୍କ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରି
ଜଣେ ବୁଲା ବ୍ୟବସାୟୀକୁ ଗିରଫ କରିଛି। କୋଣାର୍କ ଅଞ୍ଚଳର ରମେଶ କାଣ୍ଡି (୫୫) କାଜୁ ଓ ପୋସ୍ତ ନାମରେ ଘାସମଞ୍ଜି ବିକ୍ରି କରୁଥିବା ବେଳେ କୋଣାର୍କ ପୁଲିସ ଘଟଣାସ୍ଥଳରେ ପହଞ୍ଚି ୧୬ଟି ଘାସମଞ୍ଜି ପ୍ୟାକେଟକୁ ଜବତ କରିଥିଲା ।ଏନେଇ କୋଣାର୍କ ପୋଲିସ ୨୪।୨୬ ରେ ଏକ ମାମଲା ରୁଜୁ କରିବା ରମେଶଙ୍କୁ ଅଟକ ରଖିଛି ।ସେହିପରି ଘଟଣାକୁ ଗୁରୁତର ନେଇ କୋଣାର୍କ ପୋଲିସ ପକ୍ଷରୁ ଶୁକ୍ରବାର ଜୋରଦାର ଚଢ଼ାଉ କରାଯାଇଥିଲା ।ଏହି ଚଢାଉ ସମୟରେ କୋଣାର୍କ ସୂର୍ଯ୍ୟମନ୍ଦିର ସମ୍ମୁଖରେ ଥିବା କାଜୁ ଦୋକାନ ମାନଙ୍କରୁ ବିପୁଳ ପରିମାଣର କାଜୁ ଜବତ କରିଥିବା ଦେଖିବାକୁ ମିଳିଛି ।ପୋଖରୀରୁ ଗୋଟିଏ ମାତ୍ର ମୀନ ଜାଲରେ ପଡ଼ିଥିବା ବେଳେ ଘଟଣାର ମାଷ୍ଟର ମାଇଣ୍ଡ ଏବେ ବି ପରଦା ପଛରେ ରହିଥିବା ଅଭିଯୋଗ ହୋଇଛି। ଏହି ସବୁ ନକଲି ଜିନିଷ କୋଉଠୁ ଆସୁଛି,ଏହାର ପ୍ୟାକିଂ କିଏ କରିଛି ତାହା ଏଯାବତ ଲୋକଲୋଚନକୁ ଆସିପାରିନାହିଁ ।ରମେଶଙ୍କ ପରି ଅନେକ ଲୋକ ବୁଲି ବୁଲି ପର୍ଯ୍ୟଟକ ମାନଙ୍କୁ ନକଲି ଅଖାଦ୍ୟ ବିକ୍ରୀ କରୁଥିବା ବେଳେ ଏମାନଙ୍କୁ ଏହି ସବୁ ଜିନିଷ ଦେଇଛି କିଏ ତାକୁ ଗିରଫ କରିବା ପାଇଁ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜିବୀ ମାନେ ଦାବୀ କରିଅଛନ୍ତି ।କୋଣାର୍କ ପରି ବିଶ୍ୱ ବିଖ୍ୟାତ ପର୍ଯ୍ୟଟନ ସ୍ଥଳୀରେ ପର୍ଯ୍ୟଟକ ମାନଙ୍କୁ ଶୋଷଣ ଓ ଠକାମୀ ଅଞ୍ଚଳକୁ ବଦନାମ କରୁଥିବା ବେଳେ କିଛି ଅସାଧୁ ବ୍ୟବସାୟୀ ମାନଙ୍କ ପାଇଁ କୋଣାର୍କ ବଦନାମ ମୁଣ୍ଡାଇବା ସାଧାରଣରେ ନାପସନ୍ଦ କରାଯାଇଛି।

# ରାଜ୍ୟ ଓ ଦେଶକୁ ବିକଶିତ କରିବାର ସଂକଳ୍ପ ନେବା: ମନମୋହନ ସାମଲ

ଭୁବନେଶ୍ୱର, (ହି.ସ): ବିଜେପିର ବିଚାରଧାରାରେ ଅନୁପ୍ରାଣିତ ହୋଇ ଏବଂ ରାଜ୍ୟରେ ଡବଲଇଞ୍ଜିନ ସରକାରଙ୍କ ବିକାଶମୂଳକ କାର୍ଯ୍ୟରେ ଆସ୍ଥା ପ୍ରକଟ କରି ଆଜି ରାୟଗଡ଼ା ଜିଲ୍ଲାର ଅନେକ କଂଗ୍ରେସ ନେତା ଓ କର୍ମୀ ବିଜେପିରେ ସାମିଲ ହୋଇଛନ୍ତି । ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ ଏବଂ ରାଜ୍ୟ ପ୍ରଭାରୀ ଶ୍ରୀ ବିଜୟ ପାଲ ସିଂହ ତୋମାର ସମସ୍ତ ନୂତନ ସଦସ୍ୟଙ୍କୁ ଉତରୀୟ ପ୍ରଦାନ କରି ଓ ଦଳୀୟ ଟୋପି ପିନ୍ଧାଇ ସ୍ୱାଗତ ଜଣାଇଥିଲେ ।
ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ କୋରାପୁଟ ସଂସଦୀୟ କ୍ଷେତ୍ରରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦିତା କରିଥିବା ଶ୍ରୀ ଅଭିନାଶ ଗମାଙ୍ଗୋ ନିଜ ସମର୍ଥକଙ୍କ ଗହଣରେ ବିଜେପିରେ ଯୋଗଦାନ କରିଛନ୍ତି । ଏହି ଅବସରରେ ରାୟଗଡା ଗୁଣୁପୁର ନିର୍ବାଚନମଣ୍ଡଳୀର ଯୁବ କଂଗ୍ରେସ ନେତ୍ରୀ ରୁନା ବାଉରୀ, କରୁଣାକର ଶବର, ସଞ୍ଜୀବ କୁମାର ଶବର, ବରିଷ୍ଠ ନେତା ଅମର କୁମାର ଶବର, ପିତାମ୍ବତ ଶବର, ମୂରଲୀ ଶବର, ଜଳନ୍ଧର ଶବର, ବରିଷ୍ଠ ନେତ୍ରୀ ଗୌରୀ ଶବର, ରଶ୍ମିତା ଶବର, ବବି ଶବର, ହାରାବତୀ ଶବର, ଯୁବନେତା ଶିବ ଖିଲା, ବାବୁଲି ଖିଲା, ଆଦର୍ଶ ନାୟକ, ମୋସେସ ପିତାର ନାଗ, ରାହୁଲ ଖିଲା, ବିପିନ ଖରା, ସୁଶୀଲ ଗୁଂଠ, ଜେମ୍ସ ଖରା, ଆକାଶ ଚପାଡି ପ୍ରମୁଖ ଆନୁଷ୍ଠାନିକ



ଭାବେ ବିଜେପିରେ ସାମିଲ ହୋଇଛନ୍ତି। ଆଜି ଏହି ମିଶ୍ରଣ ଦ୍ୱାରା ରାୟଗଡ଼ା ଜିଲ୍ଲାରେ ଦଳୀୟ ସଂଗଠନ ବୃଦ୍ଧି ପାଉଛି । ସମସ୍ତେ ମିଳିମିଶି ଲୋକଙ୍କ ମୌଳିକ ସମସ୍ୟାର ସମାଧାନ କରି ରାଜ୍ୟ ଓ ଦେଶକୁ ବିକଶିତ କରିବା ଅଭିମୁଖେ ଆଗେଇ ନେବାକୁ ଆମେ ସଂକଳ୍ପ ନେବା ବୋଲି ରାଜ୍ୟ ସଭାପତି ଶ୍ରୀ ସାମଲ କହିଛନ୍ତି ।
ଏହି ଅବସରରେ ରାଜ୍ୟ ଉପସଭାପତି ଶ୍ରୀ ଅଶୋକ ମିଶ୍ର, ରାଜ୍ୟ ସାଧାରଣ ସଂପାଦକ ଶ୍ରୀ ବିରଂଚି ନାରାୟଣ ତ୍ରିପାଠୀ, ରାଜ୍ୟ ସଂପାଦିକା ଶ୍ରୀମତୀ ସ୍ମୃତି ପଟ୍ଟନାୟକ, ରାୟଗଡା ଜିଲ୍ଲା ପ୍ରଭାରୀ ତଥା ପୂର୍ବତନ ବିଧାୟକ ଶ୍ରୀ କେ.ନାରାୟଣ ରାଓ, ରାୟଗଡା ଜିଲ୍ଲା ସଭାପତି ଶ୍ରୀ ଗୋପି ଆନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ ।

# ଲଟେରୀ ମାଧ୍ୟମରେ ୧୬୭ ପରିବାରଙ୍କୁ ଗୃହ ବାଣ୍ଟିଲା ବିଏମ୍‌ସି

ଭୁବନେଶ୍ୱର, (ହି.ସ): ଭୁବନେଶ୍ୱର ମହାନଗର ନିଗମ (ବିଏମ୍ ସି)ପକ୍ଷରୁ ଆଜି ୧୬୭ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଲଟେରୀ ମାଧ୍ୟମରେ ପକ୍କା ଘରଆବଣ୍ଟନ କରାଯାଇଛି । ଚନ୍ଦ୍ରଶେଖରପୁର ବୁଦ୍ଧ ବିହାର ହାଉସିଂ ପ୍ରକଳ୍ପରେ ୧୦ରୁ ଅଧିକ ବସ୍ତିର ୧୬୭ଟି ପରିବାରକୁ ଆଜି ଗୃହ ନିର୍ମାଣ ଓ ନଗର ଉନ୍ନୟନ, ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗୃହ ଆବଣ୍ଟନ କରିଛନ୍ତି । ଏହି ଉପଲକ୍ଷେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ବିଏମ୍ ସି ମେୟର ଶ୍ରୀମତୀ ସୁଲୋଚନା ଦାସ, କମିଶନର ତଥା ବିଡିଏ ଉପାଧ୍ୟକ୍ଷ ଶ୍ରୀ ଚଞ୍ଚଳ ରାଣା, ସ୍ଲମ ସେଟଲମେଣ୍ଟ କମିଟିର ଅଧ୍ୟକ୍ଷା ଶ୍ରୀମତୀ ମହାମାୟା ସ୍ୱାଇଁ, ଅତିରିକ୍ତ କମିଶନର ଶ୍ରୀ ରତ୍ନାକର ସାହୁ ଓ ଶ୍ରୀ କୈଳାସ ଚନ୍ଦ୍ର ଦାସ ମଂଚାସୀନ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଂପୃକ୍ତ ୱାର୍ଡ କର୍ପୋରେଟର, ବିଏମ୍ ସି ଓ ବିଡିଏର ହିତାଧିକାରୀ, ଗଣମାଧ୍ୟମର ପ୍ରତିନିଧି ଓ ସାଲିଆସାହି, ସୁବାଷ ବୋଷ ନଗର ବସ୍ତି, ମହାବୀର ବସ୍ତି, ମାଛ ମାର୍କେଟ ବସ୍ତି, ଜଗନ୍ନାଥ ବିହାର ଗୋପାଳ ବସ୍ତି, ସହିଦ ଲକ୍ଷ୍ମଣ ବସ୍ତି, ପଳାଶୁଣୀ ମୁଣ୍ଡା ସାହି, ମା ଭଗବତୀ ବସ୍ତି, ମଙ୍ଗଳା ବସ୍ତି, ଏବଂ ବିଡିଏ ଅନୁମୋଦିତ ବିଭିନ୍ନ ବସ୍ତିର ୧୬୭ ଜଣ ହିତାଧିକାରୀ ଏବଂ ସେମାନଙ୍କର ପରିବାର ସଦସ୍ୟମାନେ ଉପସ୍ଥିତ ଥିଲେ ।
ଆଗାମୀ ଦିନରେ ବସ୍ତିବାସିନ୍ଦାଙ୍କୁ ଦିଆଯିବାକୁ ଥିବା ଘର ଆଧୁନିକ ହେବ । ୬ ମହଲା ବିଶିଷ୍ଟ ଏହି ଆପାର୍ଟମେଣ୍ଟରେ ଲାଗିବ ଲିଫ୍ଟ । ଗଠନ ହେବ ସ୍ୱତନ୍ତ୍ର କମିଟି । ସଂପୃକ୍ତ ବ୍ଲକ ବା ଆପାର୍ଟମେଣ୍ଟର ସମସ୍ତ ଦାୟିତ୍ୱ ବୁଝିବ ଏହି କମିଟି । ଖାଲି ସେତିକି ନୁହେଁ, ସେଠାରେ ମଧ୍ୟ ମାର୍କେଟ କମ୍ପ୍ଲେକ୍ସ ତିଆରି ହେବ । ବୁଦ୍ଧ ବିହାର ହାଉସିଂ କଲୋନୀ ଭିତରେ ରହୁଥିବା ଲୋକମାନଙ୍କର ଆର୍ଥିକ ଉନ୍ନତି ପାଇଁ ସେମାନଙ୍କ ମଧ୍ୟ ମାର୍କେଟ କମ୍ପ୍ଲେକ୍ସ ଗୃହ ପ୍ରଦାନ କରାଯିବ ବୋଲି କହିଛନ୍ତି ଗୃହ ନିର୍ମାଣ ଓ ନଗର ଉନ୍ନୟନୟ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର । ସେ ଆହୁରି କହିଛନ୍ତି ଯେ, ଆର୍ଥିକ ବିକାଶ ସହ ହିତାଧିକାରୀଙ୍କ ପରପିଢୀର ଶିକ୍ଷା, ସ୍ୱାସ୍ଥ୍ୟ ଆଦି ପାଇଁ ମଧ୍ୟ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଉଛି । ସରକାର ବସ୍ତିରେ ରହୁଥିବା ଲୋକଙ୍କୁ ପକ୍କା ଘର ଯୋଗାଇ ଦେବାକୁ ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି । ତାର ଫାଇଦା ନେବାକୁ ସେ ଆହ୍ୱାନ ଦେଇଛନ୍ତି । ବସ୍ତିରେ ରହୁଥିବା ମଧ୍ୟବିତ୍ତ ପରିବାର ପାଇଁ ସ୍ୱଳ୍ପ ମୂଲ୍ୟରେ ଗୃହ ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି । ଏଥିପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି ।
ବିଭିନ୍ନ ପ୍ରକଳ୍ପ ପାଇଁ ଉଚ୍ଛେଦ ହୋଇଥିବା କିମ୍ବା ଉଚ୍ଛେଦ ହେବାକୁ ଥିବା ହିତାଧିକାରୀଙ୍କୁ ସରକାର ପର୍ଯ୍ୟାୟକ୍ରମେ ପକ୍କା ଘର ନିର୍ମାଣ କରି ଦେଉଛନ୍ତି । ଏଣିକି ଘରର ମାଲିକ ହେଉଛନ୍ତି ହିତାଧିକାରୀ । ସେହି ଘରର ଯତ୍ନ ନେବା ସହ ପରିବେଶକୁ ପରିଷ୍କାର ପରିଚ୍ଛନ୍ନ ରଖିବା ଦାୟିତ୍ୱ ମଧ୍ୟ ହିତାଧିକାରୀମାନଙ୍କର । ଘରର ରକ୍ଷଣାବେକ୍ଷଣ ସହ ପରିବେଶର ସୁରକ୍ଷାକୁ ହିତାଧିକାରୀମାନେ ସୁନିଶ୍ଚିତ କରିବା ପାଇଁ ମେୟର ଶ୍ରୀମତୀ ସୁଲୋଚନା ଦାସ ପରାମର୍ଶ ଦେଇଛନ୍ତି ।
ଘର ସ୍ଥାନାନ୍ତର ବେଳେ କିମ୍ବା ସେଠାରେ ପହଞ୍ଚିବା ପରେ କୌଣସି ହିତାଧିକାରୀ ଯେପରି ଅସୁବିଧାରେ ନ ପଡନ୍ତି, ସେଥିପାଇଁ ବିଏମ୍ ସି ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି । ପାନୀୟ ଜଳ, ବିଦ୍ୟୁତ୍ ଆଲୋକ ଆଦି ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି । ଆଗାମୀ ଦିନରେ ମଧ୍ୟ ବିଏମ୍ ସି ପକ୍ଷରୁ ଏହିପରି ସହାୟତା ଜାରି ରହିବ । ଗୃହ ଆବଣ୍ଟନରେ ସ୍ୱଚ୍ଛତା ରକ୍ଷା କରିବା ପାଇଁ ସମସ୍ତ ହିତାଧିକାରୀଙ୍କ ଉପସ୍ଥିତିରେ ଲଟେରୀ ମାଧ୍ୟମରେ ଗୃହ ଆବଣ୍ଟନ କରାଯାଉଛି । ଏହା ବାଦ ଯଦି କୌଣସି ହିତାଧିକାରୀ ଭୁଲ୍ ବସତଃ ଚଞ୍ଚକତା କରି କିମ୍ବା ମିଥ୍ୟା କାଗଜପତ୍ର ଦାଖଲ କରି ଘର ହାତେଇ ଥାନ୍ତି, ତେବେ ସେମାନଙ୍କୁ ଘରୁ ବାହାର କରିବା ସହ ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏପରିକି ସେମାନଙ୍କ ନାମରେ ଏଫଆଇଆର କରାଯିବ ବୋଲି ସ୍ୱାଗତ ଅଭିଭାଷଣ ପ୍ରଦାନ ଅବସରରେ ସତର୍କ କରାଇ ଦେଇଛନ୍ତି ବିଏମ୍ ସି କମିଶନର ତଥା ବିଡିଏ ଉପାଧ୍ୟକ୍ଷ ଶ୍ରୀ ଚଞ୍ଚଳ ରାଣା । ଆଜିର ଏହି ସମସ୍ତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ଡେପୁଟି କମିଶନର ଶ୍ରୀ ଅଜୟ କୁମାର ମହାନ୍ତି ଓ ସହକାରୀ କମିଶନର ଶ୍ରୀ ସତ୍ୟଜିତ୍ ଦାସଙ୍କ ସହ ଟିମ୍ ବିଏମ୍ ସି । ଶେଷରେ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ଅତିରିକ୍ତ କମିଶନର ଶ୍ରୀ ରତ୍ନାକର ସାହୁ । ନିଜ ନିଜ ସ୍ୱପ୍ନର ପକ୍କା ଘର ପାଇବା ପରେ ଖୁସିରେ ଆତ୍ମ ବିଭୋର ହୋଇପଡିଛନ୍ତି ହିତାଧିକାରୀ । କେହି କେହି ଖୁସିରେ କାନ୍ଦି ପକାଇଥିଲେ । ପକ୍କାଘର ପାଇଥିବାରୁ ସମସ୍ତେ ମେୟର, କମିଶନରଙ୍କ ସହ ବିଏମ୍ ସି ଓ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# ରାଜ୍ୟର ସହରାଞ୍ଚଳ ପାର୍କର ବଦଳିବ ରୂପରେଖ

ଭୁବନେଶ୍ୱର, (ହି.ସ): ରାଜ୍ୟର ସହରାଂଚଳରେ ଜୀବନଧାରଣର ମାନ ବୃଦ୍ଧି ଏବଂ ସର୍ବସାଧାରଣ ସମ୍ପତିର ସୁରକ୍ଷା ପାଇଁ ଏକ ବଡ଼ ପଦକ୍ଷେପ ନେଇଛନ୍ତି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ର । କେବଳ ଭୁବନେଶ୍ୱର କିମ୍ବା କଟକ ନୁହେଁ, ବରଂ ଓଡ଼ିଶାର ସମସ୍ତ ପୌରାଞ୍ଚଳରେ ଥିବା ପାର୍କଗୁଡ଼ିକର ସୌନ୍ଦର୍ଯ୍ୟକରଣ ଏବଂ ସାମଗ୍ରିକ ଉନ୍ନତି ପାଇଁ ଏକ ସମୟବଦ୍ଧ କାର୍ଯ୍ୟଯୋଜନା ପ୍ରସ୍ତୁତ କରିବାକୁ ସେ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।
ଶୁକ୍ରବାର ବିଭାଗୀୟ କାର୍ଯ୍ୟର ସମୀକ୍ଷା କରିବା ଅବସରରେ ମନ୍ତ୍ରୀ ଅନେକ ସହରାଂଚଳରେ ପାର୍କଗୁଡ଼ିକର ରକ୍ଷଣାବେକ୍ଷଣରେ ଅବହେଳା ଓ ଭିତିଭୂମିର ଅବକ୍ଷୟକୁ ନେଇ ଚିନ୍ତା ପ୍ରକାଶ କରିଛନ୍ତି। ମନ୍ତ୍ରୀ କହିଛନ୍ତି ଯେ, ପାର୍କଗୁଡ଼ିକ କେବଳ ମନୋରଞ୍ଜନର ସ୍ଥାନ ନୁହେଁ, ଏହା ସହରର ସାମାଜିକ, ପରିବେଶ ଏବଂ ସାଂସ୍କୃତିକ ପରିଚୟ। ଏହା ନାଗରିକଙ୍କ ସ୍ୱାସ୍ଥ୍ୟ ଏବଂ ସୁସ୍ଥତା ସହ ସିଧାସଳଖ ଜଡ଼ିତ। ପ୍ରତିମୂର୍ତିର ସମ୍ମାନ ପାର୍କରେ ସ୍ଥାପିତ ବିଶିଷ୍ଟ ବ୍ୟକ୍ତି ଓ ଐତିହାସିକ ଜନନାୟକଙ୍କ ପ୍ରତିମୂର୍ତିଗୁଡ଼ିକର ଯତ୍ନ ନେବାକୁ ସେ ବିଶେଷ ଗୁରୁତ୍ୱ ଦେଇଛନ୍ତି। ଏଥିରେ ଅବହେଳା ଜନସାଧାରଣଙ୍କ ଭାବନା ଏବଂ ସାଂସ୍କୃତିକ ଐତିହ୍ୟ ପ୍ରତି ଅସମ୍ମାନ ବୋଲି ସେ କହିଛନ୍ତି। କାର୍ଯ୍ୟରେ ଅବହେଳା କରୁଥିବା ଅଧିକାରୀ ଏବଂ ସଂସ୍ଥା ବିରୋଧରେ କଠୋର ଶୃଙ୍ଖଳାଗତ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଯେଉଁଠି ତ୍ରୁଟି ପରିଲକ୍ଷିତ ହେବ, ସେଠାରେ ଦାୟିତ୍ୱ ନିର୍ଦ୍ଧାରଣ କରାଯାଇ ଦଣ୍ଡବିଧାନ ହେବ ବୋଲି ସେ ସ୍ପଷ୍ଟ କରିଛନ୍ତି। ପାର୍କଗୁଡ଼ିକର ପୁନରୁଦ୍ଧାର ପାଇଁ ସ୍ପଷ୍ଟ ସମୟସୀମା ଓ ଗୁଣବତା ବଜାୟ ରଖିବାକୁ ସମସ୍ତ ପୌରାଞ୍ଚଳକୁ ନିର୍ଦ୍ଦେଶ ଦିଆଯାଇଛି। କେବଳ ଉପରଠାଉରିଆ ସଜବାଜ ନୁହେଁ, ବରଂ ସ୍ଥାୟୀ ଉନ୍ନତି ପାଇଁ ନିୟମିତ ଯାଞ୍ଚ ଓ ବଜେଟ୍ ବ୍ୟବସ୍ଥା କରିବାକୁ ସେ କହିଛନ୍ତି।
ଓଡ଼ିଶାର ସହରଗୁଡ଼ିକୁ ସ୍ୱଚ୍ଛ, ସବୁଜ ଏବଂ ନାଗରିକ-ଅନୁକୂଳ କରିବା ପାଇଁ ରାଜ୍ୟ ସରକାର ସଂକଳ୍ପବଦ୍ଧ। ଏହି ପରିପ୍ରେକ୍ଷୀରେ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗକୁ ତୁରନ୍ତ ଏହି ନିର୍ଦ୍ଦେଶାବଳୀକୁ ମିଶନ-ମୋଡ୍ ରେ କାର୍ଯ୍ୟକାରୀ କରିବାକୁ କୁହାଯାଇଛି।

# ଚୁଲିକୁ ଗଲା ୩ ଶହ ୟୁନିଟ୍ ମାଗଣା ବିଜୁଳି: ଉପଭୋକ୍ତା ଉପରେ ସ୍ମାଟ ମିଟର ବୋଝ

## ଆଦେଶ ପ୍ରତ୍ୟାହାର ନହେଲେ ଆନ୍ଦୋଳନ

କାକଟପୁର /ଅସ୍ତରଙ୍ଗ -୩୦/୧ : ସ୍ମାର୍ଟ ମିଟରକୁ ନେଇ କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳରେ ଅସନ୍ତୋଷର ନିଆଁ ଦେଖିବାକୁ ମିଳିଛି। ଟାଟା ପାୱାର ପକ୍ଷରୁ ସଚଳ ପୁରୁଣା ମିଟର ବଦଳାଇ ଏବେ ନୂଆ ପ୍ରିପେଡ୍ ସ୍ମାଟ ମିଟର ଲଗାଯାଉଥିବାରୁ ପ୍ରବଳ ଜନଅସନ୍ତୋଷ ଦେଖିବାକୁ ମିଳୁଛି। ବର୍ତ୍ତମାନ ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ କାକଟପୁର ରେ ଟାଟା ପାୱାର ପକ୍ଷରୁ କିଛି ଗ୍ରାହକମାନଙ୍କର ମିଟର ଚାଲୁଥିବା ବେଳେ ଏହା ପୁରୁଣା ମିଟର ଏଥିରୁ ଆଉ ରିଡିଙ୍ଗ ନିଆଯିବ ନାହିଁ କହି ଆଭରେଜ ବିଲ ଏ ମାସ ଠାରୁ ଦେଉଛନ୍ତି। ଗ୍ରାହକ ଯେତିକି ମାସିକ ଦେୟ ଦେଉଥିଲେ ଏବେ ଆଭରେଜ ବିଲ ଦିଆଯିବା ଫଳରେ ୨ରୁ ୩ଗୁଣା ଦେୟ ବଢିଛି। ଏହି ମିଟର ଲଗାଯିବା ଫଳରେ ପୂର୍ବରୁ ଯାହା ମାସିକ ବିଲ ଆସୁଥିଲା ଏବେ ତାହା ୫ଗୁଣା ବଢ଼ି ଯିବାରୁ ଗ୍ରାହକ ମାନେ ଅସୋନ୍ତଷ ପ୍ରକାଶ କରିଛନ୍ତି ।କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳରେ ଅନେକ ଉପଭୋକ୍ତାଙ୍କ ଘରେ ସ୍ମାର୍ଟ ମିଟରକୁ ବସାଇବାକୁ ନେଇ ତୀବ୍ର ଅସନ୍ତୋଷ ସାଙ୍ଗକୁ ବିରୋଧାଭାଷ ଜାରି ରହିଛି। ସ୍ମାର୍ଟମିଟର ବସାଇବା ଆଦେଶ ପ୍ରତ୍ୟାହାର କରାନଗଲେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଉପଭୋକ୍ତା ମତ ଦେଲେଣି। ଟାଟା ପାୱାର ନିଷ୍ପତ୍ତି ଅନୁଯାୟୀ ଉପଭୋକ୍ତାମାନେ ମିଟର ଲଗାଇଥିଲେ। ଏହି ମିଟର ତ୍ରୁଟିପୂର୍ଣ ଯୋଗୁଁ ମାତ୍ରାଧିକ ବିଲ ଆସୁଥିବା ନେଇ



ବାରମ୍ବାର ଅଭିଯୋଗ ପରେ କିଛି କରାଯାଉନାହିଁ।

କେତେକ କ୍ଷେତ୍ରରେ ଟାଟା ପାୱାର କର୍ମଚାରୀ ଏକ ଯନ୍ତ୍ର ସାହାଯ୍ୟରେ ନାମକୁ ମାତ୍ର ପରୀକ୍ଷା କରି ମିଟର ଠିକ ଥିବା ଦର୍ଶାଉଛନ୍ତି। ଯାହାଫଳରେ ବିଦ୍ୟୁତ ଉପଭୋକ୍ତା ମାତ୍ରାଧିକ ବିଲ ଦେଇ ଶୋଷଣର ଶିକାର ହେଉଛନ୍ତି। ନୂତନ ବ୍ୟବସ୍ଥା ଅନୁଯାୟୀ ସ୍ମାର୍ଟ ମିଟର ଲଗାଇଲେ ମିଟର ଦେୟ, ମାସିକ ମିଟର ଭଡା ଓ ମାତ୍ରାଧିକ ବିଲ ଦେବାକୁ ଉପଭୋକ୍ତା ବାଧ୍ୟ ହେବ ବୋଲି ଉପଭୋକ୍ତା ମାନେ କହିଛନ୍ତି। ରାଜ୍ୟର ନୂତନ ସରକାର ୩୦୦ ୟୁନିଟ ମାଗଣା ବିଦ୍ୟୁତ ଯୋଗାଣ ଉପରେ କୌଣସି ପଦକ୍ଷେପ ନେଇ ନଥିବାବେଳେ ସ୍ମାର୍ଟ ମିଟର ଲଗାଇବା ପାଇଁ ରାଜ୍ୟ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀଙ୍କ ବିବୃତି ବିଦ୍ୟୁତ ଉପଭୋକ୍ତାମାନଙ୍କୁ ବ୍ୟଥିତ ଓ ଚିନ୍ତିତ କରିଛି। ସେସୁ, ଏନଜେନ ପରେ ଟାଟା ପାୱାର ବିଦ୍ୟୁତ ବଣ୍ଟନ ଦାୟିତ୍ୱ ନେବା ପରେ ନୂତନ ବିଦ୍ୟୁତ ସଂଯୋଗ ଦେୟ ବଢିବା ସହିତ ଉପଭୋକ୍ତାଙ୍କ ଘରର ଲୋଡ୍ ମନଇଚ୍ଛା ବୃଦ୍ଧି କରାଯାଇ ଜୋରିମାନା କରାଯାଉଛି। ଯାହାଫଳରେ ବିଦ୍ୟୁତ ଗ୍ରାହକ ଶୋଷଣର ଶିକାର ହେଉଛନ୍ତି। କିନ୍ତୁ ଶୁଣିବାକୁ କେହି ନାହିଁ। ବିଦ୍ୟୁତ ସଂସ୍କାର ନାଁ ରେ କୋଟି କୋଟି ଟଙ୍କା ବ୍ୟୟ ପରେ ଅଘୋଷିତ ବିଦ୍ୟୁତ କାଟ, ଲୋ- ଭୋଲଟେଜ ସମସ୍ୟା ସହିତ ପୁରୁଣା ତାର ଖୁଣ୍ଟ ଓ ଷ୍ଟ୍ରକଚର ସାମଗ୍ରିକ ବ୍ୟବସ୍ଥାକୁ ଉପହାସ କରୁଛି। ରାଜ୍ୟ ସରକାର ତଥା ବିଦ୍ୟୁତ ବିଭାଗ ଉପଭୋକ୍ତାଙ୍କ ସମୂହ ସ୍ୱାର୍ଥ ଦୃଷ୍ଟିରୁ ସ୍ମାର୍ଟ ମିଟର ଲଗାଇବା ଆଦେଶ ତୁରନ୍ତ ପ୍ରତ୍ୟାହାର ନ କଲେ ଉପଭୋକ୍ତାମାନେ ବ୍ୟାପକ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

### ବିକାଶ ଓ ମାନବ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ଗାନ୍ଧିଜୀଙ୍କ ସ୍ମୃତିଚାରଣ ସଭା

# ଗାନ୍ଧି ଦର୍ଶନ ପାଇଁ ଜନସାଧାରଣ ଏକ ହେବାକୁ ଆହ୍ୱାନ



ବ୍ରହ୍ମପୁର, (ପିପିଏସ୍): ସମାଜବାଦୀ ଅନୁଷ୍ଠାନ ମାନବ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ଆଜି ଦେଶର ମହାନ୍ ସ୍ୱାଧୀନତା ସଂଗ୍ରାମୀ, ସତ୍ୟ ଓ ଅହିଂସାର ପଥ ପ୍ରଦର୍ଶକ ମହାତ୍ମା ଗାନ୍ଧୀଙ୍କ ଶହିଦ ଦିବସରେ ଆଜି ସ୍ଥାନୀୟ ଗାନ୍ଧୀନଗର ଛକସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ମଞ୍ଚ ଆବାହକ ଆଇନଜୀବୀ ଅବନୀ ଗୟାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭା ଆରମ୍ଭରେ ଆର୍ଯ୍ୟଭଟ୍ଟ ଫାଉଣ୍ଡେସନର ନିର୍ଦ୍ଦେଶକ, ପରିବେଶବିତ୍ ସୁଧୀର ରାଉତ ଓ 'ବିକାଶ' ସ୍ୱେଚ୍ଛାସେବୀ ଅନୁଷ୍ଠାନର ଗୁଣନିଧି ବେହେରା ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଭାରତବର୍ଷର ସ୍ୱାଧୀନତା ସଂଗ୍ରାମରେ ଗାନ୍ଧୀଜୀଙ୍କ ଐତିହାସିକ ନେତୃତ୍ୱ ଓ ବଳିଦାନ ସମଗ୍ର ବିଶ୍ୱରେ ପରିଚିତ। ଗାନ୍ଧୀ ଦର୍ଶନ ବିନା ସମଗ୍ର ବିଶ୍ୱରେ ଶାନ୍ତି, ସଂହତିକୁ ରକ୍ଷା କରାଯାଇପାରିବ ନାହିଁ। ସାଂପ୍ରତିକ ସ୍ଥିତିରେ ଗାନ୍ଧିବାଦର ଚର୍ଚ୍ଚା, ଆଲୋଚନା ସମସ୍ତ ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟ ତଥା ସରକାରୀ ସ୍ତରରେ ଅନୁଷ୍ଠିତ ହେବା ଆବଶ୍ୟକ ରହିଛି ବୋଲି ଉପସ୍ଥିତ ବ୍ୟକ୍ତି ବୃନ୍ଦ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧରେ ସମାଜସେବୀ କୁନି କୁମାରୀ ଦେବୀ, ସସ୍ମିତା ବେହେରା, ଗଗନ ଚନ୍ଦ୍ର ମଲ୍ଲିକ, ଶ୍ୟାମସୁନ୍ଦର ଖାଡ଼ାଙ୍ଗା, ବୃନ୍ଦାବନ ଖଟେଇ, ମନୋଜ କୁମାର ତରାଇ, ସାଧୁ ଚରଣ ବେହେରା, ସୁରେନ୍ଦ୍ର ନାଥ ପଣ୍ଡା, କେ. ମୋହନ ରାଓ ସୁବୁଦ୍ଧି, ଅଶୋକ ଦଳାଇ, ଭିଷ୍ମାଚାର୍ଯ୍ୟ ଚୌଧୁରୀ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ସପ୍ତାହେ ବ୍ୟାପି ଧାର୍ମିକ କାର୍ଯ୍ୟକ୍ରମ ଆୟୋଜିତ



ଚାରିଛକ,(ପିପିଏସ): ନିମାପଡ଼ା କଲେଜ ଛକଠାରେ ଥିବା ଦିବ୍ୟ ଜୀବନ ସଂଘ ,ନିମାପଡ଼ା ଶାଖାର ୫୦ ବର୍ଷ ପୂର୍ତ୍ତିପାଳନ ଅବସରରେ ଏକ ସପ୍ତାହ ଧରି ଧାର୍ମିକ କର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଜି ସୁବର୍ଣ୍ଣ ଜୟନ୍ତୀର ଉଦଯାପନୀ ଉତ୍ସବ ସଂଘ ର ସଭାପତି ଡ଼ାକ୍ତର ରବିନ୍ଦ୍ର ନାଥ ଖୁଣ୍ଟିଆଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟ ଅତିଥି ଭାବେ ଆର୍ଯ୍ୟସମାଜ ର କାର୍ଯ୍ୟକାରୀ ସଭ୍ୟ ପଣ୍ଡିତ ବିରେନ୍ଦ୍ର ପଣ୍ଡା ,ସମ୍ମାନୀତ ଅତିଥି ଭାବେ ଜଗନ୍ନାଥାନନ୍ଦ ମହାରାଜ, ସ୍ୱାମୀ ବ୍ରହ୍ମ ସାକ୍ଷାତ ନନ୍ଦ ସରସ୍ୱତୀ ମହରାଜ, ବାବାଜୀ ବ୍ରଜବନ୍ଧୁ ଦାସ ଜୀ ମହାରାଜ, ଚିନ୍ମୟ ମିଶନ ସ୍ୱାମୀ ରିଜିତାନନ୍ଦ ସରସ୍ୱତୀ, ସାସଂଦଙ୍କ ପ୍ରତିନିଧି ମୀନଲତା ମହାନ୍ତି , ନିମାପଡ଼ା ଏନ.ଏ.ସି ଅଧକ୍ଷା ସସ୍ମିତା ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଗଗନ ବିହାରୀ ସେନାପତି ସ୍ୱାଗତ ଭାଷଣ ଦେଇଥିବା ବେଳେ ସଂପାଦକ ନିରଞ୍ଜନ ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିଥିଲେ। ନିରଦବରଣ ଖୁଣ୍ଟିଆ ଧର୍ମସଭାର ମଞ୍ଚ ପରିଚାଳନା କରିଥିଲେ। ସୁବର୍ଣ୍ଣଜୟନ୍ତୀ ପାଳନ ଅବସରରେ ଆଶ୍ରମ ପରିସରରେ ସାତଦିନ ବ୍ୟାପି ଭାଗବତ ସପ୍ତାହ କୃଷ୍ଣ ପ୍ରେମାନନ୍ଦଜୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇ ଥିଲା। ଏହି ଅବସରରେ ବିଶିଷ୍ଟ ହୃଦରୋଗ ବିଶେଷଜ୍ଞ ଡ଼ାକ୍ତର ବନବିହାରୀ ମିଶ୍ର ଓ ଡ଼ାକ୍ତର ଜ୍ୟୋତି ରଞ୍ଜନ ଖୁଣ୍ଟିଆଙ୍କ ତତ୍ତ୍ୱାବଧାନରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପରାମର୍ଶ ଦିଆ ଯାଇଥିଲା। ଶେଷରେ ପବିତ୍ର ମୋହନ ବରାଳ ଧନ୍ୟବାଦ ଦେଇଥିଲେ।

# ସୁକିନ୍ଦା ବ୍ଲକରେ ଭିବ-ଜୀ-ରାମଜୀ କାମକୁ ମଣିଷ ବଦଳରେ ମେସିନ କରୁଛି, ଜିଲ୍ଲାପାଳଙ୍କୁ ଅଭିଯୋଗ



ଯାଜପୁର (ପିପିଏସ୍): ସୁକିନ୍ଦା ବ୍ଲକ ଅନ୍ତର୍ଗତ ସଂସେଇଲୋ ପଞ୍ଚାୟତର ଅରାସାହି ଗ୍ରାମରେ ଏନଆରଜିଏସ ଯୋଜନା ରେ ୫ ଲକ୍ଷ ଟଙ୍କାର ରାସ୍ତା ନିର୍ମାଣ ପାଇଁ କାର୍ଯ୍ୟାଦେଶ ଆସିଥିଲା। ଏହି ଯୋଜନା ମୁତାବକ ଏହି କାମ ରେ କୌଣସି ମେସିନ କରିବ ନାହିଁ କିନ୍ତୁ ଏଥିରେ ବହୁ ବ୍ୟତିକ୍ରମ ଦେଖାଯାଉଛି। ଏଥିରେ ମଣିଷ ବଦଳରେ ରାତିରେ ମେସିନ୍ କାମ କରୁଛି। ମନଇଛା ରାସ୍ତା ନିର୍ମାଣ କରି କେଉଁଠି ଡ୍ରେନ୍, କଲଭର୍ଟ ଓ ପାଣି ନିଷ୍କାସନ ପାଇଁ ପୋଲ ହେବ ସେସବୁକୁ ଧ୍ୟାନ ନଦେଇ କାମ କରୁଥିବା ଗ୍ରାମ ବାସୀ ଗତ ୨୦/୧ /୨୬ରେ ସୁକିନ୍ଦା ମଣ୍ଡଳ ଉନ୍ନୟନ ଉନ୍ନୟନ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ। କରିଥିଲେ କିନ୍ତୁ ମଣ୍ଡଳଉନ୍ନୟନ ଅଧିକାରୀ ଏହାର ତଦନ୍ତ କରି ଏ ନେଇ କାର୍ଯାନୁଷ୍ଠାନ ନ ନେବାରୁ ଗତ ୨୯/୧ ରିଖରେ ଗ୍ରାମବାସୀ ଯାଜପୁର ଜିଲାପାଳଙ୍କୁ ଏନେଇ ଲିଖିତ ଅଭିଯୋଗ କରିଛନ୍ତି। ଜିଲାପାଳ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଜିନ୍ଦଲ ଷ୍ଟେନଲେସ୍‌କୁ ସମ୍ବାଦ କର୍ପୋରେଟ୍ ଏକ୍ସଲେନ୍ସ ପୁରସ୍କାର




କଳିଙ୍ଗନଗର (ପିପିଏସ): କର୍ପୋରେଟ୍ ସାମାଜିକ ଦାୟିତ୍ୱ (ସିଏସଆର) ପ୍ରତି ଏହାର ଅସାଧାରଣ ଅବଦାନ ପାଇଁ ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍‌କୁ ସମ୍ବାଦ କର୍ପୋରେଟ୍ ଏକ୍ସଲେନ୍ସ ପୁରସ୍କାରର ଲାର୍ଜ ପ୍ଲାଟିନମ୍ ବର୍ଗରେ ସମ୍ମାନିତ କରାଯାଇଛି। ଶିକ୍ଷା, ସ୍ୱାସ୍ଥ୍ୟ, କୌଶଳ ବିକାଶ, ଜୀବିକା ସୃଷ୍ଟି ଏବଂ ପରିବେଶ ସୁରକ୍ଷା କ୍ଷେତ୍ରରେ ଜିନ୍ଦଲ୍ ଷ୍ଟେନଲେସ୍ ଫାଉଣ୍ଡେସନ୍ ସଂସ୍ଥାର ନିରନ୍ତର ସିଏସଆର୍ ପଦକ୍ଷେପକୁ ସ୍ୱୀକୃତି ଦେଇ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏକ ସ୍ୱତନ୍ତ୍ର ଉତ୍ସବରେ ଓଡ଼ିଶାର ମାନ୍ୟବର ଶିକ୍ଷମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ, ସମ୍ବାଦର ସୌମ୍ୟରଞ୍ଜନ ପଟ୍ଟନାୟକ ଏବଂ ତନୟା ପଟ୍ଟନାୟକଙ୍କ ଉପସ୍ଥିତିରେ ସୁକାନ୍ତ କୁମାର ରଥ, ଡେପୁଟି ଜେନେରାଲ ମ୍ୟାନେଜର-ସିଏସଆର ଏବଂ ସୁଧି ରଞ୍ଜନ ମିଶ୍ର, ମହାପ୍ରବନ୍ଧକ- କର୍ପୋରେଟ୍ ବ୍ୟାପାର ଏବଂ ସରକାରୀ ସମ୍ପର୍କ, ଜିନ୍ଦଲ ଷ୍ଟେନଲେସଙ୍କୁ ଏହି ପ୍ରତିଷ୍ଠିତ ପୁରସ୍କାର ପ୍ରଦାନ କରିଥିଲେ। ପୁରସ୍କାର ଗ୍ରହଣ କରିବା ପରେ କୃତଜ୍ଞତା ପ୍ରକାଶ କରି ଶ୍ରୀ ରଥ କହିଥିଲେ ଯେ ସିଏସଆର ଜିନ୍ଦଲ ଷ୍ଟେନଲେସର ମୂଳ ମୂଲ୍ୟବୋଧର ଏକ ଅବିଚ୍ଛେଦ୍ୟ ଅଂଶ। ସେ ଗୁରୁତ୍ୱାରୋପ କରିଥିଲେ ଯେ କମ୍ପାନୀ ସମାଜର ସାମଗ୍ରିକ ବିକାଶ ପାଇଁ ଲକ୍ଷ୍ୟରଖି ଦୀର୍ଘକାଳୀନ ଏବଂ ସ୍ଥାୟୀ ପଦକ୍ଷେପ ଉପରେ ନିରନ୍ତର ଧ୍ୟାନ ଦେଇଛି ଏବଂ ଆଗାମୀ ବର୍ଷଗୁଡ଼ିକରେ ଏହି ପ୍ରୟାସଗୁଡ଼ିକୁ ଜାରି ରଖିବା ପାଇଁ ଏହାର ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦେଶ କରିଛି। ଯାଜପୁରର କଳିଙ୍ଗନଗରରେ ଅବସ୍ଥିତ, ଜିନ୍ଦଲ ଷ୍ଟେନଲେସ୍ ଏହାର ସଂରଚିତ ସିଏସଆର କାର୍ଯ୍ୟକ୍ରମ ମାଧ୍ୟମରେ ସମ୍ପ୍ରଦାୟ ବିକାଶ ଏବଂ ପରିବେଶ ସୁରକ୍ଷାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଛି। ଏହି ପଦକ୍ଷେପଗୁଡ଼ିକ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରି, ନିଯୁକ୍ତି କ୍ଷମତା ବୃଦ୍ଧିକରି ଏବଂ ପରିବେଶ ସଂରକ୍ଷଣକୁ ସମର୍ଥନ କରି ସ୍ଥାନୀୟ ସମ୍ପ୍ରଦାୟଗୁଡ଼ିକୁ ସକାରାତ୍ମକ ଭାବରେ ପ୍ରଭାବିତ କରିଛି, ଯାହାଦ୍ୱାରା ଆଞ୍ଚଳିକ ଏବଂ ସାମାଜିକ ବିକାଶରେ ଅର୍ଥପୂର୍ଣ୍ଣ ଯୋଗଦାନ ଦେଇଛି।

# ଜିଲ୍ଲାସ୍ତରୀୟ ସ୍କାଉଟ ଓ ଗାଇଡ୍ କ୍ୟାମ୍ପୋରୀ ଉଦ୍‌ଘାଟିତ



ଚୌଦ୍ୱାର,(ପିପିଏସ୍): ସ୍ଥାନୀୟ ପିଏମ୍‌ଶ୍ରୀ ଓଟିଏମ୍ ସରକାରୀ ହାଇସ୍କୁଲରେ କଟକ ଜିଲ୍ଲାସ୍ତରୀୟ ଭାରତ ସ୍କାଉଟସ୍ ଆଣ୍ଡ ଗାଇଡ୍‌ସ୍ କ୍ୟାମ୍ପୋରୀ ଉଦ୍‌ଘାଟିତ ହୋଇ ଯାଇଛି। ସ୍କାଉଟସ୍ କମିଶନର ଅଶୋକ ମହାପାତ୍ରଙ୍କ ପୌରୋହିତ୍ୟର ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଜିଲ୍ଲା ଶିକ୍ଷାଧିକାରୀ ନିତ୍ୟାନନ୍ଦ ବାରିକ ଓ ଜାଇୟର୍ସ ଗ୍ରୁପ୍ ଅଫ ଇନ୍‌ଷ୍ଟିଚ୍ୟୁଟର ନିର୍ଦ୍ଦେଶକ ପ୍ରଭୁ ଚରଣ ମହାନ୍ତି ଅତିଥି ଭାବେ ଯୋଗଦେଇ ସ୍କାଉଟ ଓ ଗାଇଡ଼ର ଲକ୍ଷ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରି ସାମ୍ପ୍ରତିକ ସମାଜ ପ୍ରତି କ୍ୟାଡେଟ ମାନଙ୍କର ଦାୟିତ୍ୱବୋଧ ଓ କର୍ତ୍ତବ୍ୟ ସମ୍ପର୍କରେ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟାଙ୍ଗୀ-ଚୌଦ୍ୱାର ମଣ୍ଡଳ ଶିକ୍ଷାଧିକାରୀ ପ୍ରଭାତ କୁମାର ନାୟକ, ଡିଓସି ପ୍ରଦୀପ୍ତ କୁମାର ମହାନ୍ତି, ଡିଟିସି ସରୋଜିନୀ ସାହୁ, ଓଟିଏମ୍ ହାଇସ୍କୁଲ ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଟାଙ୍ଗୀ- ଚୌଦ୍ୱାର ମଣ୍ଡଳ ଜିଲ୍ଲା ଶାରିରୀକ ଶିକ୍ଷାଧିକାରୀ ସୌଦାମିନୀ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ଅଶୋକ କୁମାର ଧଳ ସ୍ୱାଗତ ଭାଷଣ ଓ ନିରୂପମା ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଗୁରୁବାର ଦିନରୁ ଆରମ୍ଭ ହୋଇଥିବା ଏହି ତ୍ରିଦିବସୀୟ କ୍ୟାମ୍ପୋରୀରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ୮ଶହରୁ ଉର୍ଦ୍ଧ୍ୱ ସ୍କାଉଟସ୍, ଗାଇଡ଼ସ୍, ସ୍କାଉଟ ମାଷ୍ଟର ଗାଇଡ଼ କ୍ୟାପ୍ଟେନ୍, ରୋଭର ଓ ରେଞ୍ଜର ଅଂଶ ଗ୍ରହଣ କରିଛନ୍ତି। କନ୍ହେଇପୁର ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ମେଘମାଳା ବିଶ୍ୱାଳ ଓ ନିଗମାନନ୍ଦ ବାଳିକା ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା ପ୍ରଧାନ କ୍ୟାମ୍ପ ପରିଚାଳନା କରିଥିଲେ।

### ଆୟବା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଉଡିନି ଜାତୀୟ ପତକା

# ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ

କେନ୍ଦ୍ରାପଡ଼ା, (ପିପିଏସ୍): କେନ୍ଦ୍ରାପଡା ତହସିଲ ଅଧିନ ଆୟବା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ସାଧାରଣତନ୍ତ୍ର ଦିବସ ପାଳନ ହୋଇନାହିଁ କି ଜାତୀୟ ପତାକା ଉଡିନାହିଁ। ସରକାର ସମସ୍ତ ସରକାରୀ କାର୍ଯ୍ୟାଳୟରେ ସାଧାରଣତନ୍ତ୍ର ଦିବସ ପାଳନ ହେବ ବୋଲି ନିର୍ଦ୍ଦେଶ ଦେଇଥିବା ବେଳେ ସେହି ନିର୍ଦ୍ଦେଶ ଏଠାରେ ପାଳନ ହୋଇନଥିବା ଅଭିଯୋଗ ହୋଇଛି। ଏନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ ସେଦିନ ଆୟବା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟର ଗେଟ ଖୋଲାଯାଇନନାହିଁ କି ସାଧାରଣତନ୍ତ୍ର ଦିବସ ପାଳନ ହୋଇନାହିଁ। ଜାତୀୟ ପତାକା ମଧ ଉତ୍ତୋଳନ ହୋଇନଥିବା ସମ୍ପର୍କରେ ସ୍ଥାନୀୟ ଅଧିବାସୀମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ବୁଦ୍ଧିଜିବୀଙ୍କ ମହଲରେ ତୀବ୍ର ପ୍ରତିକ୍ରୀୟା ପ୍ରକାଶ ପାଇଛି। ସୁମନ୍ତ ରାଉତ, ଭାସ୍କର ସାହୁ, ରାଜିବ ସ୍ୱାଇଁ, ସୁକାନ୍ତ ପ୍ରଧାନ, ରାମଚନ୍ଦ୍ର ସାହୁ ଓ ସୁଧାକର ନାୟକ ପ୍ରମୁଖ ଏନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି। ରାଜସ୍ୱ ନିରୀକ୍ଷକଙ୍କୁ ଯୋଗାଯୋଗ କରାଯାଇଥିଲେବି ତାହା ସମ୍ଭବ ହୋଇପାରିନି। ଏସମ୍ପର୍କରେ କେନ୍ଦ୍ରାପଡା ତହସିଲଦାର କୁଇନି ଜେନାଙ୍କୁ ପଚାରିବାରେ ସେ କହିଥିଲେ ଯେ ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ମହିଳାଙ୍କ ମୃତ୍ୟୁ: ହତ୍ୟା ଅଭିଯୋଗ ଆଣିଲେ ବାପଘର ଲୋକେ



ଧାମନଗର (ପିପିଏସ): ଧାମନଗର ଥାନା ଅନ୍ତର୍ଗତ ଗୁହାଳିଆ ଗ୍ରାମରେ ଜଣେ ବିବାହିତା ମହିଳାଙ୍କ ଶବ ପାଇଖାନା ଘରେ ଝୁଲନ୍ତା ଅବସ୍ଥାରେ ମିଳିଛି। ଘଟଣାରୁ ଯାହା ଜଣାଯାଏ ଭଗବାନପୁର ପଞ୍ଚାୟତ ଜୟକୃଷ୍ଣପୁର (ଚନ୍ଦେଶ୍ୱର) ଗ୍ରାମର ସ୍ୱର୍ଗତ ଅନନ୍ତ ଚରଣ ଖଟୁଆଙ୍କ ଝିଅ ରଞ୍ଜିତା ଖଟୁଆ (୨୬) ନିର୍ଗୁଣ୍ଡି ପଞ୍ଚାୟତ ଗୁହାଳିଆ ଗ୍ରାମର ଶ୍ରୀଧର ରାଉତଙ୍କ ପୁଅ ଅକ୍ଷୟ ରାଉତ (୨୮) ଙ୍କୁ ପ୍ରାୟ ୩ ବର୍ଷ ତଳେ ବିବାହ କରିଥିଲେ। ଅକ୍ଷୟ ଭୁବନେଶ୍ୱରରେ ଏକ ଔଷଧ ଦୋକାନ କରି ଭଲ ଦୁଇ ପଇସା ରୋଜଗାର କରନ୍ତି। ଘରେ ସ୍ତ୍ରୀ ରଞ୍ଜିତା ଶାଶୁ, ଶ୍ୱଶୁର ଓ ନିଜର ଏକ ବର୍ଷର ଝିଅ ଶ୍ରଦ୍ଧାଞ୍ଜଳୀ ସହ ସୁଖରେ ରୁହନ୍ତି। ଗତ ୨୮ ତାରିଖ ବୁଧବାର ଝିଅର ପ୍ରଥମ ବାର୍ଷିକ ଜନ୍ମଦିନ ପାଳନ ପାଇଁ ଅକ୍ଷୟ ଘରକୁ ଆସିଥିଲେ। ସନ୍ଧ୍ୟାରେ ବେଶ ଧୁମ ଧାମରେ ଝିଅ ଶ୍ରଦ୍ଧାଞ୍ଜଳୀର ଜନ୍ମ ଦିନ ପାଳନ ହେଲା। ଶୁକ୍ରବାର ସକାଳେ ଅକ୍ଷୟ ଭୁବନେଶ୍ୱର ପଳାଇ ଆସିଲେ। ଝିଅକୁ ସାଥିରେ ଧରି ତା'ର ଜେଜେମା କାଞ୍ଚନ ରାଉତ ଗୁହଳିଆ ଛକରେ ଅରୁପାନନ୍ଦ ବସରେ ସକାଳ ପ୍ରାୟ ୮ଟା ବେଳେ ଅଭୟକୁ ବାଟୋଇ ଦେଲେ। ଛକରୁ ଘରକୁ ଯାଇ ବୋହୂ ରଞ୍ଜିତା ଆତ୍ମହତ୍ୟା କରିଥିବା ଦେଖିବାକୁ ପାଇଲେ। ସଙ୍ଗେସଙ୍ଗେ ପାଖ ବିଲରେ ପାଣି ମଡାଉଥିବା ଅଭୟଙ୍କ ବାପା ଶ୍ରୀଧରଙ୍କୁ ଡାକିଥିଲେ। ପରେ ଶ୍ରୀଧର ପାଖ ପଡୋଶୀଙ୍କ ସାହାଯ୍ୟରେ ରଞ୍ଜିତାଙ୍କୁ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। କର୍ତ୍ତବ୍ୟରେ ଥିବା ଡାକ୍ତର ରଞ୍ଜିତାଙ୍କୁ ମୃତ ଘୋଷଣା କରିଥିଲେ। ଡାକ୍ତରଙ୍କ ଠାରୁ ଖବର ପାଇ ଧାମନଗର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରିଥିଲେ। ଖବର ପ୍ରସାରିତ ପରେ ଉଭୟ ପଟର ବହୁ ଲୋକ ଡାକ୍ତରଖାନାରେ ପହଞ୍ଚି ଥିଲେ। ଏପଟେ ରଞ୍ଜିତାଙ୍କ ପରିବାର ଲୋକେ ଧାମନଗର ଥାନାରେ ତାଙ୍କ ଝିଅକୁ ଶ୍ୱଶୁର ଘର ଲୋକେ ବାରମ୍ବାର ଶାରିରିକ ଓ ମାନସିକ ନିର୍ଯ୍ୟାତନା ଦିଅନ୍ତି। ଆଜି ଶୁକ୍ରବାର ସକାଳେ ରଞ୍ଜିତାଙ୍କୁ ଶ୍ୱଶୁର, ଶାଶୁ ଓ ତାଙ୍କ ସ୍ୱାମୀ ମିଶି ମାରିଦେଇଥିବା ନେଇ ଲିଖିତ ଅଭିଯୋଗ କରିଥିଲେ। ମୃତା ରଞ୍ଜିତାଙ୍କ ଦାଦା ଓ ଭାଇ ଲମ୍ବୋଦର ଖଟୁଆଙ୍କ ଠାରୁ ଅଭିଯୋଗ ପାଇ ଥାନା ଆଇଆଇସି ରଞ୍ଜନ କୁମାର ସେଠୀଙ୍କ ନିର୍ଦ୍ଦେଶରେ ଏସଆଇ ରଶ୍ମିତା ମଲ୍ଲିକ ଶବକୁ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ଥାନା କେସ ନଂ ୦୧/୨୬ରେ ଉପରୋକ୍ତ ୩ ଜଣଙ୍କ ନାମରେ ହତ୍ୟା ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ଜଣା ଯାଇଛି।

# ଗୁଳନଗର ଗ୍ରାମରେ ଶାରଳା ମେଳା



କେନ୍ଦ୍ରାପଡା, (ପିପିଏସ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଗୁଳନଗର ପଞ୍ଚାୟତ ବୁଢାଗୋବିନ୍ଦ ମନ୍ଦିର ପରିସରରେ ଦେବାଶିଷ କୁବେରଙ୍କ ତତ୍ତ୍ୱାବଧାନରେ ବିଶଂତମ ବାର୍ଷିକ ଶାରଳା ମେଳା ଅନୁଷ୍ଠିତ ହୋଯାଇଛି । ଗତ ଗୁରୁବାର ଦିନ ସକାଳେ ମା' ଶାରଳାଙ୍କ ପାଖକୁ ଶ୍ରୀ କୁବେର ଯାଇ ଆଜ୍ଞାମାଳ ଆଣିଥିଲେ । ଆଜ୍ଞାମାଳ ଆସିବା ପରେ ଗୋବରୀ ଘାଟରୁ ଭକ୍ତମାନେ କଳସରେ ପାଣିଆଣିବା ପରେ ଘଟ ସ୍ଥାପନ କରାଯାଇ ପୂଜାଅର୍ଚ୍ଚନା କରାଯାଇଥିଲା। ଏହି ଉପଲକ୍ଷେ ବଳଦେବଜୀୟୁ ଭଜନସନ୍ଧ୍ୟା ପକ୍ଷରୁ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା । ପତିତପାବନ ନାୟକ ଏହି ମେଳାରେ କର୍ତ୍ତା ଭାବେ ପୂଜା ଅର୍ଚ୍ଚନା କରିଥିଲେ । ଏହି ମେଳାକୁ ଦିଲ୍ଲୀପ ରଥ, ପ୍ରଶନ୍ନ ପଣ୍ଡା,ଶିବୁ ନନା ପ୍ରମୁଖ ପୂଜା ପରିଚାଳନା କରିଥିଲେ । ମନୋରଞ୍ଜନ ନାୟକ, ଛବି ସାହୁ, ନଳିନୀ କାନ୍ତ ସାହୁ, ନରେନ୍ଦ୍ର ପାତ୍ର, ନଟବର ସାହୁ, ଭୁବନମୋହନ କର, ନାରାୟଣ ସାହୁ ଓ ରିଙ୍କୁ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ସହଯୋଗ କରିଥିଲେ । ଏହି ମହୋତ୍ସବରେ ପଞ୍ଚାୟତର ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ ।

# ଜାତୀୟ ସଡ଼କ ସୁରକ୍ଷା ମାସ ଉଦ୍‌ଯାପନୀ ଉତ୍ସବ

କେନ୍ଦ୍ରାପଡ଼ା, (ପିପିଏସ୍): ଚଳିତ ମାସ ୧ ତାରିଖରୁ ଆରମ୍ଭ ହୋଇଥିବା ସଡ଼କ ସୁରକ୍ଷା ସମ୍ପର୍କିତ ସଚେନତା କାର୍ଯ୍ୟକ୍ରମ ଆଜି ଉଦଯାପିତ ହୋଇଯାଇଛି। ଏହି ମାସେ ବ୍ୟାପି ସଡକ ସୁରକ୍ଷା ସମ୍ପର୍କିତ ବିଭିନ୍ନ ସଚେତନତା ଶିବିର, ଆଖି ପରୀକ୍ଷା ଶିବିର, ରକ୍ତଦାନ ଶିବିର,କର୍ମଶାଳା, ଲୋକନୃତ୍ୟ ଆୟୋଜନ ସହିତ ବିଭିନ୍ନ ସ୍କୁଲ ଏବଂ କଲେଜ ମାନଙ୍କରେ ପ୍ରତିଯୋଗିତାମାନ ଆୟୋଜିତ ହୋଇଥିଲା। ଆଜି ସ୍ଥାନୀୟ ସଂସ୍କୃତି ଭବନଠାରେ ଅନୁଷ୍ଠିତ ଉଦଯାପନି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ରଘୁରାମ ଆର ଆୟର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁଧାକର ସାହୁ ଏବଂ ପ୍ରଭାତ ବିଶ୍ୱାଳ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଜ୍ୟୋତିରଞ୍ଜନ ଗୌଡ଼, ଆଞ୍ଚଳିକ ପରିବହନ ଅଧିକାରୀ ଲୋକନାଥ ମେହେର, ଆନ୍ତର୍ଜାତୀୟ ସାଇକେଲ ଆରୋହୀ ସନ୍ତୋଷ ମିଶ୍ର ପ୍ରମୁଖ ମଂଚାସୀନ ଥିଲେ। କାର୍ଯ୍ୟକ୍ରମରେ ଜୀବନ ରକ୍ଷା ଏବଂ ସଡ଼କ ସୁରକ୍ଷା ସଚେତନତାକୁ ପ୍ରୋତ୍ସାହିତ କରିବାରେ ଅନୁକରଣୀୟ ଏବଂ ନିସ୍ୱାର୍ଥପର ସେବା ପାଇଁ ଛଅ(୦୬) ଜଣଙ୍କୁ ସାମାରିଟାନରେ ସମ୍ମାନରେ ସମ୍ମାନିତ କରାଯାଇଛି। ଏହା ବ୍ୟତୀତ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରଦର୍ଶିତ ସଡ଼କ ସୁରକ୍ଷା ଉପରେ ଏକ ନୁକ୍କଡ଼ ନାଟକ ମାଧ୍ୟମରେ ସଚେତନ କରିଥିଲେ। ନାଗରିକମାନଙ୍କ ମଧ୍ୟରେ ସଚେତନତା ପ୍ରସାର ଏବଂ ଦାୟିତ୍ୱପୂର୍ଣ୍ଣ ସଡ଼କ ଆଚରଣକୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ମାସେ ବ୍ୟାପି ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। ପ୍ରକାଶଥାଉ କି ଆଜି ସକାଳେ ତିନିମୁହାଁଣୀ ରାମମନ୍ଦିର ଠାରୁ ସଂସ୍କୃତି ଭବନ ପର୍ଯ୍ୟନ୍ତ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ଶେଷରେ ମୋଟର ଯାନ ନିରୀକ୍ଷକ କାଜଲ ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମହିଳାଙ୍କ ପାଇଁ ଆଧାତ୍ମିକ କାର୍ଯ୍ୟକ୍ରମ 'ଶକ୍ତି ରୂପେଣ ସଂସ୍ଥିତା'



କେନ୍ଦ୍ରାପଡ଼ା, (ପିପିଏସ୍): ଗରାପୁରସ୍ଥିତ ଦିବ୍ୟଜୀବନ ସଙ୍ଘ ଶିବାନନ୍ଦ ଆଶ୍ରମରେ ମହିଳାମାନଙ୍କ ପାଇଁ ଆଧାତ୍ମିକ କାର୍ଯ୍ୟକ୍ରମ "ଶକ୍ତି ରୂପେଣ ସଂସ୍ଥିତା" ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଶ୍ରମର ଅଧକ୍ଷା ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ ଅଧକ୍ଷତା କରି ଅଶୀର୍ବଚନ ପ୍ରଦାନ କରିଥିଲେ। ଏହି ଉତ୍ସବରେ ଏସ.ଲକ୍ଷ୍ମୀ ଆୟାର ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ ବର୍ତ୍ତମାନ ମନୁଷ୍ୟ ଭୋଗବିଳାଷରେ ବୁଡିରହି ଜୀବନର ପ୍ରକୃତ ମୂଲ୍ୟବୋଧକୁ ଭୁଲିଯାଇଛି। ଏହିଭଳି କାର୍ଯ୍ୟକ୍ରମ ମାଧ୍ୟମରେ ମନୁଷ୍ୟ କେଉଁ ଉଦେଶ୍ୟ ଓ ଲକ୍ଷ୍ୟ ରଖି ଧରାପୃଷ୍ଟକୁ ଆସିଛି ତାହା ହୃଦୟଙ୍ଗମ କରିପାରିବ। ଫଳରେ ମନୁଷ୍ୟ ମୁକ୍ତିପଥର ପଥିକ ହୋଇପାରିବ ବୋଲି ସେ କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବରେ ଗୁଳନଗର ସରପଞ୍ଚ ସନ୍ଧ୍ୟାରାଣୀ ସାହୁ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଗୀତା, ଭାଗବତ ଓ ଲକ୍ଷ୍ମୀପୁରାଣ ଉପରେ ଉପସ୍ଥିତ ଶତାଧିକ ମା'ମାନଙ୍କ ମଧ୍ୟରେ ଆଧାତ୍ମିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତି ପ୍ରତିଯୋଗୀମାନଙ୍କୁ ଟ୍ରଫି ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଥିଲା। ଏହି ପ୍ରତିଯୋଗିତାକୁ ବରିଷ୍ଠ ସାମ୍ବାଦିକ ସଚ୍ଚିକାନ୍ତ ନାଥ ସଂଯୋଜନା କରିଥିଲେ। ଏଥିସହିତ କଲ୍ୟାଣକାରୀ ବିଷ୍ଣୁ ମହାଯଜ୍ଞ ଅବସରରେ ଆଶ୍ରମ ପକ୍ଷରୁ ଶ୍ରୀବଳଦେବଜୀଉଙ୍କ ସେବାୟତମାନଙ୍କୁ ଭବ୍ୟ ସେବାପୂଜନ କରାଯାଇଥିଲା। ଶେଷରେ ବ୍ରହ୍ମଚାରୀ ନୃସିଂହ ନାଥ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ ଗାୟତ୍ରୀ ମହାନ୍ତି, ରିତାଞ୍ଜଳୀ ନାଥ, ଶ୍ରୀଧର ରାଉତ, ପୁନମ ନାୟକ, ଦେବେନ୍ଦ୍ର ସାମନ୍ତ, ପ୍ରମୋଦ ଦାସ, ନିରଞ୍ଜନ ରାଉତଙ୍କ ସମେତ କେନ୍ଦ୍ରାପଡା, ଜଗତସିଂହପୁର ଓ ଯାଜପୁର ଜିଲ୍ଲାର ଶତାଧିକ ସଂଖ୍ୟାରେ ମା'ମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# ବେତାଳିଗାଁ ବଜାର ଏବଂ ଗାନ୍ଧୀଘାଟଠାରେ ସାର୍ବଜନୀନ ଗାନ୍ଧୀମେଳା

ଧୂଷୁରୀ, (ପିପିଏସ): ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଅନ୍ତର୍ଗତ ପୂନ୍ୟତୋୟା ବୈତରଣୀ, କୋଚିଳା ଓ ସରସ୍ୱତୀ ନଦୀର ସଙ୍ଗମ ସ୍ଥଳ ସାଆଁଳପୁର ଗାନ୍ଧୀଘାଟ ଶାସନ ଠାରେ ଗାନ୍ଧୀ ସ୍ମୃତି କମିଟି ଆନୁକୂଲ୍ୟରେ ମହାମାନବ ମହାତ୍ମା ଗାନ୍ଧୀଙ୍କର ୭୯ ତମ ଶ୍ରାଦ୍ଧ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି ।ସକାଳ ୬:୩୦ ରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ନିକଟରେ ରମାକାନ୍ତ ପତ୍ରୀଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ହୋଇଥିଲା। ୭ ଘଟିକାରେ ପ୍ରଭାତ ଫେରି ଏବଂ ପରେ ଲକ୍ଷ୍ମଣ ପତି ଓ ଗାନ୍ଧୀଘାଟ ଯୁବକ ସଂଘର ସଦସ୍ୟ ମାନଙ୍କ ଦ୍ୱାରା ଗ୍ରାମ ସଫେଇ କାର୍ଯ୍ୟକ୍ରମ ହୋଇଥିଲା ।ସକାଳ ୯ ଘଟିକାରେ ମାନ୍ୟବର ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତ୍ତ ଏବଂ ଧାମନଗର ବି ଡି ଓ ବନବିହାରୀ ଦିନ୍ଦା ଙ୍କ ଉପସ୍ଥିତିରେ ତ୍ରିବେଣୀ ସଙ୍ଗମରେ ବାପୁଜୀଙ୍କର ତିଳ ତର୍ପଣ କରାଯିବା ପରେ ଜାତୀୟ ପତାକା ଉତ୍ତୋଳନ ହୋଇଥିଲା.ଅନ୍ୟ ମାନଙ୍କ ମଧରେ ସନମାନିତ ଅତିଥି ଭାବେ ପାଳସାହି ସରପଞ୍ଚ ଅଜୟ ମଲ୍ଲିକ, ପୂର୍ବତନ ସରପଞ୍ଚ ସୁଶାନ୍ତ ନାୟକ, ସମାଜସେବୀ ରଞ୍ଜନ ମହାନ୍ତି, ସମାଜସେବୀ ପୁରୁଷୋତ୍ତମ ପାଣିଗ୍ରାହୀ ଉପସ୍ଥିତ ଥିଲେ. ଧ୍ୱଜା ପରିଚାଳନା କରିଥିଲେ ଗାନ୍ଧୀ ସ୍ମୃତି କମିଟିର ଉପସଭାପତି ଭାଗିରଥି ମହାନ୍ତି, ଗୀତା ପାଠ କରିଥିଲେ ପଣ୍ଡିତ ପଞ୍ଚାନନ ମିଶ୍ର, ପୁରୋହିତ ଥିଲେ ବିଦ୍ୟାଧର ପତି। ଏହି ତିଳ ତର୍ପଣ ଏବଂ ପତାକା ଉତ୍ତୋଳନ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ଅଞ୍ଚଳର ସମସ୍ତ ବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା, ଶିକ୍ଷକ, ଶିକ୍ଷୟିତ୍ରୀ ବୃନ୍ଦ। ଅପରାହ୍ନ ୩ ଘଟିକାରେ ଗାନ୍ଧୀ ସ୍ମୃତି କମିଟିର କାର୍ଯ୍ୟକାରୀ ସଭାପତି ଅଧ୍ୟାପକ ରବିନ୍ଦ୍ର କୁମାର ବେହୁରିଆଙ୍କ ସଂଚାଳନାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ ପୂର୍ବତନ ଅଧକ୍ଷ ପ୍ରଫେସର ଡ. ରାମଚନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥିଭାବେ ଓଡିଶା ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଅଧିବକ୍ତା ଦେବାଶିଷ ସାମଲ, ଗାନ୍ଧୀଘାଟ ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ ବିମଳ କୁମାର ବେହେରା, ଜିଲ୍ଲା ଭାଜପା ଉପସଭାପତି ଚତୁର୍ଭୁଜ ନାୟକ, ଧୂଷୁରୀ ମଣ୍ଡଳ ଭାଜପା ସଭାପତି ଅନିରୁଦ୍ଧ ସାହୁ ପ୍ରମୁଖ। ମୁଖ୍ୟ ବକ୍ତାଭାବେ ପୂର୍ବତନ ଅଧକ୍ଷ ପ୍ରଧାପକ ପ୍ରମୋଦ କୁମାର ଦାସ, ସନମାନିତ ବକ୍ତାଭାବେ ମାନ୍ୟବର ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ କୁମାର ପୁହାଣ, ମାନ୍ୟବର ସାଂସଦଙ୍କ ପ୍ରତିନିଧି ମନୋଜ କୁମାର ମଲ୍ଲିକ, କବି ତଥା ସମାଜସେବୀ ରାମଚନ୍ଦ୍ର ମିଶ୍ର ପ୍ରମୁଖ. ସମ୍ପାଦକୀୟ ବିବରଣୀ ପାଠ କରିଥିଲେ ଗାନ୍ଧୀ ସ୍ମୃତି କମିଟିର ସାଧାରଣ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ପଣ୍ଡା। ଧନ୍ୟବାଦ ଅର୍ପଣ କରିଥିଲେ ଗାନ୍ଧୀ ସ୍ମୃତି କମିଟିର ଯୁଗ୍ମ ସମ୍ପାଦକ ନିରୋଦ କୁମାର ବେହେରା ।ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ଗାନ୍ଧୀ ସ୍ମୃତି କମିଟିର ସମସ୍ତ ସଦସ୍ୟ, ଗାନ୍ଧୀଘାଟ ଯୁବକ ସଂଘର ସମସ୍ତ ସଦସ୍ୟ, ସ୍ଥାନୀୟ ଜନସାଧାରଣ ଏବଂ ଗ୍ରାମବାସୀ ବୃନ୍ଦ।

ସେହିପରି ପାଳସାହି ପଞ୍ଚାୟତର ବେତାଳିଗାଁ ବଜାରରେ ଥିବା ଗାନ୍ଧୀ ସ୍ମୃତି ମଣ୍ଡପ ପରିସରରେ ସାର୍ବଜନୀନ ଗାନ୍ଧୀମେଳା କମିଟି ତରଫରୁ ଗାନ୍ଧୀ ମେଳା ଏବଂ କୃଷି ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ୧୯୭୬ ମସିହାରୁ ସ୍ଥାପିତ ହୋଇଥିବା ଏହି ସାର୍ବଜନୀନ ଗାନ୍ଧୀମେଳା ଏଥର ୫୦ ବର୍ଷ ପୂର୍ତ୍ତି ମହାସମାରୋହରେ ପାଳିତ ହୋଇଛି ।ସାର୍ବଜନୀନ ଗାନ୍ଧୀମେଳା କମିଟିର ସଭାପତି ସରପଞ୍ଚ ଅଜୟ ମଲିକ, ସମ୍ପାଦକ ନିମାଇଁ ଚରଣ ବାରିକ ଏବଂ କମିଟିର ସମସ୍ତ ସଦସ୍ୟ ଓ ବେତାଳିଗାଁ ବଜାର କମିଟି, ସ୍ଥାନୀୟ ସମାଜସେବୀ, ବୁଦ୍ଧିଜୀବୀ ଏବଂ ରାଜନେତାର ସହଯୋଗରେ ଏହି ମେଳା ମହା ସମାରୋହରେ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବ ଅବସରରେ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ ଏବଂ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ସେହିପରି ସ୍ଥାନୀୟ ଅଞ୍ଚଳ ପାଳସାହି, କୁଳସାହି, ବେତାଳିଗାଁ, ସାହୁସାହୁ, ଗଡ଼ଗଡି, ତୋଟାସାହି, ରଇପୁର ଗ୍ରାମର କୃଷକ ମାନଙ୍କୁ ନେଇ କୃଷି ମେଳା ତଥା କୃଷି ଜାତ ଦ୍ରବ୍ୟକୁ ନେଇ ଏକ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଥିଲା ଏବଂ ଉନ୍ନତ ମାନର ଚାଷ କରିଥିବା କୃଷକ ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା.ଏହି ମେଳା ତଥା ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ହେଉଥିବା ପ୍ରତିଯୋଗିତାକୁ ସଂଚାଳନା କରିଥିଲେ ବାବାମଣୀ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ଡ଼. ନିକୁଞ୍ଜ କିଶୋର ଜେନା। ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ଗାନ୍ଧୀମେଳା କମିଟିର ସମସ୍ତ ସଦସ୍ୟ ଏବଂ ସ୍ଥାନୀୟ ଜନସାଧାରଣ ବୃନ୍ଦ।

# ୟୁସିପି ଇଞ୍ଜିନିୟରିଂ ସ୍କୁଲର ବାୟୋଟେକ୍ନୋଲୋଜି ବିଭାଗର ଶତ ପ୍ରତିଶତ ନିଯୁକ୍ତି ସଫଳତା

ବ୍ରହ୍ମପୁର,(ପିପିଏସ୍): ଉମାଚରଣ ପଟ୍ଟନାୟକ ଇଞ୍ଜିନିୟରିଂ ସ୍କୁଲ ୟୁସିପିଇଏସ୍ ବ୍ରହ୍ମପୁରର ବାୟୋଟେକ୍ନୋଲୋଜି ବିଭାଗ ଚଳିତ ଶିକ୍ଷାବର୍ଷରେ ପ୍ରାୟ ୧୦୦ ପ୍ରତିଶତ ନିଯୁକ୍ତି ସଫଳତା ହାସଲ କରିଛି, ଯାହା ଛାତ୍ରଛାତ୍ରୀମାନଙ୍କର ଶିକ୍ଷାଗତ ଦକ୍ଷତା ଓ ଶିଳ୍ପ ଯୋଗ୍ୟତାକୁ ପ୍ରମାଣିତ କରେ।

୨୮ ଜାନୁଆରୀ ୨୦୨୬ରେ ବେଙ୍ଗାଲୁରୁ ଭିତ୍ତିକ ଜୁବିଲାଣ୍ଟ ଫୁଡ୍ ?ୱାର୍କସ୍ ? ଲିମିଟେଡ୍ ଦ୍ୱାରା ବାୟୋଟେକ୍ନୋଲୋଜି ଛାତ୍ରଛାତ୍ରୀମାନଙ୍କ ପାଇଁ କ୍ୟାମ୍ପସ୍ ନିଯୁକ୍ତି ଅଭିଯାନ ଆୟୋଜିତ ହୋଇଥିଲା। ଏହି ଅଭିଯାନରେ ୧୫ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିବାବେଳେ ସମସ୍ତ ୧୫ଜଣ ଇଣ୍ଟରଭ୍ୟୁରେ ସଫଳ ହୋଇ ନିଯୁକ୍ତି ପତ୍ର ପ୍ରାପ୍ତ କରିଛନ୍ତି। ଜୁବିଲାଣ୍ଟ ଫୁଡ୍ ?ୱାର୍କସ୍ ? ଲିମିଟେଡ ଭାରତର ସର୍ବବୃହତ ଫୁଡ୍ ସର୍ଭିସ୍ କମ୍ପାନୀ, ଯାହା ଡୋମିନୋଜ୍ ପିଜା, ଡଙ୍କିନ୍ ଏବଂ ହଂଙ୍ଗ କିଚେନ୍ ଭଳି ବ୍ରାଣ୍ଡ ଗୁଡ଼ିକୁ ପରିଚାଳନା କରୁଛି।

## କଳାଗୁଡା ଜଙ୍ଗଲରେ ଅବକାରୀ ଚଢ଼ଉ

ଜୟପୁର, (ହି.ସ.):ଜୟପୁର ସଦର ଥାନା ଅନ୍ତର୍ଗତ କଳାଗୁଡା ଜଙ୍ଗଲରେ ଅବକାରି ଚଢାଉ ହୋଇଛି । ଦେଶି ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ସୂଚନା ପାଇ ଜୟପୁର ଅବକାରି ଥାନା ଚଢାଉ କରିଛି । ଚଢାଉ ସୂଚନା ପାଇ ମଦ ମାଫିଆ ମାନେ ଚମ୍ପଟ ମାରିଥିବା ବେଳେ ଅବକାରି ବିଭାଗ ବହୁ ମଦ ଭାଟି ଭାଙ୍ଗିବା ସହ ୨୨ ଶହ ଲିଟର ପୋଚ ଓ ୨୩୦ ଲିଟର ଦେଶି ମଦ ଜବତ କରି ନଷ୍ଟ କରିଛି । ମଦ ରନ୍ଧା ସରଞ୍ଜାମ ଡ୍ରମ ଆଦିକୁ ଜବତ କରିଥିବା ବିଷୟ ଜୟପୁର ଅବକାରି ଥାନା ଓଆଇସି ସୁବ୍ରତ କେଶୋରି ହିରନ ସୁଚନା ଦେଇଛନ୍ତି ।

## ଡାହାଣୀ ସନ୍ଦେହରେ ହତ୍ୟା, ମାତୃହନ୍ତା ପୁଅ ଗିରଫ

ବାରିପଦା, (ହି.ସ.):ଡାହାଣୀ ସନ୍ଦେହରେ ମାଆକୁ ହତ୍ୟା କ୍ଷ ମାତୃହନ୍ତା ପୁଅକୁ ଗିରଫ କରିଛି ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନା ପୋଲିସ । ଅଭିଯୁକ୍ତ ପୁଅ ହେଉଛନ୍ତି ବେତନଟୀ ଥାନା ଅଧିନ କଲରାଫୁଲିଆ ଗ୍ରାମର ତପନ ସିଂ (୪୫) । ସୂଚନା ମୁତାବକ, ଗୁରୁବାର ପୂର୍ବାହ୍ନରେ ତପନର ମାଆ ରାଇମଣି ସିଂ ଘରେ ରୋଷେଇ କାର୍ଯ୍ୟରେ ବ୍ୟସ୍ତ ରହିଥିବା ସମୟରେ ପୁଅ ତପନ ନିଶାଗ୍ରସ୍ତ ଅବସ୍ଥାରେ ଘରକୁ ଫେରି ମାଆ ରାଇମଣୀଙ୍କୁ ମଦ ପିଇବା ପାଇଁ ଟଙ୍କା ମାଗିଥିଲା । ମା ରାଇମଣି ପୁଅ ତପନକୁ ମଦ ନ ପିଇବା ପାଇଁ ବୁଝାଇଥିଲେ ଏବଂ ଏହି ମଦ ପାଇଁ ତାର ସ୍ତ୍ରୀ ଘର ଛାଡ଼ି ବାପ ଘରକୁ ଚାଲି ଗଲା ବୋଲି କହିଥିଲେ । ମାତ୍ର ରାଇମଣିର କଥା ଶୁଣି ପୁଅ ତପନର ରାଗ ମୁଣ୍ଡକୁ ଚଢ଼ି ଯାଇଥିଲା । କ୍ରୋଧରେ ମନ ଭିତରେ ବସାବାନ୍ଧି ରହିଥିବା ରହସ୍ୟ ବାହାରକୁ ଆସିଲା ଏବଂ ତା'ର ମାଆ ରାଇମଣି ଏକ ଡାହାଣୀ । ତା'ର ପିଲା ଜନ୍ମ ହେବା ପରେ ତାକୁ ଖାଇ ଦେଲା । ସେଥିପାଇଁ ସ୍ତ୍ରୀ ଘର ଛାଡ଼ି ପଳାଇଲା ଆଦି ଆରୋପ ଲଗାଇଥିଲା । ଶେଷରେ ସେ ମଦ ପିଇବାକୁ ଯିବ ଟଙ୍କା ଦେବାକୁ ରାଇମଣିକୁ ବାଧ୍ୟ କରିଥିଲା । ମାତ୍ର ମାଆ ରାଇମଣି ମଦ ପିଇବା ପାଇଁ ଟଙ୍କା ଦେବ ନାହିଁ ରୋକଠୋକ ମନା କରିବାରୁ ତପନ ଘର ଭିତରୁ ଏକ କୁରାଢ଼ୀ ଆଣି ମା ରାଇମଣିଙ୍କୁ ଆକ୍ରମଣ କରିଥିଲା । ଏଥିରେ ତା'ର ମୃତ୍ୟୁ ହୋଇଥିଲା । ଖବର ପାଇ ବେତନଟୀ ଥାନା ପୋଲିସ ଘଟଣାସ୍ଥଳରେ ପହଂଚି ଶବ ଓ କୁରାଢ଼ୀକୁ ଜବତ କରିବା ସହ ତପନକୁ ଗିରଫ କରିଛି । ଏଥିସହିତ ଶବକୁ ବ୍ୟବଚ୍ଛେଦ ନିମନ୍ତେ ବାରିପଦା ପିଆରଏମ ମେଡିକାଲକୁ ପଠାଇଛି । ଏହାକୁ ନେଇ ଅଭିଯୁକ୍ତ ତପନ ନାମରେ ଥାନାରେ ଏକ ହତ୍ୟା ମାମଲା ମଧ୍ୟ ରୁଜୁ କରିଛି ।

ଜିଲ୍ଲାସ୍ତରୀୟ ଜଳ ଓ ପରିମଳ ମିଶନ ବୈଠକ : ଶତ ପ୍ରତିଶତ ଶୁଦ୍ଧ

## ପାନୀୟ ଜଳ ଯୋଗାଇ ଦେବା ପାଇଁ ଆହ୍ୱାନ

ନୂଆପଡ଼ା,(ହି.ସ.):ନୂଆପଡା ସ୍ଥିତ ସ୍ଥାନୀୟ ସଭାବନା ଗୃହରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ) ଅଧୀନରେ ୧୪ତମ ଜିଲ୍ଲା ଜଳ ଓ ପରିମଳ ମିଶନ ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲାପାଳ ଜିଲ୍ଲାରେ ଜଳ ଯୋଗାଣ ଓ ପରିମଳ ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମର ଅଗ୍ରଗତି ସମୀକ୍ଷା କରିଥିଲେ । ସେ ଜିଲ୍ଲାର ସମସ୍ତ ବ୍ଲକରେ ସୁଦୃଢ଼ ଓ ସ୍ଥାୟୀ ପାଇପ ସହିତ ସ୍ୱଚ୍ଛ ଜଳ ଯୋଗାଣ ଉଦ୍ୟମକୁ ଅଧିକ ସଶକ୍ତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ସମୀକ୍ଷା ବୈଠକ ଅନୁସାରେ, ମଡେଲ୍ ଓଡ଼ିଏଫ୍ ପ୍ଲସ୍ ଗ୍ରାମ ଲକ୍ଷ୍ୟ ପୂରଣ କ୍ଷେତ୍ରରେ ଜିଲ୍ଲାର ପାଂଚଟି ବ୍ଲକ ମଧ୍ୟରୁ ବୋଡେନ, କୋମନା ଓ ସିନାପାଲି ବ୍ଲକ ଆଜି ସୁଦ୍ଧା ୧୦୦ ପ୍ରତିଶତ ଲକ୍ଷ୍ୟ ହାସଲ କରିଛନ୍ତି । ଖରିଆର ବ୍ଲକ ୯୮.୨୬ ପ୍ରତିଶତ ଓ ନୂଆପଡ଼ା ବ୍ଲକ ୯୯.୩୬ ପ୍ରତିଶତ ଅଗ୍ରଗତି ସହ ଲକ୍ଷ୍ୟ ପୂରଣର ନିକଟତର ହୋଇଛନ୍ତି । ଗୋଷ୍ଠୀ ପରିମଳ କମ୍ପ୍ଲେକ୍ସ, ଆବର୍ଜନା ପରିଚାଳନା, ପରିମଳ କର୍ମଚାରୀ ନିଯୁକ୍ତି, ଠୋସ ଆବର୍ଜନା ପରିଚାଳନା ଗ୍ରେ ୱାଟର୍ ମ୍ୟାନେଜମେଂଟ ଓ ବର୍ତନ ବ୍ୟାଙ୍କ ଭଳି ଉଦ୍ୟମ ଗୁଡ଼ିକରେ ଜିଲ୍ଲାରେ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରାଯାଇଛି ।'ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ମୁକ୍ତ ନୂଆପଡ଼ା' ଅଭିଯାନ ଅଧୀନରେ ୦୫.୦୬.୨୦୨୫ ଠାରୁ ଏପର୍ଯ୍ୟନ୍ତ ବୋଡେନ ବ୍ଲକରୁ ୭୫୪୮ କିଲୋଗ୍ରାମ୍, ଖରିଆର ବ୍ଲକରୁ ୯୨୫୮ କିଲୋଗ୍ରାମ୍, କୋମନା ବ୍ଲକରୁ ୧୫୮୭୦ କିଲୋଗ୍ରାମ୍, ନୂଆପଡ଼ା ବ୍ଲକରୁ ୧୨୨୫୧ କିଲୋଗ୍ରାମ୍ ଓ ସିନାପାଲି ବ୍ଲକରୁ ୧୦୧୦୨ କିଲୋଗ୍ରାମ୍ ପ୍ଲାଷ୍ଟିକ୍ ଆବର୍ଜନା ସଂଗ୍ରହ କରାଯାଇଛି । ଏହି ବୈଠକରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଅଧୀକ୍ଷଣ ଯନ୍ତ୍ରୀ (ଆରଡବ୍ଲ୍ୟୁଏସ୍ ଏଣ୍ଡ୍ ଏସ୍), ନୂଆପଡ଼ା ପ୍ରହଲ୍ଲାଦ ସାହୁ, ଜିଲ୍ଲା ପଂଚାୟତ ଅଧିକାରୀ ଲଛମନ ଓରାମ, ଜିଲ୍ଲା ପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ କ୍ଷମାନିଧି ଭୋଇ, ଡିଏସ୍‌ସି ଜିଲ୍ଲା ପରିଷଦ ଅନିଲ କୁମାର ଲେଙ୍କା, ସମସ୍ତ ବିଡିଓ, ତହସିଲଦାର ଓ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ପାନୀୟ ଜଳ ଭଳି ମୌଳିକ ସୁବିଧାରୁ ବଞ୍ଚିତ ଶିରାଘାଟ ଗ୍ରାମବାସୀ

ଜୟପୁର,(ହି.ସ.): ଗ୍ରୀଷ୍ମ ପୂର୍ବରୁ ପାନୀୟ ଜଳର ଘୋର ଅଭାବ ଦେଖିବାକୁ ମିଳିଛି କ୍ଷ ପାଣି ସମସ୍ୟା ସାଧାରଣ ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଇଛି । ଗାଁ ରେ ପାନୀୟ ଜଳ ଯୋଗାଇଦେବାକୁ ସରକାରଙ୍କ ମାଳମାଳ ଯୋଜନାରେ ଖର୍ଚ୍ଚ ହେଉଛି କୋଟି କୋଟି ଟଙ୍କା । ହେଲେ ତା'ର ସୁଫଳ ପାଇବାରୁ ବଂଚିତ ହେଉଛନ୍ତି ଜନସାଧାରଣ । ଆଜି ବି ଚୁଆ ପାଣି ଉପର ନିର୍ଭର କରୁଛନ୍ତି ଗ୍ରାମବାସୀ କ୍ଷ ଏଭଳି ଏକ ବାସ୍ତବ ଚିତ୍ର କୋରାପୁଟ ଜିଲ୍ଲା ବୈପାରୀଗୁଡ଼ା ବ୍ଲକ ଚିପାକୁର ପଂଚାୟତର ଶିରାଘାଟ ଠାରେ ଦେଖିବାକୁ ମିଳିଛି । ଗ୍ରାମାଚଂଳର ଉନ୍ନତି ହେଲେ ଦେଶର ବିକାଶ ହେବ ବୋଲି ସରକାର କହୁଥିବା ବେଳେ, ଗ୍ରାମାଚଂଳରେ ପାନୀୟ ଜଳ ଭଳି ମୌଳିକ ସୁବିଧା ପାଇବାରୁ ବଂଚିତ ହେଉଛନ୍ତି ଗ୍ରାମବାସୀ । ଯାହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ଶିରାଘାଟ ଗାଁ ରେ ଲୋକେ ପାଣି ମୁନ୍ଦାଏ ପାଇଁ ହନ୍ତସନ୍ତ ହେଉଛନ୍ତି । ଏହି ଗ୍ରାମରେ ୨୫ ପରିବାର ବସବାସ କରନ୍ତି । ହେଲେ ଏଠାରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ସୁବିଧା ନାହିଁ । ପାଂଚ ବର୍ଷ ପୂର୍ବେ ଗୋଟିଏ ନଳକୂପ ଖନନ ହୋଇଛି କିନ୍ତୁ ତାହା ଆରମ୍ଭରୁ ଅଚଳ । କୂଅ ଅଛି କିନ୍ତୁ ପାଣି ନିଅଂଟ । ବାଧ ହୋଇ ଗାଁ ନିକଟରେ ଥିବା ଚୁଆ ପାଣି ଉପରେ ନିର୍ଭର କରନ୍ତି ମହିଳା କ୍ଷ ଚୁଆ ପାଣି ଦୂଷିତ ବୋଲି ଜାଣିଥିଲେ ମଧ୍ୟ ବାଧ ହୋଇ ବ୍ୟବହାର କରୁଥିବା କହିଛନ୍ତି ଗାଁ ର ମହିଳା ସମ୍ବରୀ ଖରା ଏବଂ ଡାଲମି ଖରା କ୍ଷ ଶିରାଘାଟର ପାନୀୟ ଜଳ ସମସ୍ୟାକୁ ନେଇ ଗ୍ରାମବାସୀ ବହୁବାର ଦାବୀ କରିଛନ୍ତି କିନ୍ତୁ ଫଳ ଶୂନ କ୍ଷ ଗାଁ ଲୋକଙ୍କ ଅଭିଯୋଗ ପରେ ଗାଁ ରେ ପାଂଚ ବର୍ଷ ପୂର୍ବେ ନଳକୂପ ଖନନ ହେଲା କିନ୍ତୁ ଆରମ୍ଭରୁ ତାହା ଅଚଳ ଅବସ୍ଥାରେ ପଡି ରହିଛି କ୍ଷ ପୁଣି ଗତ ବର୍ଷ ପ୍ରଶାସନ ପକ୍ଷରୁ ଗାଁରେ ନଳକୂପ ଖନନ ହୋଇଛି କିନ୍ତୁ ପାଣି ବାହାରିଲା ନାହିଁ । ଏବେ ବାଧ ହୋଇ ଚୁଆ ପାଣି ଉପରେ ନିର୍ଭର କରୁଛନ୍ତି ବୋଲି କହିଛନ୍ତି ଗାଁ ର ବଳି ଖରା ଏବଂ ସତ୍ୟ ଖରା । ସେପଟେ ଏହି ସମସ୍ୟାକୁ ନେଇ ସ୍ଥାନୀୟ ସରପଂଚ ରାଜୁ ଖିଲଙ୍କୁ ପଚାରିବାରୁ ସେ କହିଛନ୍ତି, ଏହି ସମସ୍ୟା ବିଷୟରେ ସେ ଅବଗତ ଅଛନ୍ତି । ଗ୍ରାମୀଣ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ ଯନ୍ତ୍ରୀଙ୍କ ସହ ଏନେଇ ଆଲୋଚନା କରାଯାଇଛି, ଚଳିତ ଗ୍ରୀଷ୍ମ ପୂର୍ବରୁ ପାଣି ସମସ୍ୟା ସମାଧାନ ପାଇଁ ଚେଷ୍ଟା କରାଯିବ ।

## ହାତୀପଲଙ୍କ ତାଣ୍ଡବ, ଘର ଭାଙ୍ଗି ଧାନ ଖାଇଗଲେ



ବଣାଇଁଗଡ଼,(ପିପିଏସ): ବଣାଇଁ ବନଖଣ୍ଡର ତାମଡା ବନାଞ୍ଚଳରେ ୧୨ ଟିକିଆ ହାତୀପଲଙ୍କ ଉତ୍ପାତ ଯୋଗୁଁ ଅତିଷ୍ଠ ହୋଇ ପଡ଼ିଛନ୍ତି ୬ଟି ଗ୍ରାମର ଗ୍ରାମବାସୀ । ହାତୀ ଉପଦ୍ରବ ପାଇଁ ଚିନ୍ତାରେ ତାମଡା ବନାଞ୍ଚଳର ବଡ଼ଗାଁ, ଡୁମେରମୁଣ୍ଡା, ନୁନିଆପାଲି, କଣ୍ଟାପାଲି ଗାଁର ଗ୍ରାମବାସୀ । ଦିନରେ ଘଞ୍ଚ ଜଙ୍ଗଲରେ ରହୁଥିବା ବେଳେ ରାତିହେଲେ ଗାଁ ମୁହାଁ ହେଉଛନ୍ତି, ଯାହାକି ଗ୍ରାମବାସୀଙ୍କ ନିଦ ହଜାଇଦେଇଛି । ଏବେ ଧାନ ଅମଳ ସରିଛି, ଆଉ ଅମଳ ଧାନ ଯେଉଁ ଘରେ ରଖା ଯାଇଛି ସେଇ ଘରକୁ ଆସି ଘର ଭାଙ୍ଗି ଧାନକୁ ମଧ୍ୟ ନଷ୍ଟ କରିଦେଉଥିବା ନେଇ ଅଭିଯୋଗ ହୋଇଛି । ରାତି ହେଲେ ଗାଁଗୁଡିକରେ ଭୟର ବାତାବରଣ ସାଙ୍ଗକୁ ଲୋକେ ଅନିଦ୍ରା ହୋଇ ହାତୀ ଉପଦ୍ରବ ଦାଉରୁ ରକ୍ଷା ପାଇବା ପାଇଁ ଅଣ୍ଟା ଭିଡ଼ିଥିଲେ ହେଁ ନିସ୍ତାର ପାଉନାହାନ୍ତି । ଏ ସମ୍ପର୍କରେ ବନବିଭାଗକୁ ପଚାରିଲେ ଅଧିକାରୀମାନେ ଆମର ଦୁଇ ସେକ୍ସନର କର୍ମଚାରୀ ହାତୀକୁ ଟ୍ରାକ କରି ତାଙ୍କୁ ଘଉଡ଼ାଇବାକୁ ଚେଷ୍ଟା ଜାରି ରଖିଥିବା କଥା କହି ଏଡ଼ାଇ ଯାଉଛନ୍ତି । ଫଳରେ ଧାନଚାଷୀ ମାନେ ବହୁତ କ୍ଷତି ସହୁଛନ୍ତି । ସରକାରଙ୍କ ଗାଇଡ ଲାଇନ ଅନୁସାରେ କ୍ଷତିପୂରଣ ଦିଆଯିବ ବୋଲି ବନବିଭାଗର ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ପରେ ମଧ୍ୟ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି ।

## ବାଜପେୟୀଙ୍କ ଜନ୍ମଦିନକୁ 'ସୁଶାସନ ଦିବସ' ଭାବେ ପାଳନ କଲା ବିଜେପି

କେନ୍ଦୁଝର,(ହି.ସ.):ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମଦିବସକୁ ଭାରତୀୟ ଜନତା ପାର୍ଟି ତରଫରୁ ସୁଶାସନ ଦିବସ ଭାବେ ସାରା ଭାରତ ବର୍ଷରେ ପାଳନ କରାଯାଉଛି । ଏହି ଅବସରରେ ପାଟଣା ନିର୍ବାଚନ ମଣ୍ଡଳୀ ସ୍ତରୀୟ ବିଜେପି ତରଫରୁ କେନ୍ଦେଇପଶି ପଂଚାୟତ ଅଁଲାଡିଆ ଗ୍ରାମ ନିକଟସ୍ଥ ବୈତରଣୀ ନଦୀ କୂଳରେ ସୁଶାସନ ଦିବସ ପାଳିତ ହୋଇଯାଇଛି । ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଫୋଟ ଚିତ୍ରରେ ବିଜେପି କର୍ମୀମାନେ ପୁଷ୍ପମାଲ୍ୟ ଅର୍ପଣ କରି ଭକ୍ତିପୂତ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ଏହି ଅବସରରେ ଲାଲମୋହନ ନାଏକଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ହୀରାଲାଲ ମହାନ୍ତ, ଲକ୍ଷ୍ମଣ ପତି, ମୁଚିରାମ ସାହୁ, କେନ୍ଦେଇପଶି ପଂଚାୟତ ପ୍ରମୁଖ ଗୌର ଗାରଡିଆ, ଅନିଲ ସେଠୀଙ୍କ ସମେତ ବହୁ ବିଜେପି କର୍ମୀମାନେ ଉପସ୍ଥିତ ଥିଲେ ।

## ପାରିବାରିକ ବିବାଦରୁ ପତ୍ନୀକୁ ହତ୍ୟା



ରାୟଗଡା,(ପିପିଏସ): ପାରିବାରିକ ବିବାଦରୁ ପତ୍ନୀକୁ ହତ୍ୟା କଲା ସ୍ୱାମୀ । ରାୟଗଡା ଜିଲା କୁମ୍ଭିକୋଟା ଫାଣ୍ଡି ଅଞ୍ଚଳରେ ପତ୍ନୀ ଶୋଇଥିବା ବେଳେ ସ୍ୱାମୀ ଟାଙ୍ଗିଆରେ ହାଣି ହତ୍ୟା କରିଥିବା ଭଳି ଅଭାବନୀୟ ଘଟଣା ଘଟିଛି । ସୂଚନାରୁ ଜଣାପଡିଛି, ରାୟଗଡା ବ୍ଲକ ନାକଟି ପଞ୍ଚାୟତ ଇର୍ପିପୁଟ ଗ୍ରାମର ରଘୁ ମେଲେକା ଗତକାଲି ରାତିରେ ଶୋଇଥିବା ଅବସ୍ଥାରେ ପତ୍ନୀ ମଳତୀ ମେଲେକାଙ୍କୁ (୫୧) ଟାଙ୍ଗିଆରେ ହାଣି ହତ୍ୟା କରିଛନ୍ତି । କୌଣସି କାରଣକୁ ନେଇ ସ୍ୱାମୀ ଏବଂ ସ୍ତ୍ରୀ ମଧ୍ୟରେ ଝଗଡ଼ା ଲାଗିଥିଲା । ଏଥିରେ ଉତକ୍ଷିପ୍ତ ହୋଇ ମଳତୀ ଶୋଇଥିବା ଅବସ୍ଥାରେ ସେ ତାଙ୍କ ବେକ ଓ ମୁଣ୍ଡକୁ ହାଣିଦେଇଥିଲେ । ଘଟଣାସ୍ଥଳରେ ହିଁ ମଳତାଙ୍କ ମୃତ୍ୟୁ ହୋଇଯାଇଥିଲା । ଏହି ସମୟରେ ପରିବାରବର୍ଗ ମଧ୍ୟ ଉପସ୍ଥିତ ଥିଲେ । ଘଟଣା ସମ୍ପର୍କରେ କୁମ୍ଭିକୋଟା ଫାଣ୍ଡିରେ ପରିବାରବର୍ଗ ସୂଚନା ଦେଲାପରେ ଏସଡିପିଓ ଗେରହରୀ ସାହୁ, ଆଇଆଇସି ପ୍ରସନ୍ନ କୁମାର ବେହେରା, ଫାଣ୍ଡି ଅଧିକାରୀ ଗୟାସଉଦ୍ଦିନ ଖାନ ଓ ଅନ୍ୟ ପୋଲିସ ଅଧିକାରୀମାନେ ଆଜି ଘଟଣାସ୍ଥଳକୁ ପହଞ୍ଚି ତଦନ୍ତ କରିଛନ୍ତି । ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିବା କୁମ୍ଭିକୋଟା ଫାଣ୍ଡି ଅଧିକାରୀ ଖାନ ପ୍ରକାଶ କରିଛନ୍ତି । ହତ୍ୟାକାରୀ ସ୍ୱାମୀ ରଘୁ ମେଲେକାକୁ ପୋଲିସ ଅଟକ ରଖି ପଚରାଉଚରା କରୁଛି । ହତ୍ୟାପାଇଁ ବ୍ୟବହୃତ ଟାଙ୍ଗିଆକୁ ମଧ୍ୟ ପୋଲିସ ଜବତ କରିଛି ।

## ତମାଖୁ ମୁକ୍ତ କରିବାପାଇଁ ବିଭିନ୍ନ ଦୋକାନରେ ଚଢ଼ଉ

ମାଲକାନଗିରି,(ହି.ସ.): ମାଲକାନଗିରି ଜିଲ୍ଲାକୁ ତମାଖୁ ମୁକ୍ତ କରିବା ପାଇଁ ଜିଲ୍ଲା ପ୍ରଶାସନର ଜୋରଦାର ପ୍ରୟାସ । ଆଜି ମାଲକାନଗିରି ପୌରାଚଂଳରେ ଅବକାରୀ ବିଭାଗ, ପୌରପାଳିକା, ଖାଦ୍ୟ ସୁରକ୍ଷା ଏବଂ ପୋଲିସ ବିଭାଗ ପକ୍ଷରୁ ମିଳିତ ଚଢଉ କରାଯାଇ ବସ୍ତା ବସ୍ତା ଗୁଟଖା ଏବଂ ମାଦକ ଦ୍ରବ୍ୟ ଜବତ କରାଯିବା ସହ ଜୋରିମାନା ଆଦାୟ କରାଯାଇଛି । ତେବେ ଚଢ଼ଉ ବେଳେ କିଛି ଦୋକାନ ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା । ଆଗକୁ ଏକ ମାସ ଧରି ମାଲକାନଗିରି ସହରର ବିଭିନ୍ନ ଦୋକାନରେ ଚଢ଼ଉ ଜାରି ରହିବ ବୋଲି ପୌରପାଳିକା ନିର୍ବାହୀ ଅଧିକାରୀ ସୂଚନା ଦେଇଛନ୍ତି ।

## କାର୍-ବାଇକ୍ ଦୁର୍ଘଟଣାରେ ଆଶାକର୍ମୀ ମୃତ, ୨ ଗୁରୁତର

ଗଞ୍ଜାମ,(ହି.ସ.)- ଗୋପାଳପୁର ବେଳାଭୂମି ମହୋତ୍ସବ ଦେଖି ଗତରାତି ସାଢେ ନଅଟା ସମୟରେ ଗୋଟିଏ ବାଇକରେ ଜଣେ ଯୁବକ ସହ ଦୁଇ ଜଣ ଯୁବତୀ ଫେରୁଥିବା ବେଳେ କରାପଲ୍ଲୀ ନିକଟରେ ଏକ କାର୍ ଆସି ବାଇକ୍ କୁ ପଛପଟୁ ଧକ୍କା ଦେବା ଫଳରେ ତିନି ଜଣ ଗୁରୁତର ଆହତ ହୋଇଛନ୍ତି । ଆହତ ତିନି ଜଣଙ୍କୁ ତୁରନ୍ତ ବ୍ରହ୍ମପୁର ବଡ ମେଡିକାଲରେ ଚିକିତ୍ସା ପାଇଁ ଭର୍ତି କରାଯାଇଥିଲା । ସେଠାରେ ମିନତି ନାୟକ (୨୨)ଙ୍କୁ ମୃତ ଘୋଷଣା କରିଥିଲେ ଡାକ୍ତର । ମିନତି ମୋହନା ଅଂଚଳର ଆଶା କର୍ମୀ ବୋଲି ଜଣାପଡିଛି ।

## ଫେବୃଆରୀ ୨ରୁ ରାୟଗଡ଼ାରେ ସୁଭଦ୍ରା ଶକ୍ତି ମେଳା

ରାୟଗଡ଼ା,(ପିପିଏସ): ରାୟଗଡ ମହିଳା ସ୍ୱୟଂସହାୟତା ଗୋଷ୍ଠୀମାନଙ୍କୁ ଆର୍ଥିକ ଭାବେ ସଶକ୍ତ କରି ତାଙ୍କୁ ଆତ୍ମନିର୍ଭର ମାର୍ଗରେ ଆଗେଇ ନେବା ଉଦ୍ଦେଶ୍ୟରେ ରାୟଗଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ "ସୁଭଦ୍ରା ଶକ୍ତି ମେଳା" ଆୟୋଜନ କରାଯାଉଛି । ଏହି ମେଳା ୨ ଫେବୃଆରୀ ୨୦୨୬ ରୁ ୮ ଫେବୃଆରୀ ୨୦୨୬ ପର୍ଯ୍ୟନ୍ତ ଜେସ୍କୋ ପଡ଼ିଆ, ରାୟଗଡ଼ା ଠାରେ ଆୟୋଜିତ ହେବ । ଏହି ମେଳାରେ ରାୟଗଡ଼ା ଜିଲ୍ଲା ସହିତ ସହିତ ରାଜ୍ୟର ଅନ୍ୟାନ୍ୟ ଜିଲ୍ଲାରୁ ଆସିଥିବା ମହିଳା ସ୍ୱୟଂସହାୟତା ଗୋଷ୍ଠୀର ଉଦ୍ୟୋଗପତିମାନେ ଅଂଶଗ୍ରହଣ କରିବେ । ମହିଳାମାନଙ୍କ ଦ୍ୱାରା ନିଜ ହାତରେ ପ୍ରସ୍ତୁତ ହସ୍ତଶିଳ୍ପ, ହାଣ୍ଡଲୁମ୍ ବସ୍ତ୍ର, ପାରମ୍ପରିକ ଓ ପୋଷ୍ଟିକ ଖାଦ୍ୟ ପଦାର୍ଥ, ଘରୋଇ ଉତ୍ପାଦନ ସାମଗ୍ରୀ, ମିଲେଟ୍ ଭିତ୍ତିକ ଉତ୍ପାଦ, ସ୍ଥାନୀୟ କଳାକୃତି ଓ ଅନ୍ୟାନ୍ୟ ସାମଗ୍ରୀ ଏହି ମେଳାରେ ପ୍ରଦର୍ଶନ ଏବଂ ବିକ୍ରୟ ପାଇଁ ଉପଲବ୍ଧ ରହିବ । ମେଳାର ମୂଳ ଉଦ୍ଦେଶ୍ୟ ହେଉଛି ମହିଳା ଉଦ୍ୟୋଗପତିମାନଙ୍କୁ ଏକ ସାଧାରଣ ଓ ସୁସଂଗଠିତ ବଜାର ମଞ୍ଚ ପ୍ରଦାନ କରିବା, ତାଙ୍କର ଉତ୍ପାଦନକୁ ବିଶାଳ ପରିସରରେ ପ୍ରଚାର କରିବା ସହ ମହିଳା ସଶକ୍ତିକରଣ ମାଧ୍ୟମରେ ଦୀର୍ଘସ୍ଥାୟୀ ଜୀବିକା ସୁଯୋଗ ସୃଷ୍ଟି କରିବା । ଏହା ମାଧ୍ୟମରେ ଗ୍ରାମୀଣ ଅଞ୍ଚଳର ମହିଳାମାନେ ନିଜ ପ୍ରତିଭା ଓ କୌଶଳକୁ ଆର୍ଥିକ ଲାଭରେ ପରିଣତ କରିପାରିବେ । ଏହି ମେଳା ସମୟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ସଚେତନତା କାର୍ଯ୍ୟକ୍ରମ ଓ ମହିଳା ସଶକ୍ତିକରଣ ସମ୍ପର୍କିତ କାର୍ଯ୍ୟକ୍ରମ ଆୟୋଜନ କରାଯିବାର ଯୋଜନା ରହିଛି, ଯାହା ମେଳାକୁ ଆହୁରି ଆକର୍ଷଣୀୟ କରିବ । ଜିଲ୍ଲା ପ୍ରଶାସନ ପକ୍ଷରୁ ସାଧାରଣ ଜନତାଙ୍କୁ ଏହି ସୁଭଦ୍ରା ଶକ୍ତି ମେଳା ଦର୍ଶନ କରି ମହିଳା ସ୍ୱୟଂସହାୟକ ଗୋଷ୍ଠୀମାନଙ୍କ ଉତ୍ପାଦ କ୍ରୟ କରି ତାଙ୍କୁ ସହଯୋଗ କରିବା ପାଇଁ ଆହ୍ୱାନ କରାଯାଇଛି ।

## ହସପିଟାଲ ଛକ ନିକଟରୁ ବାଇକ୍ ଚୋରି

ଜୟପୁର,(ହି.ସ.):ଜୟପୁର ଗ୍ଲୋକାଲ ହସପିଟାଲ ଛକ ନିକଟରେ ଥିବା ଏକ ଘର ସମ୍ମୁଖରୁ ବାଇକ ଚୋରି ହୋଇଥିବା ନେଇ ଟାଉନ ଥାନାରେ ଅଭିଯୋଗ ହୋଇଛି । ଏସ. ଜାନି ଗତକାଲି ଘର ସମ୍ମୁଖରେ ଗାଡି ରଖି ଘରେ ଶୋଇଥିବା ସମୟରେ ତାଙ୍କ ବାଇକ ଚୋରି ହୋଇଯାଇଛି । ସ୍ଥାନୀୟ ଅଞ୍ଚଳରେ ଖୋଜାଖୋଜି କରି ମୋଟର ସାଇକଲ ନ ପାଇବାରୁ ସେ ଆଜି ଟାଉନଥାନାରେ ଲିଖିତ ଅଭିଯୋଗ ଦେଇଛନ୍ତି । ପୁଲିସ ଏନେଇ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି ।

## ଭାରତୀୟ ଯୁବ କଂଗ୍ରେସର ରାଷ୍ଟ୍ରୀୟ ପ୍ରବକ୍ତା ନିର୍ବାଚିତ



ବଲାଙ୍ଗିର,(ପିପିଏସ): ବଲାଙ୍ଗିର ର ଅଙ୍କିତ ସାହୁ ଲଗାତାର ଦ୍ୱିତୀୟ ଥର ପାଇଁ ଭାରତୀୟ ଯୁବ କଂଗ୍ରେସ ଜାତୀୟ ପ୍ରବକ୍ତା ଭାବେ ପୁନଃ ନିର୍ବାଚିତ ହୋଇଛନ୍ତି । ଯୁବପିଢି ମାନଙ୍କ ସମସ୍ୟା ଉପରେ ସ୍ପଷ୍ଟ ଓ ଦୃଢ ସ୍ୱର ଉ□ଳନ କରୁଥିବା ଶ୍ରୀ ସାହୁ ରାଷ୍ଟ୍ରୀୟ ତଥା ରାଜ୍ୟ ସ୍ତରରେ ରୋଜଗାର, ଶିକ୍ଷା, ସାମାଜିକ ନ୍ୟାୟ, ସାଂବିଧାନିକ ମୂଲ୍ୟବୋଧ ଓ ଗଣତାନ୍ତ୍ରିକ ସମ୍ପର୍କିତ ପ୍ରଶ୍ନ ଗୁଡ଼ିକୁ ନିରନ୍ତର ଭାବେ ଉଠାଇ ଆସୁଛନ୍ତି । ଦଳୀୟ ସୂତ୍ରମାନଙ୍କ ମତାନୁସାରେ ଶ୍ରୀ ସାହୁ ଯୁବ କଂଗ୍ରେସର ସଂଗଠନକୁ ସୁଦୃଢ଼ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଛନ୍ତି । ପୁନଃ ନିର୍ବାଚନ ପରେ ପ୍ରତିକ୍ରିୟାରେ ଦେଇ ଶ୍ରୀ ସାହୁ ଭାରତୀୟ ଯୁବ କଂଗ୍ରେସ ଓ ଭାରତୀୟ ଜାତୀୟ କଂଗ୍ରେସର ବରିଷ୍ଠ ନେତୃତ୍ୱ ଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସେ ଛାତ୍ର, ଯୁବ, କୃଷକ, ଶ୍ରମିକ ଓ ପଛୁଆ ବର୍ଗର ଅଧିକାର ପାଇଁ ତାଙ୍କର ସଂଘର୍ଷ ଆଗାମୀ ଦିନରେ ଆହୁରି ଦୃଢ ହେବ ବୋଲି କହିଛନ୍ତି । ଏହି ଅବସରରେ ସେ ଅଖିଳ ଭାରତୀୟ କଂଗ୍ରେସ କମିଟି ସଭାପତି ମଲ୍ଲିକାର୍ଜୁନ ଖଡଗେ, ଲୋକସଭା ରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି, ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର, ଭାରତୀୟ ଯୁବ କଂଗ୍ରେସ ରାଷ୍ଟ୍ରୀୟ ପ୍ରଭାରୀ ମନୀଷ ଶର୍ମା, ଭାରତୀୟ ଯୁବ କଂଗ୍ରେସ ରାଷ୍ଟ୍ରୀୟ ଅଧ୍ୟକ୍ଷ ଉଦୟଭାନୁ ଚିବ, ବରିଷ୍ଠ କଂଗ୍ରେସ ନେତା ସମରେନ୍ଦ୍ର ମିଶ୍ରଙ୍କୁ ଧନ୍ୟବାଦ ଜଣେଇବା ସହ ବଲାଙ୍ଗିର ସହିତ ସମଗ୍ର ଓଡିଶାର କଂଗ୍ରେସ ନେତା ଓ କର୍ମୀମାନେ ଶ୍ରୀ ସାହୁଙ୍କୁ ହୃଦୟପୂର୍ବକ ଅଭିନନ୍ଦନ ଜଣାଇଛନ୍ତି ଏବଂ ଏହାକୁ ଜିଲ୍ଲା ଓ ରାଜ୍ୟ ପାଇଁ ଗର୍ବର ବିଷୟ ବୋଲି କହିଛନ୍ତି ।

## ନିକଲସନ ବନବିଦ୍ୟାଳୟକୁ ପରିଦର୍ଶନ କଲେ ମନ୍ତ୍ରୀ

ଚମ୍ପୁଆ,(ହି.ସ.):ଚମ୍ପୁଆ ନିକଲସନ ବନବିଦ୍ୟାଳୟକୁ ଆଜି ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତନ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଂଟିଆ ପରିଦର୍ଶନ କରିଛନ୍ତି । ଗତ ତା୧୩ରିଖ ଦିନ ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦୁଝର ସାଂସଦ ଅନନ୍ତ ନାୟକ, ଚମ୍ପୁଆ ବିଧାୟକ ସନାତନ ମହାକୁଡ ପ୍ରମୁଖ ଏହି ଉଦଘାଟନରେ ସାମିଲ ଥିଲେ । ମାତ୍ର ସେତେବେଳେ ମନ୍ତ୍ରୀ ଆସିନଥିବା କାରଣରୁ ଆଜି ଅଚାନକ ଗସ୍ତ କ୍ରମରେ ଆସି ପରିଦର୍ଶନ କରି ଫେରି ଯାଇଛନ୍ତି । କେନ୍ଦୁଝର ବନଖଣ୍ଡ ଅଧିକାରୀ ଏଚ୍.ଡି ହନୁମନ୍ତ, ଏସିଏଫ୍ ଅଶୋକ ଦାସ, ଏସିଏଫ୍ ନିକଲସନ ବନବିଦ୍ୟାଳୟ ରବୀନ କିସ୍କୁ, ଚମ୍ପୁଆ ରେଞ୍ଜ ଅଧିକାରୀ ଏସିଏଫ୍ ଅକ୍ଷୟ ଛତ୍ରିଆ ପ୍ରମୁଖଙ୍କ ସହିତ ସାକ୍ଷାତ ଆଲୋଚନା କରିଥିଲେ । ବିଦ୍ୟାଳୟର ଅଟଳ ଅଡିଟରିୟମ, ମହାତ୍ମାଗାନ୍ଧୀ ପାଠାଗାର, ଜିମ୍ କେନ୍ଦ୍ର, ଡିଜିଟାଲ ଲାଇବ୍ରେରୀ, କମ୍ପ୍ୟୁଟର ଲାବୋରେଟରୀ ଆଦି ବିଭିନ୍ନ ବିଭାଗ ପରିଦର୍ଶନ କରିଥିଲେ । ପ୍ରଶିକ୍ଷାର୍ଥୀ ମାନଙ୍କ ସହିତ ସାକ୍ଷାତ ଆଲୋଚନା କରି ବିଭିନ୍ନ ସମସ୍ୟା ଓ ତା'ର ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ ।

## ବେଳାଭୂମି ମହୋତ୍ସବକୁ ଜିଲ୍ଲା ସ୍ତରୀୟ ସମସ୍ତ ସାମ୍ବାଦିକଙ୍କୁ ପାସ ମିଳିନାହିଁ

ଗଞ୍ଜାମ,(ହି.ସ.):ଗୋପାଳପୁର ବେଳାଭୂମି ମହୋତ୍ସବକୁ ଜିଲ୍ଲାର ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକ ମାନଙ୍କୁ ପାସ କିମ୍ବା ନିମନ୍ତ୍ରଣ ଦିଆଯାଇନାହିଁ । ପାସ ପ୍ରଦାନ ପାଇଁ ସୂଚନା ମଧ୍ୟ ଦିଆଯାଇନାହିଁ । ଗଞ୍ଜାମ ଜିଲ୍ଲା ଏସପି ଓ ଜିଲ୍ଲାପାଳ ଦସ୍ତଖତ ଥିବା ପାସ କେତେକ ସାମ୍ବାଦିକ ମାନଙ୍କୁ ଦିଆଯାଇଛି । ଏହି ଉତ୍ସବରେ ଯୋଗ ଦେଇ ପାରୁନାହାଁନ୍ତି । ଏହି ଘଟଣାକୁ କେନ୍ଦ୍ର କରି ସାମ୍ବାଦିକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି ।

## ଆଇଚର କମ୍ପାନୀ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା

ଜୟପୁର,(ହି.ସ.): ଲରି ଅନର୍ସ ଆସୋସିଏସନ ପକ୍ଷରୁ ଆଇଚର କମ୍ପାନୀର କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା ଜଣାଯାଇଛି । ଭଲବୋ ଆଇଚର କମ୍ପାନୀର ମେନେଜିଙ୍ଗ ଡାଇରେକ୍ଟର ରୁଦ୍ର ପ୍ରସାଦ ଦାସ, ସେଲସ ମ୍ୟାନେଜର ପୃଥୀବିରାଜ ପ୍ରଧାନ, ରବି ନାରାୟଣ ପାଢ଼ିଙ୍କୁ ସ ?ଘ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା । କମ୍ପାନୀ କର୍ତ୍ତୃପକ୍ଷ ଆଗାମୀ ଦିନରେ ଆଇଚର ଗାଡିର ନୂଆ ନୂଆ ମଡେଲ ଆସିବା ସହ ଏହି କମ୍ପାନୀର ଗାଡି ଗୁଡ଼ିକୁ ଟ୍ରକ ମାଲିକ ମାନେ କ୍ରୟ କରିବାକୁ ଅନୁରୋଧ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଲରି ଅନର୍ସ ଆସୋସିଏସନର ସ ?ପାଦକ ଏମ. କେ ଦାସ ପରିଚାଳନା କରିଥିବା ବେଳେ ସଭାପତି ଏସ. ସୁରୀ, ଉପସଭାପତି ଜି.ରମେଶ କୁମାର, ଯୁଗ୍ମ ସମ୍ପାଦକ ସତିଶ କୁମାର, କୋଷାଧ୍ୟକ୍ଷ ରାମକ୍ରୀଷ୍ଣାଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

ମହାରାଜା ରାଜେନ୍ଦ୍ର ନାରାୟଣ ସିଂଦେଓ ସ୍ମାରକୀ ଫୁଟବଲ

## ସୋନପୁର ରାମଧୂନ କ୍ଲବ ବିଜୟୀ

ବଲାଙ୍ଗିର,(ପିପିଏସ):ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମ ଠାରେ ସର୍ବଭାରତୀୟ ମହାରାଜା ରାଜେନ୍ଦ୍ର ନାରାୟଣ ସିଂଦେଓ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେ□ ତୃତୀୟ ଦିନ ଖେଳରେ ସୋନପୁର ରାମଧୂନ କ୍ଲବ ୩-୧ ଗୋଲ ରେ ରୋଭର୍ସ ଏଫ୍‌ସି ଭିଲେଇ କୁ ହରାଇ ସେମି - ଫାଇନାଲ କୁ ପ୍ରବେଶ କରିଛି ।



ଟୁର୍ଣ୍ଣାମେ□ କମିଟି କାର୍ଯ୍ୟକାରୀ ସଭାପତି ବିଧୂ ଭୂଷଣ ତ୍ରିପାଠି ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଖେଳରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ସୋନପୁର ବିଧାୟକ ନିରଞ୍ଜନ ପୁଜାରୀ, ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପଦ୍ମନାଭ ବେହେରା, ପୂର୍ବତନ ମନ୍ତ୍ରୀ ବିଷ୍ଣୁପ୍ରୀୟା ବେହେରା, ଦେଓଗାଁ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ସୋନପୁର ଜିଲ୍ଲାପରିଷଦ ଅଧ୍ୟକ୍ଷ ଙ୍କ ପ୍ରତିନିଧି ରଂଜନ ଠେଲା, ସଦର ବ୍ଲକ ଅଧ୍ୟକ୍ଷା ସରିତା ବାଗ, ଡୁଙ୍ଗୁରିପାଲି ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ ଓ କ୍ରୀଡା ସଂସଦ ଯୁଗ୍ମ ସଂପାଦକ ଶତ୍ରୁଘନ ସିଂ ଯୋଗ ଦେଇ ଖେଳାଳି ଓ ଦର୍ଶକମାନଙ୍କୁ ଉତ୍ସାହିତ କରିଥିଲେ । ବଲାଙ୍ଗିର ବିଧାୟକ ତଥା ଟୁର୍ଣ୍ଣାମେ□ କମିଟି ସଭାପତି କଳିକେଶ ନାରାୟଣ ସିଂଦେଓ, ଜିଲ୍ଲା କ୍ରୀଡା ସଂସଦ କାର୍ଯ୍ୟକାରୀ ସଭାପତି ଡ.ଶ୍ରୀକର ମିଶ୍ର, କମିଟି ଉପସଭାପତି ଶମ୍ଭୁ ପ୍ରସାଦ ନାଗ ଓ ସଂପାଦକ ସାଗର ସଂଗମ ଶତପଥି ମଂଚାସିନ ଥିଲେ । ଖେଳକୁ ସୁବ୍ରତ ପୁରୋହିତ, ସଂଜିବ କୁମାର ମହାରଣା, ସଂଜନ କୁମାର କୁଦେଇ ଓ ନରସିଂସ୍ୱାମୀ ନାଇଡୁ ପରିଚାଳନା କରିଥିଲେ । ଖେଳ ରେ ସୋନପୁର ଦଳର ଅଭୟ ମୁଣ୍ଡାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ଭାବେ ଟ୍ରଫି ସହ ୨ହଜାର ଟଙ୍କା ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଥିଲା । ପୂର୍ବତନ ଖେଳାଳି ଲୋକନାଥ ନେପାକ ଓ ସୁରେନ୍ଦ୍ର ନାଗ (ସୋନୁ) ଙ୍କୁ ମାନପତ୍ର ସହ ସମ୍ମାନିତ କରାଯାଇଥିଲା । କ୍ରୀଡା ସଂସଦର ଫୁଟବଲ ସଂପାଦକ ଶରତ କୁମାର ନନ୍ଦ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିବା ବେଳେ ଜିଲ୍ଲା କ୍ରୀଡା ସଂସଦର କୋଷାଧ୍ୟକ୍ଷ ହେମନ୍ତ କୁମାର ବେହେରା ମଂଚ ସଂଚାଳନ କରିଥିଲେ । ଶୁକ୍ରବାର ଦିନ କଲିକତା ଏସ୍.ଡି ଇଲେଭେନ ବନାମ ବରଗଡ ୟୁନାଇଟେଡ କ୍ଲବ ମଧ୍ୟରେ ଖେଳ ହେବ ବୋଲି ଟୁର୍ଣ୍ଣାମେ□ କମିଟି ପକ୍ଷରୁ ସୂଚନା ଦିଆଯାଇଛି ।

## ସମ୍ପୂର୍ଣ୍ଣତା ଅଭିଯାନର ପ୍ରସ୍ତୁତିକାଳୀନ ବୈଠକ



ରାୟଗଡ଼ା,(ପିପିଏସ): ସମ୍ପୂର୍ଣ୍ଣତା ଅଭିଯାନ ୨.୦ ପାଇଁ ପ୍ରସ୍ତୁତିକାଳୀନ ବୈଠକ ଜିଲ୍ଲା ମୁଖ୍ୟ ବିକାଶ ତଥା ଉନ୍ନୟନ ଅଧିକାରୀ, ଜିଲ୍ଲାପରିଷଦ, ରାୟଗଡ଼, ଶ୍ରୀ ଅକ୍ଷୟ କୁମାର ଖେମୁଣ୍ଡୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଛି । ଏହି ବୈଠକରେ ସୂଚନା ବିଜ୍ଞାନ ଅଧିକାରୀ ଶ୍ରୀଯୁକ୍ତ ଏନ ଗୁଣ ଶେଖର, ଅତିରିକ୍ତ ନିର୍ଦ୍ଦେଶକ ଯୋଜନା ଶ୍ରୀମତୀ ଜୟନ୍ତୀ ମାଳା ନାୟକ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ଶାନ୍ତିଲତା ମୁନି, ବିଡିଓ ମୁନିଗୁଡା ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ଦଳପତି, ବିଡିଓ ପଦ୍ମପୁର ଶ୍ରୀଯୁକ୍ତ କୁରେସୁଚନ୍ଦ୍ର ଜାନି ପ୍ରମୁଖ ଉପସ୍ଥିତ ଥିଲେ । ଏହି ୩ ମାସର ଅଭିଯାନ ୨୮ ଜାନୁଆରୀ ୨୦୨୬ରୁ ଆରମ୍ଭ ହୋଇ ୧୪ ଏପ୍ରିଲ୍ ୨୦୨୬ ପର୍ଯ୍ୟନ୍ତ ଚାଲିବ । ଏହି ସମ୍ପୂର୍ଣ୍ଣତା ଅଭିଯାନ ୨.୦ରେ ଆକାଂକ୍ଷି ଜିଲ୍ଲା କାର୍ଯ୍ୟକ୍ରମର ଅଂଶ ରୂପେ ୧୨୨ଟି ଜିଲ୍ଲାରେ ୫ଟି ସୂଚକ ଏବଂ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମରେ ୫୧୩ଟି ବ୍ଲକରେ ୬ଟି ସୂଚକ ଉପରେ ଜାତୀୟସ୍ତରରେ କାର୍ଯ୍ୟ ହେବ । ଏହି ଅଭିଯାନର ମୁଖ୍ୟ ୩ଟି ସୂଚକ ହେଉଛି ସ୍ୱାସ୍ଥ୍ୟ ଓ ପୁଷ୍ଟି, କୃଷି ଏବଂ ଶିକ୍ଷା । ସ୍ୱାସ୍ଥ୍ୟ ଓ ପୁଷ୍ଟି ଅଧୀନରେ ଟିବି ରୋଗ ନିୟନ୍ତ୍ରଣ ଉପରେ ବିଶେଷ ଗୁରୁତ୍ୱ , ଶିକ୍ଷା ଅଧୀନରେ ଥିବା ବିଦ୍ୟାଳୟ ଓ ଅଙ୍ଗନବାଡ଼ିର କାର୍ଯ୍ୟକ୍ଷମ ମହିଳା ଶୌଚାଳୟ ଉପରେ ବିଶେଷ ଗୁରୁତ୍ୱ ଦିଆଯିବା ସହ ବିଶେଷ ଅଭିଯାନ ଅନୁଷ୍ଠିତ ହେବ ବୋଲି ନିର୍ଦ୍ଧାରିତ ହୋଇଛି । ବିଭିନ୍ନ ବିଭାଗର ଅଧିକାରୀମାନେ ନିୟମିତ କ୍ଷେତ୍ର ପରିଦର୍ଶନ କରି କାର୍ଯ୍ୟ ପର୍ଯ୍ୟବେକ୍ଷଣ କରିବା ସହ ସଫଳତା କାହାଣୀ ସଂଗ୍ରହ କରିବେ । ଏହାସହ ଏସ୍‌ଏଚ୍‌?ଜି, ସ୍ଥାନୀୟ ନେତା, ସମୁଦାୟ ପ୍ଲାଟଫର୍ମର ଅଂଶଗ୍ରହଣ, ନୂତନତ୍ୱ ଓ ପାରସ୍ପରିକ ଶିକ୍ଷଣ ଅଭ୍ୟାସର ପ୍ରୋତ୍ସାହନ ଏବଂ ପ୍ରତିମାସରେ ଅଗ୍ରଗତି ରିପୋର୍ଟ ଜମା କରିବା ଉପରେ ବିଶେଷ ଧ୍ୟାନ ଦିଆଯିବ । ୧୪ ଏପ୍ରିଲ୍? ବି ଆର ଆମ୍ବେଦକର ଜୟନ୍ତୀରେ ସମ୍ପୂର୍ଣ୍ଣତା ଅଭିଯାନ ୨.୦ରେ ସର୍ବୋତ୍ତମ ଅଭ୍ୟାସ ପାଇଁ ପୁରସ୍କାର ପ୍ରଦାନ କରି ଅଭିଯାନର ସମାପ୍ତ ଘୋଷଣା କରାଯିବ । ଏହି ବୈଠକରେ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ ଯୋଗଦେଇ ଜିଲ୍ଲାରେ ସରକାରୀ କାର୍ଯ୍ୟକ୍ରମର ସମ୍ପୂର୍ଣ୍ଣତା ନିଶ୍ଚିତ ହେବ ବୋଲି ଶପଥ ନେଇଛନ୍ତି ।

## ଦୁଷ୍କର୍ମ ମାମଲାରେ ୬ ଜଣଙ୍କୁ ଜେଲ୍

ଗଞ୍ଜାମ, (ହି.ସ.):ବ୍ରହ୍ମପୁର ବୈଦ୍ୟନାଥ ପୁର ଥାନା ବ୍ରହ୍ମାନଗର ଅଂଚଳରେ ୨୦୨୪ ମସିହାରେ ହୋଇଥିବା ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ପୋସ୍କୋ କୋର୍ଟ ଆଜି ଛଅ ଜଣ ଅଭିଯୁକ୍ତଙ୍କୁ ୨୦ ବର୍ଷ ଲେଖାଏଁ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି ।

## ଶିଶୁ ପତ୍ରିକା 'ମଠଖାଇ'ଉନ୍ମୋଚନ




ବଲାଙ୍ଗିର,(ପିପିଏସ): ସିନଖମନ ସ୍ଥିତ ମହନ୍ତ ଗିରିଧାରୀ ଉଚ୍ଚ ବିଦ୍ୟାଳୟରେ ଶିଶୁ ପତ୍ରିକା "ମଠଖାଇ" ର ଉନ୍ମୋଚନ ପ୍ରଧାନ ଶିକ୍ଷକ କେଦାରନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ସମାରୋହରେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ମୁଖ୍ୟ ଅତିଥି, ଡ.ପ୍ରେମଚନ୍ଦ ମହାନ୍ତି ମୁଖ୍ୟବକ୍ତା, ବିଶିଷ୍ଟ ଆଇନଜିବୀ ଜୟରାମ ମିଶ୍ର ଓ ବିଦ୍ୟାଳୟର ପରିଚାଳନା ସମିତିର ସଭାପତି ଗୀତାଞ୍ଜଳି କୁଅଁର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଶିଶୁନଙ୍କର ସୃଜନଶୀଳତାର ବିକାଶ ଠିକ୍ ଭାବେ ହୋଇ ପାରିଲେ ଆମେ ଉପଯୁକ୍ତ ଶିଶୁ ସଂହିତା ସୃଷ୍ଟି ରିପାରିବା ବୋଲି ମତବ୍ୟକ୍ତ କରିଥିଲେ । ମଠଖାର ସଂପାଦକ ମଦନ ମୋହନ ରଥ ମଠଖାଇ ପ୍ରକାଶନର ଉଦ୍ଦେଶ୍ୟ ଜ୍ଞାପନ କରି ସହଯୋଗ କାମନା କରିଥିଲେ । ସଭା ଆରମ୍ଭ ରେ କୃଷ୍ଣଚନ୍ଦ୍ର ମିଶ୍ର ସ୍ୱାଗତ ଅତିଥିମାନଙ୍କୁ ସ୍ୱାଗତ କରିଥିବା ବେଳେ ସଭାକୁ ପରିଚାଳନା କରିଥିଲେ ଅନୀଲ କୁମାର ସାହୁ । ଉଲ୍ଲେଖଯୋଗ୍ୟ ଯେ, ଏହି ପତ୍ରିକାରେ କେବଳ ଶିଶୁମାନଙ୍କର ଲେଖା ପ୍ରକାଶ ହୋଇଥାଏ । ଦ୍ୱିତୀୟ ପର୍ଯ୍ୟାୟରେ ଅକ୍ଷରର ସଂପାଦକ ହୃଷୀକେଶ ପୁରୋହିତ ଙ୍କ ଅଧ୍ୟକ୍ଷତାରେ ଏବଂ ଖୁସି ତାଣ୍ଡି ଓ ଯଶୋବନ୍ତୀ ସୁନାଙ୍କ ସଂଯୋଜନାରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ଏହି କବିତା ପାଠରେ ଚୁମକି ପଟେଲ, ପୂଜା ପାତ୍ର, ପ୍ରିୟଙ୍କା ପଲତା, ନମିତା ହାତୀ, ଆଲିଶା ତାଣ୍ଡି, ମନିଷା ବାଗ, ଶିଖା ଛତ୍ରିଆ, ଧିରେନ୍ଦ୍ର ନାରାୟଣ ସିଂଦେଓ, ଅଜିତ ମିଶ୍ର, ପ୍ରଦୀପ ନାୟକ ଓ ତରୁଣ ପରିଚ୍ଛା ସ୍ୱରଚିତ କବିତା ପାଠ କରିଥିଲେ । ଏହି କାର୍ଯ୍ୟକ୍ରମକୁ ନୀଳାଂଚଳ କୁଅଁର, ରାଜିନ୍ଦ୍ର କୁଅଁର ଓ ହରେରାମ ବାରିକ ସହଯୋଗ କରିଥିଲେ । ଶେଷରେ ଲଲାଟ କେଶରୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

ଯଦି ଅତ୍ୟାଚାର କରୁଥିବା ବ୍ୟକ୍ତି ବା ଦଳକୁ ଯଥୋଚିତ ଶାସ୍ତି ନ ମିଳୁଛି ତେବେ ଅତ୍ୟାଚାରିତ ପ୍ରତିଶୋଧ ନେବା ପାଇଁ ବାଟ ଖୋଜିବ । ପୁଣି ଏମାନଙ୍କୁ ଦମନ କରିବାକୁ ପୋଲିସ୍ ଦୌଡ଼ିବେ । ଆଜି ଯାହାକୁ ଚପାଇ ଦିଆଯାଉଛି କାଲି ସେ ଓଲଟି ପ୍ରତିଶୋଧ ନେବ ।

-ଡକ୍ଟର ହରେକୃଷ୍ଣ ମହତାବ
(ଗାଁ ମଜଲିସ୍, ୫ମ ଖଣ୍ଡ, ପୃଷ୍ଠା-୧୧୭)

ପ୍ରଜାତନ୍ତ୍ର
ତା ୩୧।୦୧।୨୦୨୬ ■ ଶନିବାର

## ସପ୍ତାହାନ୍ତ ବିଚାର

# ନୂତନ ଶୀତଳଯୁଦ୍ଧରେ ଭାରତର ବିକଳ୍ପ

ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜେମ୍ସ ମୁନରୋଙ୍କ 'ମୁନରୋ ସିଦ୍ଧାନ୍ତ' ବଡ଼ ଚର୍ଚ୍ଚାର ପ୍ରସଙ୍ଗ ହୋଇଛି । ଏହାର ମୂଳରେ ଉତ୍ତର ଏବଂ ଦକ୍ଷିଣ ଆମେରିକାରେ ଇଉରୋପୀୟ ଶକ୍ତିମାନଙ୍କର ପ୍ରତିରୋଧ ଏବଂ ଆମେରିକୀୟ ପ୍ରଭୁତ୍ୱକୁ ପ୍ରତିଷ୍ଠିତ କରିବା ନେଇଥିଲା । ମୁନରୋ ସିଦ୍ଧାନ୍ତର ନୂଆ ସ୍ୱରୂପରେ ଡୋନାଲ୍ଡ ଟ୍ରମ୍ପଙ୍କ 'ଡୋନରୋ ସିଦ୍ଧାନ୍ତ' ମଧ୍ୟ ଚର୍ଚ୍ଚିତ ହେଉଛି । ଏହାର ତାତ୍କାଳିକ ଲକ୍ଷ୍ୟ ତ ପାଶ୍ଚାତ୍ୟ ଗୋଲାର୍ଦ୍ଧ ବୋଲି ଦର୍ଶାଯାଉଛି, କିନ୍ତୁ ଏହାର ଦୂରଗାମୀ ଲକ୍ଷ୍ୟ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଆମେରିକାର ହିତ ସାଧିବା ପାଇଁ ଉଦ୍ଦିଷ୍ଟ । ଏଥିରେ ଟ୍ରମ୍ପଙ୍କ ରାଜନୈତିକ 'ମାଗା' (ମେକ ଆମେରିକା ଗ୍ରେଟ୍ ଏଗେନ) ଏଜେଣ୍ଡା ମଧ୍ୟ ରହିଛି । ଡୋନରୋ ସିଦ୍ଧାନ୍ତ ଏକପ୍ରକାରେ ଆମେରିକା ଓ ଅନ୍ୟପକ୍ଷରେ ଚୀନ-ରୁଷ ମଧ୍ୟରେ ଶୀତଳଯୁଦ୍ଧର ନୂଆ ପର୍ଯ୍ୟାୟ ଆଡ଼କୁ ସଂକେତ କରୁଛି । ଏବେ ଆମେରିକା ଗୋଷ୍ଠୀ ପଶ୍ଚିମ ଗୋଲାର୍ଦ୍ଧରେ ସଂସାଧନର ଉପଲବ୍ଧତା ଓ ଆର୍କଟିକ କ୍ଷେତ୍ରରେ ସାମରିକ ଶକ୍ତିକୁ ସୁଦୃଢ଼ କରିବାର କଥା କହୁଛି, କିନ୍ତୁ ତାହାର ଲକ୍ଷ୍ୟ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ନିଜର ଶକ୍ତି ବଳରେ ଚୀନ ପ୍ରଭୁତ୍ୱକୁ ରୋକିବା ହେଉଛି ଉଦ୍ଦେଶ୍ୟ । ଏ ସିଦ୍ଧାନ୍ତ ନୂଆ ଶକ୍ତି ସନ୍ତୁଳନ ଉପରେ କେନ୍ଦ୍ରିତ ହେଉଥିବା ପରିଲକ୍ଷିତ ହେଉଛି । ଟ୍ରମ୍ପ ପଶ୍ଚିମ ଦୁନିଆର ନେତା ହେବା ଅପେକ୍ଷା ଅଧିକ ପଶ୍ଚିମ ଗୋଲାର୍ଦ୍ଧରେ ନିଜର ପ୍ରଭାବ ବୃଦ୍ଧି ଲାଗି ଇଚ୍ଛୁକ । ତାଙ୍କର ଦୃଷ୍ଟି ସ୍ପଷ୍ଟ– ପଶ୍ଚିମ ଗୋଲାର୍ଦ୍ଧ ସଂପୂର୍ଣ୍ଣ ଭାବେ ଆମେରିକାର ନିୟନ୍ତ୍ରଣରେ ରହୁ । ଚୀନ ଓ ରୁଷ ଏବଂ ଇରାନ ଭଳି ଦେଶ ଏ ଇଚ୍ଛାକୁ ଭଲଭାବେ ବୁଝିଯାଆନ୍ତୁ । ଟ୍ରାନ୍ସ-ଆଟଲାଣ୍ଟିକ ବ୍ୟବସ୍ଥାକୁ ମଧ୍ୟ ନୂଆ ପରିସ୍ଥିତି ଅନୁରୂପ ନୂଆ ଢଙ୍ଗରେ ବ୍ୟବସ୍ଥିତ କରାଯାଉଛି । ଗ୍ରୀନଲ୍ୟାଣ୍ଡ ପ୍ରସଙ୍ଗ ଏବେ ଉତ୍ତେଜନାର କାରଣ ହୋଇଛି । ଏହା ନେଇ ଟ୍ରମ୍ପ କୌଣସି ପ୍ରକାରର କୋହଳ ମନୋଭାବ ପ୍ରଦର୍ଶନ କରିବାକୁ ଚାହୁଁ ନାହାନ୍ତି । ଡେନମାର୍କ ଭଳି ବିଶ୍ୱାସଯୋଗ୍ୟ ସହଯୋଗୀ ବିଚ୍ଛିନ୍ନ ହୋଇଗଲେ ମଧ୍ୟ, କି ନାଟୋର ଅସ୍ତିତ୍ୱ ନେଇ ସଂକଟ ସୃଷ୍ଟି ହେଲେ ବି ଟ୍ରମ୍ପ ପଛକୁ ହଟିବାର ସମ୍ଭାବନା ନାହିଁ । ସେ ଚୀନ ଓ ରୁଷର ଭୟ ଦେଖାଇ ଗ୍ରୀନଲ୍ୟାଣ୍ଡକୁ ନିଜ ଦଖଲକୁ ନେବାକୁ ଚାହୁଁଛନ୍ତି । ସିଏ ନିଜର ସମୃଦ୍ଧ ଇଉରୋପୀୟ ସହଯୋଗୀମାନଙ୍କ ସହ ମଧ୍ୟ ଆର୍ଥିକ ଓ ସାମରିକ କ୍ଷେତ୍ରରେ ଅଧିକ ଅଂଶଦାନକୁ ନେଇ ଅଡ଼ି ବସିଛନ୍ତି ।

ପଶ୍ଚିମ ଏସିଆରେ ସମ୍ଭାବ୍ୟ ଆମେରିକୀୟ ପ୍ରତିରୋଧ ଶକ୍ତିକେନ୍ଦ୍ରକୁ ଦୁର୍ବଳ କରିଦେବା ପରେ ଟ୍ରମ୍ପ-ଆବ୍ରାହାମ ଚୁକ୍ତିର ସହଯୋଗୀମାନଙ୍କୁ ସାଧିବା ପାଇଁ ଲାଗିଯିବେ, ଯେଉଁମାନେ ନିଜର ତୈଳମୋହ ଛାଡ଼ିବା ସହ ସ୍ୱୟଂକୁ ଇସ୍‌ଲାମୀୟ କଟ୍ଟରବାଦରୁ ଦୂରେଇଯାଇ ଏଆଇ, ଡାଟା କେନ୍ଦ୍ର, ନବୀକରଣୀୟ ଉର୍ଜା ଓ ରିଏଲ୍ ଇଷ୍ଟେଟ୍ ଭଳି ଦିଗରେ ତାଙ୍କ ମନୋଭାବ ଅନୁଯାୟୀ ଆଗେଇବେ । ଅନ୍ୟ ଗୋଷ୍ଠୀର କଥା ବିଚାରକୁ ନେଇ ଚୀନ-ରୁଷର ଉଦ୍ଦେଶ୍ୟ ଚୀନା ଆର୍ଥିକ ଏବଂ ଟେକ୍ନୋଲୋଜି କ୍ଷମତା ଓ ରୁଷୀୟ ସାମରିକ କ୍ଷମତାର ଯୁଗଳବନ୍ଦୀ ଦ୍ୱାରା ଆମେରିକୀୟ ଶକ୍ତିକୁ ଚାଲେଞ୍ଜ କରିବା । ଆର୍ଥିକ ଏବଂ ବୈଷୟିକ କ୍ଷେତ୍ରରେ ଚୀନ ଯେ ପ୍ରବଳ ମାତ୍ରାରେ ଆଗକୁ ବଢ଼ିପାରିଛି ଏଥିରେ ସନ୍ଦେହ ନାହିଁ । ବିଗତ ଦିନରେ ଏହାର ଉଦାହରଣ ଦେଖିବାକୁ ମିଳିଛି ଯେବେ ଟ୍ରମ୍ପଙ୍କୁ ଜବାବ ଦେଇ ଚୀନ ରେୟର ଅର୍ଥ ପ୍ରସଙ୍ଗରେ ଆମେରିକାକୁ ନଇଁବାକୁ ବାଧ୍ୟ କରିଦେଇଛି ଓ ତାହା ନିଜର ଆଚରଣ ସଂଶୋଧନ କରିବାକୁ ବିବଶ ହୋଇଛି । ଆମେରିକୀୟ ବିଦ୍ୱାନ ଓ ଚୀନ ପ୍ରସଙ୍ଗର ବିଶେଷଜ୍ଞ ରଶଡୋଗୀ ଏବେ କରିଥିବା ଆକଳନ ଅନୁସାରେ ଉଭୟ ଦେଶ ମଧ୍ୟରେ ବୃଦ୍ଧି ପାଇଚାଲିଥିବା ବ୍ୟବଧାନକୁ ତର୍ଜମା କରି କହିଛନ୍ତି ଚୀନର ପ୍ରଭାବ ବୃଦ୍ଧି ପାଇବାରେ ଲାଗିଛି । ଆମେରିକାର ତୁଳନାରେ ଚୀନର ଇସ୍ପାତ ଉତ୍ପାଦନ କ୍ଷମତା ୧୩ ଗୁଣ, ସିମେଣ୍ଟ ଉତ୍ପାଦନ ୨୦ ଗୁଣ, ଜାହାଜ ନିର୍ମାଣ କ୍ଷମତା ୨୦୦ ଗୁଣ ଅଧିକ । ଆମେରିକା ତୁଳନାରେ ଚୀନ ତିନିଗୁଣ ଅଧିକ ଯୁଦ୍ଧ ଜାହାଜ ନିର୍ମାଣ ଲାଗି ସକ୍ଷମ ହୋଇସାରିଲାଣି । ଏହି ବିଶାଳକାୟ ନିର୍ମାଣକାରୀ ଦେଶ ଏବେ ବିଶ୍ୱର ଅଧା ରସାୟନ, ପ୍ରାୟ ୭୦ ପ୍ରତିଶତ ଇଲେକ୍ଟ୍ରିକ୍ ଗାଡ଼ି, ତିନି-ଚତୁର୍ଥାଂଶ ବେଟରୀ, ୮୦ ପ୍ରତିଶତ ଡ୍ରୋନ୍, ୯୦ ପ୍ରତିଶତ ସୌର ପ୍ୟାନେଲ ଓ ମହତ୍ତ୍ୱପୂର୍ଣ୍ଣ ହୋଇଯାଇଥିବା ରେୟର ଅର୍ଥ ତତ୍ତ୍ୱର ୯୦ ପ୍ରତିଶତ ଉତ୍ପାଦନ କରୁଛି । ଏହା ସତ୍ତ୍ୱେ ଆମେରିକାର ସାମରିକ କ୍ଷମତା ଏବେ ମଧ୍ୟ ଢ଼େର ଆଗରେ । ସିରିଆଠାରୁ ନେଇ ଇରାନ ଓ ନିକଟରେ ଭେନେଜୁଏଲା ଭଳି ଉଦାହରଣ ହେଉଛି ଏହାର ପ୍ରମାଣ । ଯେପରି ଭାବେ ଶୀତଳ ଯୁଦ୍ଧର ପ୍ରତିସ୍ପର୍ଦ୍ଧା ଆଗକୁ ବଢ଼ିବ ସେପରି ଭାବେ ସଂଘର୍ଷ ଅନେକ କ୍ଷେତ୍ରରେ ଦେଖିବାକୁ ମିଳିବ, କିନ୍ତୁ ନିର୍ଣ୍ଣାୟକ ଆଖଡ଼ା ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର ହିଁ ହେବ । ଏ ସନ୍ଦର୍ଭରେ ଟ୍ରମ୍ପଙ୍କୁ ଭିନ୍ନଧରଣର ନେତା ବୋଲି ବୁଝିବା ଭୁଲ୍ ହେବ । ସିଏ ତ ନୂଆ ଚାଲେଞ୍ଜ ଦୃଷ୍ଟିରୁ ଆମେରିକୀୟ ଶାସନକଳାର ଶସ୍ତ୍ରସବୁର ଉପଯୋଗ କରୁଛନ୍ତି । ଏଥିରେ ଟାରିଫ ଥିଲା ତାଙ୍କର ପ୍ରଥମ ହମଲା । ତାଙ୍କର ଯୁକ୍ତି ହେଉଛି ଏହିପରି ଅନ୍ୟ ଉପାୟସବୁ ପ୍ରୟୋଗ କରି ସିଏ ୧୮ ଟ୍ରିଲିୟନ (ଲକ୍ଷ କୋଟି) ଡଲାର ରାଶି ସଂଗ୍ରହ କରିଛନ୍ତି । ଭେନେଜୁଏଲା ଉପରେ ଆକ୍ରମଣ କରି ସିଏ କେବଳ ବିଶାଳ ତୈଳଭଣ୍ଡାର ଉପରେ ଆମେରିକାର ପତାକା ଉଡ଼ାଇଛନ୍ତି ତାହା ନୁହେଁ, ବରଂ ଡଲାର ବିରୋଧରେ ହେଉଥିବା ଗୋଷ୍ଠୀ ଗଠନକୁ ଦୁର୍ବଳ କରିଦେଇଛନ୍ତି । ଭବିଷ୍ୟତର ଅନେକ ଦିଗକୁ ନିର୍ଦ୍ଧାରିତ କରିବାକୁ ଯାଉଥିବା ଏଆଇ ଟେକ୍ନୋଲୋଜିରେ ଆମେରିକା ଅଗ୍ରଣୀ ରହିଆସିଛି । ନୂଆ ପ୍ରତିସ୍ପର୍ଦ୍ଧାରେ କିଛିମାତ୍ରାରେ ପଛରେ ପଡ଼ିଥିଲେ ମଧ୍ୟ, ଡୋନରୋ ସିଦ୍ଧାନ୍ତ ପ୍ରୟୋଗ କରି ବାଜି ପଲଟାଇ ଆମେରିକା ଆଗକୁ ବଢ଼ିଯାଇପାରେ ।

ଏପରି ଅବସ୍ଥାରେ ଭାରତର ପ୍ରତିକ୍ରିୟା କିପରି ହେବା ଆବଶ୍ୟକ ? ତାହା କେଉଁ ରଣନୀତିକ ଏବଂ ସାମରିକ ସମଯୋଜନ କରିବାକୁ ହେବ ? ଯଦି ଡୋନରୋ ସିଦ୍ଧାନ୍ତର ବାସ୍ତବିକ ଉଦ୍ଦେଶ୍ୟ ଏସିଆରେ ଚୀନର ପ୍ରଭାବ ଉପରେ ଅଙ୍କୁଶ ଲଗାଇବା ତେବେ ତଏହା ଭାରତ-ଆମେରିକାର ଦୀର୍ଘକାଳୀନ ହିତ ପାଇଁ ଅନୁକୂଳ । ଚୀନର ଆଚରଣରୁ ସ୍ପଷ୍ଟ ଯେ ଏସିଆରେ ତାହା ଏକମାତ୍ର ସିଂହ ଭାବେ ବିଚରଣ କରିବ । ଯଦି ଭାରତ ମଧ୍ୟ ସିଂହ ଭାବେ ବିଚରଣ କରିବାକୁ ଇଚ୍ଛା ତେବେ ଦେଶକୁ ଆହୁରି ମଜବୁତ କରିବାକୁ ପଡ଼ିବ ଏବଂ ଚୀନ ବିରୁଦ୍ଧରେ ଚତୁରତାର ସହ ବାହ୍ୟ ବ୍ୟୂହ ରଚନା କରିବାକୁ ହେବ । ତାହା ହିଁ ଏକମାତ୍ର ରାସ୍ତା । ଏହି କ୍ରମରେ ଯଦି ଆମେରିକା ସହ ବାଣିଜ୍ୟ ବୁଝାମଣାରେ ସୃଷ୍ଟି ହେଉଥିବା ଛୋଟବଡ଼ ସମସ୍ୟାକୁ ଦୂର କରି କ'ଣ ଟେକ୍ନୋଲୋଜିରେ ସହଯୋଗୀ ହୋଇ କ୍ଷମତା ନିର୍ମାଣ କରାଯାଇପାରିବ । ଭୂ-ରାଜନୀତିର ହାର୍ଡ ପାୱାର ଓ କଠୋର ପ୍ରତିସ୍ପର୍ଦ୍ଧା ଭିତରେ ରାଷ୍ଟ୍ରୀୟ ସୁରକ୍ଷାକୁ ପ୍ରଭାବିତ କରିବାରେ ଟେକ୍ନୋଲୋଜି କ୍ଷମତାର ବର୍ଦ୍ଧିଷ୍ଣୁ ପ୍ରଭାବକୁ ଦେଖି ଭାରତକୁ ଏକାସାଙ୍ଗରେ ଦୁଇଟି କ୍ଷେତ୍ରରେ କାର୍ଯ୍ୟ କରିବାକୁ ହେବ । ପ୍ରଥମ, ଚତୁର୍ଥ ପ୍ରାଦୌଗିକୀ କ୍ରାନ୍ତିର ଟେକ୍ନୋଲୋଜି କ୍ଷମତା ଯେପରି ଏଆଇ, କ୍ୱାଣ୍ଟମ, ରୋବୋଟିକ୍ସ, ସ୍ୱାୟତ୍ତ ପ୍ରଣାଳୀ, ଉର୍ଜା, ଡାଟା ଉପଯୋଗ ଆଦିରେ ନିପୁଣତା ହାସଲ କରିବା ପାଇଁ ସକ୍ରିୟତାର ସହ ପଦକ୍ଷେପ ଗ୍ରହଣ କରିବାକୁ ହେବ । ଦ୍ୱିତୀୟରେ, ଶକ୍ତିର ସଂସାଧନକୁ ଢ଼େର୍ ଅଧିକ ଦୃଢ଼ତାର ସହ ସଂଯୋଜିତ କରିବା । ଏଥିଲାଗି ରାଷ୍ଟ୍ରୀୟ ସୁରକ୍ଷା ପରିଦୃଶ୍ୟର କାୟାକଳ୍ପର ଗତିକୁ ଅନେକ ଗୁଣ କ୍ଷୀପ୍ରତର କରିବା ଦରକାର । ❑❑

# ବଦଳୁଛି ପ୍ରକୃତିର ନିୟମ



ମାୟାଧର ନାୟକ

ପ୍ରତିମୁହୂର୍ତ୍ତରେ ବଦଳୁଛି ପ୍ରକୃତିର ନିୟମ । ଜଳବାୟୁ ପରିବର୍ତ୍ତନରେ ଆସିଛି ବ୍ୟାପକ ଅସ୍ୱାଭାବିକତା । ବହୁପୂର୍ବରୁ ଜଳବାୟୁ ପରିବର୍ତ୍ତନର ପ୍ରଭାବ ପୃଥିବୀ ଉପରେ ପଡିଆସିଛି । ଲଗାତର ଗ୍ରୀଷ୍ମପ୍ରବାହ, ଆକାଶରୁ ନିଆଁବର୍ଷା, ଭୟଙ୍କର ମରୁଡ଼ି, ପ୍ରବଳ ଝଡତୋ'ାନବାତ୍ୟା, ଭୂସ୍ଖଳନ, ଭୂମିକମ୍ପ, ସମୁଦ୍ରଜଳପତନ ବୃଦ୍ଧି ପ୍ରଭୃତି ଜଳବାୟୁ ପରିବର୍ତ୍ତନରେ ସମଗ୍ର ବିଶ୍ୱ ଥରହର । ଏହାର କୁପରିଣାମ ଭୋଗୁଛନ୍ତି ସାରାବିଶ୍ୱର ଜୀବଜଗତ । ପୃଥିବୀର ଉତାପ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ମନୁଷ୍ୟକୃତ କାର୍ଯ୍ୟ ଇନ୍ଧନ ଦହନ, ଗାଡ଼ିମଟରରୁ ନିର୍ଗତ କାର୍ବନଡାଇଅକ୍ସାଇଡ୍ ଦ୍ୱାରା ଏବଂ ଶକ୍ତିଉତ୍ପାଦନ ପାଇଁ ଇନ୍ଧନ ଜଳାଉ । ୧୮୫୦ ମସିହାରେ ଶିଳ୍ପବିପ୍ଳବରେ କୋଇଲାରୁ ଶକ୍ତିଉତ୍ପାଦନ ହୋଇଥିଲା । ଅଧିକ କୋଇଲା ଜାଳିବା'ଳରେ ବାୟୁମଣ୍ଡଳ ପ୍ରଦୂଷିତହୋଇ ଜୀବଜଗତ ଉପରେ ନକାରାତ୍ମକ ପ୍ରଭାବ ପଡ଼େ । ଏହାଦ୍ୱାରା ମ୍ଭ ପାଣିପାଗର ପରିବର୍ତ୍ତନ ଘଟେ । ପାଣିପାଗର ଅସମାନତା ଦେଖାଯାଏ । ଗ୍ରୀଷ୍ମପ୍ରବାହ ବୃଦ୍ଧିଦ୍ୱାରା ସ୍ୱାସ୍ଥ୍ୟସମସ୍ୟା ବଢୁଛି । ମୃତ୍ୟୁର ତାଣ୍ଡବ ସୃଷ୍ଟି ହେଉଛି । ଜଳବାୟୁ ପରିବର୍ତ୍ତନରେ ପରିବେଶ ପ୍ରଦୂଷଣ ଯୋଗୁ ସଂକ୍ରାମକ ଓ ଅଣସଂକ୍ରାମକ ରୋଗ ବ୍ୟାପକ ଭାବେ ହୋଇ ଚର୍ମକର୍କଟରୋଗ ବ୍ୟାପୁଛି । ପରିବର୍ତ୍ତିତ ଜଳବାୟୁରେ କୃଷି ଭୀଷଣ ଭାବେ ପ୍ରଭାବିତ । ଗଜାମରୁଡ଼ି, ରୋଗପୋକ ଯୋଗୁଁ ଖାଦ୍ୟଶସ୍ୟ ଅମଳ କମିଯାଉଛି । ମୃତିକାର ତାପମାତ୍ରା ବୃଦ୍ଧିରେ ବିହନ ଗଜାହେବା କ୍ଷମତା ହରାଏ । ଜଳବାୟୁ ପରିବର୍ତ୍ତନ ପ୍ରାକୃତିକ ପରିବେଶକୁ ବିଗାଡ଼ିଦେଇଛି । କେଉଁଠି ଅତ୍ୟଧିକ ବର୍ଷା ଆଉ କେଉଁଠି ଅସହ୍ୟ ଗରମ ଅନୁଭବ ହେଉଛି । ଛ'ଋତୁ ମଧ୍ୟରୁ ଏବେ କେବଳ ବର୍ଷା, ଶୀତ, ଗ୍ରୀଷ୍ମ ଋତୁ ଜଣାପଡୁଛି । ଅନୁପାତ ମଧ୍ୟ ଠିକ୍ ରହୁନି । ଏହାର ପ୍ରଭାବ ଜନସମାଜ, ବୃକ୍ଷଲତା, ଜୀବଜନ୍ତୁ, ଶୈବାଳ, ସାମୁଦ୍ରିକ ପ୍ରାଣୀ ଉପରେ ପଡୁଛି ।

ଆକାଶରେ ବରଫ ତରଳୁଛି । କଳାବରଫଯୋଗୁ ତରଳୁଛି ଗ୍ଲାସିୟର । ଜଳମଗ୍ନ ହୋଇଯିବ ବଡ଼ବଡ଼ ସହର । ପ୍ରାକୃତିକ ପରିବେଶ ବଦଳିଯିବ । ଜଙ୍ଗଲରେ ଲାଗିବ ନିଆଁ । ନିଭୁନିଭୁ ବହୁଦିନ ଲାଗିବ । ପ୍ରତିବର୍ଷ ହେକ୍ଟର ହେକ୍ଟର ଜଙ୍ଗଲ ପୋଡ଼ି ଛାରଖାର ହୋଇଯାଉଛି । ବେଳେବେଳେ ଚାଷପାଇଁ ମଣିଷ ବି ଜଙ୍ଗଲରେ – ଧାନ କଟାହେଲାପରେ ଧାନବିଲରେ ନିଆଁ ଲଗେଇଦିଅନ୍ତି । ଏହାଦ୍ୱାରା ପ୍ରବଳଭାବରେ ପରିବେଶ ପ୍ରଦୂଷଣ ବୃଦ୍ଧି ପାଇବାରେ ଲାଗିଛି । ଜଙ୍ଗଲପୋଡି ମଣିଷପାଇଁ ହାନିକାରକ । ବ୍ରାଜିଲର ଆମାଜନ ଜଙ୍ଗଲରୁ ପୃଥିବୀର ୨୦ ପରସେଂଟ୍ ଅମ୍ଳଜାନ ମିଳିଥାଏ । ଆମାଜନ୍ ଜଙ୍ଗଲରେ ନିଆଁଲାଗି ଏହାର ବ୍ୟାପକ କୁପ୍ରଭାବ ବିଶ୍ୱଉପରେ ପଡିଛି । ଏହାର ବିଷାକ୍ତ ଗ୍ୟାସଦ୍ୱାରା ହୃଦ୍‌ରୋଗ, କ୍ୟାନ୍‌ସର୍ ଭଳି ମାରାତ୍ମକ ରୋଗର ଶିକାର ହେଉଛନ୍ତି ।

ଗ୍ରୀସ୍‌ରେ ଜଂଗଲରେ ଲାଗିଛି ନିଆଁ । ଭୟାବହ ଅଗ୍ନିକାଣ୍ଡରେ ଜନଜୀବନ ଅସ୍ତବ୍ୟସ୍ତ । ସମଗ୍ର ଗ୍ରୀସ୍‌ରେବାଦଲରେ ଘୋଟିଯାଇଛି କଳାଧୂଆଁ । ଶୁଖିଲା ପାଗ ମେ' ଜୁନ ମାସରେ ସ୍ୱଭାବିକ ଭାବେ ଜଂଗଲରେ ନିଆଁ ଲାଗେ । ବାୟୁ ପ୍ରଦୂଷଣ, ଜଳ ପ୍ରଦୂଷଣ, ଧ୍ୱନି ପ୍ରଦୂଷଣ । କଳକାରଖାନା, ମଟରଗାଡ଼ି, ଚିମିନୀ ଆଦିରୁ ନିର୍ଗତ ଧୂଆଁ ଦ୍ୱାରା ବାୟୁମଣ୍ଡଳ ପ୍ରଦୂଷିତ ହୁଏ । ଏହାଦ୍ୱାରା ପୃଥିବୀର ତାପମାତ୍ରା ବୃଦ୍ଧିପାଏ । ପାଣିରେ ଅଧିକ ମାତ୍ରାରେ ଲବଣପଦାର୍ଥ ମିଶିଲେ ଜଳ ପ୍ରଦୂଷିତ ହୁଏ । ସମୁଦ୍ରପାଣି ଲୁଣିଆ । ଏବେ ସାରାବିଶ୍ୱରେ ଯେଉଁ କିଣା ବୋତଲପାଣି, ଅନ୍ୟାନ୍ୟ ଠିପିବନ୍ଦ ପାନୀୟ ବୋତଲ ପାନ କରୁଛେ – ବେପାରୀମାନେ ଅଧିକ ସମୟ ଗୋଦାମରେ ରଖି ବିକ୍ରିକରିବାପାଇଁ କେମିକାଲ ଦେଇଦିଅନ୍ତି । ସେସବୁ ପାନୀୟ ପାଟିକୁ ମିଠା, ପେଟକୁ ବିଷ ସମାନ । ଆମେ ଜାଣି ହେଉ ବା ଅଜଣାରେ ହେଉ ବିଶ୍ୱବିଷଭଣ୍ଡାରରୁ ସେଇ ବିଷସବୁ ପିଇବାରେ ଲାଗିଛେ – ଯାହାଦ୍ୱାରା ମଧୁମେହ ରୋଗଠାରୁ ଯାବତ୍‌ପ୍ରକାର ଦୁରାରୋଗ୍ୟ ବ୍ୟାଧିର ଶିକାର ହେଉଛେ । ଫଳରେ ବିନା ଔଷଧରେ ଦିନ କଟୁନି । ପୁଣି ଔଷଧ ମଧ୍ୟ ଭେଜାଲ୍ । ଏବେ ମୌସୁମୀ ବାଟବଣା ହୋଇଗଲାଣି । ଜଳବାୟୁ ପରିବର୍ତ୍ତନ ଦ୍ୱାରା ଋତୁଚକ୍ରର ମଧ୍ୟ ପରିବର୍ତ୍ତନ ପ୍ରଭାବିତ । ଗ୍ରୀଷ୍ମଋତୁ ବଢ଼ିଯାଉଛି – ବର୍ଷା, ଶୀତଋତୁ କମିଯାଉଛି । ନିଶ୍ୱାସପ୍ରଶ୍ୱାସ ପାଇଁ ଶୁଦ୍ଧବାୟୁ, ଉତମ ପାନୀୟଜଳ, ସୁରକ୍ଷିତ ବାସସ୍ଥାନ ମିଳିବା କଷ୍ଟକର ହୋଇପଡୁଛି । ଅତ୍ୟଧିକ ବର୍ଷା ଓ ବନ୍ୟା, ଅନାବୃଷ୍ଟି, ଝଡତୋଫାନ, ଗ୍ରୀଷ୍ମପ୍ରବାହ ଯୋଗୁଁ ପ୍ରତିବର୍ଷ ଲକ୍ଷଲକ୍ଷ ଜୀବଜନ୍ତୁ ମୃତ୍ୟୁମୁଖରେ ପଡୁଛନ୍ତି ।

ଜଳବାୟୁ ପରିବର୍ତ୍ତନର ପ୍ରଭାବରେ ସମଗ୍ର ଜଗତ୍ ଉପରେ ନକାରାତ୍ମକ ପ୍ରଭାବ ପଡୁଛି । କେବଳ ମାନବଜାତି ପ୍ରଭାବିତ ହେଉନାହାଁନ୍ତି – ଜୀବଜନ୍ତୁଙ୍କ ଉପରେ ପ୍ରଭାବ ପଡୁଛି । ଅତ୍ୟଧିକ ତାପମାତ୍ରା ଯୋଗୁଁ ଅନେକ କୀଟପତଙ୍ଗ, ପଶୁପକ୍ଷୀ ମରିଯାଉଛନ୍ତି । ପୋଖରୀ, ନଈ, ସମୁଦ୍ରରେ ଜଳଚର, ମାଛମାନେ ମରି ଭାସୁଛନ୍ତି । ଭୌଗୋଳିକ କ୍ଷେତ୍ର ଓ ବିଭିନ୍ନ ପ୍ରଜାତିଙ୍କ ଠାରେ ଆକାର ପରିବର୍ତ୍ତନ ଘଟିବାରେ ଲାଗିଛି । ପାଖାପାଖି ୧୦ଲକ୍ଷ ପ୍ରଜାତି ବିଲୁପ୍ତ ହେବାର ଆଶଙ୍କା ପ୍ରକାଶ ପାଇଲାଣି । ଆଉ କୋଇଲିର ଦେଖାନାହିଁ । କୁହୁକୁହୁ ଗୀତ ଗାଉନି । ଉଦଉଦଳିଆ ପକ୍ଷୀ ବିଲୁପ୍ତିର ପଥେ – ବିରଳ ହେବାକୁ ଯାଉଛି ପ୍ରଜାପତିର ଚିତ୍ରିତ କଳେବର । 'ଘରଚଟିଆ' କୁଆଡ଼େ ବୁଲୁଛନ୍ତି – ତାଙ୍କର ଦେଖାନାହିଁ । ସାମୁଦ୍ରିକ କଇଁଛ, ଅତ୍ୟଧିକ ଥଣ୍ଡାରେ ବାସକରୁଥିବା 'ମେରୁଭାଲୁ' ଗରମ ସହ୍ୟ କରିନପାରି ମରମର ଅବସ୍ଥାରେ । ଜଳବାୟୁ ପରିବର୍ତ୍ତନ ପାଇଁ ଚୀନ୍ ବହୁଳାଂଶରେ ଦାୟୀ । ଚାଇନା କମ୍ୟୁନିଷ୍ଟ ପାର୍ଟି ସମାଜବାଦ ରାସ୍ତାରୁ ହଟି ସଂଶୋଧନବାଦ, ପୁଞ୍ଜିବାଦ ରାସ୍ତାରେ ଜିଦିଆ ସର୍ବୋଚ୍ଚନେତା ଡେଙ୍ଗ-ସିଆଙ୍ଗ ୪୦ବର୍ଷ ପୂର୍ବରୁ ସମୁଦ୍ରରେ ନୂଆ ବିରାଟ ପାଚେରି ସୃଷ୍ଟିକରି ମହାଧନୀ ହେବାକୁ କାର୍ଯ୍ୟ କଲେ । ସଂପତି ବୃଦ୍ଧିର ନିଶା ଯେ ଭବିଷ୍ୟତରେ ଧ୍ୱଂସଆଡକୁ ଗତି କରିବ – ସେ କଥା ନେତାମାନେ ମନକୁ ହେଜିନଥିଲେ । ସମୁଦ୍ରପତନ ବୃଦ୍ଧି ହେଲେ ସବୁକିଛି ବୁଡ଼ିଯିବ – ଯାହାକି ୨୦୫୦ବେଳକୁ ହେବାକୁ ଯାଉଛି ବୋଲି ବୈଜ୍ଞାନିକମାନେ ସତର୍କ କରାଇଦେଲେଣି । ଚୀନବାସୀ ଝଡତୋଫାନ୍, ବନ୍ୟାରେ ବୁଡିଯିବେ । ଚୀନ୍‌ର ପଶ୍ଚିମରୁ ଦକ୍ଷିଣ-ପୂର୍ବଆଡକୁ ତୋ'ାନ୍ ମାଡିଆସିବ । ଡେଙ୍ଗଙ୍କ ଦୂରଦୃଷ୍ଟିବିହୀନ କାର୍ଯ୍ୟକଳାପ ପାଇଁ ଚାଇନାବାସୀ – ଏପରିକି ବିଶ୍ୱବାସୀଙ୍କୁ ମୂଲ୍ୟ ଦେବାକୁ ପଡୁଛି ।

ଚାଇନାର ବନ୍ୟାରେ ହଜାରହଜାର ଜନଜୀବନ-ଧନସଂପତି ଛାରଖାର ହୋଇଯାଉଛି । କେବଳ ଚୀନ୍ ନୁହେଁ, ବିଭିନ୍ନ ଦେଶରେ ପ୍ରଳୟଙ୍କାରୀ ବନ୍ୟାର ପ୍ରକୋପ ଦେଖାଦେଉଛି । ଚାଇନାର 'ନୀଳସାଗର' ସେ ଦେଶପାଇଁ ଆଗକୁ ବିପଦକୁ ଡାକିଆଣୁଛି । ସଂପ୍ରତି ଜି-ଜିନ୍‌ପିଙ୍ଗ୍ ଯୁଗରେ ବହୁ ଗଣତାନ୍ତ୍ରିକ ଦେଶ ବିମୁଖ । ଚୀନ ୟୁକ୍ରେନ୍ ଯୁଦ୍ଧରେ ରୁଷ ପକ୍ଷରେ ଅଛି । ବର୍ତମାନ ସମଗ୍ରବିଶ୍ୱରେ ଚାଇନା ତା'ର ଉତ୍ପାଦିତ ଦ୍ରବ୍ୟକୁ ଶସ୍ତାରେ ବିକ୍ରି କରୁଛି – ଯାହାଫଳରେ ଅନ୍ୟ କେତେକ ଦେଶ ଚୀନ୍ ବିରୁଦ୍ଧରେ ଯାଇପାରୁନାହାଁନ୍ତି କି ନିଜେ ପ୍ରୟୋଜନୀୟ ସାମଗ୍ରୀ ଉତ୍ପାଦନ କରିପାରୁନାହାଁନ୍ତି । ବିଶ୍ୱଜଳବାୟୁ ପରିବର୍ତନ ସଂସ୍ଥାରେ ସବୁଦେଶ ମିଶି ସକାରାତ୍ମକ କାର୍ଯ୍ୟକରିବାକୁ ନିଷ୍ପତି ନିଅନ୍ତି । ସେ ନିଷ୍ପତିକୁ ଅଧିକାଂଶ ଦେଶ କାର୍ଯ୍ୟକାରୀ କରୁନାହାଁନ୍ତି । ଏହି ସଂସ୍ଥା ପରିଚାଳନା ପାଇଁ ଆମେରିକା ଯେଉଁ ଅର୍ଥ ଦେଇଆସୁଥିଲା – ତା'ର ଅର୍ଥନୈତିକ ସଂକଟ ଯୋଗୁଁ ସେ ଦେଇପାରୁନି । ସିଂହଭାଗ ଅର୍ଥ ନପାଇ ସଂସ୍ଥା ଏକପ୍ରକାର ଅଚଳ ଅବସ୍ଥାରେ ଅଛି । ତା'ହେଲେ ଏ ବିଶ୍ୱ ତିଷ୍ଠିବ କିପରି ? ଏବେ ଭାରତ, ୟୁରୋପୀୟ ଦେଶମାନଙ୍କରେ ଭୀଷଣ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି । ସାଧାରଣ ଜୀବନଯାତ୍ରା ବ୍ୟାହତ । ପ୍ରବଳ ଗରମ ଓ 'ଲୁ' ପ୍ରବାହ ଯୋଗୁଁ ଅନେକ ଲୋକଙ୍କ ପ୍ରାଣବାୟୁ ଉଡିଯାଉଛି । ଆମେ ଜନ୍ମ ହେଇଛେ ଦିନେନା ଦିନେ ମରିବା । ଆମେ ଅନ୍ୟଦୋଷରୁ ଏବଂ ନିଜଦୋଷରୁ ପୋକମାଛିଭଳି ମରିବା କାହିଁକି ?

ଯାଜପୁର ରୋଡ, ଯାଜପୁର
ମୋ : ୯୮୬୧୦୩୪୧୬୩

# ଯୋରନ୍ଦା ମେଳା ଓ ମହିମା ଧର୍ମ

ସୁଷମା ପରିଜା

ଓଡିଶା ର ଢେଙ୍କାନାଳ ଜିଲ୍ଲାର ଯୋରନ୍ଦା ଗାଦିର ମହିମା ମେଳା ବିଶ୍ୱ ପ୍ରସିଦ୍ଧ । ଫାଲଗୁନ ଶୁକ୍ଳ ଚତୁର୍ଦ୍ଦଶୀ ତିଥି , ଏଇଟି ମହିମା ଧର୍ମର ପ୍ରବର୍ତ୍ତକ ଶ୍ରୀ ଶ୍ରୀ ମହିମା ଗୋସେଇଁ ଙ୍କର ମହାପ୍ରୟାଣ ତିଥି । ମହିମା ଗୋସେଇଁଙ୍କ ଜନ୍ମ ତାରିଖ ବିଷୟରେ ସଠିକ୍ ଭାବରେ କିଛି ପ୍ରମାଣିତ ତଥ୍ୟ ମିଳି ନଥିଲେ ହେଁ ଶୁଣାଯାଏ ଯେ ମହିମା ଗୋସେଇଁ ଅଠର ଶହ ଦୁଇ ମସିହା ବେଳକୁ ହିମାଳୟରେ ତପସ୍ୟା କରୁଥିଲେ । ଏକେଶ୍ୱରବାଦ ଆଉ ନିରାକାର ବ୍ରହ୍ମ ଉପାସନା ର ବାର୍ତ୍ତା ନେଇ ପୁରୀର ବଡଦାଣ୍ଡ ରେ ଉଭା ହୋଇଥିଲେ ମହିମା ଗୋସେଇଁ ଅଠର ଶହ ଚବିଶି ମସିହା ରେ । ଅନ୍ୟ ସାଧାରଣ ସାଧୁ ମାନଙ୍କ ଭଳି ବେଶ ପରିପାଟୀ ନଥିଲା ମହିମା ଗୋସେଇଁଙ୍କର । ତାଙ୍କ ଶରୀର ର ନିମ୍ନଭାଗରେ ଖଣ୍ଡିଏ ବଲ୍କଳ ଆଉ ମୁଣ୍ଡ ଉପରେ ଗୋଟିଏ ତାଳପତ୍ର ଛତା ବ୍ୟତୀତ ଆଉ କୌଣସି ଆଭରଣ ନଥିଲା । ତାଙ୍କ ଅର୍ଦ୍ଧ ଉଲଗ୍ନ ଶରୀର ଧୂଳିଧୂସରିତ ହୋଇଥିବାରୁ ଲୋକେ ତାଙ୍କୁ ଧୂଳିଆବାବା ବା ଧୂଳିଆ ଗୋସେଇଁ ବୋଲି ଡାକୁଥିଲେ । ଏହାପରେ ସେ ଭୂବନେଶ୍ୱର ର ଖଣ୍ଡଗିରି ଚାଲି ଆସି ସେଠାର ଗୁମ୍ଫା ରେ ବାରବର୍ଷ ଯାଏଁ ଏବଂ ତା'ପରେ ଢେଙ୍କାନାଳ ର କପିଳାସ ପାହାଡ ଗୁମ୍ଫା ରେ ବାରବର୍ଷ ଯାଏଁ କେବଳ ଫଳ ଆଉ କ୍ଷୀର ଆହାର କରି କଠିନ ତପସ୍ୟା କଲେ । ଅଠର ଶହ ବା'ଷଠି ମସିହା ରେ ସେ ପୁଣି ଖଣ୍ଡଗିରି କୁ ଆସି ଖୋର୍ଦ୍ଧା ର ଦାରୁଠେଙ୍ଗ ଠାରେ ନିଜର ଆଶ୍ରମ ପ୍ରତିଷ୍ଠା କରି ପ୍ରଥମେ ସାତ ଜଣ ଭକ୍ତଙ୍କୁ ବଲ୍କଳ ପ୍ରଦାନ କରି ଶିଷ୍ୟ ଭାବରେ ଗ୍ରହଣ କରି ଶୂନ୍ୟବାଦ ବା ଶୂନ୍ୟ ଧର୍ମ ର ପ୍ରଚାର ପ୍ରସାର ଆରମ୍ଭ କଲେ । ତାଙ୍କରି ନାମ ଅନୁସାରେ ଜନମୁଖରେ "ମହିମା ଧର୍ମ" ନାମରେ ପରିଚିତ ହେଲା ।

ଓଡିଶା ର ପ୍ରତ୍ୟେକ ଗାଆଁ ରେ ଧର୍ମ ର ପ୍ରଚାର ପ୍ରସାର ପାଇଁ ମହିମା ସନ୍ୟାସୀ ମାନେ ଶିଷ୍ୟ ମାନଙ୍କୁ ଧରି ବୁଲିଲେ । ବହୁତ ଜନାଦୃତ ହେବାକୁ ଲାଗିଲା ମହିମା ଧର୍ମ । ଏହାର ମୁଖ୍ୟ ମନ୍ଦିର ନିର୍ମିତ ହେଲା ଢେଙ୍କାନାଳ ର ଯୋରନ୍ଦା ଠାରେ । ସେହିଠାରେ ସମସ୍ତ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାଲାଗି ମହାସଭା ଟିଏ ଗଢାହେଲା । ସେଠାରେ ପ୍ରବୀଣ ଗୁରୁ ମାନେ (ବଲ୍‌କଳଧାରୀ) ବାନା ଦେଇ ନୂତନ ଶିଷ୍ୟ ମାନଙ୍କୁ ଗ୍ରହଣ କଲେ । ପ୍ରବୀଣ ଗୁରୁ ମାନେ " ବାବା" ଏବଂ ନୂତନ ଶିଷ୍ୟ ମାନେ "ଦାସ" ପଦବୀ ପ୍ରାପ୍ତ ହେଲେ । କ୍ରମେ କ୍ରମେ ତାଙ୍କର ଶିଷ୍ୟ ସଂଖ୍ୟା ବଢିଲେ , ସେମାନଙ୍କ ଶିକ୍ଷାର ପରିସର ବଢିଲା । ଆଶ୍ରୟ ନେବାଲାଗି ଗ୍ରାମ ଜନପଦ ମାନଙ୍କରେ ଟୁଙ୍ଗୀ ବା ଛୋଟ ଚାଳିଆ ଘର ସବୁ ପ୍ରତିଷ୍ଠା ହେଲା । ନୂତନ ଶିଷ୍ୟମାନଙ୍କୁ ମହିମାଧର୍ମର କଠୋର ବ୍ରତ ପାଳନ କରିବାକୁ ପଡେ । ଶିଷ୍ୟ ମାନେ ପୁଣି ଦୁଇ ଭାଗରେ ବିଭକ୍ତ । ନୂତନ ଭାବେ ଦୀକ୍ଷା ନେଉଥିବା ଶିଷ୍ୟ ମାନେ କୌପୀନଧାରୀ । କୌପୀନ ବ୍ୟତୀତ କେବଳ ଦୁଇ ଖଣ୍ଡ ବସ୍ତ୍ରରେ ଦିନ କାଟନ୍ତି । ଶୋଇବା ପାଇଁ ତିରଣ (ନଡା) ଶଯ୍ୟା ) ବ୍ୟବହାର କରନ୍ତି, ନିଜର କୌଣସି ରନ୍ଧାବଢା ର ବ୍ୟବସ୍ଥା ନଥାଏ , ଜନପଦରେ ଭିକ୍ଷା କରି ଆହାର କରନ୍ତି ତା'ପୁଣି ଦିନକୁ ମାତ୍ର ଦୁଇଥର । ମହିମାଧର୍ମର ସନ୍ୟାସୀ ମାନେ ସୂର୍ଯ୍ୟୋଦୟ ପୂର୍ବରୁ ସ୍ନାନ ସାରି ଅଲେଖ ପରମବ୍ରହ୍ମଙ୍କୁ ଦଣ୍ଡବତ ପ୍ରଣାମ ଜଣାନ୍ତି ,ଜଗତଜନଙ୍କର ମଙ୍ଗଳ କାମନା କରନ୍ତି । ସେମାନେ "ଓଁ ଶ୍ରୀ ଅଲେଖ ପରମବ୍ରହ୍ମଣେ ଶରଣଂ "ଉଚ୍ଚାରଣ କରିବା ସଙ୍ଗେସଙ୍ଗେ "ଜଗତଜନଙ୍କର କଲ୍ୟାଣ ହେଉ" ବୋଲି କହି କହି ଭୂମିରେ ସାଷ୍ଟାଙ୍ଗ ପ୍ରଣିପାତ କରିଥାନ୍ତି ସାତଥର । ଦିନରେ ମାତ୍ର ଗୋଟିଏ ଗାଆଁରେ ଜଣକ ଘରେ ହିଁ ସେମାନେ ଦଳବଦ୍ଧ ହୋଇ ଭିକ୍ଷା କରନ୍ତି, ସେମାନେ କାହା ଓଳିତଳେ ବସନ୍ତି ନାହିଁ, ଅଗଣା କିମ୍ବା ଖଳାବାରି ଭଳି ସ୍ଥାନ ରେ ସେମାନଙ୍କର ପନ୍ତି ଭୋଜନ ହୋଇଥାଏ । ସେମାନଙ୍କ ଆସିବା ପୂର୍ବରୁ ଗୃହୀ ଭକ୍ତ ଟି ସେଇ ସ୍ଥାନ କୁ ସଫା ସୁତୁରା କରି ପାଣି ଛିଞ୍ଚି କଦଳୀ ପତ୍ର କାଟି, ନୂଆ ନଡିଆଖଡିକା ସହ ସଜାଡି ରଖି ଦେଇଥାନ୍ତି, ଗରା ବା ଡାଳରେ ପାଣି ରଖି ଦେଇଥାନ୍ତି ।



ସେମାନେ ଦଳବଦ୍ଧ ହୋଇ ଆସେବା ପରେ ସେଇ ଅଗଣା ରେ ଅଲେଖଙ୍କୁ ଡାକ ଦିଅନ୍ତି ତା'ପରେ ତାଙ୍କ ଶିଷ୍ୟମାନେ ଗୁରୁଜନଙ୍କ ପାଦ ଧୋଇ ଦେଇ ପଢିବାରେ ବସାନ୍ତି ଏବଂ ନିଜେ ସେଇ କଦଳୀପତ୍ର ଆଉ ନଡିଆ ଖଡିକା ସାହାଯ୍ୟ ରେ ସୁନ୍ଦର ଭାବରେ ଥାଳି ତାଟିଆ ସବୁ ତିଆରି କରନ୍ତି । ସେମାନଙ୍କର ଆମିଷ ନିରମିଷ କିଛି ବାରଣ ନଥାଏ, ସମସ୍ତେ ନିଜ ନିଜର ରୁଚି ଅନୁସାରେ ଭୋଜନ କରନ୍ତି । ପଙ୍ଗତରେ ବସି ଖାଆନ୍ତି ଏବଂ ଗୃହୀ ଭକ୍ତ ପାଇଁ ପତ୍ର ଟିଏ ପକାନ୍ତି । ଖାଇ ସାରିବା ପରେ ହାତ ଧୁଆଧୋଇ ହୋଇ ପୁଣି ଥରେ ଭକ୍ତ ର ମଙ୍ଗଳ କାମନା କରି ଅଲେଖଙ୍କୁ ଡାକ ଦିଅନ୍ତି । ସାଙ୍ଗରେ ଧରି ଆଣିଥିବା ବାଡି କୁ ସାରା ପରିବାର ର ପିଲାମାନଙ୍କ ମୁଣ୍ଡରେ ଛୁଆଁଇ ଦୀର୍ଘାୟୁ ହେବାର ଆଶୀର୍ବାଦ କରନ୍ତି । ଅଲେଖ ଧର୍ମାବଲମ୍ବୀ ମାନେ ସୂର୍ଯ୍ୟାସ୍ତ ପରେ ଭୋଜନ କରନ୍ତି ନାହିଁ । ତେଣୁ ସୂର୍ଯ୍ୟାସ୍ତ ପୂର୍ବରୁ ସେମାନଙ୍କ ଭୋଜନ ଭିକ୍ଷା ସରିଯାଏ । କୌଣସି ଗାଆଁରେ ଗୋଟିଏ ଟୁଙ୍ଗୀରେ ସେମାନେ ଦୁଇ ଦିନ ରହନ୍ତି ନାହିଁ । ସେଥିପାଇଁ ଗାଆଁ ଗାଆଁ ଟୁଙ୍ଗୀ ବଦଳାଇ ରହନ୍ତି । ଓଡିଶା ର ପ୍ରାୟ ପ୍ରତ୍ୟେକ ଗ୍ରାମରେ ସେମାନଙ୍କ ଟୁଙ୍ଗୀ ରହିଛି, କାଳକ୍ରମେ ପ୍ରତ୍ୟେକ ଟୁଙ୍ଗୀର ମୁଖ୍ୟ ମଧ୍ୟ ନିରୂପିତ ହୋଇଛନ୍ତି ଯୋରନ୍ଦା ମୂଖ୍ୟାଳୟ ଦ୍ୱାରା ।କିନ୍ତୁ ମୁଖ୍ୟ ମନ୍ଦିର ଭାବରେ ରହିଛି ଯୋରନ୍ଦା ର ଶୂନ୍ୟ ମନ୍ଦିର । ମହିମା ଗୋସେଇଁ ଙ୍କର ତିରୋଧାନ ହୋଇଥିଲା ମାଘମାସ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ଦିନ , ଅଲେଖ ପରମ୍ପରା ଅନୁଯାୟୀ ତାଙ୍କର ମର ଶରୀରକୁ ପେଡି ଭିତରେ ସଂସ୍କାର ପୂର୍ବକ ସମାଧିସ୍ଥ କରା ଯାଇଥିଲା ଆଶ୍ରମରେ ସେଇ ସ୍ଥାନରେ ଯେଉଁଠି ଗଢି ଉଠିଛି ଗାଦି ମନ୍ଦିର, ଅଖଣ୍ଡ ଧୂନି ସେଇ କାଳରୁ ଜଳୁଛି ଧୂନି ମନ୍ଦିରରେ । ସେଇ ଦିନଟିକୁ ଉତ୍ସବ ଭାବରେ ପାଳନ କରା ଯାଉଛି ମହିମା ଗୋସେଇଁ ଙ୍କ ସ୍ମୃତିରେ । ସେଦିନ ମନ୍ଦିର ର ଚାରିଦ୍ୱାର ରେ ଚାରୋଟି ବଡ ବଡ ଝାଡ ( ପିତଳଦୀପ ରୁଖା) ର ହଜାରେ ରୁ ଉର୍ଦ୍ଧ୍ୱ ଦୀପ ମାନଙ୍କରେ ଭକ୍ତ ମାନଙ୍କ ପ୍ରଦତ୍ତ ମହଣ ମହଣ ଗୁଆଘିଅ ଆହୁତି ଦେଇ ମହିମା ଧର୍ମର ସାଧୁଗଣ ଜଗତଜନଙ୍କ କଲ୍ୟାଣ କାମନା କରୁଛନ୍ତି । ଧର୍ମୀୟଭାବନା ନେଇ ଶ୍ରଦ୍ଧା ରେ ହଜାର ହଜାର ଭକ୍ତ ମାନେ ଛୁଟି ଆସୁଛନ୍ତି ଓଡିଶା ର କୋଣ ଅନୁକୋଣରୁ ସେଇ ଝାଡରେ ଘିଅ ଟିକିଏ ଦେଇ ମହିମା ଗୋସେଇଁ ଙ୍କୁ ସୁମରଣା କରି ନିଜର ତଥା ନିଜ ପରିବାର ର ମଙ୍ଗଳ କାମନା କରିବା ପାଇଁ । ମହିମା ଗୋସେଇଁଙ୍କର ମୁଖ୍ୟ ଶିଷ୍ୟ ଥିଲେ ସନ୍ଥକବି ଭୀମଭୋଇ । ଆଜି ଓଡିଶା ର ପୁରପଲ୍ଲୀ ରେ ପରିଚିତ ଆଉ ପ୍ରଚଳିତ ହେଉଛି ସନ୍ଥକବିଙ୍କର ଭଜନ ମାଳା , ତାଙ୍କ ରଚିତ ସତ୍ୟ ମହିମା ଧର୍ମ ପ୍ରତିପାଦକ, ଅଲେଖ ସଂହିତା, ଶୂନ୍ୟ ସଂହିତା ଇତ୍ୟାଦି ବିଭିନ୍ନ ଗ୍ରନ୍ଥମାନ । ଜାତିସଂଘ କାର୍ଯ୍ୟାଳୟ ରେ ହଲ୍ ଅଫ୍ ଫେମ୍ ରେ ଲେଖା ହୋଇ ରହିଛି ତାଙ୍କର ସେ ଆପ୍ତବାଣୀ.....

ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ
ଦେଖୁଦେଖୁ କେ ବା' ସହୁ ,
ମୋ'ଜୀବନ ପଛେ ନର୍କେ ପଡିଥାଉ
ଜଗତ ଉଦ୍ଧାର ହେଉ ।।

ପୋତାପୋଖରୀ
ନୂଆବଜାର, କଟକ -୪

# ଟଙ୍କା କହେ କଥା

ଧ୍ରୁବ ଚରଣ ଘିବେଲା

ଟଙ୍କା ସବୁ ସମୟର ଠନ ଠନ ଗୋପାଳ ନଗଦ ନାରାୟଣ । ଟଙ୍କା ପକେଟରେ ଥିଲେ ମନ ସଦା ସଜ ସତେଜ ଥାଏ । ଟଙ୍କା ହାତରେ ନ ଥିଲେ ଅଭାବବୋଧ ଖାଲି ରହେନି, ରୀତିମତ ଚିନ୍ତା ଘାରେ ହାତ ଖାଲି ଥାଇ ମାନେ ହାତରେ ଟଙ୍କା ନ ଥାଇ । ଲୋକେ ଟଙ୍କା ଥାଇ ହୁଅନ୍ତି ଧନୀ । ଟଙ୍କା ନ ଥିବା ଲୋକର ପରିଚୟ ଏଠି ତିଆରି ହୁଏ ଗରିବ । ନିର୍ଦ୍ଧନ ଓ ଟଙ୍କା ଥିବାଲୋକର ପରିଭାଷା ଥିଲାବାଲା । ଆଉ ଟଙ୍କା ନଥିବାଲୋକ ହୁଏ ନଥିଲାବାଲା । ଥିଲାବାଲାର ଆଦର ରହିଥାଏ ସବୁଠି । ନଥିଲାବାଲାର ସ୍ଥାନ ନଥାଏ କେଉଁଠି ଓ ଥିଲାବାଲା ମୁଢ଼ି ଖାଇଲେ ସଉକିରେ ଖାଆନ୍ତି, ଚିରାଫଟା ପିନ୍ଧିଲେ ତାଙ୍କ ଷ୍ଟାଇଲ ହୁଏ । ଖାଲି ଦେହରେ ବୁଲିଲେ ଖୁସିରେ ବୁଲନ୍ତି । ଅନ୍ୟପାଖେ ନଥିଲାବାଲା ମୁଢ଼ି ଖାଇଲେ ତାହା କୁଆଡ଼େ ଅଭାବୀ ଯୋଗୁଁ ଖାଆନ୍ତି । ଅଭାବୀ ଯାହା କଲେ, ଖାଇଲେ, ପିନ୍ଧିଲେ ତା' ପଛରେ ଅଭାବ ହିଁ କାରଣ ପାଲଟେ । ଥିଲାବାଲା ଯାହା କଲେ ସୁନ୍ଦର । ନଥିଲାବାଲା ପାଇଁ ଯାହା କଲେ ତାହା ହୋଇଥାଏ ଅସୁନ୍ଦର ।

ତେବେ ଟଙ୍କା ଏଠି ପରିଚୟ ତିଆରେ ଓ ଟଙ୍କା ଥିଲେ ସବୁ ଥାଏ । ମାନ ସମ୍ମାନ ପରିଚୟ ସବୁକିଛି । ଟଙ୍କା ବି ଚଉକି ଦିଏ । ଚଉକିରେ ବସାଏ ସେଇ ଟଙ୍କା । ଥିଲାବାଲାଙ୍କୁ ସବୁଠି ସମ୍ମାନ ଆଦର ମିଳେ । ଦେଇ ସମ୍ମାନ ପାଆନ୍ତି । ଗାଆଁର ସବୁ କାମରେ ଥିଲାବାଲା ହିଁ ଆଗ ଲୋଡ଼ା ପଡ଼ନ୍ତି । ଖୋଜା ହୁଅନ୍ତି । କିଛି ଥିଲାବାଲାଙ୍କ ସବୁଠି ଆର୍ଥିକ ସହଯୋଗ ଥାଏ । ଗାଆଁରେ କ୍ରିକେଟ, ଫୁଟବଲ, କବାଡ଼ି, ଯାହାକିଛି ଖେଳ ହେଉ କି ଯାନୀଯାତ୍ରାର ଆୟୋଜନ ହେଉ ସବୁ କାମରେ ଥିଲାବାଲା ଦେଇ ମୁଣ୍ଡିଆଳ ସାଜନ୍ତି । ନଥିଲାବାଲାଙ୍କୁ ସେଠି କିଏ ପଚାରେ ?ବରଂ ନଥିଲ୍ବାଲା ସେଠି ଯେତେ ଖଟିଲେ ବି ପରିଚୟ ପାଆନ୍ତିନି । ଥିଲାବାଲା କଣ କିଛି ସାମାନ୍ୟ ସାହାଯ୍ୟ କରି ମଧ୍ୟ ନାଁ ଅର୍ଜେ । ନାଁ କମାଏ ଓ ସ୍ଥୁଳ ବିଶେଷରେ ଥିଲାବାଲାର ନାଁ ରହେ ।

ଅନ୍ୟପାଖେ ଟଙ୍କା (ଲାଞ୍ଚ)ଯୋଗୁଁ କେଉଁ କାମ କେଉଁଠି ଅଟକି ରହିଯାଏ ନାହିଁ । ମୁହଁମାଡ଼ି ପଡ଼ି ରହିଥିବା ଫାଇଲ ବି ଟଙ୍କା ଦେଖିଲେ ଦଉଡ଼ିବା ଆରମ୍ଭ କରେ ଏଠାରୁ ସେଠାକୁ । ଅସମ୍ଭବକୁ ସମ୍ଭବ କରେ କେବଳ ଟଙ୍କା ଓ ଫାଇଲ ଗଦାର ସବା ତଳ ଫାଇଲ ଉପରକୁଉଠି ଆସିଥାଏ । କେଉଁଠି ଧାଡ଼ି ଧରିଥିବା ପଛଲୋକର ନାଁର କ୍ରମ ସଂଖ୍ୟା ବଦଳିଯାଏ । ଟଙ୍କା ନାଁକୁ ହଁରେ ପରିଣତ କରିପାରେ । କାହାର ବିରକ୍ତିକୁ ସନ୍ତୁଷ୍ଟିରେ ରୂପାନ୍ତରିତ କରେ । କୌଣସି କାମ ପାଇଁ ଆସିଥିବା ଲୋକକୁ ଆଗ ମନା କରୁଥିବା ଲୋକ ଟଙ୍କା ମୁହଁ ଦେଖିଲେ ଆଉ ମନା କରେନି । ପାଖରେ ବସାଏ । କଣ କାମ ଅଛି କି ବୋଲି ଶରଧାରେ ପଚାରି ବସେ ? କାହାଠୁ ମୁହଁ ବୁଲାଇ ନେଉଥିବା ଲୋକ ପୁଣି ତା' ଆଡ଼କୁ ମୁହଁ ସିଧା କରି ଚାହିଁ ଦେଖେ ଟଙ୍କା ଗନ୍ଧ ଠଉରେଇ ପାରିବା ସ୍ଥିତିରେ । ଏମିତି ଲୋକ ବି ଅଛନ୍ତି କାହା ପଛରେ ଗୋଡ଼ାନ୍ତି କାହାଠୁ କିଛି ଟଙ୍କା ପାଇଯିବା ମତଲବରେ । ଟଙ୍କା ଥିଲେ କାମ ହାତେଇ ନେଇ ହୁଏ ଓ କାମ କିଣି ହୁଏ । ଆଜିର ଦିନରେ ଲୋକକୁ ବି କିଣି ହୁଏ ଓ ଲୋକ ବିକ୍ରି ହୋଇଯାନ୍ତି ଟଙ୍କା ପାଇଁ ଟଙ୍କା ପାଇ । ଭୋଟ ବିକ୍ରି କଥା ବି ଶୁଣାଯାଏ । ଟଙ୍କା ଲୋଭରେ ଭୋଟ ବେଳେ କିଛି ପ୍ରାର୍ଥୀ ବିକ୍ରି ହୋଇଯାନ୍ତି ନୀତି ନୈତିକତା ହରେଇ ଓ ଏମିତି ଏଠି ମଣିଷ ମୁଣ୍ଡ ବିକ୍ରି ହୁଏ ନାନା ଆକାରେ ପ୍ରକାରେ । ଚାକିରିଆ ବି ମୁଣ୍ଡ ବିକିଥାନ୍ତି ମୁନିବ ପାଖରେ । ସବୁ ପ୍ରକାର କିଛି ପୁରସ୍କାର ବି ବିକାକିଣାହେଲାଣି ଏବେ । କେଉଁଠି କେଉଁଠି ସାହିତ୍ୟ ପୁରସ୍କାର ବି ଦ୍ରବ୍ୟରେ ପରିଣତ ହୋଇ ବିକ୍ରି ହେଲାଣି । ନାଁ ବିକଳିଆ ପୁରସ୍କାର କିଣି ପ୍ରତିଭାର ପରିଚୟ ଥୋଇଲେଣି ଆଜି । କିଣା ପୁରସ୍କାରରେ ସମ୍ମାନ ସାଉଁଟିଲେଣି ଓ ଟଙ୍କା ଥିଲେ ହାତରେ ମାଆକୁ ଛାଡ଼ି ଆଜି ସବୁ କିଣି ହୁଏ । ଶେଷକଥା- ଯାହାଠି ଥାଏ ଟଙ୍କା, ସେଇ ଲୋକ କହି ନଥାଏ କଥା । ଅସଲକୁ ଟଙ୍କା କହେ କଥା । କାହା ମୁହଁକୁ ବି କରେ ବଙ୍କା ।

ବଉଦରାଜ, ଜି. ବୌଦ୍ଧ
ମୋ. ୯୪୩୭୪୭୮୪୬୬

# ଘରକୁ ସ୍ୱର୍ଗରେ ପରିଣତ କରେ ନାରୀ

ଯେଉଁ ଘରେ ନାରୀକୁ ସମ୍ମାନ ମିଳେ, ସେହି ଘର ସ୍ୱର୍ଗରେ ପରିଣତ ହୁଏ"—ଏହି ଉକ୍ତି କେବଳ ଏକ ଶବ୍ଦ ନୁହେଁ, ଏହା ସଭ୍ୟ ସମାଜର ଏକ ଗଭୀର ସତ୍ୟ । ନାରୀ ପରିବାରର ଭିତ୍ତି, ସମାଜର ସୃଷ୍ଟିଶୀଳ ଶକ୍ତି ଓ ମୂଲ୍ୟବୋଧର ପ୍ରଥମ ଶିକ୍ଷକ । ଯେଉଁ ଘରରେ ତାଙ୍କୁ ଗୌରବ, ସମ୍ମାନ, ଭଲପାଇବା ଓ ସୁରକ୍ଷା ମିଳେ, ସେଠାରେ ସମନ୍ୱୟ, ଶାନ୍ତି ଓ ସମୃଦ୍ଧି ଆପଣାପେଇଁ ଆସିଯାଏ । ଏମିତି ଘର ମାନବ ଜୀବନରେ ସ୍ୱର୍ଗର ଅନୁଭୂତି ଦିଏ ।

ସମାଜର ନିର୍ମାଣ ହୁଏ ପରିବାରରୁ, ଏବଂ ପରିବାରର ନିର୍ମାଣ ହୁଏ ନାରୀଙ୍କ ଆଶୀଷ, ଶ୍ରମ ଓ ଭଲପାଇବାରୁ । ନାରୀ ମାତ୍ର ଘରଚଳାଇବା ପାଇଁ ନୁହେଁ—ସେ ଜୀବନର ସୃଜନଶୀଳୀ, ସଂସ୍କାରର ନିର୍ମାତ୍ରୀ, ପ୍ରେରଣାର ଉତ୍ସ ଓ ପରିବାରର ସମତାବୃତ୍ତ ଶକ୍ତି । ଯେଉଁଠାରେ ତାଙ୍କ ପ୍ରତି ଅବହେଳା କିମ୍ବା ଅପମାନ ହୁଏ, ସେଠାରେ କୌଣସି ଆନନ୍ଦ, ଶାନ୍ତି କିମ୍ବା ସମୃଦ୍ଧି ରହିପାରେ ନାହିଁ ।

ଆଧୁନିକ ସମୟରେ ନାରୀଙ୍କ ଭୂମିକା ପରିବାରରୁ ଆରମ୍ଭ କରି ସମାଜ ଓ ରାଷ୍ଟ୍ର ପର୍ଯ୍ୟନ୍ତ ବିସ୍ତୃତ ହୋଇଛି । ସେ ଶିକ୍ଷକ, ଡାକ୍ତର, ବୈଜ୍ଞାନିକ, ପ୍ରଶାସକ, କଳାକାର, କୃଷକ ଓ ନେତୃତ୍ୱ ଦେବାର ଭୂମିକାରେ ସମାନ କୌଶଳ ଦେଖାଇଛନ୍ତି । ଏତେ ସବୁ ଦାୟିତ୍ୱ ସଫଳତାର ସହିତ ପାଳନ କରିବା ସତ୍ତ୍ୱେ ଯଦି ଘରେ ସେ ସମ୍ମାନିତ ନୁହେଁ, ତେବେ ସେହି ଘର କେବେବି ପ୍ରଗତିର ପଥରେ ଆଗୁଆ

## ପ୍ରାପ୍ତପତ୍ର

ହୋଇପାରେ ନାହିଁ । ନାରୀଙ୍କୁ ସମ୍ମାନ ଦେବାର ଅର୍ଥ ହେଉଛି— ତାଙ୍କ ମତାମତକୁ ଗୁରୁତ୍ୱ ଦେବା, ତାଙ୍କ ପାଇଁ ସୁବିଧାଜନକ ପରିବେଶ ତିଆରି କରିବା, ଘରୋଇ ଓ ସାମାଜିକ ସ୍ତରରେ ସମାନତା ଦେବା, ଏବଂ ତାଙ୍କ ସ୍ୱପ୍ନକୁ ସମର୍ଥନ କରିବା ।ସମ୍ମାନ କେବଳ ଶବ୍ଦରେ ସୀମିତ ନୁହେଁ—ଏହା ଆଚରଣରେ ପ୍ରକାଶ ପାଏ । ଘରର କାମକୁ "ମୂଲ୍ୟହୀନ" ବୋଲି ନ ଭାବି ତାହାର ଗୁରୁତ୍ୱକୁ ସ୍ୱୀକାର କରିବା, ନାରୀଙ୍କ ସ୍ୱାସ୍ଥ୍ୟ ଓ ସମୟକୁ ମୂଲ୍ୟ ଦେବା, ତାଙ୍କୁ ଆତ୍ମବିଶ୍ୱାସ ଦେବା—ଏହି ସବୁ ହେଉଛି ସମ୍ମାନର ଅସଲ ରୂପ । ଯେଉଁଘରେ ଏମିତି ସମ୍ମାନ ରହେ, ସେଠାରେ ପ୍ରେମ ହୁଏ ଗାଢ଼, ସମ୍ବନ୍ଧ ହୁଏ ଅତୁଟ ଓ ପରିବେଶ ହୁଏ ଶାନ୍ତିମୟ ।

ନାରୀ ସମ୍ମାନ କେବଳ ଘରକୁ ନୁହେଁ, ସମାଜକୁ ମଧ୍ୟ ସ୍ୱର୍ଗସମାନ କରିପାରେ । ସମ୍ମାନ ପାଉଥିବା ନାରୀ ନିଜ ପୁଅ-ଝିଅଙ୍କୁ ସମ୍ମାନ, ସମତା, ସହିଷ୍ଣୁତା ଓ ମୂଲ୍ୟବୋଧର ସଂସ୍କାର ଦେଇପାରେ । ଏମିତି ପିଢ଼ି ସମାଜକୁ ଆଗକୁ ନେଇଯାଏ ।

ଅତଏବ, ଘରକୁ ସଫଳ, ସମୃଦ୍ଧ ଓ ସ୍ୱର୍ଗସମାନ କରିବାକୁ ଚାହିଁଲେ—ନାରୀଙ୍କ ସମ୍ମାନ ହେଉଛି ପ୍ରଥମ ଓ ସବୁଠାରୁ ଆବଶ୍ୟକ ପଦକ୍ଷେପ । ଯେଉଁଘର ନାରୀଙ୍କୁ ମାନ-ମର୍ଯ୍ୟାଦା ଦେଇଥାଏ, ସେଠାରେ ଭଗବାନଙ୍କ କୃପା ନିହିତ ରହେ । ଯେଉଁଘରେ ନାରୀଙ୍କ ସମ୍ମାନ ରହେ, ସେଠି ପରିବାର ଜୀବନ ସତ୍ୟ ସ୍ୱର୍ଗର ଅନୁଭବ ଦେଇଥାଏ । 'ବୈକୁଣ୍ଠ ସମାନ ଅଟେ ଯେଉଁ ସେହିଘର ନାରୀଙ୍କୁ ସମ୍ମାନ ମିଳେ ଯହିଁ ନିରନ୍ତର ।'

ସିତାଂଶୁ ଶେଖର ମିଶ୍ର
ଶାନ୍ତି ନଗର, ସୋନପୁର




୩୧.୧.୨୦୨୬

# ବାଘ ହେଲା ରାଜା

**ରମେଶ ଚନ୍ଦ୍ର ଦାଶ**

ରାଜା ବାଛିବା ପାଇଁ ସିଂହ ବଣଯାକର ସବୁ ପ୍ରାଣୀଙ୍କର ସଭା ଡାକିଲା । ଏଥିପାଇଁ ବିଲୁଆ ଓ ପାତିକୁ ଦାୟିତ୍ୱ ପ୍ରଦାନ କଲା । ଭଲ ଭଲ ଜିନିଷ ଖାଇବାକୁ ଦେଇ ବିଲୁଆ ଓ ପାତିକୁ ମନ୍ତ୍ରୀ କରାଇବାର ଲୋଭ ଦେଖାଇଲା । ବିଲୁଆ ଓ ପାତି ବଣଯାକ ବୁଲି ବୁଲି ସମସ୍ତଙ୍କୁ ଡାକିଲେ । ଯେଉଁମାନେ ଆସିଲେ ନାହିଁ ସେମାନଙ୍କୁ ଧମକାଇଲେ- ତୁମେମାନେ ସଭାରେ ଯୋଗନେଦେଲ ଏ ବଣେର ରହିପାରିବ ନାହିଁ । ଭାଲୁ ଏକଥା ଶୁଣି କହିଲା- ତୁମ ହାତରେ କ'ଣ ହେବ ସେତେବେଳ ଦେଖିବା । ବାଘ ବି ସେହିଭଳି କଥା କହି ସଭାକୁ ଆସିଲା ନାହିଁ ।

ଅନ୍ୟ ବହୁ ପ୍ରାଣୀ ସେମାନଙ୍କ ଭୟ ପାଇ ଆସିଲେ । ସିଂହର ଚିନ୍ତା କିନ୍ତୁ ଅଲଗା । ନିଜେ ରାଜଗାଦିରେ ବସି ସମସ୍ତଙ୍କ ଉପେର ହୁକୁମ ଚଳାଇବ । ନିଜ ପରିବାର ସହିତ ଖୁସିରେ ରହିବ ।

ସଭା ଆରମ୍ଭ ହେଲା । ପ୍ରଥେମ ବିଲୁଆ ଠିଆ ହୋଇ ସିଂହକୁ ରଜା କରିବା ପାଇଁ ପ୍ରସ୍ତାବ ଦେଲା । ପାତି ତାକୁ ସମଥର୍ନ କଲା। ଅନ୍ୟ କେହି ବି ତା ବିରୋଧରେ ପାଟି ଫିଟାଇଲେ ନାହିଁ । ତା'ପରେ ରହିଲା ସଭାପରିଷଦ ବାଛିବା ପାଳି । ସିଂହର କଥା ଅନୁସାରେ ଯେହତୁ ପାତି ଓ ବିଲୁଆ କାମ କରୁଛନ୍ତି ତେଣୁ ସେମାନଙ୍କୁ ମନ୍ତ୍ରୀପଦରେ ନିଯୁକ୍ତି କଲା । ଦୁଇମନ୍ତ୍ରୀ ହେବାର କାରଣ କହିଲା ଯେ ଜଣଙ୍କର ଅସୁବିଧା ପଡ଼ିଲେ ଅନ୍ୟ ଜଣେ କାମ କରିବେ, ମନ୍ତ୍ରୀଙ୍କର ସବୁଠୁ ଅଧିକ କାମ । ଉପସ୍ଥିତ ସମସ୍ତ ପ୍ରାଣୀ ଫୁସୁରୁଫାସୁରୁ ହେଲେ କିନ୍ତୁ ମୁହଁ ଖୋଲି କିଛି କହିପାରିଲେ ନାହିଁ । ଅନ୍ୟମାନଙ୍କୁ ରାଜା ନିଜେ ବାଛିଲେ କାଳେ କେହି ଅପତ୍ତି କରିବେ ତେଣୁ ତାଙ୍କୁ ଭୋଜିଭାତ ଆଦିରେ ପୂର୍ବରୁ ଖୁଆଇଥିବା କେତେକଙ୍କୁ



ସିଂହ କହିଥିବା ନାମ ପ୍ରସ୍ତାବ ଦେବାକୁ କହିଲେ । ରାଜାଙ୍କର ପ୍ରିୟପାତ୍ର ହେବାକୁ ସେମାନେ ବି ତାହା କଲେ ।

ସେଦିନ କେତକ ବଛାବଛି ସରିଲା । ନୂଆ ରାଜାଙ୍କ ତରଫରୁ ଭୋଜିଭାତ ହେଲା । ସମେସ୍ତ ଖାଇପିଇ ଗଲେ । ଅନ୍ୟ କେତେକ କମର୍ଚାରୀଙ୍କ ନାମ ପଛରେ ବଛାଯିବ ବୋଲି ରାଜା ସେଦିନ ଘୋଷଣା କେଲ ।

କିଛିଦିନ ଗଲା । ରାଜା ଦିନେ ଏକୁଟିଆ ବସି ତାଙ୍କର ବଛାଯାଇଥିବା କମର୍ଚାରିମାନଙ୍କୁ ଡକାଇ ଗୋଟିଏ ସଭାକଲେ । ସେଠାକୁ ଅନ୍ୟ କାହାରିକୁ ନିମନ୍ତ୍ରଣ କଲେନାହିଁ । ସେହିମାନଙ୍କୁ ସମୁଦାୟ ଦାୟିତ୍ୱ ଦେଲେ । ଯେଉଁମାନେ ଆଶା କରି ବସିଥିଲେ ସେମାନେ ମନେ ମନେ ରାଗିଲେ ମଧ କିଛି କହିଲେ ନାହିଁ । ଶେଷରେ ସେହିମାନେ ତାଙ୍କୁ ବାଛିଥିବା ପ୍ରାଣୀମାନଙ୍କୁ ହଇରାଣ କରିବାକୁ ଆରମ୍ଭ କେଲ ।

ଏହାଫଳରେ ରାଜା କିପରି ସେମାନଙ୍କୁ ବାଛିବାକୁ କହିଥିଲେ ସେମାନେ ସମସ୍ତଙ୍କୁ କହିଦେଲେ । ଏହା ଜାଣିବା ପରେ ଦିନେ ବାଘ ସହିତ କେତେକ ପ୍ରାଣୀ ସିଂହ ଦୁଆରେ ପହଞ୍ଚିଲେ । ସିଂହ ଆଉ ବାଟ ନପାଇ ବାରିପେଟ ଦୌଡ଼ି ପଳାଇବା ବେଳକୁ ଲୁଚି ରହିଥିବା ଭାଲୁ ତା ମୁନିଆ ମୁନିଆ ନଖରେ ଧରିପକାଇ ଡାକଛାଡ଼ିଲା । ବିଲୁଆ ଦୌଡ଼ିଲା କିଆବୁଦା ଭିତରକୁ ଓ ପାତି ଗଛ ଉପରକୁ । ଅନ୍ୟମାନେ ସିଂହକୁ ଘେରି ପଚାରିଲେ । ସିଂହ ସବୁ ସତକଥା ମାନିଗଲା ।

ସମେସ୍ତ ବାଘକୁ ଅନୁରୋଧ କରିବାରୁ ସେ ରଜା ହେଲା । ସମସ୍ତଙ୍କ ମତାମତ ନେଇ କମର୍ଚାରୀମାନଙ୍କୁ ବାଛି ସମେସ୍ତ ଖୁସିରେ ରହିଲେ ।

ଶିକ୍ଷାଶ୍ରୀ ଲେନ୍, କୁମ୍ଭାରପଡ଼ା, ପୁରୀ-୨, ପୁରୀ
ଫୋନ୍-୯୭୭୬୨୩୮୫୨୨

# ଗାଆଁ ଅଛି ଦୂରେ ତାକୁ ମନ ଝୁରେ

**ପ୍ରଶାନ୍ତ କୁମାର ଦାଶ**



ସରଗସୁଷମା ଯେଉଁଠି ହେଇଛି
ଫୁଲ ପାଖୁଡ଼ାରେ ଲେଖା
ସେଇଠି ମିଳଇ ଦିନରେ ରାତିରେ
ସୂରୁଜ ଶଶୀଙ୍କ ଦେଖା ।।

ଗଛର ଚହଲା ଛାଇ ଯେଉଁଠାରେ
ନିଦାଘ ବେଳରେ ପଡେ
ସେଇ ମାଟିଧରି କୋଳରେ ସଭିଙ୍କୁ
କେତେଯେ ଜୀବନ ଗଢେ ।।

ସୁଶୀତଳ ଛାଇ ପାଇ ବାଟୋଇଟି
ଯେଉଁଠି ପଡ଼ଇ ଶୋଇ
ପକ୍ଷୀ ଗାଏ ଗୀତ ହୋଇ ପୁଲକିତ
ତା କୋଳରେ ମଥାଥୋଇ ।।

ଯେଉଁଠି ଶୁଭଇ ଗାଇଆଳ ପିଲା
ମଧୁର ବଇଁଶୀ ସୁର
ସେଇ ଗାଆଁ ଅଛି ସାଇତି ସପନ
ସହରଠୁ ବହୁଦୂର ।।

ଘର ମଥାନରେ ସକାଳରେ କାଉ
ବସି ଭାଙ୍ଗିଦିଏ ନିଦ
ମଣିଷ ତା ଦେହୁ ଅଳସ ଦୂରେଇ
ଦୂରକରେ ଆନ ଖେଦ ।।

ବିଲଶେଷ ମୁଣ୍ଡେ ହଳଦିଗଣ୍ଡିଆ
ଧାନ ନାଚି ହସୁଥାଏ
ଅଭାଗିନୀଝିଅ ସୁନ୍ଦରୀ କନିଆଁ
ସାଜି ଶାଶୂଘର ଯାଏ ।।

ଫୁଲ ଆଞ୍ଜୁଳାରେ କୁଆଁରୀ ଜହ୍ନକୁ
ଡାକେ ଅଭିଆଡ଼ିଝିଅ
ସେଇ ମାଟିକୋଳେ ଅଛି ଭାଇଚାରା
ସମ୍ପର୍କର ସୂତାଖିଅ ।।

ଉତ୍ତରା ପବନ ପଣତକାନିରେ
ଶୀତ ଢାଙ୍କିଦିଏ ମୁହଁ
ସେଇ ଗାଆଁଛବି ଆଖିରେ ପଡ଼ିଲେ
ଝରିପଡେ ଆଖିଲୁହ ।।

କୁଞ୍ଜର –ସଙ୍ଗଳାଇ, ପିପିଲି –ପୁରୀ
ମୋବାଇଲ-୯୬୬୮୮୨୨୧୯୦

# ମହୁମାଛି

**ପ୍ରଶାନ୍ତ କୁମାର ସାହୁ**



କେତେ ଛୋଟ ଜୀବଟିଏ କେତେ ଗୁଣ ତାହାର
ଫୁଲ ଦେହୁଁ ରସ ପିଇ କରୁଥାଏ ଆହାର ।

କିଛି କିଛି ରସ ମଧ ସଞ୍ଚେ କରି ବାହାର
ମହୁ ବେକ୍ଷଲି କେବେ କେବେ ଲାଗେ
କାମେ କାହାର ।

କେବେ ପୁଣି ଲାଗିଥାଏ ଓଷା ବ୍ରତ କାମରେ
ଥଣ୍ଡା କାଶ ରେକ୍ଷଗ ପାଇଁ ଲାଗେ ବ୍ୟବହାରରେ ।
ପରାଗସଙ୍ଗମ ପୁଣି ବଡ଼ କାମ ତାହାର
ଫୁଲ ଦେହୁଁ ଫଳଟିଏ ହୋଇଥାଏ ବାହାର ।

ଗୁଣୁଗୁଣୁ ଗୀତ ଗାଇ ଥାଏ ସଦା ହରଷ
ଅହରହ ବ୍ୟସ୍ତ ଥାଏ ମନେ ନାହିଁ ବିରସ ।

ଦୁନିଆକୁ ଶିକ୍ଷା ଦିଏ ହେବା ପାଇଁ କର୍ମଠ
ପର ଉପକାର ପାଇଁ କରୁଥିବ ମନସ୍ଥ ।

ଇନ୍ଦିପୁର, ଚନ୍ଦନ ମଣ୍ଡପ ସାହି,
ଢେଙ୍କାନାଳ-୯୭୭୭୦୯୦୦୫୬

# ବୁଦ୍ଧି ଓ ଜ୍ଞାନ ଦିଏ ବହି

**ସୁନନ୍ଦା ମହାନ୍ତି**

ସେଦିନ ବାପାଙ୍କ କଥା ମାନି ଶ୍ରାବଣୀ ବହି ଗୁଡିକୁ ସଫା ସଫି କରି ରଖୁ ରଖୁ ଗୋଟିଏ ଗଳ୍ପ ବହି ପାଇ ସେଥିରୁ ଗଳ୍ପଟିଏ ପଢୁଥିଲେ । ଗଳ୍ପ ଟି ଥିଲା ଗୋଟେ ରାଜ୍ୟର ରାଜାଙ୍କ ଚିନ୍ତା ବିଷୟରେ । ଜୈନିକ ଦେଶର ଜଣେ ରାଜାଙ୍କୁ ରାତିରେ ନିଦ ହେଉନଥାଏ ତ ରାଣୀ ଓ ରାଜବୈଦ୍ୟ ଙ୍କ ସମସ୍ତ ଚେଷ୍ଟା ବିଫଳ ହେଉଥାଏ । ମନ୍ତ୍ରୀ ଙ୍କୁ କେହି ନଜଣେଇଲେ ମଧ ସେ ରାଜାଙ୍କ କଥା, କାର୍ଯ୍ୟ ଓ ହାବାଭାବ ଦେଖି ଜାଣିପାରିଲେ କି ରାଜା ନିଦ୍ର ହୀନ ରଜନୀ ବିତାଉଛନ୍ତି । ତେଣୁ ସୁଯୋଗ କୁ ଅପେକ୍ଷା କରି ମନ୍ତ୍ରୀ ଦିନେରାଜାଙ୍କୁ ଭେଟି କହିଲେ କି ମୁଁ ଆପଣଙ୍କ ମନ୍ତ୍ରୀ । ମତେ ଆପଣଙ୍କ ନିଦ ହୀନ ରାତି ର କାରଣ କହିଲେ ସିନା ମୁଁ ସମାଧାନ କରିବା ସୂତ୍ର କାଢ଼ିବି ମଣିମା ! ନକହିଲେ ଜାଣିବି କେମିତି ?କେବଳ ଏତିକି ଅନୁମେୟ ଯେ କୌଣସି ଚିନ୍ତା ଆପଣଙ୍କୁ ନିଦ୍ରାହୀନତା ରୋଗ ଆଣିଦେଇଛି । ରାଜା କହିଲେ ଠିକ ଅନୁମାନ କରିଛନ୍ତି ଆପଣ । ଆମ ରାଜ୍ୟର ବରିଷ୍ଠ କବି ତାଙ୍କ କବିତା ମାଧ୍ୟମରେ ରାଜସଭା, ରାଜପଦ, ରାଜଙ୍କ ଶାସନ ଇତ୍ୟାଦି ବିଷୟରେ ଲୋକମାନଙ୍କୁ ସଂଗଠିତ କରି ରାଜ୍ୟ ଓ ରାଜାଙ୍କ ବିରୁଦ୍ଧରେ କବିତା ଦ୍ୱାରା ସ୍ଲୋଗାନ ଦେଇଚାଲିଛନ୍ତି । କବିତା ଏକରେ ଶ୍ରୁତି ମଧୁର ଏବଂ କବିଙ୍କୁ ଲୋକେ ବା ପ୍ରଜାକୁଳ ଦ୍ୱିତୀୟ ଇଶ୍ୱର ବୋଲି ବିବେଚନା କରନ୍ତି ତ କବିଙ୍କର ଏପରି ଧର୍ତ୍ତବ୍ୟ ଅପରାଧ ପାଇଁ ମୁଁ ବିନିଦ୍ର ରଜନୀ ବିତାଇଚାଲିଛି । ମନ୍ତ୍ରୀ କହିଲେ କି କଥା କହୁଛନ୍ତି ମଣିମା ଲୁଣ ହାଣ୍ଡି ଖାଇବା ପରି ଚିନ୍ତା ଗଣ୍ଡି ଖାଏ । ତ



ଆପଣ ଆଦେଶ ଦିଅନ୍ତୁ ସେ କବିକୁ ଆଣି ଆପଣଙ୍କ ସାମ୍ନା ରେ ଠିଆ କରିବି । ଦେଶଦ୍ରୋହୀ ତଥା ରାଜ୍ୟଦ୍ରୋହୀ ଦଣ୍ଡ ଦିଆଇ ତାର ଉଚିତ ବ୍ୟବସ୍ଥା କରାଇବେ ଆପଣ ।

ରାଜା କହିଲେ ତା ହାତ କାଟିଦେଲେ ଠିକ ଦଣ୍ଡ ହେବ । ମନ୍ତ୍ରୀ କହିଲେ ନାହିଁ ମଣିମା ହାତ ସିନା ଲେଖୁଛି ହେଲେ କବିତା ପରା ହୃଦୟରୁ ସୃଷ୍ଟି ହୁଏ ତେଣୁ କଟା ହାତ ହୋଇ ସେ ମୁଖରେ କବିତା ବୋଲି ପ୍ରଜାମେଳି କରିପାରେ । ଆଉ ମୃତ୍ୟୁ ଦଣ୍ଡ ଦିଆଇଲେ ମଧ ଲୋକେ ମେଳି ହୋଇ ଆନ୍ଦୋଳନ କରିବା ସମ୍ଭାବନା କୁ ଏଡେଇ ଦିଆ ଯାଇନପାରେ । ରାଜା କହିଲେ ତେବେ ତାକୁ ନିର୍ବାସନ ଦଣ୍ଡ ଦିଆଯାଉ । ମନ୍ତ୍ରୀ ମହୋଦୟ କହିଲେ ଏମିତି କଲେ ନିର୍ଜ୍ଜନତା ରେ ସେ ବେଶି ବେଶି କବିତା ଲେଖିବ । ତାର ମହକ ଚତୁର୍ଦ୍ଦିଗ ପ୍ରଶାରିତ ହେବ । ତେବେ କଣ କରିବାକୁ ହେବ କୁହନ୍ତୁ ମନ୍ତ୍ରୀବର !ମନ୍ତ୍ରୀ କହିଲେ ଆପଣ କେବଳ ରାଜସଭାରେ କବିତା ଆୟୋଜନ କରନ୍ତୁ ଓ ଶ୍ରେଷ୍ଠ କବି ରୂପେ ପଡୋଶୀ ରାଜ୍ୟର କବି ଙ୍କ ମୁଣ୍ଡରେ ପାଟ ଶାଢ଼ୀ ବାନ୍ଧନ୍ତୁ । ତାଙ୍କୁ ଶ୍ରେଷ୍ଠ କବି ଉପାଧୀରେ ଭୂଷିତ କରି ସମ୍ବର୍ଦ୍ଧିତ କରନ୍ତୁ ଦେଖିବେ ସେହି ଅଯୋଗ୍ୟ ପଣିଆ ଚିନ୍ତାରେ ଭାବି ଭାବି ଦିନ କେଇଟାରେ ଆମ ରାଜ୍ୟରେ ବିଶୃଙ୍ଖଳା କରୁଥିବା କବି ମରିବ ହିଁ ମରିବ । ରାଜା ବୁଝିଗଲେ ଘଟଣା ଓ ସେୟା ହେଲା । ସତକୁ ସତ କବି ମଲା । ଆଉ ରାତିରେ ସୁଖ ନିଦ୍ରା ଗଲେ ରାଜା ।ସେହି ଗଳ୍ପ ଟି ପଢ଼ିସାରିବା ପରେ ଶ୍ରାବଣୀ ବହି ସବୁର ଯତ୍ନ ନେଉଥିଲେ । କବିତା ଲେଖୁଥିଲେ । ଗଳ୍ପ ପଢ଼ା ଓ ଲେଖା ଚାଲୁ କରିଥିଲେ ତ ଆଉ ନିଦ ହୀନ ରାତି ନଥିଲା ।ପଢ଼ା ବହି ସହ ଅନ୍ୟାନ୍ୟ ବହି ପଢ଼ିସାରିବା ପରେ ପରେ ଆଖିପତାକୁ ନିଦ ଆସିଯାଉଥିଲା । ଶ୍ରାବଣୀ ବୁଝିଗଲେ ବାପା କାହିଁକି କୁହନ୍ତି ବହି ହିଁପ୍ରକୃତ ବନ୍ଧୁ । ଜ୍ଞାନର ଆଲୋକ ଦିଏ ଯେତିକି ମସ୍ତିଷ୍କକୁ ବିଶ୍ରାମ ଦେଇ ଜ୍ଞାନ ଭଣ୍ଡାର ସୃଷ୍ଟି କରେ ସେତିକି ।

ସାକ୍ଷୀଗୋପାଳ, ପୁରୀ, ୯୦୪୦୯୭୭୩୨୭

# ଜଗତର ମାଆ

**ପ୍ରତିଭା ଦାଶ**

ଜଗତର ମାଆ ସରବ ସହଣୀ
ତୋ ଦେହରେ କରୁ ବାସ
ପୁଅର ଅର୍ଦ୍ଦଳି ସହି ଯାଉ ତୁଇ
ମୁହଁରେ ଥାଏ ଯେ ହସ ।
ଶରଧା କରୁଣା ପ୍ରେମ ଗନ୍ତାଘର
ବାଣ୍ଟୁ ସଭିଙ୍କୁ ଆନନ୍ଦେ
ତୋ କୋଳରେ ଲାଗେ ସରଗ ପରିକା
ମନକୁ ସର୍ବଦା ବାନ୍ଧେ ।
ହୃଦୟ ତୋହର କଅଁଳ କୁସୁମ
ନରଙ୍କୁ କରେ ବିଭୋର
ପାହାଡ଼ ପର୍ବତ ଅକ୍ଲେଶରେ ବୋହି
ଖୁସିରେ ବଢ଼ାଉ କର ।
ନଦୀ ନାଳ ହ୍ରଦ ସମୁଦ୍ର ଝରଣା
ତୋ ବକ୍ଷରେ ଶୋଭା ପାଏ
ବଣ ଜଙ୍ଗଲର ପକ୍ଷୀର ସ୍ୱରରେ
ଦୁନିଆ ମୋହିତ ହୁଏ ।
ସବୁ ଜୀବଜନ୍ତୁ ତୋହରି ଅଙ୍ଗକୁ
କରିଛନ୍ତି ବାସସ୍ଥଳୀ
ତୋ ଯୋଗୁଁ ପ୍ରାଣୀକୁ ମିଳଇ ସୁରକ୍ଷା
ବଞ୍ଚିଛି ଜଗତେ ଖାଲି ।

ନୂଆପଡ଼ା- ୭୮୯୪୫୨୮୪୯୩



## ଶିଶୁ କବିତା

# ବାଡ଼ି

**ଦଶରଥ ମାଝୀ**



ସରୁ ହୋଇକରି ଲମ୍ବା ଦିଶୁଅଛି
ଦେହରେ ନାହିଁ ଜୀବନ
ବୁଢାବୁଢ଼ୀ ପାଶେ ବାଡ଼ିଟିଏ ରହି
ସାହା ହୁଏ ରାତିଦିନ (୧)
ଠୁକୁଠୁକୁ ଚାଲେ ଯେତେ ବୁଢାବୁଢ଼ୀ
ହାତରେ ବାଡ଼ିକୁ ଧରି
କାହିଁ କେତେ ଦୂର ଚାଲି ଯାଇଥାଏ
ଏ ବାଡ଼ିକୁ ଆଶ୍ରା କରି (୨)
ଚମ ଧୁଡୁଧୁଡୁ ବାଳ ଫୁରୁଫୁରୁ
ଦେହେ କମିଗଲେ ବଳ
ବାଡ଼ି ଗୋଟେ ଧରି ଗାଆଁ ରାସ୍ତା ଆଡେ
ଧୀରେଧୀରେ କରି ଚାଲ (୩)
ଅନ୍ଧ ଲୋକଟିଏ ହାତେ ବାଡ଼ି ଧରି
ଚାଲଇ ବାଟ କଡ଼ାଇ
ଗାଈଗୁରୁ ଯେତେ ଚରେ ନେଇଥାଏ
ବାଡ଼ି ଧରି ଚଷା ଭାଇ (୪)
ତୁମ ପିତାମାତା ବୁଢାବୁଢ଼ୀ ହେଲେ
ବୃଦ୍ଧାଶ୍ରମେ ଦିଅ ଛାଡି
ତା 'ପୁଅ ନ ହୋଇ ସାହା ହୋଇଥାଏ
ଶୁଖିଲା ବାଉଁଶ ବାଡ଼ି (୫)

କୁରୁମାଚୁଆଁ, ଭବାନୀପାଟଣା, କଳାହାଣ୍ଡି
ମୋ :୮୨୪୯୨୧୨୪୭୨

# ଶୀତ ଯାଏ ଫେରିଫେରି

**ନିରଞ୍ଜନ ସାହୁ**

ଶୀତ ଯାଏ ଛାଡିଛାଡି
ଖରା ଆସେ ମାଡ଼ିମାଡ଼ି
ଶୀତ ଯାଉଅଛି ବସନ୍ତ ଆସୁଛି
ରସାଳ ବଉଳ ବଢ଼ିଆ ବାସୁଛି
ଆମ୍ବ ହେବ ଗାଡିଗାଡି ।

ଦିନ ଯାଏ ବଢ଼ିବଢ଼ି
ରାତି କମେ ଘଡ଼ିଘଡ଼ି
ଉତ୍ତରା ପବନ ବିଦାୟ ନେଉଛି
ଦକ୍ଷିଣା ପବନ ଆନନ୍ଦ ଦେଉଛି
ପତ୍ର ଯାଏ ଝଡିଝଡି ।

ଶୀତେ ଯିଏ ଥରହର
ଆଜି ବୁଲେ ଘରଘର
ଭୋଜିଭାତ କରି ସଭିଙ୍କୁ ଖୋଇବା
ରାତିରେ ଏଣିକି ଡେରିରେ ଶୋଇବା
କାହିଁ ହୁଅ ତରତର ?

ଶୀତ ଦିନ ଯାଉଯାଉ
ଥଣ୍ଡା ଟିକେ ଥାଉଥାଉ
ଶୀତ ବସ୍ତ୍ରଙ୍କର କମଇ ଆଦର
ଅଲୋଡ଼ା ହୁଅଇ ବିଛଣା ଚାଦର
ଉଷ୍ମ ଟିକେ ପାଉପାଉ ।

କୁହୁଡିକୁ ଡରିଡରି
ସକାଳରେ ଥରିଥରି
ପ୍ରାତଃଭ୍ରମଣରେ ଯାଏନାହିଁ ଯିଏ
ଏବେ ବାହାରଇ ରାତି ଥାଉ ସିଏ
ପଦ ଯାତ୍ରା କରିକରି ।

ଶୀତ ଯାଏ ଫେରିଫେରି
ଶୁଣେ କାନ ଡେରିଡେରି
କିଏ କ'ଣ ତାହା ବାବଦେ କହୁଛି
ସତ କହୁଛି ନା ଗୋପନ ରହୁଛି
ଜନଗଣେ ଘେରିଘେରି ।

ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ -୭୫୯୦୧୬
ମୋ :-୯୯୩୮୭୪୧୫୮୩

# ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ସଚେତନତା କାର୍ଯ୍ୟକ୍ରମ

ଜୟପୁର: ଜିଲ୍ଲା ଜଜ୍ ତଥା ଅଧ୍ୟକ୍ଷ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ପ୍ରଦୀପ କୁମାର ମହନ୍ତଙ୍କ ତତ୍ତ୍ୱାବଧାନରେ ବିଷ୍ଣୁ ପ୍ରସାଦ ଦେବତା ବିଧିବଦ୍ଧ ଭାବରେ ସବୁଜ ପତାକା ଦେଖାଇ ସଚେତନତା ସାଇକେଲ ରାଲିର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର କୁଳ ସଚିବ ମହେଶ୍ୱର ନାୟକ, ଏନ.ସି.ସି ର ଲକ୍ଷ୍ମଣ ପାତ୍ର ଏବଂ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ବୃନ୍ଦ ଉପସ୍ଥିତରେ ଏହି ଗଣତନ୍ତ୍ର ଦିବସ ଅବସରରେ ବାଲ୍ୟ ବିବାହକୁ କିପରି ଆମଦେଶରୁ ମୁକ୍ତ କରାଯିବ ସେହି ଉଦ୍ଦେଶ୍ୟରେ ସାଇକେଲ ରାଲି ଆୟୋଜନ କରାଯାଇଥିଲା। ଏଥିରେ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ସରକାରୀ ମହିଳା ମହାବିଦ୍ୟାଳୟର ଛାତ୍ରୀ, ପାରାଲିଗାଲ ସ୍ୱେଚ୍ଛାସେବୀ ଏବଂ ଜୟପୁର ସିଟି ହାଇସ୍କୁଲ ଆଇନ ସାକ୍ଷରତା କ୍ଲବର ଶିକ୍ଷକ ପ୍ରତାମ କୁମାର ପଟ୍ଟନାୟକ, ସାଇକେଲ କ୍ଲବ ର ଅଧ୍ୟକ୍ଷ କେ. ମୋହନ ରାଓଙ୍କ ନେତୃତ୍ୱରେ ସାଇକେଲ କ୍ଲବର ସଦସ୍ୟ ଯୋଗଦେଇ ଥିଲେ। ବାଲ୍ୟ ବିବାହ ଉଚ୍ଛେଦ କରିବା, ଶିଶୁକୁ ଶିଶୁର ଅଧିକାର ଦେବା, ଆସ ସଭିଏଁ ଶପଥ ନେବା ବାଲ୍ୟ ବିବାହକୁ ବନ୍ଦ କରିବା ଇତ୍ୟାଦି ସ୍ଲୋଗାନ ଦେଇ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ ଜୟପୁର ଠାରୁ ଜୟପୁର ମୁଖ୍ୟା ରାସ୍ତା ଦେଇ ରାଜା ନରଗର ପର୍ଯ୍ୟନ୍ତ ସାଇକେଲ ରାଲି ମାଧ୍ୟମରେ ବାଲ୍ୟବିବାହ ମୁକ୍ତ ଭାରତ ନାରା ଦେଇ ଜନସାଧାରଣ ମାନଙ୍କୁ ସଚେତନତା କରାଯାଇଥିଲା। ସଚେତନତା ରାଲିକୁ ଆୟୋଜନ କରିବାରେ ସହଯୋଗ କରିଥିଲେ ସୋମନାଥ ମହାନ୍ତି ପାରାଲିଗାଲ ସ୍ୱେଚ୍ଛାସେବି। ବାଲ୍ୟବିବାହ ମୁକ୍ତ ଭାରତ କରିବା ଦିଗରେ ବାଲ୍ୟବିବାହ ବିରୁଦ୍ଧରେ ସଚେତନତା ସୃଷ୍ଟି ଏବଂ ବାଲ୍ୟବିବାହର ପ୍ରତିକୂଳ ପ୍ରଭାବ ବିଷୟରେ ସମ୍ପ୍ରଦାୟକୁ ଶିକ୍ଷା ଦେବା ଏବଂ ଶିଶୁମାନଙ୍କ ଅଧିକାର ଏବଂ ଭବିଷ୍ୟତ ସୁରକ୍ଷାର ଗୁରୁତ୍ୱକୁ ପ୍ରୋତ୍ସାହିତ କରିବା ପାଇଁ ବ୍ୟାପକ ସଚେତନତା ଅଭିଯାନ ପରିଚାଳନା କରିବା ଆବଶ୍ୟକ ବୋଲି ସାଇକେଲ ରାଲି ମାଧ୍ୟମରେ ସଚେତନତା କରାଯାଇଥିଲା।

# ବୈତରଣୀ ବଞ୍ଚାଅ ଅଭିଯାନ

ଚମ୍ପୁଆ: ଚାଷଜମିକୁ ଜଳସେଚନ ମାଧ୍ୟମରେ କୃଷିର ଉନ୍ନତି ପାଇଁ ଲକ୍ଷ୍ୟ ରଖି ବୈତରଣୀ ନଦୀ ଉପରେ ଚମ୍ପୁଆ ଉପଖଣ୍ଡସ୍ଥ ବାସୁଦେବପୁରଠାରେ ନିର୍ମାଣାଧିନ କାନପୁର ବୃହତ ନଦୀବନ୍ଧର ଜଳଭଣ୍ଡାରରେ ଇଂଟେକ ୱେଲ ନିର୍ମାଣ କରି ଶିଳ୍ପ ସଂସ୍ଥାଗୁଡିକୁ ପାଣି ନେବାପାଇଁ ଅନୁମତି ପ୍ରଦାନକୁ ବିରୋଧ କରି ଯୋଡ଼ା ବ୍ଲକ ଅନ୍ତର୍ଗତ କଣ୍ଡରାହାଟ ପଡିଆରେ ବୈତରଣୀ ବଞ୍ଚାଅ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୁନା, କାରୋ ଓ ବୈତରଣୀ ବଂଚାଅ ଅଭିଯାନର ଆବାହକ ଅଶୋକ ଠାକୁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜଳ ମାନବ ଡକ୍ଟର ରାଜେନ୍ଦ୍ର ସିଂ, ପରିବେଶବିତ ପ୍ରଫୁଲ୍ଲ ସାମନ୍ତରା, ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ ପ୍ରମୁଖ ଯୋଗଦେଇ ବୈତରଣୀ ନଦୀରେ ନିର୍ମାଣାଧିନ କାନପୁର ନଦୀବନ୍ଧର ଜଳକୁ ପ୍ରଥମେ ଚାଷଜମିକୁ ଯୋଗାଇବା ପରିବର୍ତ୍ତେ ଶିଳ୍ପ ସଂସ୍ଥାକୁ ଜଳ ଯୋଗାଇବା ପାଇଁ କରାଯାଉଥିବା ବିଧିବଦ୍ଧ ଯୋଜନାକୁ ବିରୋଧ କରିଥିଲେ। ଏହି ସମ୍ମିଳନୀ ରେ ରାଜ୍ୟ ସରକାରଙ୍କୁ ବୈତରଣୀ ସ୍ଥିତି ସମ୍ପର୍କରେ ଅବଗତ କରାଇବା ପାଇଁ ଶ୍ୱେତ ପତ୍ର ଜାରି କରିବାକୁ ଦାବୀ କରାଯିବା ସହିତ ନଦୀଗୁଡିକର ସୁରକ୍ଷା ପାଇଁ ରାଜ୍ୟ ସରକାର ଏକ ନଦୀ ନିତି ଆଣିବା, ବୈତରଣୀ ଜଳକୁ ସ୍ଲାରୀ ପାଇପ ମାଧ୍ୟମରେ ବ୍ୟବହାରକୁ ନିଷିଦ୍ଧ କରିବା, ବୈତରଣୀ ପାଣି ବ୍ୟବହାର ପାଇଁ କମ୍ପାନୀଙ୍କୁ ଦିଆ ଯାଇଥିବା ଅନୁମତି ପତ୍ରକୁ ପ୍ରତ୍ୟାହାର କରିବା, ଶିଳ୍ପଗୁଡିକର ବର୍ଜ୍ୟବସ୍ତୁ ନଦୀକୁ ଛାଡିବା ଉପରେ ରୋକ ଲଗାଇବା ଆଦି ଦାବି ସରକାରଙ୍କ ନିକଟରେ ଉପସ୍ଥାପନ କରାଯିବା ନେଇ ନିଷ୍ପତ୍ତି ନିଆଯାଇଥିଲା। ତତ୍ସହିତ ବୈତରଣୀର ଉତ୍ପତିସ୍ଥଳୀ ଗୋନାସିକାଠାରୁ ବୈତରଣୀ ଯାତ୍ରା ଆରମ୍ଭ କରି କେନ୍ଦୁଝର, ଯାଜପୁର, ଭଦ୍ରକ ଓ କେନ୍ଦ୍ରାପଡ଼ା ୪ଟି ଜିଲ୍ଲାରେ ବୈତରଣୀ ଫଂଚାୟତ ଗଠନ କରାଯିବା ନେଇ ମତପ୍ରକାଶ ପାଇଥିଲା। ଏହି ସମ୍ମିଳନୀରେ ଉପଖଣ୍ଡର ବିଭିନ୍ନ ଅଂଚଳରୁ ଆସିଥିବା ସରପଂଚ, ସମିତିସଭ୍ୟ, ଜିଲ୍ଲାପରିଷଦ ସଦସ୍ୟ, ଟ୍ରକ ମାଲିକଙ୍କ ସମେତ ବହୁସଂଖ୍ୟାରେ ଚାଷୀ ମାନେ ସାମିଲ ହୋଇଥିଲେ।

# ଜିଲ୍ଲା ଉନ୍ନୟନ ସମିତି ବୈଠକ

ନୂଆପଡ଼: ନୂଆପଡ଼ା ଜିଲ୍ଲାର ସାମଗ୍ରିକ ଉନ୍ନୟନକୁ ତ୍ୱରାନ୍ୱିତ କରିବା ଓ ଅନ୍ତଃବିଭାଗ ସମନ୍ୱୟ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ ଜିଲ୍ଲା ଉନ୍ନୟନ ସମିତିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାର ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷାକରି ସାମଗ୍ରିକ ବିକାଶ ଶୀଘ୍ର ଏବଂ ନିଶ୍ଚିତ କରିବା ପାଇଁ ପ୍ରତିମାସ ଏହି ବୈଠକ ଆୟୋଜିତ ହେଉଥିବା ଜିଲ୍ଲାପାଳ କହିଥିଲେ କ୍ଷ ବୈଠକରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ସୁବାସ ଚନ୍ଦ୍ର ରଇତ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ପ୍ରଫୁଲ୍ଲ କୁଜୁର, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲ୍ଲାପାଳ ସୁର୍ମି ସୋରେନ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ଧନେଶ୍ୱର ସେଠୀ, ଜିଲ୍ଲା ପରିଷଦ ଏ .ପି. ଡି. କ୍ଷମାନିଧି ଭୋଇଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଅଧିକ୍ଷଣ ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀ ଏବଂ ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ। ବୈଠକର ଆରମ୍ଭରେ ଜିଲ୍ଲାପାଳ ସମସ୍ତ ଅଧିକାରୀଙ୍କୁ ସ୍ୱାଗତ କରି ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟରେ ପେପରଲେସ୍ କାର୍ଯ୍ୟ ପ୍ରଣାଳୀ ରୂପାୟନ ଉପରେ ଗୁରୁତ୍ୱାରୋପ କରିଥିଲେ। ଓ୍ୱାସ୍ ମାଧ୍ୟମରେ ଅନଲାଇନ ଫାଇଲ ଓ ସମସ୍ତ ଚିଠିପତ୍ର ଆଦାନ ପ୍ରଦାନ ଆରମ୍ଭ କରିବାକୁ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏଥିରେ ଥିବା ସମସ୍ୟାର ତ୍ୱରିତ ସମାଧାନ ଏବଂ ଅଧିକ ଉନ୍ନତି ଆଣିବାକୁ ସେ ଡି ଇ ଜି ଏମ୍ ବିରେନ୍ଦ୍ର ସିଂ ଦଣ୍ଡସେନାଙ୍କୁ କହିଥିଲେ। ଉପ ନିର୍ଦ୍ଦେଶକ, ପରିସଂଖ୍ୟାନ ଡିଲେଶ୍ୱର ଧରୁଆ ବିଗତ ମାସର ବୈଠକର ବିବରଣୀ ଉପସ୍ଥାପନ କରିଥିଲେ। ବିଗତ ମାସରେ ଉନ୍ନୟନ କାର୍ଯ୍ୟରେ ଥିବା ବାଧା, ବିସଂଗତି ଓ ସେଗୁଡ଼ିକର ସମାଧାନ ଏବଂ ପ୍ରତ୍ୟେକ ବିଭାଗର ଅଗ୍ରଗତି ସମ୍ପର୍କରେ ଜିଲ୍ଲାପାଳ ସମୀକ୍ଷା କରିଥିଲେ। ବୈଠକରେ ପର୍ଯ୍ୟଟନ ବିଭାଗ ଦ୍ୱାରା ତିଖାଲି ଡ୍ୟାମ, ଗୋଧସ ଜଳପ୍ରପାତର ଉନ୍ନତି କରଣ, ଜିଲ୍ଲା ସଂସ୍କୃତି ଭବନ, ଟାଉନ୍ ହଲ ନିର୍ମାଣ ଉପରେ ଆଲୋଚନା ହୋଇଥିଲା କ୍ଷ ସମସ୍ତ ନିର୍ମାଣ କାର୍ଯ୍ୟ ଶୀଘ୍ର ସମାପ୍ତ କରିବାକୁ ରାସ୍ତା ଓ କୋଠାବାଡ଼ି, ଗ୍ରାମ୍ୟ ଉନ୍ନୟନ ଓ ଜାତୀୟ ରାଜପଥ ବିଭାଗକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହା ସହ ନୂଆପଡ଼ା ସହରର ରାଜପଥର ଉଭୟ ପାର୍ଶ୍ୱରେ ପେଭର ବ୍ଲକ୍ ଓ ଡ୍ରେନ କାର୍ଯ୍ୟ ଶୀଘ୍ର ସମାପ୍ତ କରିବା ଏବଂ ଖରିଆର ରୋଡରେ ରୋଡ୍ ଡିଭାଇଡର ନିର୍ମାଣ କରିବାକୁ କହିଥିଲେ। ବୈଠକରେ ଜଣାପଡ଼ିଥିଲା ଯେ ଜିଲ୍ଲାରେ ୧୯୬ ଜଣ ଚାକିରୀ ଆଶାୟୀ ପ୍ରଶାସନିକ, ବ୍ୟାଙ୍କିଂ, ଏସ୍‌ଏସ୍‌ସି ଓ ଅନ୍ୟାନ୍ୟ ନିଯୁକ୍ତି ପରୀକ୍ଷା ପାଇଁ ପ୍ରଶିକ୍ଷଣ ନେବା ନିମିତ ଆବେଦନ କରିଛନ୍ତି। ଜଳସେଚନ, ପଂଚାୟତି ରାଜ, ରାଜସ୍ୱ, କୃଷି, ଉଦ୍ୟାନ କୃଷି, ମତ୍ସ୍ୟ, ରାସ୍ତା ଓ ଗୃହନିର୍ମାଣ, ଗ୍ରାମ୍ୟ ଉନ୍ନୟନ, ଉଠା ଜଳସେଚନ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ, ପ୍ରାଣୀ ସମ୍ପଦ, ପରିବହନ, ଶିକ୍ଷା, ସ୍ୱାସ୍ଥ୍ୟ, ଜଙ୍ଗଲ, ଖଣି ଓ ପର୍ଯ୍ୟଟନ, ବିଜ୍ଞାପିତ ଅଂଚଳ ପରିଷଦ ସମେତ ସମସ୍ତ ବିଭାଗର କାର୍ଯ୍ୟ ଉପରେ ବିସ୍ତୃତ ସମୀକ୍ଷା କରାଯାଇଥିଲା। ତହସିଲଦାର ମାନଙ୍କ ଦ୍ୱାରା ବିଭିନ୍ନ ଶିକ୍ଷାନୁଷ୍ଠାନ, ଚିକିତ୍ସାଳୟ, ପ୍ରାଣୀ ଚିକିତ୍ସାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ର, ଖେଳ ପଡିଆମାନଙ୍କୁ ଜମି ପଟ୍ଟା ଯୋଗାଇବା ସହ ନୂତନ କୋଠା ନିର୍ମାଣ ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା। ବୈଠକ ଶେଷରେ ଜିଲ୍ଲାପାଳ ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନଙ୍କୁ ଉତ୍ସର୍ଗୀକୃତ ମନୋଭାବରେ କାର୍ଯ୍ୟ କରି ଜିଲ୍ଲାକୁ ସବୁଜ, ସୁନ୍ଦର ଏବଂ ପ୍ଲାଷ୍ଟିକ ମୁକ୍ତ କରି ପ୍ରଗତିର ପଥରେ ଆଗେଇ ନେବା ପାଇଁ ଆହ୍ୱାନ ଦେଇଥିଲେ।

# ମୃତ୍ୟୁ ସହ ସଂଗ୍ରାମ କରୁଛି ଦଶାନନ
## ସରକାରୀ ସହାୟତା ପାଇଁ ଗୁହାରୀ

ନୂଆପଡ଼ା: ନୂଆପଡା ଜିଲ୍ଲା ବୋଡ଼େନ ବ୍ଲକ ସୁନାପୁର ପଞ୍ଚାୟତା ଅନ୍ତର୍ଗତ ବାଗବାହାଲ ଗ୍ରାମର ଦଶାନନ ହଂସ କ୍ୟାନ୍ସର ପୀଡ଼ିତ ହୋଇ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଆଜକୁ ପ୍ରାୟ ବର୍ଷେ ହେଲା ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପରେ ଅର୍ଥାଭାବରୁ ବର୍ତ୍ତମାନ ସେ ଅସହାୟ ହୋଇପଡିଛି। ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି ଏବଂ ରେଡକ୍ରସରୁ ସହାୟତା ଯୋଗାଇ ଦେବାକୁ ସେ ଆକୁଳ ନିବେଦନ କରିଛି। ତାର ପାଟିରେ ଦାନ୍ତ ଦରଜ ହେବା ସହ ଗୋଟିଏ ଦାନ୍ତ ପାର୍ଶ୍ୱରେ ଦରତ ବଢ଼ି ଉଠିଥିଲା। ଚିକିତ୍ସା ପାଇଁ ବିଭିନ୍ନ ହସ୍ପିଟାଲ ବୁଲିବା ପରେ ତାଙ୍କୁ କ୍ୟାନ୍ସର ହୋଇଥିବା ଜଣାପଡିଥିଲା। କ୍ୟାନ୍ସର ହୋଇଥିବା ଜାଣି ସେ ଅସହାୟ ହୋଇପଡ଼ିଥିଲା। ଅର୍ଥାଭାବରୁ ଚିକିତ୍ସା ହୋଇନପାରି ମୁଣ୍ଡରେ ହାତ ଦେଇ ବସିଥିଲା। ପରେ ସରକାରଙ୍କ ଆୟୁଷ୍ମାନ ଯୋଜନା କାର୍ଡ ମଧ୍ୟରେ ଛତିଶଗଡ ରାୟପୁର ସ୍ଥିତ ସଂଜୀବନୀ ହସ୍ପିଟାଲ ଅସ୍ତ୍ରୋପଚାର ହୋଇଥିଲା କିନ୍ତୁ ବାଲକୋ ସହ ଏମମସ ହସ୍ପିଟାଲରେ ଚିକିତ୍ସା ହୋଇଥିଲା। ସେଠାରେ ସଫଳ ଅସ୍ତ୍ରୋପଚାର ଯୋଗୁଁ ସେ ସୁସ୍ଥ ହୋଇ ନିରାପଦ ମନେ କରିଥିଲା ସତ ହେଲେ ବର୍ତ୍ତମାନ ପୁଣି ମୃତ୍ୟୁ ସହ ସଂଗ୍ରାମ କରୁଛି ଦଶାନନ । ପାଟି ଶୁଖିବା ପାଇଁ କେମୁ ୨୧ ଦିନରେ ଥରେ ଲାଗିଲା କ୍ଷ ରାଇପୁରକୁ ଯିବା ଆସିବା ସହ ଔଷଧ ଖର୍ଚ୍ଚ ଧାର କରଜ କରି ୧ ବର୍ଷ ପର୍ଯ୍ୟନ୍ତ ହେଲା କିନ୍ତୁ ଦଶାନନ ଠିକ ହେଲେ ନାହିଁ କ୍ଷ ବର୍ତ୍ତମାନ ସେ ଟଙ୍କା ଯୋଗାଡ କରି ଚିକିତ୍ସା ହେବା ତା ପକ୍ଷେ ସମ୍ଭବ ନୁହେଁ। ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଏବଂ ରେଡକ୍ରସ ପାଣ୍ଠିରୁ ସହାୟତାରୁ ତାଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେଲେ ଚିକିତ୍ସା ହୋଇ ଆରୋଗ୍ୟ ହୋଇପାରିବ ବୋଲି ପ୍ରକାଶ କରିଛି। ପ୍ରକାଶ ଯୋଗ୍ୟ ଯେ ସେ ଜଣେ ବିପିଏଲ ପରିବାର ଅନ୍ତର୍ଭୁକ୍ତ ହୋଇଥିବା ବେଳେ କୁଲି ମଜୁରୀ କରି ଚଳନ୍ତି। ପରିବାର କହିଲେ ସ୍ତ୍ରୀ ଧନମତି (୪୦) ଏବଂ ଗୋଟିଏ ନାବାଳିକା ଝିଅ ଯଜ୍ଞସେନୀ ହଂସ (୧୨) ପୁଅ କ୍ଷମାସାଗର(୬) । ଜମିବାଡ଼ି କହିଲେ କିଛି ନାହିଁ। ସମ୍ପତ୍ତି କହିଲେ ରାସନ୍ କାର୍ଡ ଖଣ୍ଡିକ। ଏପରି ପରିସ୍ଥିତିରେ ସ୍ତ୍ରୀ ମୁଣ୍ଡରେ ହାତ ଦେଇ ଆଖିରେ ଲୁହ ଝରାଇ ବସିଛି। ସରକାର ସହାୟ ନହେଲେ ସ୍ୱାମୀ ଓ ଦୁଇ କୁନି ଝିଅ ପୁଅଙ୍କୁ କେମିତି ବଞ୍ଚାଇବ ସେନେଇ କୋହ ଭରା କଣ୍ଠରେ ଗୁହାରୀ କରୁଛି। ପ୍ରଶାସନ ଏଦିଗରେ ତୁରନ୍ତ ଦୃଷ୍ଟି ଦେଇ ଦଶାନନ ହଂସଙ୍କୁ ଚିକିତ୍ସା ସହାୟତା ଯୋଗାଇ ଦେବାକୁ ସେ ନିବେଦନ କରିଛନ୍ତି।

# ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ସଭ୍ୟ ସଂଗ୍ରହ ଅଭିଯାନ

ଜୟପୁର: ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଦେଶବ୍ୟାପୀ ତାର ପାର୍ଟି ସଭ୍ୟ ଓ ପାଣ୍ଠି ସଂଗ୍ରହ ଅଭିଯାନ ଆରମ୍ଭ କରିଛି। ଦଶମନ୍ତପୁର ବ୍ଲକ, ବୈପାରିଗୁଡା ଏବଂ କୋଟପାଡ଼ ବ୍ଲକରେ ଅଭିଯାନ ଜାରି ରହିଛି। କୋଟପାଡ଼ ବ୍ଲକ ବଡାସନା ଗ୍ରାମରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିରାଜ୍ୟ ସହ ସମ୍ପାଦକ ଜୟନ୍ତ ଦାସ ଯୋଗ ଦେଇ ଥିଲେ। ତାଙ୍କ ସହ କୋରାପୁଟ ଜିଲ୍ଲା ସମ୍ପାଦକ ରାମକୃଷ୍ଣ ଦାସ, ଜୋନ୍ ସମ୍ପାଦକ କୁରୁମନାଥ ଭତରା, ପୂର୍ଣ୍ଣଚନ୍ଦ୍ର ସୁରୁ, ଗୋବର୍ଦ୍ଧନ ଗଣ୍ଡା, ବିଘ୍ନ ରାଜ ଅମାନତ୍ୟ ପ୍ରମୁଖ ଯୋଗଦେଇଥିଲେ। ସିପିଆଇ ଜନ ଆନ୍ଦୋଳନ ସହ ଜନ ସଚେତନତା ସୃଷ୍ଟି କରି ଦେଶର ସାମ୍ପ୍ରଦାୟିକତା ବାଦୀ ଶକ୍ତି ବିରୁଦ୍ଧରେ ସ୍ୱର ଉତୋଳନ କରିବା ସହ ଦେଶର ସମ୍ବିଧାନ ଓ ଧର୍ମନିରପେକ୍ଷତାର ସୁରକ୍ଷା ପାଇଁ ପ୍ରତିବଦ୍ଧ ସଂଗ୍ରାମ ଜାରି ରଖିବ ବୋଲି ରାଜ୍ୟକାର୍ଯ୍ୟକାରିକମିଟିସଭ୍ୟଶ୍ରୀପ୍ରମୋଦ କୁମାର ମହାନ୍ତି ପ୍ରକାଶ କରିଛନ୍ତି।

# ବଡ଼ରମା ରେଞ୍ଜରେ ହାତୀ ଉପଦ୍ରବ
## ଜଙ୍ଗଲରେ ଖାଦ୍ୟାଭାବରୁ ଗାଁମୁହାଁ ହାତୀପଲ

ସମ୍ବଲପୁର: ସମ୍ବଲପୁର ଜିଲ୍ଲା ବାମରା ବନଖଣ୍ଡ ବଡ଼ରମା ବନାଂଚଳ ଉଷାକୋଟି ଅଭୟାରଣ୍ୟ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ଏବେ ଜଙ୍ଗଲୀ ହାତୀପଲଙ୍କ ଉପଦ୍ରବ୍ୟ ଦୈନନ୍ଦିନ ବୃଦ୍ଧି ପାଇବାରେ ଲାଗିଛି । ବର୍ତମାନର ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇବା ଯୋଗୁଁ ଅଧିକାଂଶ ନଦୀ ପୋଖରୀ ଶୁଷ୍କ ହୋଇଛି, ଯାହା ଫଳରେ ପାଣି ବୁନ୍ଦାଏ ପିଇବା ପାଇଁ ବନ୍ୟଜନ୍ତୁ ମାନେ ଗାଁ ମୁହାଁ ହେଉଥିବା ଦେଖିବାକୁ ମିଳୁଛି । ସେହିପରି କିଛି ଅସାମାଜିକ ବ୍ୟକ୍ତିଙ୍କ ନଜରରେ ବିଭିନ୍ନ ଜଙ୍ଗଲ ଥିବାରୁ ଜଙ୍ଗଲରୁ ଅବାଧ ଗଛକଟା ଯୋଗୁଁ ବନ୍ୟଜନ୍ତୁଙ୍କ ଖାଦ୍ୟର ଅଭାବ ମଧ ଦେଖାଯାଉଛି। ଯାହାର ପରିଣାମ ସ୍ୱରୂପ ଗତ ୮ ତାରିଖରେ ହାତୀପଲ ସର୍ଡ଼ା ପଂଚାୟତରେ ଥିବା ଏକ ଆଦିବାସୀ ଛାତ୍ରାବାସର କାନ୍ଥ, ଝରକା ଏବଂ କବାଟ ଭାଙ୍ଗି ହଷ୍ଟେଲରେ ଗଚ୍ଛିତ ଚାଉଳ ଏବଂ ବିଭିନ୍ନ ପନିପରିବା ଖାଇବା ସହ ଛିନଛତ୍ର କରିଦେଇଥିଲେ। ସେହିପରି ଗତ ୧୦ ତାରିଖରେ ବଡ଼ରମା ଅଙ୍ଗନବାଡ଼ି କେନ୍ଦ୍ରକୁ ହାତୀପଲ ଭାଙ୍ଗି ସେଠାରେ ଥିବା ଖାଦ୍ୟ ଖାଇବା ସହ ଶିଶୁ ମାନଙ୍କ ପାଇଁ ଗଚ୍ଛିତ ବିଭିନ୍ନ ସାମଗ୍ରୀକୁ ନଷ୍ଟଭ୍ରଷ୍ଟ କରି ଦେଇଥିଲେ । ଏଠାରେ ପ୍ରଶ୍ନ ଉଠୁଛି କି ହାତୀପଲ ପୂର୍ବରୁ ଗାଁ ମୁହାଁ ହେଉଥିବା ବେଳେ ବର୍ତମାନ କାହିଁକି ଶିକ୍ଷା ଅନୁଷ୍ଠାନ ମୁହାଁ ହେଉଛନ୍ତି । ଜଙ୍ଗଲରେ ଧିରେ ଧିରେ ଖାଦ୍ୟ ଏବଂ ପାଣି କମି ଯାଉଥିବାରୁ ଶିକ୍ଷା ଅନୁଷ୍ଠାନ ଗୁଡିକରେ ଭରପୁର ଖାଦ୍ୟ ଓ ପାଣି ରହୁଥିବାରୁ ବର୍ତମାନ ହାତୀପଲ ଏହିଭଳି ଖାଦ୍ୟ ସନ୍ଧାନ କରୁଥିବା ଅନୁମାନ କରାଯାଉଛି। ହେଲେ ସରକାରୀ ସ୍ତରରେ ବନ ବିଭାଗ ପକ୍ଷରୁ ବନ୍ୟପ୍ରାଣୀଙ୍କ ପାଇଁ ଖାଦ୍ୟ ଏବଂ ପାଣିର ବ୍ୟବସ୍ଥା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ଡିଣ୍ଡିମ ପିଟା ଯାଉଥିବା ବେଳେ ଏହାର ବାସ୍ତବତା କ'ଣ ଓ ଏହି ଟଙ୍କାର ସଠିକ୍ ବିନିଯୋଗକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅପରପକ୍ଷେ ଖାଦ୍ୟ ଅଭାବରୁ ବନ୍ୟଜନ୍ତୁ ଏହିଭଳି ଗାଁ ମୁହାଁ ହେଉଥିବା ଶିକାରୀଙ୍କ ପାଇଁ ଏକ ସୁଯୋଗ ହେଉଥିବା ବେଳେ ବନ୍ୟଜନ୍ତୁଙ୍କ ଜୀବନ ପ୍ରତି ବିପଦାପନ୍ନ ହୋଇଉଠିଛି । ଏବେ ବିଭିନ୍ନ ଲୋକଙ୍କ ବାଡ଼ି ବଗିଚାରେ ପ୍ରଚୁର ପରିମାଣର ଆମ୍ବଚାଷ କରାଯାଇଥିବା ବେଳେ ଆଗାମୀ ଦିନରେ ଏହାର ଚିତ୍ରପଟ କଣ ହେଉଛି ତାହା ଏକ ଆଶା ଆଶଙ୍କା ସୃଷ୍ଟି କରାଇଛି । ଏ ସମ୍ପର୍କରେ ବଡ଼ରମା ରେଞ୍ଜ ଅଧିକାରୀଙ୍କୁ ଯୋଗାଯୋଗ କରିବାରୁ ଜଙ୍ଗଲରେ ପର୍ଯ୍ୟାପ୍ତ ଖାଦ୍ୟ ଏବଂ ପାଣି ଅଛି, ହେଲେ ହାତୀଙ୍କର ଗନ୍ଧନ ଶକ୍ତି ଅଧିକ ଥିବାରୁ ସେମାନେ ଗାଁ ମୁହାଁ ହୋଇଛନ୍ତି ବୋଲି ସଫେଇ ଦେଇଛନ୍ତି ।

# ବାବା ଖଣ୍ଡୁଆଳ ଦେବଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ



ଥୁଆମୂଳ ରାମପୁର : କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ତଳ ଆମ୍ବପଦର ଗ୍ରାମପଞ୍ଚାୟତ ସ୍ଥିତ ଚୁଲବାଡି ଗ୍ରାମରେ ଏକ ଆଧାତ୍ମିକ ପରିବେଶ ମଧ୍ୟରେ ଗ୍ରାମ୍ୟ ଦେବତା ବାବା ଖଣ୍ଡୁଆଳ ଦେବଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ସମ୍ପନ୍ନ ହୋଇଯାଇଛି। ଉତ୍କଳମଣି ଗୋପବନ୍ଧୁ ଦାସ ଯୁବ ସଂଘ ଏବଂ ଗ୍ରାମ କମିଟିର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇ ବାବାଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ସୂଚନାଯୋଗ୍ୟ, ପୂର୍ବରୁ ଗ୍ରାମବାସୀମାନେ ଏକ ଶିଳାଖଣ୍ଡକୁ ବାବା ଖଣ୍ଡୁଆଳ ରୂପେ ଭକ୍ତିର ସହ ପୂଜାର୍ଚ୍ଚନା କରିଆସୁଥିଲେ। ମାତ୍ର ଚଳିତ ବର୍ଷ ଗ୍ରାମର ସ୍ୱେଚ୍ଛାସେବୀ ଯୁବକ ଓ ଗ୍ରାମବାସୀଙ୍କ ମିଳିତ ଉଦ୍ୟମ ତଥା ନିଜସ୍ୱ ଅର୍ଥ ସଂଗ୍ରହରେ ବାବାଙ୍କ ପାଇଁ ଏକ ସୁଦୃଶ୍ୟ ମନ୍ଦିର ନିର୍ମାଣ କରାଯାଇଛି। ଗ୍ରାମରେ ପ୍ରଥମ ଥର ପାଇଁ ଏଭଳି ଭବ୍ୟ ଉତ୍ସବ ଓ ପ୍ରତିଷ୍ଠା ଯାତ୍ରା ଆୟୋଜିତ ହୋଇଥିବାରୁ ସମଗ୍ର ଅଞ୍ଚଳରେ ଏବେ ଉତ୍ସାହର ମାହୋଲ। ଏହି ଅବସରରେ ଆୟୋଜିତ ସାଧାରଣ ସଭାରେ ଲାଞ୍ଜିଗଡ ବିଧାୟକ ପ୍ରଦୀପ କୁମାର ଦିଶାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ଦିର ପ୍ରତିଷ୍ଠାକୁ ଶୁଭେଚ୍ଛା ଜଣାଇବା ସହ ଆଧାତ୍ମିକତା ମାଧ୍ୟମରେ ସାମାଜିକ ଏକତା ଓ ଭାଇଚାରା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ସାଂସଦ ବ୍ଲକ ପ୍ରତିନିଧି ପବିତ୍ର ନାଏକ, ବ୍ଲକ ଚେୟାରମ୍ୟାନ ତଥା ସ୍ଥାନୀୟ ସମିତି ସଭ୍ୟ ଦୟାନିଧି ମାଝୀ, ବିଧାୟକ ପ୍ରତିନିଧି ମାଣିକ୍ୟ ଚନ୍ଦ୍ର ନାଏକ, ଭାଜପା ଲାଞ୍ଜିଗଡ ପ୍ରଭାରୀ ବିଷ୍ଣୁ ନାଏକ, ବିଜେଡି ସାଧାରଣ ସମ୍ପାଦକ କୃଷ୍ଣ ଚନ୍ଦ୍ର ନାଏକ, ବିଜେଡି ବ୍ଲକ ଯୁବ ସଭାପତି ପ୍ରଦୀପ କୁମାର ନାଏକ ଏବଂ ଭାଜପା ନେତା ବାକ୍ରା ଭୋଇ ପ୍ରମୁଖ ଉପସ୍ଥିତ ରହିଥିଲେ। କମିଟି ସଦସ୍ୟ ବିରେନ୍ଦ୍ର ବାଗ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ସାଂସ୍କୃତିକ ପ୍ରତିଯୋଗିତାର କୃତୀ ବିଜେତାମାନଙ୍କୁ ଅତିଥିମାନଙ୍କ ଦ୍ୱାରା ଟ୍ରଫି ସହ ଅର୍ଥରାଶି ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା।

# ଶିଶୁ ଗଳ୍ପ ପୁସ୍ତକ ଲୋକାର୍ପିତ

ଜୟପୁର: ଭୁବନେଶ୍ୱରସ୍ଥିତ ବୁଦ୍ଧମନ୍ଦିର ପ୍ରାଙ୍ଗଣରେ ମୈତ୍ରେୟୀ ଲେଖିକା ସଂଗଠନର ଚତୁର୍ଥ ବାର୍ଷିକ ବନ୍ଧୁମିଳନ ଏବଂ ପତ୍ରିକା ଉନ୍ମୋଚନ ଉତ୍ସବରେ ବିଜୟଲକ୍ଷ୍ମୀ ପାଣିଗ୍ରାହିଙ୍କର ଶିଶୁଗଳ୍ପ କିଣି ସଂକଳନ 'କାହାଣୀମୁଣି ' ପାଠକାର୍ପିତ ହୋଇସାରିଛି। ଅନୁଷ୍ଠାନର ସଭାପତି ସୁଷମା ମିଶ୍ରଙ୍କର ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ମାନନୀୟ ଅତିଥି ଭାବରେ ବିଶିଷ୍ଟ ଲେଖକ ଦେବ ପ୍ରସାଦ ଦାସ ଏବଂ ଅଜୟ ସ୍ୱାଇଁ ଓ ବିଶିଷ୍ଟ ଲେଖିକା ପାରମିତା ଶତପଥୀ ଏବଂ ବିୟତ ପ୍ରଜ୍ଞା ତ୍ରିପାଠୀ ଯୋଗଦାନ କରିଥିଲେ। ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପରେ ମୈତ୍ରେୟୀ ସ୍ୱାଗତିକା ସଙ୍ଗୀତ ପରିବେଷଣ କରାଯାଇ ସଭାକାର୍ଯ୍ୟ ଗତିଶୀଳ ହୋଇଥିଲା। ସମ୍ପାଦିକା ଲକ୍ଷ୍ମୀ ଚାନ୍ଦଙ୍କର ବାର୍ଷିକ ସମ୍ପାଦକୀୟ ବିବରଣୀ ପାଠ ପରେ 'ମୈତ୍ରେୟୀ' ପତ୍ରିକା ଉନ୍ମୋଚନ କରାଯାଇ ଶିଶୁଗଳ୍ପ ସଂକଳନ 'କାହାଣୀମୁଣି' ପାଠକାର୍ପଣ କରାଯାଇଥିଲା। ଶ୍ରୀମତୀ ପାଣିଗ୍ରାହିଙ୍କର ତୃତୀୟ ସଂକଳନ ତଥା ଦ୍ୱିତୀୟ ଶିଶୁ ଗଳ୍ପ ସଂକଳନଟିରେ ପିଲାଙ୍କ ପାଇଁ ଗଣେଶଙ୍କ ବିଷୟରେ ସାତଟି ଗଳ୍ପକୁ କଥନ ଶୈଳୀରେ ବର୍ଣ୍ଣନା କରାଯାଇଛି। ଯାହାକି ଶିଶୁ ପାଇଁ ଖୁବ ଉପାଦେୟ ଏବଂ ସ୍ପୃହଣୀୟ ହୋଇପାରିବ ବୋଲି ପାଠକ ମହଲରେ ଚର୍ଚ୍ଚା ହୋଇଥିଲା।

# ଜାତୀୟ ଶିଶୁକନ୍ୟା ଦିବସ ପାଳିତ

ଝାରସୁଗୁଡ଼ା, (ହି.ସ.) - ଜାତୀୟ ଶିଶୁକନ୍ୟା ଦିବସ ପାଳନ ଅବସରରେ ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନର ସମାଜ ମଙ୍ଗଳ ବିଭାଗ ଏବଂ ଜିଲ୍ଲା ନାରୀ ସଶକ୍ତିକରଣ କେନ୍ଦ୍ର ପକ୍ଷରୁ ଏକ ବିଶାଳ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। କନ୍ୟା ସନ୍ତାନମାନଙ୍କ ସୁରକ୍ଷା, ଶିକ୍ଷା ଏବଂ ସମାଜରେ ସେମାନଙ୍କ ସାମଗ୍ରିକ ବିକାଶକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ପଦଯାତ୍ରା ସହରର ବେହେରାମାଲ କିସାନ ଛକଠାରୁ ବାହାରି ଜିଲ୍ଲା କାର୍ଯ୍ୟାଳୟ ପର୍ଯ୍ୟନ୍ତ ପରିକ୍ରମା କରିଥିଲା । ଯେଉଁଥିରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ ବିଭାଗର କର୍ମକର୍ତ୍ତାମାନେ ଅଂଶଗ୍ରହଣ କରିଥିଲେ। ଏହି ସଚେତନତା ଶୋଭାଯାତ୍ରାରେ 'ବେଟି ବଚାଓ-ବେଟି ପଢ଼ାଓ' ଏବଂ 'ବାଲ୍ୟ ବିବାହ ମୁକ୍ତ ସମାଜ' ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଲୋଗାନ ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ବ୍ରଜବନ୍ଧୁ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ବିଶ୍ୱ ରଞ୍ଜନ ନାୟକ ଏବଂ ଉପ-ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଶିଶୁକନ୍ୟାମାନଙ୍କ ଅଧିକାର ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହିତ ବିଭିନ୍ନ ବ୍ଲକର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ପୋଲିସ ବିଭାଗର ବରିଷ୍ଠ ଅଧିକାରୀ ଏବଂ ଜିଲ୍ଲା ହବ୍‌ର କର୍ମକର୍ତ୍ତାମାନେ ପଦଯାତ୍ରାରେ ସାମିଲ ହୋଇ ଶୃଙ୍ଖଳା ରକ୍ଷା କରିବା ସହ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ପଦଯାତ୍ରାରେ ବିଶେଷ କରି ବେହେରାମାଲ ଆଶ୍ରମ ସ୍କୁଲର ଶିକ୍ଷୟତ୍ରୀ ଓ ୫୦ରୁ ଅଧିକ ଛାତ୍ରୀଙ୍କ ସମେତ ଅଙ୍ଗନବାଡ଼ି କର୍ମୀ, ଓଏସସି, ଏସଏଏଚଇଡିଏ, ମହିଳା ସହାୟତା କେନ୍ଦ୍ର ଏବଂ ଚାଇଲ୍ଡ ହେଲ୍ପଲାଇନର କର୍ମକର୍ତାମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ। ସମାଜରେ କନ୍ୟା ସନ୍ତାନମାନଙ୍କ ପ୍ରତି ଥିବା ନକାରାତ୍ମକ ମନୋଭାବ ଦୂର କରିବା ଏବଂ ସେମାନଙ୍କୁ ସମାନ ସୁଯୋଗ ପ୍ରଦାନ କରିବା ପାଇଁ ଏହି ଶୋଭାଯାତ୍ରା ଏକ ଶକ୍ତିଶାଳୀ ବାର୍ତା ପ୍ରଦାନ କରିଛି। ଶେଷରେ ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଏକ ସଂକଳ୍ପ ପାଠ କରାଯାଇ ଆଗାମୀ ଦିନରେ ଝାରସୁଗୁଡ଼ା ଜିଲ୍ଲାକୁ ବାଲ୍ୟ ବିବାହ ମୁକ୍ତ ତଥା କନ୍ୟା ସନ୍ତାନଙ୍କ ପାଇଁ ସୁରକ୍ଷିତ କରିବାକୁ ପ୍ରତିଶ୍ରୁତି ବଦ୍ଧତା ପ୍ରକାଶ ପାଇଥିଲା।

# ସରକାରୀ କର୍ମଚାରୀ ଓ ସାଧାରଣ ନାଗରିକଙ୍କ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍

କେନ୍ଦୁଝର: ୭୭ତମ ସାଧାରଣତନ୍ତ୍ର ଦିବସ ଅବସରରେ ସରକାରୀ କର୍ମଚାରୀ ଓ ସାଧାରଣ ନାଗରିକଙ୍କ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ତେଲକୋଇ ବିଧାୟକ ଡାକ୍ତର ଫକୀର ଚରଣ ନାଏକ ନାଗରିକ ଏକାଦଶର ନେତୃତ୍ୱ ନେଇଥିବା ବେଳେ ବିଡ଼ିଓ ମଳୟ କୁମାର ନାୟକ ସରକାରୀ କର୍ମଚାରୀ ଏକାଦଶର ନେତୃତ୍ୱ ନେଇଥିଲେ। ଟସ୍‌ରେ ଜିତି ପ୍ରଥମେ ଫିଲଡିଂ କରିବାର ନିଷ୍ପତ୍ତି ନେଇଥିଲେ ନାଗରିକ ଏକାଦଶ ।ମାନସ ସେନାପତିଙ୍କର ୨୪ ରନର ଇନିଂସ ବଳରେ ନିର୍ଦ୍ଧାରିତ ୧୦ ଓଭର ଶେଷରେ ୪ ଗୋଟି ଉଇକେଟ ବିନିମୟରେ ୬୫ ରନ ସଂଗ୍ରହ କରିପାରିଥିଲେ ସରକାରୀ କର୍ମଚାରୀ ଏକାଦଶ । ଉତରରେ ନାଗରିକ ଏକାଦଶ ୯.୩ ଓଭରରେ ୩ ଟି ଉଇକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଥିଲେ। ଦୁଇ ଅମ୍ପାୟାର ରଂଜିତ ମାଇତି ଓ କୁନା ପଣ୍ଡା ଖେଳ ପରିଚାଳନା କରିଥିବା ବେଳେ ପ୍ରଦୀପ ସାହୁ ଓ ରଞ୍ଜନ ସାହୁ ଧାରାବିବରଣୀ ଦେଇଥିଲେ ତଥା ଶିକ୍ଷକ ପଦ୍ମନାଭ ବିଶ୍ୱାଳ ସ୍କୋରରର ଦାୟିତ୍ୱ ତୁଲାଇଥିଲେ । ମୁଖ୍ୟ ଅତିଥି ଭାବେ ଥାନା ଅଧିକାରିଣୀ ମିତାଲି ମଧୁଲିତା ବିଶ୍ୱାଳ ଯୋକଗଦେଇଥିବା ବେଳେ ବିଧାୟକଙ୍କ ପ୍ରତିନିଧି ଶିରୀଷ ଚନ୍ଦ୍ର ସାହୁ, ରୋଟାରୀଆନ ବସନ୍ତ ପୃଷ୍ଟି, ହରିଚନ୍ଦନପୁର ସରସ୍ୱତୀ ଶିଶୁ ମନ୍ଦିରର ପରିଚାଳନା କମିଟିର ସମ୍ପାଦକ ପ୍ରଦୀପ ପଣ୍ଡା, ପୂର୍ବତନ ସମିତି ସଭ୍ୟ ତଥା ଭାରତୀୟ ଜାତୀୟ କଂଗ୍ରେସର ଜିଲ୍ଲା ଉପସଭାପତି ସୁରଥ ଚନ୍ଦ୍ର ସାହୁ, ଆଇନଜୀବୀ ବସନ୍ତ ସାହୁ, ବିଧାୟକଙ୍କ ପୂର୍ତ୍ତ ବିଭାଗ ପ୍ରତିନିଧି ଚତୁର୍ଭୁଜ ସାହୁ, ଅବସରପ୍ରାପ୍ତ ବାୟୁସୈନିକ ତଥା ସାମ୍ବାଦିକ ଶ୍ରୀନିବାସ ପାଇକରାୟ, ଅବସରପ୍ରାପ୍ତ ବିଆରସିସି ଧ୍ରୁବ ଚରଣ ସାହୁ, ପୂର୍ବତନ ହାଇସ୍କୁଲ ପ୍ରଧାନଶିକ୍ଷକ ଭାସ୍କର ଚନ୍ଦ୍ର ମହାନ୍ତ, ହରିଚନ୍ଦନପୁର ହାଇସ୍କୁଲ ପୁରାତନ ଛାତ୍ର ସଂଘ ସଭାପତି ଶରତ ଚନ୍ଦ୍ର ବିଶ୍ୱାଳ, ଅବସରପ୍ରାପ୍ତ ସେନା କର୍ମଚାରୀ ଜୟକୃଷ୍ଣ ମହାନ୍ତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କର ପୂର୍ବତନ ସଭାପତି ଶ୍ରୀଯୁକ୍ତ କୃଷ୍ଣ ଚନ୍ଦ୍ର ମହାନ୍ତି ବୋଲିଂରେ ଦୁଇ ଓଭରରେ ୧୨ ରନ ବ୍ୟୟକରି ୩ ଗୋଟି ଉଇକେଟ ନେବା ସହ ବ୍ୟାଟିଂରେ ଅପରାଜିତ ୨୬ ରନର ପାଳି ଖେଳି ମ୍ୟାଚର ଶ୍ରେଷ୍ଠ ଖେଳାଳୀ ବିବେଚିତ ହୋଇଥିବା ନାଗରିକ ଏକାଦଶର ଅଧିନାୟକ ବିଧାୟକ ଡାକ୍ତର ଫକୀର ଚରଣ ନାଏକଙ୍କୁ ସମ୍ମାନିତ କରିଥିଲେ । ହରିଚନ୍ଦନପୁର ଜାତୀୟ ଦିବସ କମିଟିର ସଂଯୋଜକ ତଥା ହରିଚନ୍ଦନପୁର ହାଇସ୍କୁଲର ପ୍ରଧାନଶିକ୍ଷକ ଦିଲ୍ଲୀପ କୁମାର ସିଂହଙ୍କ ଆହ୍ୱାନରେ ବରିଷ୍ଠ ଶିକ୍ଷକ ତଥା ଏନସିସି ଅଫିସର ଗଙ୍ଗାଧର ମାଝୀ, ସହକାରୀ ଶିକ୍ଷକ ପୁରୁଷୋତମ ଓଝା, କ୍ରୀଡା ଶିକ୍ଷକ ବୁଦ୍ଧଦେବ ସାହୁ, ସହକାରୀ ଶିକ୍ଷକ ସତ୍ୟାନନ୍ଦ ନାଏକ, ସମାଜସେବୀ ତଥା ବିଜୁ ଜନତା ଦଳର ନେତା ପ୍ରତାପ ସାହୁ, ପୂର୍ବତନ ଭାରତୀୟ ସ୍ଥଳସେନା କର୍ମଚାରୀ ତଥା ମାନବସେବା ଫାଉଣ୍ଡେସନର ଅଧ୍ୟକ୍ଷ ରଞ୍ଜନ କୁମାର ପଣ୍ଡା, ଭାରତୀୟ ଜନତା ପାର୍ଟିର ବରିଷ୍ଠ ସଦସ୍ୟ ଗୋଲକ ସାହୁ, ଭାରତୀୟ ଜନତା ଯୁବ ମୋର୍ଚ୍ଚା ସଦସ୍ୟ ସୌମ୍ୟରଂଜନ ସ୍ୱାଇଁ ପ୍ରମୁଖ ଏହି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଆୟୋଜନରେ ସାହାଯ୍ୟ କରିଥିଲେ।

# ଗୁପ୍ତେଶ୍ୱର ମହାଶିବରାତ୍ରୀ ମେଳା ନିମନ୍ତେ ପ୍ରସ୍ତୁତି

ଜୟପୁର, (ହି.ସ.) - ପ୍ରସିଦ୍ଧ ଗୁପ୍ତେଶ୍ୱର ପୀଠରେ ରାତି ଗୋଟାଏରୁ ୧.୩୦ ମଧ୍ୟରେ ହେବ ହରିହର ଭେଟ। ଏହା ପରେ ଉଠିବ ମହାଦୀପ। ତା ପୂର୍ବରୁ ଅର୍ଥାତ ରାତି ୭ଟାରୁ ତଳେ ଥିବା ମୁଖ୍ୟ ଗେଟ ବନ୍ଦ କରାଯିବ। ହରିହର ଭେଟ ଲାଗି ନିତିକାନ୍ତି ଆରମ୍ଭ ହେବ। ଧାର୍ଯ୍ୟ ସମୟରେ ସମସ୍ତ କାର୍ଯ୍ୟ ଏବଂ ଶୃଙ୍ଖଳିତ ଭାବେ ଶିବରାତ୍ର ଆୟୋଜନ କରିବାକୁ ସ୍ଥାନୀୟ ପୌର ସଭାଗୃହରେ ଆୟୋଜିତ ପ୍ରସ୍ତୁତି ବୈଠକରେ ନିଷ୍ପତି ନିଆଯାଇଛି। ଦେବୋତର ଅଧିକାରୀ ତଥା ତହସିଲଦାର ସବ୍ୟସାଚୀ ଜେନାଙ୍କ ଅଧ୍ୟକ୍ଷତାରେ ଅୟୋଜିତ ବୈଠକରେ ଉପଜିଲ୍ଲାପାଳ ଅକା ବରମ ସସ୍ୟାରେଡ୍ଡୀ, ପୌରାଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, ଏସଡିପିଓ ପାର୍ଥ କଶ୍ୟପ, ଅତିରିକ୍ତ ତହସିଲଦାର ଚିତରଞ୍ଜନ ପଟ୍ଟନାୟକ, ଅଗ୍ନିଶମ ଅଧିକାରୀ ସୁରେଶ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଚଳିତ ବର୍ଷ ଏହି ପୀଠରେ ଶିବରାତ୍ରୀକୁ କିପରି ଶାନ୍ତିଶୃଙ୍ଖଳାରେ ପାଳନ କରାଯିବ ତା ଉପରେ ଆଲୋଚନା ହୋଇଥିଲା। ଚଳିତ ବର୍ଷ ପାର୍କିଂ ନିମନ୍ତେ ଦର ଧାର୍ଯ୍ୟ କରାଯାଇଛି। ମୋଟର ସାଇକଲ ନିମନ୍ତେ ୧୦ଟଙ୍କା, ଅଟୋ ପାର୍କିଙ୍ଗ ନିମନ୍ତେ ୨୦ଟଙ୍କା, କାର ନିମନ୍ତେ ୫୦ ଟଙ୍କା, ଓ ବସ ପାର୍କିଂ ନିମନ୍ତେ ୧୦୦ ଟଙ୍କା ଧାର୍ଯ୍ୟ କରାଯାଇଛି। ସର୍ବସାଧାରଣ ଭକ୍ତଙ୍କ ଦର୍ଶନ ନିମନ୍ତେ କୌଣସି ଦେୟ ଦେବାକୁ ପଡିବ ନାହିଁ। କିନ୍ତୁ ସ୍ୱତନ୍ତ୍ର ଦର୍ଶନ ନିମନ୍ତେ ଜଣେ ଭକ୍ତକୁ ୫ଶହ ଟଙ୍କା ଦେବାକୁ ପଡିବ ବୋଲି ଆଜିର ବୈଠକରେ ନିଷ୍ପତି ହୋଇଛି। ଗତବର୍ଷ ପାନୀୟଜଳ ଏବଂ ବିଦ୍ୟୁତ ଯୋଗାଣରେ ବିଭ୍ରାଟ ହୋଇଥିଲା। ଏଥର ଯେମିତି ଏହାର ପୁନରାବୃତି ନ ହେବ ସେଥିଲାଗି ଉଭୟ ବିଭାଗର ଅଧିକାରୀଙ୍କୁ ତାଗିଦ କରାଯାଇଥିଲା। ଡକରିଘାଟିରୁ ଗୁପ୍ତେଶ୍ୱର ପୀଠ ପର୍ଯ୍ୟନ୍ତ ଲାଇଟ ବ୍ୟବସ୍ଥା, ୨୪ ଘଂଟା ବିଦ୍ୟୁତ ଯୋଗାଣ ଲାଗି ନିର୍ଦ୍ଦେଶ ଦିଆଯାଇଥିଲା। ୮ରୁ ୧୦ ଟି ପାଣି ଟ୍ୟାଙ୍କର, ୨୦ରୁ ଅଧିକ ସିନଟେକ୍ସ ବ୍ୟବସ୍ଥା କରିବାକୁ ଜନସ୍ୱାସ୍ଥ୍ୟ ବିଭାଗକୁ କୁହାଯାଇଥିଲା। କର୍ମଚାରୀମାନେ ପାଳି କରି ୨୪ ଘଂଟା ସଜାଗ ରହିବେ। ଗୁପ୍ତେଶ୍ୱରକୁ ସଂଯୋଗ କରୁଥିବା ସମସ୍ତ ରାସ୍ତାକୁ ମରାମତି କରାଯାଉ। ଶ୍ରଦ୍ଧାଳୁଙ୍କ ଲାଗି ଅଧିକରୁ ଅଧିକ ଅସ୍ଥାୟୀ ଶୌଚାଳୟ ନିର୍ମାଣ କରାଯାଉ। ପୁଲିସକୁ ସହଯୋଗ କରିବାକୁ ଦରକାର ପଡିଲେ ଅଧିକ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯିବ। ସେମାନଙ୍କୁ ପୁଲିସ ଓ ତହସିଲ ପକ୍ଷରୁ ପରିଚୟ ପତ୍ର ପ୍ରଦାନ କରାଯିବ। ଯଦି ଦରକାର ପଡେ ଟ୍ରାଫିକ ନିୟନ୍ତ୍ରଣ ଲାଗି ଅଧିକ ପୁଲିସ ମୁତୟନ କରାଯିବ। ଯୋଗାଣ ବିଭାଗ ପକ୍ଷରୁ ସୁଲଭମୂଲ୍ୟରେ ଚାଉଳ, ଚୁଡା ଓ ଅନ୍ୟାନ୍ୟ ସାମଗ୍ରୀ ଯୋଗାଇ ଦିଆଯିବ। ମେଡିକାଲ ପକ୍ଷରୁ ଆମ୍ବୁଲାନ୍ସ ସହ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ଗୁପ୍ତେଶ୍ୱରରେ ରହିବେ। ନଦୀଘାଟରେ ଅଘଟଣ ରୋକିବାକୁ ସମସ୍ତ ବ୍ୟବସ୍ଥା ସହ ଦମକଳବାହିନୀ ସଜାଗ ରହିବେ।ଯାନବାହାନ ନିୟନ୍ତ୍ରଣ ପାଇଁ ବୈପାରିଗୁଡ଼ା ପୋଲିସ, ଜୟପୁର ସଦର ପୋଲିସ ଓ ଓଡ୍ରାଫକୁ ଦିଆଯିବ। ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ ଜିଲ୍ଲା ଖାଉଟି ଓ ଯୋଗାଣ ଅଧିକାରୀ ଦ୍ୱାରା ୨ ଗୋଟି ଷ୍ଟଲ ହେବ ଏବଂ ଏଥି ନିମନ୍ତେ ଡାଲି ଚାଉଳ କଦଳୀ, ପାନୀୟ ଜଳ, ଚୂଡ଼ା ଓ ଅନ୍ୟାନ୍ୟ ଆବଶ୍ୟକୀୟ ସାମଗ୍ରୀ ଯୋଗାଇ ଦେବେ । ପିଇବା ପାଣି ଓ ଶୌଚଳୟ ମରାମତି ନିମନ୍ତେ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ରାସ୍ତା ଓ କୋଠାବାଡ଼ି, ବୈପାରିଗୁଡା ଓ ଜୟପୁରଙ୍କୁ ଅନୁରୋଧ କରାଯାଇଛି । ଆର ଡବ୍ଲୁ ଏସ ଏସ ବୈପାରିଗୁଡ଼ାଙ୍କୁ ବ୍ଲିଚିଂ ପାଉଡର ପକାଇବା ସହ ସଫା ସୁତୁରାର ଦାୟିତ୍ୱ ଦିଆଗଲା। ବିଗତ ବର୍ଷ ଭଳି ଚଳିତ ବର୍ଷ ୨ ଗୋଟି ଷ୍ଟଲ୍ ରହିବ ସମସ୍ତ ପ୍ରାଥମିକ ଚିକିତ୍ସା ଯୋଗାଇ ଦେବା ସହ ୨ ଗୋଟି ଏମ୍ବୁଲାନ୍ସ ରଖିବା ନିମନ୍ତେ ସ୍ୱାସ୍ଥ୍ୟ ବିଭାଗ, ଜୟପୁର ଓ ବୈପାରିଗୁଡ଼ାଙ୍କୁ ଅନୁରୋଧ କରାଗଲା । ଶିବରାତ୍ର ଦିନ ଅଗ୍ନିଶମ ଗାଡି ଗୋଟିଏ ମନ୍ଦିର ପାଖରେ ଓ ଅନ୍ୟଟି ପାର୍କିଂ ପାଖରେ ରହିବ । ସ୍ପେଶାଲ ଟିକଟ ୫୦୦ ଟଙ୍କା ରକ୍ଷା ଯାଇଛି । ବସ ପାର୍କିଂ ପାଇଁ ୧୦୦ ଟଙ୍କା, ବିକେ ପାଇଁ ୧୦ ଟଙ୍କା , ଅଟୋ ପାଇଁ ୨୦ ଟଙ୍କା ଅନ୍ୟାନ୍ୟ କାର ପାଇଁ ୫୦ ଟଙ୍କା ରକ୍ଷା ଯାଇଛି । ପ୍ରତି ବର୍ଷ ଭଳି ଏହି ବର୍ଷ ରାତ୍ର ୮ ଘଂଟା ସମୟରେ ମନ୍ଦିର ଫାଟକ ବନ୍ଦ ହେବ ଏବଂ ପରେ ପରେ ହରିହର ମିଳନ ରାତ୍ର ୧୨.୦୦ ଘଟିକାରେ ତା ପରେ ପରେ ମହା ଦୀପ ହେବ । ଏହି ଦିନ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ସୂଚନା କେନ୍ଦ୍ର ଏକ ହୁଏ ଏହାର ଦାୟିତ୍ୱ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, କୋରାପୁଟଙ୍କୁ ଦିଆଗଲା । ସାଂସ୍କୃତିକ କାର୍ଯ୍ୟକ୍ରମ ନିମନ୍ତେ ସାଂସ୍କୃତିକ ବିଭାଗ କୋରାପୁଟଙ୍କୁ ଅନୁରୋଧ କରଯାଇଛି । ଶିବରାତ୍ର ଦିନ ସନ୍ଧ୍ୟାରେ ଆଦିବାସୀ ନୃତ୍ୟ ସହ ଭଜନ ସନ୍ଧ୍ୟା , ଓଡିଶୀ ନୃତ୍ୟ ଓ ଲୋକ କଳା ନୃତ୍ୟ ଓ ଗୋଟିଏ ଦେଶିଆ ନାଟ ଆୟୋଜନ କରିବା ନିମନ୍ତେ ଜିଲ୍ଲା ସଂସ୍କୃତି ଅଧିକାରୀ, କୋରାପୁଟଙ୍କୁ ଦାୟିତ୍ୱ ଦିଆଗଲା । ଶ୍ରଦ୍ଧାଳୁଙ୍କ ଯିବା ଆସିବା ଲାଗି ସରକାରୀ ଓ ବେସରକାରୀ ବସ ଚଳାଚଳ କରିବ। ପ୍ରତିବର୍ଷ ଭଳି ଗୁପ୍ତେଶ୍ୱରପୀଠରେ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ। ଏହାର ଦାୟିତ୍ୱ ଜିଲ୍ଲା ସସ୍କୃତି ଅଧିକାରୀ ନେବେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ତହସିଲଦାର ଶୁଭଲକ୍ଷ୍ମୀ ନାୟକ, ଉପଖଣ୍ଡ ଲୋକସମ୍ପର୍କ ଅଧିକାରୀ ଯୋଶଦା ଗାଦବା, ବିଦ୍ୟୁତ ବିଭାଗର ଯନ୍ତ୍ରୀ ରଞ୍ଜନ କୁମାର ମଲ୍ଲିକ,ଡମ୍ବୁରୁଧର ବାରିକ, ବିଷ୍ଣୁ ମାଡକାମୀଙ୍କ ସମେତ ବିଭିନ୍ନ ବିଭାଗର କର୍ମଚାରୀ ମାନେ ଉପସ୍ଥିତ ଥିଲେ।

## କମ୍ରେଡ୍ ଅନାଦି ବେହେରାଙ୍କୁ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର (ପିପିଏସ୍):** ବାମପନ୍ଥୀ ନେତା ତଥା ଚିଲିକା ମତ୍ସ୍ୟଜୀବୀ ଆନ୍ଦୋଳନର ପୁରୋଧା କମ୍ରେଡ୍ ଅନାଦି ବେହେରାଙ୍କ ସ୍ମୃତିରେ ସ୍ଥାନୀୟ ନାଗଭୂଷଣ ଭବନଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। କମ୍ରେଡ୍ ଅଶୋକ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ, ବୁଦ୍ଧିଜୀବୀ ଯୋଗଦେଇ ସର୍ଗତ ବେହେରାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଶ୍ରଦ୍ଧାଞ୍ଜଳି ଅର୍ପଣ କରି ସିପିଆଇ (ଏମଏଲ) ଲିବରେସନର ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର କହିଥିଲେ ଅନାଦି ବେହେରା କେବଳ ଜଣେ ନେତା ନ ଥିଲେ, ସେ ଥିଲେ ଶୋଷିତ ମତ୍ସ୍ୟଜୀବୀଙ୍କ ସ୍ୱର। ତାଙ୍କର ଅଧୁରା ସପ୍ନକୁ ପୂରଣ କରିବା ପାଇଁ ଚିଲିକା ଅଞ୍ଚଳରେ ଚାଲିଥିବା ବେଆଇନ ଚିଙ୍ଗୁଡ଼ି ଘେରି ବିରୋଧରେ ସଂଗ୍ରାମକୁ ଆହୁରି ଜୋରଦାର କରାଯିବ। ସଭାରେ ଫରୱାର୍ଡ ବ୍ଲକ ସମ୍ପାଦକ ଜ୍ୟୋତିରଞ୍ଜନ ମହାପାତ୍ର, ରାଜେନ୍ଦ୍ର ବର୍ମା, ସିପିଆଇ (ଏମଏଲ) ରେଡଷ୍ଟାର ପ୍ରମିଳା ବେହେରା, ସିପିଆଇ (ଏମଏଲ) ଲିବରେସନ ରାଧାକାନ୍ତ ସେଠୀ, ପ୍ରଫେସର ବୀରେନ୍ଦ୍ର ନାୟକ ଓ ବିଶ୍ୱପ୍ରିୟ କାନୁନଗୋ, ଶ୍ରୀମନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ନିଖିଳ ଉତ୍କଳ ଦର୍ଶନ ପରିଷଦର ବାର୍ଷିକ ଅଧିବେଶନ

**ଭୁବନେଶ୍ୱର (ପିପିଏସ୍):** ନିଖିଳ ଉତ୍କଳ ଦର୍ଶନ ପରିଷଦର ୩୮ତମ ବାର୍ଷିକ ଅଧିବେଶନ ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ ମୁଖ୍ୟଅତିଥି ଭାବେ ଯୋଗଦେଇ ସମ୍ମିଳନୀକୁ ଉଦ୍‌ଘାଟନ କରିଛନ୍ତି। ସମ୍ମାନିତ ଅତିଥି ଭାବେ ପଦ୍ମଶ୍ରୀ ଡ. ଅଶୋକ କୁମାର ମହାପାତ୍ର, ପ୍ରଫେସର ଲକ୍ଷ୍ମୀନାରାୟଣ ଲେଙ୍କା ପ୍ରମୁଖ ଦର୍ଶନଶାସ୍ତ୍ରର ଉପକାରିତା ଓ ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଛନ୍ତି। ସଂଗଠନ ସମ୍ପାଦକ ପ୍ରଫେସର ନନ୍ଦିନୀ ମିଶ୍ର ସାଗତ ଭାଷଣ ଦେଇଥିବାବେଳେ ପରିଷଦର ସଧାରଣ ସମ୍ପାଦକ ଡ. ଶତୀନ୍ଦ୍ର ରାଉତ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ୧୬ ଜଣ ଦର୍ଶନଶାସ୍ତ୍ରବିତ୍‌ଙ୍କୁ ଜୀବନବ୍ୟାପୀ ସାଧନା ପାଇଁ ସମ୍ବର୍ଦ୍ଧିତ କରାଯାଇଛି। ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ଆସିଥିବା ୯୮ଜଣ ଶିକ୍ଷକ ଓ ଗବେଷକଙ୍କ ସମେତ ଛାତ୍ରଛାତ୍ରୀମାନେ ସ୍ୱରଚିତ ନିବନ୍ଧମାନ ପାଠ କରିଥିଲେ।

## 'ବିବିଧତାରେ ଏକତା' ଶୀର୍ଷକ ଆଲୋଚନା

**ଭୁବନେଶ୍ୱର (ପିପିଏସ୍):** ଇକ୍ରା ରିସର୍ଚ୍ଚ ଏକାଡେମୀ ତରଫରୁ ସମାଜରେ ଶାନ୍ତି ଓ ସଦ୍‌ଭାବନା ବଜାୟ ରଖିବା ପାଇଁ ସବୁ ଧର୍ମର ଧର୍ମଗୁରୁମାନଙ୍କୁ ନେଇ ଏକ ଆଲୋଚନାଚକ୍ର ବୁଦ୍ଧ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ଏକାଡେମୀର ସଭାପତି ସକିଲ ଅହମଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଅତିଥିଭାବେ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ, ଭାଗିରଥି ସାହୁ, ଶ୍ରୀ ଅମୋଘ ପ୍ରଧାନ, କୁଲଦିବ ସିଂ, ଧମ୍ମାଗାବେସ ଥେରୋ ଏବଂ ମୁଫତି ଅବ୍‌ଦୁର ରହମାନ ଅଂଶ ଗ୍ରହଣ କରିଥିଲେ। ସମ୍‌ସାଦ୍ ଅହମଦ ଖାଁ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଶାବରୀ ପକ୍ଷରୁ ଚିର ସବୁଜ ସଙ୍ଗୀତ

**ଭୁବନେଶ୍ୱର (ପିପିଏସ୍):** ଆଶାବରୀ ସାଂସ୍କୃତିକ ସମାଜ ପକ୍ଷରୁ ଚିର ସବୁଜ ସଙ୍ଗୀତ ଗୀତଗୋବିନ୍ଦ ସଦନ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଙ୍ଗୀଜ୍ଞ ଡ. ଗୀତା ମଞ୍ଜରୀ ବେହେରା, ସଙ୍ଗୀତ ଗୁରୁ ଉମେଶ ଚନ୍ଦ୍ର ଦାସଙ୍କୁ 'ଜୟରାମ ତୁଳସୀ ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ବିଶିଷ୍ଟ ସଙ୍ଗୀତଜ୍ଞ ତଥା ନର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ପାଲିତ, ଆଇନଜୀବୀ ପ୍ରଫେସର ସ୍ୱୟଂପ୍ରଭା ଶତପଥୀ, ସମ୍ପାଦିକା ସ୍ୱନ୍ଦନିକା ପଟ୍ଟନାୟକ, ପ୍ରତିଷ୍ଠାତା ଗୁରୁ ଉମେଶ ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ମଣିମା ଶୁଣିମା ହେଉ, ଜଗବନ୍ଧୁ ହେ ଗୋସାଇଁ, ଦୁଃଖ ନାଶନ ହେ ସୁଖ ନପାଇଲି ଦିନେ, ଝୁମୁ ଝୁମୁ ନାଦ ନଳିତାଙ୍କ ପାଦ, ରତି ସୁଖ ସାରେ, ବାସି ମୋ ହୋଇଲା ଫୁଲ ଶେଜ ଆଦି ସଙ୍ଗୀତ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଅନୁସୁୟା ସାହୁ।

## ଶିକ୍ଷାବିତଙ୍କ ବିୟୋଗରେ ଶୋକ

**ଭୁବନେଶ୍ୱର (ପିପିଏସ୍):** ଶିକ୍ଷାବିତ ହରିଦ୍ୱାର ପଣ୍ଡା(୯୩)ଙ୍କର ମଙ୍ଗଳବାର ମଧ୍ୟରାତ୍ରରେ ପରଲୋକ ହୋଇଯାଇଛି। କିଛିଦିନ ଧରି ବାର୍ଦ୍ଧକ୍ୟଜନିତ ଅସୁସ୍ଥତା ସହ ସଂଗ୍ରାମ କରିବା ପରେ କଟକ କନିକା ଛକସ୍ଥିତ ନିଜ ବାସଭବନରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ଧର୍ମପତ୍ନୀ ହେମଲତା ପଣ୍ଡା, ଏକମାତ୍ର ପୁତ୍ର ମୀନକେତନ, ପୁତ୍ରବଧୂ ମଞ୍ଜୁବାଳା, ଝିଅ ଶାନ୍ତି, ଜୋଇଁ ହରିଶ୍ଚନ୍ଦ୍ର ମହାନ୍ତି, ଭଣଜା ଦେବ ପ୍ରସାଦଙ୍କ ସମେତ ସମସ୍ତ ଜ୍ଞାତିକୁଟୁମ୍ବ ଉପସ୍ଥିତ ଥିଲେ। ଶ୍ରୀ ପଣ୍ଡା କଟକର ରେଭେନ୍ସା, ବ୍ରହ୍ମପୁରର ଖଲ୍ଲିକୋଟ କଲେଜ ଏବଂ ଜୟପୁରର ବିକ୍ରମଦେବ କଲେଜ ଭଳି ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନରେ ପ୍ରାଧାପକ ଭାବେ ସେବା ପ୍ରଦାନ କରିଥିଲେ। ସେ ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟର ଖଲ୍ଲିକୋଟ କଲେଜ ଶିକ୍ଷାକେନ୍ଦ୍ରର ମୁଖ୍ୟ ଭାବେ ଦାୟିତ୍ୱ ତୁଲାଇଥିଲେ।

## ଐର ଖାରବେଳ ମହୋତ୍ସବ ଉଦ୍‌ଘାଟିତ



**ଭୁବନେଶ୍ୱର (ପିପିଏସ୍):** ଖଣ୍ଡଗିରି କୁମ୍ଭମେଳା ଅବସରରେ ଅନ୍ତର୍ଜାତୀୟ ଐର ଖାରବେଳ ମହୋତ୍ସବ ଗତକାଲି ଉଦ୍‌ଘାଟିତ ହୋଇଯାଇଛି। ଖଣ୍ଡଗିରି ପାଣ୍ଠିକାଠାରେ ଐର ଖାରବେଳ ମହୋତ୍ସବ କମିଟି ଓ ଅନୁଚିନ୍ତନମ୍ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ କମିଟି ଅଧ୍ୟକ୍ଷ ବିଧାୟକ ବାବୁ ସିଂ, ପୂର୍ବତନ ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତି, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ବିଜେପି ନେତା ଜଗନ୍ନାଥ ପ୍ରଧାନ, କର୍ପୋରେଟର ରାମଚନ୍ଦ୍ର ରଣସିଂହ ପ୍ରମୁଖ ଉପସ୍ଥିତ ଥିଲେ। ଡ. ଶ୍ରୀନିବାସ ଘଟୁଆରୀ ମଞ୍ଚ ପରିଚାଳନା କରିଥିଲେ।

## ସ୍ଥାୟୀ ରେଷ୍ଟରୁମ୍ ପାଇଁ ରେଳବାଇ କୁଲିଙ୍କ ଦାବି

**ଭୁବନେଶ୍ୱର (ପିପିଏସ୍):** ଖୋର୍ଦ୍ଧାରୋଡ୍ ରେଳ ଷ୍ଟେସନଠାରେ କଟକ, ଭୁବନେଶ୍ୱର, ଯାଜପୁର, ଖୋର୍ଦ୍ଧା, ପୁରୀ ଓ ବ୍ରହ୍ମପୁର ଷ୍ଟେସନର କୁଲିମାନେ ଖୋର୍ଦ୍ଧା ଡିଆରଏମ୍ ଓ ସିନିୟର ଡ଼ିସିଏମ୍ ଉଭୟଙ୍କୁ ଭେଟି ସ୍ଥାୟୀ ବିଶ୍ରାମ ଗୃହ ଯୋଗାଇଦେବା ସହ କୁଲିମାନଙ୍କ ଅନ୍ୟାନ୍ୟ ସମସ୍ୟା ଉପରେ ଆଲୋଚନା କରିଥିଲେ। ଏହି ଆଲୋଚନାରେ ଡିଆରଏମ୍ ଏହାକୁ ଦାବି ନୁହେଁ ତୁମର ହକ୍। ଲାଇନ, ପାଣି ଓ ପାଇଖାନା ମଧ୍ୟ ଯୋଗାଇଦେବାକୁ ରେଳ ବିଭାଗର ଗାଇଡଲାଇନରେ ଅଛି। କେବଳ ଖୋର୍ଦ୍ଧା ନୁହେଁ, ସମସ୍ତ ଷ୍ଟେସନରେ ଏହି ସୁବିଧା ସୁଯୋଗ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଆଲୋଚନାରେ ଇଷ୍ଟକୋଷ୍ଟ ରେଳବାଇ ପୋଟର୍ସ ୟୁନିୟନର କାର୍ଯ୍ୟକାରୀ ସଭାପତି ସୁର ଜେନା, ଉପସଭାପତି ଅମରେନ୍ଦ୍ର ମହାନ୍ତି, ଜେନେରାଲ ସେକ୍ରେଟାରୀ ଶିବ ବେହେରା, ସଭାପତି କେ. ବାବୁଲି, ଗନ୍ଧର୍ବ ବେହେରା, ପ୍ରକାଶ ଜାଲି, ଦଣ୍ଡପାଣି ପାତ୍ର ଓ କେ, ଭୀମସେନ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଅଭିମନ୍ୟୁ ସାମନ୍ତସିଂହାରଙ୍କ ଜୟନ୍ତୀ

**ଭୁବନେଶ୍ୱର (ପିପିଏସ୍):** ଉତ୍କଳୀୟ ସାଭିମାନ ଅନୁଷ୍ଠାନ ପକ୍ଷରୁ ତଥା ସଂସ୍କୃତି ବିଭାଗ ଏବଂ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଇଣ୍ଡଷ୍ଟ୍ରିଆଲ ଟେକ୍ନୋଲୋଜି ଅନୁକୁଲ୍ୟରେ ବିଦଗ୍ଧକବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ୨୬୬ତମ ଜୟନ୍ତୀ ଜୟଦେବ ଭବନଠାରେ ପାଳିତ ହୋଇଛି। ଏଥିରେ ମୁଖ୍ୟବକ୍ତା ଭାବରେ ଶିକ୍ଷାବିତ୍ ପ୍ରଫେସର ବ୍ରଜବନ୍ଧୁ ପଣ୍ଡା, ମୁଖ୍ୟ ଅତିଥି ଭାବରେ ପୂର୍ବତନ ସୂଚନା ଲୋକସମ୍ପର୍କ ନିର୍ଦ୍ଦେଶକ ସରୋଜ କୁମାର ସାମଲ, ସମ୍ମାନିତ ଅତିଥି ଏନଟିପିସିର ପୂର୍ବତନ ବିତ୍ତ ନିର୍ଦ୍ଦେଶକ ତଥା ସାହିତ୍ୟିକ କୁଳମଣି ବିଶ୍ୱାଳ ଏବଂ ଜଗନ୍ନାଥ ସଂସ୍କୃତି ଗବେଷକ ପଣ୍ଡିତ ମହେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସମାରୋହରେ ଶ୍ୟାମା ପ୍ରସାଦ ମିଶ୍ର, ରାକେଶ ବିଶ୍ୱାଳ, ସିଦ୍ଧାର୍ଥ ରାୟ, ଗୌରୀଶଙ୍କର ଦାଶ ପ୍ରମୁଖଙ୍କୁ 'ଉତ୍କଳ କମଳ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଭାପତି ମନୋଜ ନାୟକ ଆନୁଷ୍ଠାନିକ ସାଗତ ଭାଷଣ ଦେଇଥିବାବେଳେ ପବିତ୍ର ମହାରଥା ଧନ୍ୟବାଦ ଦେଇଥିଲେ।

# ଖଣ୍ଡଗିରି ମେଳା | ମନ୍ତ୍ରପାଠରେ କମ୍ପୁଛି ପାହାଡ଼ ପାଦଦେଶ





**ଭୁବନେଶ୍ୱର (ପିପିଏସ୍):** ପବିତ୍ର ମାଘ ସପ୍ତମୀର ୬ଷ୍ଠ ଦିନରେ ଭକ୍ତମୟ ହୋଇଯାଇଛି ତପୋଭୂମି ଖଣ୍ଡଗିରି। ବାବାଙ୍କ ଆଶିଷ ପାଇବାକୁ ଛୁଟି ଆସିଛନ୍ତି ଭକ୍ତ। ପାହାଡ଼ ଉପରୁ ଖଣ୍ଡଗିରି ଛକ ସମସ୍ତ ସ୍ଥାନ ହୋଇ ଯାଇଛି ଲୋକାରଣ୍ୟ। ପାହାଡ଼ ଉପରେ ଓ ପାଦଦେଶରେ ମନ୍ତ୍ରପାଠ, ହୋମଯଜ୍ଞରେ ଫାଟି ପଡୁଥିବାବେଳେ ଖଣ୍ଡଗିରି ଛକଠାରୁ ପାଣ୍ଠିକା ପର୍ଯ୍ୟନ୍ତ ମେଳା ବୁଲି ଖାଇପିଇ ମଉଜ କରିବାକୁ ଜମିଛି ଲୋକଙ୍କ ଭିଡ଼। ଖଣ୍ଡଗିରିର ସମସ୍ତ ଅଞ୍ଚଳରେ ହୋଇଛି ଆଧ୍ୟାତ୍ମିକତା ଓ ଆଧୁନିକତାର ଏକ ମହାମିଳନ। ଖଣ୍ଡଗିରି ମେଳା ଖଣ୍ଡଗିରି ଅଞ୍ଚଳ ସହିତ ଆଖପାଖ ଅଞ୍ଚଳ ପାଇଁ ମଧ୍ୟ ଏକ ମହୋତ୍ସବ। ତେଣୁ ପ୍ରତି ଘରେ ଏବେ କୁଣିଆ। ବାହା ହେଇ ଯାଇଥିବା ଝିଅଠାରୁ ଜ୍ଞାତି କୁଟୁମ୍ବ ସମସ୍ତେ ଏକାଠି ହୋଇଛନ୍ତି। ଯାତ୍ରା ଆରମ୍ଭ ହେଉଥିବାରୁ ପରିବାର ସହିତ କେଉଁ ଯାତ୍ରା କେଉଁଦିନ ଦେଖିବେ ଯୋଜନା ହେଉଛି। ଖଣ୍ଡଗିରି, ଯାଗମରା, ଘାଟିକିଆ ସହିତ ଆଖପାଖର ୨୩ଗ୍ରାମର ଏହା ବଡ଼ ମହୋତ୍ସବ ହୋଇଥିବାରୁ ସମସ୍ତଙ୍କ ଘରେ ଏବେ କୁଣିଆଙ୍କୁ ଦେଖିବାକୁ ମିଳୁଛି। ମେଳା ଆରମ୍ଭ ହେବା ୨ ଦିନ ଆଗରୁ ଉଜ୍ଜୟିନୀରୁ ଖଣ୍ଡଗିରି ଆସିଛନ୍ତି ଦିଗମ୍ବର ବମ୍‌ବମ୍ ପୁରୀ ମହାରାଜ। ନାଗା ସାଧୁ ହୋଇ ଥିବାରୁ ଦେହରେ ବିଭୂତି ବୋଳି ଲମ୍ବା ଜଟା ରଖିଛନ୍ତି। ଗତ ୬ ବର୍ଷ ହେଲା ସେ ପ୍ରତି ବର୍ଷ ମେଳାକୁ ଆସୁଛନ୍ତି। ଆଶ୍ଚର୍ଯ୍ୟର କଥା ହେଲା ତାଙ୍କ ରୁକ୍ଷ କଥା ଓ ରୋକ୍‌ଠୋକ୍ ବ୍ୟବହାର ପାଇଁ ଭକ୍ତ ପ୍ରଥମେ ଭୟ କରୁଥିଲେବି ତାଙ୍କ ପାଖକୁ ଯାଉଛନ୍ତି। କିଏ ବାବାଙ୍କୁ ପାଇଁ ଚା' ମଗେଇ ଦେଉଛି ତ କିଏ ଜଳଖିଆ। ହେଲେ ବାବା ନିର୍ମାଣ କରିଥିବା ମାଟି ଲିଙ୍ଗର ବିଭୂତି ନେବାକୁ ଗହଳି ଜମୁଛି। ଖଣ୍ଡଗିରି ପାହାଡ଼ରେ ଦୋଳି ସହାୟତାରେ ଗୋଟିଏ ଗୋଡ଼ରେ ଛିଡ଼ା ହୋଇଥିବା ଷ୍ଟାଣ୍ଡିଂ ବାବା ବା ମହନ୍ତ ନାଗା ଚନ୍ଦନ ଗିରି କହନ୍ତି ଉତ୍ତରପ୍ରଦେଶର ଚିତ୍ରକୂଟରେ ତାଙ୍କ ଜନ୍ମ। ଜନ୍ମ ସମୟରୁ ମା'ଙ୍କ ଦେହାନ୍ତ ହୋଇଛି, ଚତୁର୍ଥ ଶ୍ରେଣୀ ପଢୁଥିବା ବେଳେ ବାପା ଚାଲିଗଲେ। ସପ୍ତମ ଶ୍ରେଣୀରୁ ପାଠ ଛାଡ଼ିବାକୁ ପଡ଼ିଲା। ସେହି ଅବସରରେ କେତେବେଳେ ବୈରାଗ୍ୟ ଭାବନା ଆସିଲା, ନାଗା ସାଧୁଙ୍କ ମେଳକୁ ଚାଲିଗଲେ। ଏହାପରେ ପରିବାର ପକ୍ଷରୁ ତାଙ୍କର ପିଣ୍ଡଦାନ କରିଦିଆଯାଇ ଥିଲା। ପ୍ରେମ ଯେମିତି କେତେବେଳେ ହୁଏ ଜଣାପଡ଼େନି, ପ୍ରେମରେ ପଡ଼ିଥିବା ବ୍ୟକ୍ତି ସବୁ କିଛି ଭୁଲି ଯାଏ ସେହିଭଳି ବୈରାଗ୍ୟ ଆସିଥିବା ମୁହୂର୍ତ୍ତ ବିଷୟରେ ବର୍ଣ୍ଣନା କରିବା କଷ୍ଟକର। ମେଳାରେ ବହୁ ପ୍ରକାର ମନୋହରି ଜିନିଷର ପସରା ମେଲିଛି। ମହିଳାମାନଙ୍କ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଅଧିକ ବିକ୍ରି ହେଉଛି। ଚୁଡ଼ିଠାରୁ ଶାଢ଼ି ପର୍ଯ୍ୟନ୍ତ ସବୁ ବିକ୍ରି ହେଉଛି। ଚୁଡ଼ିବାଲାଙ୍କ ଠେଲାଗାଡ଼ି ଲାଇନ୍ ହୋଇ ରହୁଛି ଓ ସେଠାରେ ମହିଳାମାନଙ୍କ ଭିଡ଼ ଦେଖିବାକୁ ମିଳୁଛି। ୧୦୦ ଟଙ୍କିଆ ହରେକ ମାଲ, ୫ଟଙ୍କିଆ ହରେକ୍‌ମାଲ ଓ ରାଜସ୍ଥାନୀ ଚୁଡି କିଣିବାକୁ ମହିଳାମାନେ ପସନ୍ଦ କରୁଛନ୍ତି। ଏଥିସହିତ ତାଳ ଦେଇ ବହୁ ଅଣଓଡ଼ିଆ ଟାଟୁବାଲା ବି ଭଲ ବେପାର କରୁଛନ୍ତି। କଲିକତାରୁ ଆସିଛନ୍ତି ୧୨ ଟାଟୁ ବ୍ୟବସାୟୀ। ଇଞ୍ଚକୁ ୨୦୦ଟଙ୍କା ହିସାବରେ ବିଭିନ୍ନ ପ୍ରକାର ଟାଟୁ କରୁଛନ୍ତି। ତେବେ ଘରକରଣା ଜିନିଷ ଦୋକାନ ଆଗରେ ଅଧିକ ଭିଡ଼ ଦେଖିବାକୁ ମିଳୁଛି। ବାଉଁଶ ତିଆରି ଜିନିଷ ସାଙ୍ଗକୁ ଖଜୁରି ଝାଡୁ ବେପାର ବଢୁଥିବା ଦେଖାଯାଉଛି। ଜିନିଷ କିଣି ଭଳିକି ଭଳି ଖାଦ୍ୟ ଖାଇବାକୁ ଲୋକେ ଗହଳି ଯମଉଛନ୍ତି।

## ଯାତ୍ରା ମଞ୍ଚରେ ଦୈତାରୀ ପଣ୍ଡା, ପୀୟୂଷଙ୍କ କ୍ରେଜ୍





**ଭୁବନେଶ୍ୱର (ପିପିଏସ୍):** ଖଣ୍ଡଗିରି ଯାତ୍ରା ମହାକୁମ୍ଭରେ ଏବେ ଦୈତାରୀ ପଣ୍ଡା ଓ ପୀୟୂଷ ତ୍ରିପାଠୀଙ୍କ କ୍ରେଜ୍ ଦେଖିବାକୁ ମିଳୁଛି। କୋଣାର୍କ ଗଣନାଟ୍ୟରେ ଦୈତାରୀ ପଣ୍ଡାଙ୍କ ଦମ୍‌ଦାର ଅଭିନୟ ଦର୍ଶକଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖୁଥିବାବେଳେ ଏହାର ନାଟକ 'ତୁ ମୋଧେ ମୋ ଭାଗ୍ୟରେ ନାହୁଁ' ବେଶ୍ ମନକୁ ଛୁଉଁଛି। କେବଳ ଦୈତାରୀ ପଣ୍ଡା ନୁହଁନ୍ତି, ଅନ୍ୟମାନଙ୍କ ଅଭିନୟ ମଧ୍ୟ ବେଶ ଉଚ୍ଚକୋଟୀର ହେଉଛି। ବିଶେଷକରି ଦୈତାରୀ ପଣ୍ଡାଙ୍କୁ ଦର୍ଶକ ମଞ୍ଚରେ ଖୋଜୁଥିବାବେଳେ ନାଟକର ଦମ୍‌ଦାର କାହାଣୀ ମଧ୍ୟ ଯାତ୍ରାପ୍ରେମୀଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିବାରେ ସକ୍ଷମ ହେଉଛି। ଅପରପକ୍ଷରେ କୋଣାର୍କ ଗଣନାଟ୍ୟର ଯାତ୍ରା ଦେଖୁଥିବା ଦର୍ଶକ ବସିବାରେ ସମସ୍ୟା ହେଉଥିବା କହିଛନ୍ତି। ସିଟ୍‌ଗୁଡ଼ିକ ଏତେ ପାଖାପାଖି ପଡ଼ିଛି ଯେ ଦୁଇଜଣ ପାଖାପାଖି ବସିଲେ ଦେହକୁ ଦେହ ବାଜୁଥିବା ଦର୍ଶକ କହୁଛନ୍ତି। ଏକା ନାଟକ ପୁଣି ଆଜି ରିପିଟ୍ ହେବ ବୋଲି ଜଣାପଡ଼ିଛି।

ସେହିପରି ସିଂହବାହିନୀରେ ପୀୟୂଷ ତ୍ରିପାଠୀଙ୍କ ଅଭିନୟ ଦେଖିବାକୁ ଯାତ୍ରାପ୍ରେମୀ ରାଜ୍ୟର କୋଣଅନୁକୋଣରୁ ମଧ୍ୟ ଧାଇଁ ଆସୁଥିବା ଜଣାପଡ଼ିଛି। ହେଲେ ସିଂହବାହିନୀରେ କେବଳ ପୀୟୂଷଙ୍କୁ ଦେଖିବା ବ୍ୟତୀତ ଭଲ କାହାଣୀ ପାଉନଥିବା କହିଛନ୍ତି ଅନେକ ଦର୍ଶକ। ମଝିରେ ମଝିରେ କିଛି ଦୃଶ୍ୟ ଦର୍ଶକଙ୍କୁ ବୋର୍ କରୁଥିବାବେଳେ କେବଳ ପୀୟୂଷଙ୍କ ପାଇଁ ଯାତ୍ରାରେ ହାଉସ୍‌ଫୁଲ ରହୁଛି। ଏପରିକି ସକାଳୁ ସକାଳୁ ଟିକଟ ସବୁ ସରିଯାଉଛି। ଟିକଟ ପାଇଁ ଲମ୍ବା ଧାଡ଼ି କାଉଣ୍ଟର ଆଗରେ ଦେଖିବାକୁ ମିଳୁଛି। ସତନ୍ତ୍ର ଟିକଟର ମୂଲ୍ୟ ୩ଶହ ଟଙ୍କା ରହିଥିବାବେଳେ ପ୍ରଥମ ଶ୍ରେଣୀ ଟିକଟର ମୂଲ୍ୟ ୨୫୦ ଓ ସାଧାରଣ ଟିକଟ ୨ଶହ ଟଙ୍କାରେ ଉପଲବ୍ଧ ହେଉଛି।

ଆଜିଠାରୁ ଧଉଳି ଗଣନାଟ୍ୟ ବିଦାୟ ନେଇଥିବାବେଳେ ଯାତ୍ରା ଶ୍ରୀମନ୍ଦିର ତା'ର ଯାତ୍ରା ଆରମ୍ଭ କରିଛି। ୨ତାରିଖରୁ ରାଣୀପଣ୍ଡାଙ୍କ ଯାତ୍ରା ଦଳ ନାଟ୍ୟ ମଣ୍ଡପ ଯାତ୍ରା ପରିବେଷଣ କରିବ। ସେହିପରି କଳିଙ୍ଗ, ଗଣନାଟ୍ୟ, ଅପେରା ଅଶୋକ ସମ୍ରାଟରେ ମଧ୍ୟ ଲୋକଙ୍କ ଗହଳି ଦେଖିବାକୁ ମିଳୁଛି।

## ବୋମା ବିସ୍ଫୋରଣ ମାମଲାରେ ଏନ୍‌ଆଇଏ ଅଧିକାରୀଙ୍କ ତନାଘନା

**ଭୁବନେଶ୍ୱର (ପିପିଏସ୍):** ଏୟାରଫିଲ୍ଡ ଥାନା ଆଜାଦ୍ ନଗର ଅଞ୍ଚଳରେ ବୋମା ବିସ୍ଫୋରଣ ମାମଲାରେ ତନାଘନା ଆରମ୍ଭ କଲା ଏନ୍‌ଆଇଏ। ଏନ୍‌ଆଇଏ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏଠାରେ କେଉଁ ପ୍ରକାର ବୋମା ଭିଡା ଯାଉଥିଲା। ଗଣବିଧ୍ୱଂସକାରୀ ବୋମା ଭିଡା ଯାଉଥିଲା ନା ରାଜ୍ୟରେ ସାମାନ୍ୟ ଅପରାଧ ଘଟାଇବାକୁ ଯୋଜନା କରାଯାଉଥିଲା ଏନ୍‌ଆଇଏ ତାହାର ତଦନ୍ତ ଆରମ୍ଭ କରିଛି। ଏହି ବିସ୍ଫୋରଣ ପଛରେ କୌଣସି ଆତଙ୍କବାଦୀ ଲିଙ୍କ ଅଛି ନା ନାହିଁ ତାର ଖୋଳତାଡ କରୁଛନ୍ତି। ଘଟଣାସ୍ଥଳରୁ ମଧ୍ୟ ସମସ୍ତ ତଥ୍ୟ ସଂଗ୍ରହ କରିଛି ସାଇଣ୍ଟିଫିକ୍ ଟିମ୍। କୌଣସି ଦେଶ ବିରୋଧି ମାମଲା ସେମାନଙ୍କ ନାମରେ ରହିଛି କି ନାହିଁ, ତାହାର ଛାନ୍‌ଭିନ୍ କରୁଛି ଏନଆଇଏ। ଆହୁରି ମଧ୍ୟ ବିସ୍ଫୋରଣ ଘଟିଥିବା ଘର ମାଲିକ ଏବଂ ଏକାଧିକ ପଡୋଶୀଙ୍କୁ ଏନ୍‌ଆଇଏ ଟିମ୍ ପଚରାଉଚରା କରିଛନ୍ତି। ଯେଉଁମାନେ ବୋମା ତିଆରି କରୁଥିଲେ ସେମାନଙ୍କ ବିରୋଧରେ ବିଭିନ୍ନ ଥାନାରେ ପୂର୍ବରୁ ୭ଟି ମାମଲା ରହିଛି। ତେଣୁ କୌଣସି ଅପରାଧ ଘଟାଇବାକୁ ବୋମା ତିଆରି କରୁଥିଲେ କି ବୋଲି ପ୍ରଶ୍ନ ଉଠିଛି। ଅନ୍ୟପଟରେ ଏନ୍‌ଆଇଏ ଅଧିକାରୀ କହିଛନ୍ତି ଯେ, ପୁଲିସକୁ ଆମେ ତଦନ୍ତରେ ସହଯୋଗ କରୁଛୁ। ଏଥିରେ କୌଣସି ଦେଶଦ୍ରୋହୀ ଏବଂ ବାହାର ଲିଙ୍କ୍ ରହିଛି କି ନାହିଁ ସେନେଇ ଆମେ ତଦନ୍ତ କରୁଛି।

## ମୋବାଇଲ୍ ଚୋରି ଅଭିଯୋଗରେ ଯୁବକ ଗିରଫ

**ଭୁବନେଶ୍ୱର (ପିପିଏସ୍):** ଦୋକାନରୁ ମୋବାଇଲ ଚୋରି ଅଭିଯୋଗରେ ସହିଦନଗର ଥାନା ପୁଲିସ ଜୀବନ ବହ୍ଲବ ପାଣି ନାମକ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ତାଙ୍କ ଠାରୁ ୬ଟି ଚୋରା ମୋବାଇଲ ଜବତ ହୋଇଛି। ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀଙ୍କର ସହିଦ ନଗରସ୍ଥିତ ଆଇନକ୍ସ ମଲ ସମୁଖରେ "ସିନଟେଲ" ନାମରେ ଏକ ମୋବାଇଲ ଦୋକାନ ଅଛି। ଗତ ୧୯ତାରିଖରେ ଅଭିଯୁକ୍ତ ଜୀବନ ଅଭିଯୋଗକାରୀଙ୍କ ମୋବାଇଲ ଦୋକାନକୁ ମୋବାଇଲ ସଜାଡ଼ିବା ଲାଗି ଯାଇଥିଲେ। ଅଭିଯୋଗକାରୀ ଦୋକାନ ଭିତରେ କୌଣସି କାର୍ଯ୍ୟରେ ବ୍ୟସ୍ତ ଥିବାର ସୁଯୋଗ ନେଇ ଅଭିଯୁକ୍ତ ଜଣକ କୌଶଳକ୍ରମେ ଦୋକାନରୁ ଏକ ଆଇଫୋନ ଚୋରିକରି ଫେରାର ହୋଇଯାଇଥିଲେ। ପରେ ଅଭିଯୋଗକାରୀ ଏନେଇ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ମାମଲାର ତଦନ୍ତ କରିବା ସହ ଚକେଇସିଆଣି ଅଞ୍ଚଳରେ ଚଢଉ କରି ଜୀବନ ବଲ୍ଲଭ ପାଣିଙ୍କୁ ଗିରଫ କରି ତାଙ୍କ ଠାରୁ ମୋଟ ଛଅଟି ଚୋରା ଦାମୀ ମୋବାଇଲ ଫୋନ ଜବତ କରିଥିଲେ। ଉକ୍ତ ମୋବାଇଲ ଫୋନ ସବୁକୁ ସେ ଭୁବନେଶ୍ୱର ସହରର ବିଭିନ୍ନ ସ୍ଥାନରୁ ତଥା ଭିନ୍ନଭିନ୍ନ ଦିନରେ ଚୋରିକରିଥିବା ନେଇ ଅଭିଯୁକ୍ତ ଜଣକ ତଦନ୍ତ ବେଳେ ପ୍ରକାଶ କରିଥିଲେ।

## ୫ଜଣ ସାହିତ୍ୟିକଙ୍କୁ ସାହିତ୍ୟ ଉତ୍କର୍ଷ ସମ୍ମାନ




**ଭୁବନେଶ୍ୱର(ପିପିଏସ୍) :** ଓଡ଼ିଶା ସାହିତ୍ୟ ଏକାଡେମୀ ଓ କଳାଭୂମିର ମିଳିତ ଆନୁକୂଲ୍ୟରେ ତୃତୀୟ ରାଜ୍ୟସ୍ତରୀୟ କଳାଭୂମି ସାହିତ୍ୟ ଉତ୍ସବ-୨୦୨୬ ଆଜି ଜୟଦେବ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ବସନ୍ତ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସାହିତ୍ୟିକ ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି, ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଚନ୍ଦ୍ରଶେଖର ହୋତା, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପବିତ୍ର ମୋହନ ଦାଶ, ପୂର୍ବତନ ଲୋକସଂପର୍କ ଅଧିକାରୀ ରକ୍ଷକ ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଉତ୍ସବରେ ରାଜ୍ୟର କୋଣ ଅନୁକୋଣରୁ ବହୁସଂଖ୍ୟାରେ ଯୁବ ଓ ବରିଷ୍ଠ ସାହିତ୍ୟିକମାନେ ଯୋଗଦେବା ସହ ସ୍ୱରଚିତ କବିତା, ଗପ ପାଠ କରିଥିଲେ। ଆଜି ପୂର୍ବାହ୍ନରୁ ରାତି ପର୍ଯ୍ୟନ୍ତ କବିତା ପାଠ କାର୍ଯ୍ୟକ୍ରମ ଚାଲିଥିଲା। ଏହି ଅବସରରେ କଳାଭୂମି ପକ୍ଷରୁ ୫ଜଣ ସାହିତ୍ୟିକଙ୍କୁ 'ସାହିତ୍ୟ ଉତ୍କର୍ଷ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। କବିତାରେ ପ୍ରଦୀପ ବିଶ୍ୱାଳ, ନାଟକରେ ସୁବୋଧ ପଟ୍ଟନାୟକ, ପ୍ରବନ୍ଧରେ ପ୍ରଫେସର ପ୍ରେମାନନ୍ଦ ମହାପାତ୍ର, ଗଳ୍ପରେ ସରୋଜ ବଳ ଓ ପତ୍ରିକା ସମ୍ପାଦନାରେ ମମତା ମହାପାତ୍ରଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ କବି ଉମାକାନ୍ତ ରାଉତଙ୍କ 'କବିକାର କଥା' ପୁସ୍ତକ ଲୋକାର୍ପିତ ହୋଇଥିଲା। '୨୦୩୬: ବିକଶିତ ଓଡ଼ିଶା ପାଇଁ ଭାଷା ସାହିତ୍ୟର ଭୂମିକା' ଶୀର୍ଷକ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କଳାଭୂମି ଅଧ୍ୟକ୍ଷ ଡ. ପ୍ରମୋଦ କୁମାର ପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ସାହିତ୍ୟ ଉତ୍ସବକୁ ଡ. ଶ୍ରୀନିବାସ ଘଟୁଆରି ସଂଯୋଜନା କରିଥିଲେ।

## କଳିଙ୍ଗବିହାର କେ-୬ ଗୃହ ମାଲିକ କଲ୍ୟାଣ ସଂଘର ଦ୍ୱିତୀୟ ବାର୍ଷିକୋତ୍ସବ

**ଭୁବନେଶ୍ୱର (ପିପିଏସ୍):** ଭୁବନେଶ୍ୱର ଉପକଣ୍ଠ କଳିଙ୍ଗବିହାର ସ୍ଥିତ କେ-୬ ଗୃହ ମାଲିକ କଲ୍ୟାଣ ସଂଘର ଦ୍ୱିତୀୟ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। କେ-୬ ସ୍ଥିତ ଖେଳପଡ଼ିଆଠାରେ ଆୟୋଜିତ ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସଞ୍ଜୟ କୁମାର ନାୟକ, ସମ୍ମାନିତ ଅତିଥି ଭାବେ ଆଇଓଏଫଏସ ସୁନୀଲ କୁମାର ପଟ୍ଟନାୟକ ଏବଂ ମୁଖ୍ୟବକ୍ତା ଭାବେ 'ତୀର ତରଙ୍ଗ'ର ସମ୍ପାଦିକା ବନ୍ଦନା ମିଶ୍ର ଯୋଗଦେଇ ସଂଘର ଉନ୍ନତିମୂଳକ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଶେଷ କରି ବିଶିଷ୍ଟ କଣ୍ଠଶିଳ୍ପୀ ତାନସେନ ସିଂଙ୍କ ସଙ୍ଗୀତ ମୂର୍ଚ୍ଛନା ଶ୍ରୋତାମାନଙ୍କୁ ବିଭୋର କରିଥିଲା। ଦୀର୍ଘ ସମୟ ପର୍ଯ୍ୟନ୍ତ ଶ୍ରୋତାମାନେ ତାଙ୍କ କଣ୍ଠ ସଙ୍ଗୀତ ଶୁଣିବାକୁ ବସିରହିଥିଲେ।

## ଆମ ବସ୍ ଚାଳକଙ୍କ ଉପରେ ହିଂସାତ୍ମକ ଆକ୍ରମଣକୁ କ୍ରୁଟ୍‌ର ନିନ୍ଦା



**ଭୁବନେଶ୍ୱର (ପିପିଏସ୍):** ଅଶୋକ ନଗର ବସ୍ ଷ୍ଟପ୍ ନିକଟରେ ଅପରାହ୍ନ ପ୍ରାୟ ୨.୧୫ ସମୟରେ ରୁଟ୍ ୮୨ ର 'ଆମ ବସ୍' (ଓଡି ୦୫ ସିଏ ୧୩୫୩) ନମ୍ବର ବସ ୧୦ ଜଣ ଯାତ୍ରୀଙ୍କୁ ନେଇ ମାଷ୍ଟର କ୍ୟାଣ୍ଟିନ୍ ଟର୍ମିନାଲ ନିକଟରେ ରାଜ ମହଲରେ ଅଟକିଥିଲା। ସେହି ସମୟରେ ଡାହାଣ ପାର୍ଶ୍ୱରୁ ହଠାତ୍ ଏକ ଦୁଇ ଚ଼କିଆ ଗାଡ଼ି ବିପରୀତ ଦିଗରୁ ଆସି ବସ ପାଖ ଦେଇ ଯିବାକୁ ଚେଷ୍ଟା କରିଥିଲା। ପାଖରେ ଗୋଟିଏ ଅଟୋ ରିକ୍ସା ଯାଉଥିବାରୁ ସେଠାରେ ସ୍ଥାନ କମ୍ ରହିଥିଲା। ସେଠାରେ ସ୍ଥାନ କମ୍ ରହିଥିବାରୁ ଦୁଇ ଚ଼କିଆ ଗାଡ଼ିଟି ଭାରସାମ୍ୟ ହରାଇ ବସ ସହିତ ମାଡ ହୋଇ ପଡ଼ିଗଲା। ଏଥିରେ ବାଇକ ଆରୋହୀ ଜଣକ ଆହତ ହୋଇ ନଥିଲେ ଓ ନିଜ ଭୁଲ ବୁଝିପାରି ନିଜ ଗାଡି ଉଠାଇ ଯିବାକୁ ଚେଷ୍ଟା କରୁଥିଲେ। ତେବେ ତେବେ ଘଟଣାର କିଛି ସମୟ ମଧ୍ୟରେ କିଛି ସ୍ଥାନୀୟ ଦୁର୍ବୃତ୍ତ ଘଟଣାସ୍ଥଳରେ ଏକାଟି ହୋଇ ଆମ ବସ୍ ଉପରକୁ ସଂଘବଦ୍ଧ ଭାବେ ଇଟା ଓ ପଥରରେ ଆକ୍ରମଣ କରିଥିଲେ। ଦୁର୍ବୃତ୍ତମାନଙ୍କ ମାଡରେ ଦୁଇଜଣ ଆମ ବସ୍ କ୍ୟାପଟେନ ଅଜୟ କୁମାର ଡାକୁଆ ଏବଂ ରମେଶ ଚ଼ନ୍ଦ୍ର ନାୟକ ଗୁରୁତର ଆହତ ହୋଇଛନ୍ତି । ବସରେ ବସିଥିବା ଅନେକ ଯାତ୍ରୀ ମଧ୍ୟ ଏଥିରେ ଆହତ ହୋଇଛନ୍ତି। ଏହି ସମୟରେ ଆମ ବସ୍ର କ୍ୟାପ୍‌ଟେନ୍ ଗୌରୀ ଶଙ୍କର ନାୟକ ତୁରନ୍ତ ପିସିଆର୍‌କୁ ଫୋନ କରିଥିଲେ ଏବଂ ପୋଲିସ କର୍ମଚ଼ାରୀମାନେ ତାଙ୍କୁ ତୁରନ୍ତ ଘଟଣାସ୍ଥଳରୁ ଉଦ୍ଧାର କରିଥିଲେ। ଦୁର୍ବ୍ୟବହାରର ଶିକାର ହୋଇଥିବା ଉଭୟ ବସ୍ କ୍ୟାପ୍‌ଟେନ୍ କ୍ୟାପିଟାଲ ପୋଲିସ ଷ୍ଟେସନରେ ଏଫଆଇଆର୍ ଦାୟର କରିଛନ୍ତି ଏବଂ କ୍ରୁଟ କର୍ତ୍ତୃପକ୍ଷ କ୍ୟାପିଟାଲ ପୋଲିସ ଷ୍ଟେସନର ଅଧିକାରୀଙ୍କ ସହ ଯୋଗାଯୋଗରେ ଅଛନ୍ତି। ଏପରି ବେଆଇନ କାର୍ଯ୍ୟକଳାପରେ ସମ୍ପୃକ୍ତ ଲୋକଙ୍କ ବିରୁଦ୍ଧରେ ଯେପରି କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ସୁନିଶ୍ଚିତ ହୋଇପାରିବ ଏବଂ ଭବିଷ୍ୟତରେ ଏପରି ଘଟଣାର ପୁନରାବୃତ୍ତିକୁ ରୋକାଯାଇପାରିବ, ସେଥିପାଇଁ ଉଦ୍ୟମ କରାଯିବ।

କ୍ରୁଟ୍ ଏହି ଘଟଣାର ଦୃଢ଼ ନିନ୍ଦା କରୁଛି ଏବଂ ଯାତ୍ରୀ ସୁରକ୍ଷା, ଏହାର କର୍ମଚ଼ାରୀଙ୍କ ସୁରକ୍ଷା ଏବଂ ସାର୍ବଜନୀନ ପରିବହନର ଆଇନଗତ ପରିଚ଼ାଳନା ପ୍ରତି ଏହାର ଦୃଢ଼ ପ୍ରତିବଦ୍ଧତାକୁ ଦୋହରାଉଛି। ଅସୁବିଧାମୁକ୍ତ ସେବା ପାଇଁ କର୍ତ୍ତୃପକ୍ଷଙ୍କ ସହିତ ସହଯୋଗ କରିବାକୁ ଟ୍ୱିନ ସିଟିର ଦାୟିତ୍ୱବାନ ନାଗରିକମାନଙ୍କୁ ନିବେଦନ କରୁଛି।





# ରାହୁଲ ଗାନ୍ଧୀ ଯାହା ଚାହିଁବେ, ତାହା କରିପାରିବେ: ଶାହ



ନୂଆଦିଲ୍ଲୀ: ଧାରଣତନ୍ତ୍ର ଦିବସ ଅବସରରେ ରାଷ୍ଟ୍ରପତି ଭବନରେ ଆୟୋଜିତ 'ଏଟ୍ ହୋମ୍' କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ପ୍ରଦତ୍ତ ଆସାମର ପାରମ୍ପରିକ ଗାମୁଛାକୁ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧି କାନ୍ଧରେ ନପକାଇବା ଘଟଣାକୁ ନେଇ ଶୁକ୍ରବାର ତାଙ୍କୁ ତୀବ୍ର ସମାଲୋଚନା କରିଛନ୍ତି କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ। ଆସାମର ଦିବ୍ରୁଗଡ଼ରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ଶ୍ରୀ ଶାହ କହିଥିଲେ, ରାହୁଲ ଗାନ୍ଧି ଯାହା ଚାହିଁବେ, ତାହା କରିପାରିବେ। କିନ୍ତୁ ଯେପର୍ଯ୍ୟନ୍ତ ବିଜେପି କ୍ଷମତାରେ ଅଛି, ଉତ୍ତରପୂର୍ବ ରାଜ୍ୟଗୁଡ଼ିକର ସଂସ୍କୃତିକୁ ଅସମ୍ମାନ କରିବାକୁ ତାଙ୍କୁ ଅନୁମତି ମିଳିବ ନାହିଁ। ଅନ୍ୟ ସମସ୍ତେ ରାଷ୍ଟ୍ରପତିଙ୍କ ଦ୍ୱାରା ପ୍ରଦତ୍ତ ଗାମୁଛାକୁ ସମ୍ମାନ ଦେଇ କାନ୍ଧରେ ପକାଇଥିଲେ। ଏମିତିକି ବିଦେଶରୁ ଆସିଥିବା ବିଶିଷ୍ଟ ବ୍ୟକ୍ତିମାନେ ମଧ୍ୟ ଏହାକୁ ସମ୍ମାନ ଦେଇଥିଲେ। କିନ୍ତୁ ରାହୁଲ ଗାନ୍ଧି ହେଉଛନ୍ତି ଏକମାତ୍ର ବ୍ୟକ୍ତି ଯିଏ ଏହାକୁ କାନ୍ଧରେ ପକାଇ ନଥିଲେ। ଏହି ପ୍ରସଙ୍ଗରେ ଏହି କାର୍ଯ୍ୟକ୍ରମରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ମଧ୍ୟ ରାହୁଲ ଗାନ୍ଧିଙ୍କୁ ସମାଲୋଚନା କରିଥିଲେ। ସେ କହିଥିଲେ, ଉତ୍ତରପୂର୍ବ ରାଜ୍ୟର ସଂସ୍କୃତିକୁ ସମ୍ମାନ ଦେବା କଥା ରାହୁଲ ଗାନ୍ଧି ଶିଖିବା ଉଚିତ। ନହେଲେ ସେ ଭୋଟ୍ ମାଗିବା କଥା ନୁହେଁ।

# ସ୍କୁଲରେ ଝିଅମାନଙ୍କ ପାଇଁ ଅଲଗା ଶୌଚାଳୟ, ସାନିଟାରୀ ପ୍ୟାଡ୍ ରହିବା ଜରୁରୀ



ନୂଆଦିଲ୍ଲୀ : ସୁପ୍ରିମକୋର୍ଟ ସ୍କୁଲରେ ଝିଅମାନଙ୍କ ପାଇଁ ପୃଥକ ଶୌଚାଳୟ ଏବଂ ସାନିଟାରୀ ପ୍ୟାଡ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଜାରି କରିଛନ୍ତି। ସୁପ୍ରିମକୋର୍ଟ ସମସ୍ତ ସରକାରୀ ଏବଂ ବେସରକାରୀ ସ୍କୁଲଗୁଡ଼ିକ ଛାତ୍ରୀମାନଙ୍କ ପାଇଁ ପୃଥକ ଶୌଚାଳୟ ଏବଂ ସାନିଟାରୀ ପ୍ୟାଡ ଯୋଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ତିନି ମାସ ମଧ୍ୟରେ ଏହି ନିର୍ଦ୍ଦେଶ ପାଳନ କରିବାକୁ ସମସ୍ତ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସ୍କୁଲଗୁଡ଼ିକରେ ମାସିକ ଋତୁସ୍ରାବ ସମୟରେ ଝିଅମାନେ ସମ୍ମୁଖୀନ ହେଉଥିବା ସମସ୍ୟା ସମ୍ପର୍କରେ ସୁପ୍ରିମକୋର୍ଟରେ ଏକ ଆବେଦନ ଦାଖଲ କରାଯାଇଥିଲା ଏବଂ କୋର୍ଟ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଥିଲେ। ସୁପ୍ରିମକୋର୍ଟ କହିଛନ୍ତି ଯେ, ସମ୍ବିଧାନର ଧାରା ୨୧ ଅନୁଯାୟୀ, ସୁନିଶ୍ଚିତ ଜୀବନଯାପନର ଅଧିକାରରେ ଋତୁସ୍ରାବ ସ୍ୱାସ୍ଥ୍ୟର ଅଧିକାର ଅନ୍ତର୍ଭୁକ୍ତ। ଏହି ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟବେକ୍ଷଣ ସହିତ, କୋର୍ଟ ତାଙ୍କ ନିର୍ଦ୍ଦେଶରେ ଆହୁରି ଅନେକ ଗୁରୁତ୍ୱପୂର୍ଣ୍ଣ ବିନ୍ଦୁ ମଧ୍ୟ କହିଛନ୍ତି। ଏହି ନିଷ୍ପତ୍ତି କେବଳ ବ୍ୟବସ୍ଥାରେ ଜଡ଼ିତ ଲୋକଙ୍କ ପାଇଁ ନୁହେଁ, ବରଂ ଶ୍ରେଣୀଗୃହ ପାଇଁ ମଧ୍ୟ, ଯେଉଁଠାରେ ଝିଅମାନେ ସାହାଯ୍ୟ ମାଗିବାକୁ ସଂକୋଚ କରନ୍ତି। ଏହି ନିର୍ଦ୍ଦେଶ ସେହି ଶିକ୍ଷକମାନଙ୍କ ପାଇଁ ମଧ୍ୟ ପ୍ରଯୁଜ୍ୟ, ଯେଉଁମାନେ ସାହାଯ୍ୟ କରିବାକୁ ଚାହାଁନ୍ତି କିନ୍ତୁ ସମ୍ବଳ ଅଭାବରୁ ତାହା କରିପାରୁନାହାଁନ୍ତି।

ସୁପ୍ରିମକୋର୍ଟ କହିଛନ୍ତି ଯେ, ଏହି ନିର୍ଦ୍ଦେଶ ଉଭୟ ମାତାପିତାଙ୍କ ପାଇଁ ଯେଉଁମାନେ ହୁଏତ ସେମାନଙ୍କ ନୀରବତାର ପ୍ରଭାବକୁ ଅନୁଭବ କରିପାରନ୍ତି ନାହିଁ, ଏବଂ ସମଗ୍ର ସମାଜ ପାଇଁ, ଏହା ଦର୍ଶାଉଛି ଯେ ପ୍ରଗତି ଆମେ କିପରି ସବୁଠାରୁ ଦୁର୍ବଳମାନଙ୍କୁ ସୁରକ୍ଷା ଦେଉଛୁ ତାହା ଦ୍ୱାରା ମାପିଯାଏ। କୋର୍ଟ ତାଙ୍କ ଆଦେଶରେ କହିଛନ୍ତି, ଆମେ ପ୍ରତ୍ୟେକ ଝିଅକୁ ଏହି ବାର୍ତ୍ତା ପଠାଇବାକୁ ଚାହୁଁଛୁ ଯେଉଁମାନେ ତାଙ୍କ ଶରୀରକୁ ବୋଝ ବୋଲି ବିବେଚନା କରାଯାଉଥିବାରୁ ସ୍କୁଲ ଯାଇପାରିବେ ନାହିଁ, କିନ୍ତୁ ଏହା ତାଙ୍କର ଦୋଷ ନୁହେଁ। କୋର୍ଟ କହିଛନ୍ତି ଯେ,ଏହା ସମାଜର ପ୍ରତ୍ୟେକ ବର୍ଗରେ ପହଞ୍ଚିବା ଉଚିତ, କୋର୍ଟ ଏବଂ ଆଇନଗତ ସମୀକ୍ଷା ରିପୋର୍ଟ ବାହାରେ। ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ନିଶ୍ଚିତ କରିବା ଉଚିତ ଯେ, ପ୍ରତ୍ୟେକ ସରକାରୀ କିମ୍ବା ବେସରକାରୀ ସ୍କୁଲରେ ଲିଙ୍ଗଗତ ଭାବରେ ପୃଥକୀକରଣ ଶୌଚାଳୟ ଏବଂ ପାଣି ସୁବିଧା ରହିଛି। ସମସ୍ତ ନୂତନ ସ୍କୁଲରେ ଗୋପନୀୟତା ସୁନିଶ୍ଚିତ କରାଯିବା ଉଚିତ, ଯେଉଁଥିରେ ଅକ୍ଷମ ବ୍ୟକ୍ତିଙ୍କ ଅଧିକାରକୁ ସମ୍ମାନ ଦିଆଯିବା ମଧ୍ୟ ସାମିଲ ଅଛି। ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ନିଶ୍ଚିତ କରିବା ଉଚିତ ଯେ, ପ୍ରତ୍ୟେକ ସ୍କୁଲର ଶୌଚାଳୟ ପରିସରରେ ବାୟୋଡିଗ୍ରେଡେବଲ ସାନିଟାରୀ ନାପକିନ ଉପଲବ୍ଧ ହେବ। ଋତୁସ୍ରାବକାଳୀନ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ମାସିକ ଋତୁସ୍ରାବ ସ୍ୱଚ୍ଛତା ପରିଚାଳନା କେନ୍ଦ୍ର ପ୍ରତିଷ୍ଠା କରାଯିବା ଉଚିତ, ଅତିରିକ୍ତ ୟୁନିଫର୍ମ ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ସାମଗ୍ରୀ ଥିବା ମଧ୍ୟ ଜରୁରୀ।

# ରୁଷ-ୟୁକ୍ରେନ୍ ଯୁଦ୍ଧରେ ଲାଗିବ ବ୍ରେକ୍ !



ୱାସିଂଟନ୍: ଦୀର୍ଘ ମାସ ଧରି ଜାରି ରହିଥିବା ଋଷ-ୟୁକ୍ରେନ୍ ଯୁଦ୍ଧରେ ଲାଗିବ ବ୍ରେକ୍। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏପରି ଦାବି କରିଛନ୍ତି। କଠୋର ଶୀତରେ ଥରୁଛି ୟୁକ୍ରେନ୍, ହଇରାଣ ହେଉଛନ୍ତି ସେଠାକାର ସାଧାରଣ ଲୋକ। ତେଣୁ ଏହାକୁ ଦୃଷ୍ଟିରେ ରଖି କିଛିଦିନ ପାଇଁ ଯୁଦ୍ଧ ବିରତି କରିବାକୁ ଋଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ ଅନୁରୋଧ କରିଥିଲେ ଟ୍ରମ୍ପ, ଆଉ ତାଙ୍କର ଏହି ଅନୁରୋଧକୁ ପୁଟିନ୍ ରକ୍ଷା କରିଛନ୍ତି ବୋଲି ଦାବି କରିଛନ୍ତି ଆମେରିକା ରାଷ୍ଟ୍ରପତି। ଗୁରୁବାର ଦିନ ହ୍ୱାଇଟ୍ ହାଉସରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ରାଷ୍ଟ୍ରପତି ଟ୍ରମ୍ପ୍ କହିଛନ୍ତି, ସେ ବ୍ୟକ୍ତିଗତ ଭାବରେ ରାଷ୍ଟ୍ରପତି ପୁଟିନଙ୍କୁ ଅନୁରୋଧ କରିଛନ୍ତି ଯେ ସେ କଠୋର ଶୀତ ସମୟରେ କିଭ୍ ଓ ଅନ୍ୟାନ୍ୟ ସହର ଉପରେ ଆକ୍ରମଣକୁ ଗୋଟିଏ ସପ୍ତାହ ପାଇଁ ସ୍ଥଗିତ ରଖନ୍ତୁ। ଟ୍ରମ୍ପଙ୍କ ଏହି ବୟାନ ଏପରି ଏକ ସମୟରେ ଆସିଛି ଯେତେବେଳେ ଋଷ ବାରମ୍ବାର ୟୁକ୍ରେନର ବିଦ୍ୟୁତ୍ ପ୍ରତିଷ୍ଠାନ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଉପରେ ଆକ୍ରମଣ କରୁଛି, ଯାହା ଫଳରେ ସାରା ଦେଶରେ ବ୍ୟାପକ ବିଦ୍ୟୁତ୍ ବିଭ୍ରାଟ ହେଖାଦେଇଛି। ଟ୍ରମ୍ପ୍ ଦାବି କରିଛନ୍ତି ଯେ ରାଷ୍ଟ୍ରପତି ପୁଟିନ୍ ତାଙ୍କ ଅନୁରୋଧରେ ରାଜି ହୋଇଛନ୍ତି, କିନ୍ତୁ ଋଷ ପକ୍ଷରୁ କୌଣସି ସରକାରୀ ପ୍ରତିକ୍ରିୟା ମିଳିପାରିନାହିଁ। ଅନ୍ୟପଟେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍ସ୍କି ଚେତାବନୀ ଦେଇ କହିଛନ୍ତି ଋଷ ଆଉ ଏକ ବଡ଼ ଆକ୍ରମଣ ପାଇଁ ପ୍ରସ୍ତୁତ ହେଉଛି। ୟୁକ୍ରେନର ଗୁଇନ୍ଦା ସଂସ୍ଥାଗୁଡ଼ିକରୁ ମିଳିଥିବା ରିପୋର୍ଟ ଅନୁଯାୟୀ, ଋଷ ବଡ଼ ଧରଣର ବିମାନ ଆକ୍ରମଣ ପାଇଁ ଅସ୍ତ୍ରଶସ୍ତ୍ର ଏବଂ ସମ୍ବଳ ସଂଗ୍ରହ କରୁଛି। ଜେଲେନ୍ସ୍କି ଏହା ମଧ୍ୟ ମନେ ପକାଇଛନ୍ତି ଯେ ଋଷ ପ୍ରାୟ ୮୦୦ ଡ୍ରୋନ୍, କ୍ରୁଜ୍ ମିସାଇଲ୍ ଏବଂ ବାଲିଷ୍ଟିକ୍ ମିସାଇଲ୍ ସହିତ ୟୁକ୍ରେନ୍ ଉପରେ ଆକ୍ରମଣ କରିଥିଲା, ବିଶେଷ କରି ଦେଶର ପାୱାର ଗ୍ରୀଡ୍ ଉପରେ ଟାର୍ଗେଟ କରିଥିଲା। ତେବେ ଏହି ସମସ୍ତ ଘଟଣା ଏପରି ସମୟରେ ଘଟୁଛି ଯେତେବେଳେ ଆମେରିକାର ମଧ୍ୟସ୍ଥତାରେ ଋଷ ଓ ୟୁକ୍ରେନ ମଧ୍ୟରେ ଯୁଦ୍ଧବିରତି ଆଲୋଚନା ଚାଲିଛି।

# ସୁନେତ୍ରା ହେବେ ଉପମୁଖ୍ୟମନ୍ତ୍ରୀ



ମୁମ୍ବଇ: ବିମାନ ଦୁର୍ଘଟଣାରେ ଏନସିପି ମୁଖ୍ୟ ଅଜିତ୍ ପଓ୍ୱାରଙ୍କ ଅକାଳ ମୃତ୍ୟୁ ପରେ ଦଳରେ କ୍ଷମତା କନ୍ଦଳ ଆରମ୍ଭ ହୋଇଛି। ବିଶେଷକରି ଅଜିତଙ୍କ ସ୍ଥାନରେ ମହାରାଷ୍ଟ୍ର ସରକାରରେ କିଏ ଉପମୁଖ୍ୟମନ୍ତ୍ରୀ ହେବ ତାକୁ ନେଇ ଦଳରେ ଛକାପଞ୍ଝା ଆରମ୍ଭ ହୋଇଛି। ଉପମୁଖ୍ୟମନ୍ତ୍ରୀ ପଦ ଲାଗି ଦଳର ବରିଷ୍ଠ ନେତା ପ୍ରଫୁଲ ପଟେଲ, ଛଗନ ଭୁଜବଳ, ଧନଞ୍ଜୟ ମୁଣ୍ଡେ ଓ ସୁନୀଲ ଟାଟ୍କରେଙ୍କ ଭଳି ନେତା ଆଶାୟୀ ଅଛନ୍ତି। ମାତ୍ର ଦଳର ଅନ୍ୟତମ ବରିଷ୍ଠ ନେତା ତଥା ମହାରାଷ୍ଟ୍ର ସରକାରରେ ମନ୍ତ୍ରୀ ନରହରି ଜିରୱାଲ କହିଛନ୍ତି ଲୋକେ ଅଜିତଙ୍କ ପତ୍ନୀ ସୁନେତ୍ରା ପଓ୍ୱାରଙ୍କୁ ରାଜ୍ୟ ସରକାର ସାମିଲ କରିବାକୁ ଚାହୁଁଛନ୍ତି। ତେଣୁ ଉପମୁଖ୍ୟମନ୍ତ୍ରୀ ପଦ ଲାଗି ସୁନେତ୍ରାଙ୍କ ନାମ ପ୍ରସ୍ତାବ ଦିଆଯିବ। ସୁନେତ୍ରା ଏବେ ରାଜ୍ୟସଭା ସାଂସଦ ଅଛନ୍ତି। ରାଜ୍ୟ ସରକାରକୁ ଆସିବା ପରେ ସେ ଅଜିତଙ୍କ ଆସନରେ ଉପନିର୍ବାଚନ ଲଢିବେ। ସୁନେତ୍ରାଙ୍କୁ ଉପମୁଖ୍ୟମନ୍ତ୍ରୀ ପଦ ଦେବା ସମ୍ପର୍କରେ ଏନସିପି ନେତାମାନେ ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବିସଙ୍କୁ ଭେଟି ବିଧିବଦ୍ଧ ପ୍ରସ୍ତାବ ଦେବେ। ଅଜିତଙ୍କର ଦୁଇ ପୁଅ ଅଛନ୍ତି। ମାତ୍ର ସେମାନେ ରାଜନୀତିରେ ପରିପକ୍ୱ ନୁହଁନ୍ତି।

ପ୍ରଫୁଲ ପଟେଲ ଏବେ ଏନସିପିର କାର୍ଯ୍ୟକାରୀ ସଭାପତି ଥିବାରୁ ଆଗାମୀ ଦିନରେ ସେ ଦଳର ସମ୍ପୂର୍ଣ୍ଣ ନେତୃତ୍ୱ ନେବାର ସମ୍ଭାବନା ରହିଛି। ଦ୍ୱିତୀୟରେ ସୁନୀଲ ଟାଟ୍କରେ ମହାରାଷ୍ଟ୍ର ରାଜ୍ୟ ସଭାପତି ଥିବାରୁ ସେ ମଧ୍ୟ ଦଳର ନେତୃତ୍ୱ ପାଇଁ ଆଶାୟୀ ରହିବା ସ୍ୱାଭାବିକ। ଅଜିତ ପଓ୍ୱାରଙ୍କ ଅତ୍ୟନ୍ତ ବିଶ୍ୱସ୍ତ ଭାବେ ଜଣାଶୁଣା ଅନ୍ୟତମ ନେତା ପ୍ରମୋଦ ହିନ୍ଦୁରାଓ କହିଛନ୍ତି ଯେ ସୁନେତ୍ରା ଦଳର ନେତୃତ୍ୱ ନେବା ଉଚିତ୍। ଦଳର ନେତୃତ୍ୱ ବିବାଦ ତୁଟିବା ପରେ ଶରଦ ପଓ୍ୱାରଙ୍କ ନେତୃତ୍ୱାଧୀନ ଏନସିପି (ଏସ୍ପି) ସହିତ ଏନସିପିର ବିଲୀନ ପ୍ରସଙ୍ଗରେ ପରବର୍ତ୍ତୀ ସମୟରେ ଆଲୋଚନା କରାଯିବ ବୋଲି ନରହରି କହିଛନ୍ତି। ରାଜ୍ୟ ମହାନଗର ନିଗମ ନିର୍ବାଚନ ସମୟରେ ଅଜିତ ଏନସିପିର ଦୁଇଗୋଷ୍ଠୀର ମିଳନ କରିବା ସମ୍ପର୍କରେ ଶରଦଙ୍କ ସହ ଆଲୋଚନା କରିଆସୁଥିଲେ ବୋଲି କୁହାଯାଇଛି। ଦେବେନ୍ଦ୍ର ଫଡନବିସରଙ୍କ ନେତୃତ୍ୱାଧୀନ ମହାରାଷ୍ଟ୍ରର ମହାୟୁତି ମେଣ୍ଟ ସରକାରରେ ଏନସିପି ଏକ ଅଂଶୀଦାର ଦଳ। ଅଶୀଦାର ଦଳ ଭାବେ ଅଜିତଙ୍କୁ ଉପମୁଖ୍ୟମନ୍ତ୍ରୀ ପଦ ମିଳିଥିଲା। ଅନ୍ୟତମ ଅଂଶୀଦାର ଦଳ ଶିବସେନା ପକ୍ଷରୁ ଏକନାଥ ସିନ୍ଦେ ମଧ୍ୟ ଉପମୁଖ୍ୟମନ୍ତ୍ରୀ ଅଛନ୍ତି।

## ଭାରତ ଆସିବେ ବ୍ରିଟେନ୍‌ର ୯ ବିଶ୍ୱବିଦ୍ୟାଳୟ

ନୂଆଦିଲ୍ଲୀ: ଭାରତ ଓ ବ୍ରିଟେନ୍ ମଧ୍ୟରେ ଶିକ୍ଷାଗତ ସମ୍ପର୍କ ଏକ ନୂଆ ଅଧ୍ୟାୟରେ ପ୍ରବେଶ କରିବାକୁ ଯାଉଛି। ବ୍ରିଟେନ୍ର ୯ଟି ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ ଭାରତରେ ସେମାନଙ୍କ କ୍ୟାମ୍ପସ୍ ଖୋଲିବାକୁ ଯାଉଛନ୍ତି। ଏହା ଉଚ୍ଚ ଶିକ୍ଷା, ପ୍ରତିଭା ବିକାଶ ଓ ଦ୍ରୁତ ଗତିରେ ବଦଳୁଥିବା ସୃଜନଶୀଳ ଶିଳ୍ପରେ ଏକ ଦୀର୍ଘକାଳୀନ ସମ୍ପର୍କର ମୂଳଦୁଆକୁ ଦର୍ଶାଉଛି। ବ୍ରିଟିଶ କାଉନ୍ସିଲ୍ର ପ୍ରତିନିଧି ଆଲିସନ ବାରେଟ କହିଛନ୍ତି ଯେ ବ୍ରିଟେନ୍ ବିଶ୍ୱବିଦ୍ୟାଳୟଗୁଡ଼ିକ ଖୋଲିବାକୁ ଯାଉଥିବା ନୂଆ କ୍ୟାମ୍ପସ ଜରିଆରେ ଉଭୟ ଦେଶ ମଧ୍ୟରେ ଛାତ୍ରଛାତ୍ରୀ, ଚିନ୍ତାଧାରା ଓ ବିଶେଷତାର ବିନିମୟ ହୋଇପାରିବ। ବ୍ରିଟେନର ଛାତ୍ରଛାତ୍ରୀମାନେ ଭାରତ ଆସି ଏଠାକାର ସୃଜନଶୀଳ ଶିଳ୍ପ ବିଷୟରେ ପଢ଼ିବେ ଓ ତାହାକୁ ଅଧିକ ଜାଣିପାରିବେ। ଏଠାରେ ଥିବା ସୁଯୋଗ ବିଷୟରେ ଅବଗତ ହୋଇପାରିବେ। ଏହି ବିଶ୍ୱବିଦ୍ୟାଳୟଗୁଡ଼ିକ କେବଳ ଶିକ୍ଷା କ୍ଷେତ୍ରରେ ସୀମିତ ରହିବେ ନାହିଁ, ସେମାନେ ଶିଳ୍ପ ସହିତ ମିଳିତ ଭାବେ କାର୍ଯ୍ୟ କରିବେ। ଏହି ସହଯୋଗିତାରେ ପଡ୍କାଷ୍ଟ, ସିନେମା ନିର୍ମାଣ,ଫ୍ୟାସନ ଓ ଡିଜାଇନ ଜଗତ ଉପକୃତ ହେବ।

ଆସନ୍ତା ଦଶ ବର୍ଷ ମଧ୍ୟରେ ବ୍ରିଟେନ ବିଶ୍ୱବିଦ୍ୟାଳୟ ଓ ସୃଜନଶୀଳ ଶିଳ୍ପ ମଧ୍ୟରେ ଦୃଢ଼ ସହଯୋଗିତା ସୃଷ୍ଟି ହୋଇପାରିବ ବୋଲି ସେ କହିଛନ୍ତି।ଭାରତ ସରକାର ଉଚ୍ଚ ଶିକ୍ଷା କ୍ଷେତ୍ରର ଅର୍ନ୍ତଜାତୀୟକରଣ କରିବାକୁ ପ୍ରୟାସ କରୁଥିବା ବେଳେ ନିଜକୁ ନବସୃଜନ ଓ ସୃଜନଶୀଳ ପ୍ରତିଭାର ଏକ ହବ୍ କରିବାକୁ ଚାହୁଛନ୍ତି।

## ସରକାରଙ୍କୁ ଅଲ୍ଟିମେଟମ୍ ଦେଲେ ଶଙ୍କରାଚାର୍ଯ୍ୟ



ଲକ୍ଷ୍ନୌ : ସ୍ୱାମୀ ଅଭିମୁକ୍ତେଶ୍ୱରାନନ୍ଦ ସରସ୍ୱତୀ ପ୍ରୟାଗରାଜ ମାଘ ମେଳାରେ ପ୍ରଶାସନ ସହିତ ବିବାଦ ସମ୍ପର୍କରେ ଯୋଗୀ ସରକାର ଏବଂ ପ୍ରଶାସନକୁ କଡ଼ା ସମାଲୋଚନା କରିଛନ୍ତି। ଶଙ୍କରାଚାର୍ଯ୍ୟ ଅଭିମୁକ୍ତେଶ୍ୱରାନନ୍ଦ କହିଥିଲେ, ମୋତେ ଶଙ୍କରାଚାର୍ଯ୍ୟ ପଦବୀର ପ୍ରମାଣ ମଗାଯାଇଥିଲା ଏବଂ ୨୪ ଘଣ୍ଟା ମଧ୍ୟରେ ତାହା ପ୍ରଦାନ କରିବାକୁ କୁହାଯାଇଥିଲା। ମୁଁ ପୂର୍ବରୁ ଉତ୍ତର ଦେଇସାରିଛି। ଏବେ ଆପଣଙ୍କୁ ହିନ୍ଦୁ ପରିଚୟର ଦେବାକୁ ପଡ଼ିବ। ହିନ୍ଦୁ ଧର୍ମ କେବଳ ଭାଷଣ କି ଗେରୁଆ ବସ୍ତ୍ର ନୁହେଁ। ଆପଣ ଗୋ ସେବା ପାଇଁ କରିଛନ୍ତି କ'ଣ। ହିନ୍ଦୁ ହେବା ପାଇଁ ପ୍ରଥମ ଆବଶ୍ୟକତା ହେଉଛି ଗୋ ରକ୍ଷକ ହେବା। ଆମେ ଆପଣଙ୍କ ହିନ୍ଦୁ ପରିଚୟର ପ୍ରମାଣ ମାଗୁଛୁ। ଆମେ ଆପଣଙ୍କୁ ୪୦ ଦିନ ସମୟ ଦେଉଛୁ। ହିନ୍ଦୁ ପରିଚୟ ଏବଂ ଗୋ-ପୂଜକର ପ୍ରମାଣ ଦିଅ। ଯଦି ତୁମେ ଏହା କରିପାରିବ ନାହିଁ, ତେବେ ବୁଝିଯିବ ଯେ ତୁମେ ଜଣେ ନକଲି ହିନ୍ଦୁ। ଶଙ୍କରାଚାର୍ଯ୍ୟ କହିଥିଲେ ଯେ, ଗୋ ମାଂସ ବିକ୍ରୟ କରି ଆପଣ ଡଲାର ଦେଇ ରାମ ରାଜ୍ୟ ସ୍ଥାପନ କରିବେ। ଗୋ ମାଂସକୁ ମଇଁଷି ମାଂସ କହି ରକ୍ଷା କରିଛ। ଯଦି ୪୦ ଦିନ ମଧ୍ୟରେ ଗାଇକୁ ରାଜ୍ୟ ମାତା ଭାବରେ ଘୋଷଣା କରିବାରେ ବିଫଳ ହୁଅ, ତେବେ ଆପଣକୁ ନକଲି-ହିନ୍ଦୁ ଘୋଷଣା କରାଯିବ। ଶଙ୍କରାଚାର୍ଯ୍ୟ କହିଛନ୍ତ, ଆମେ ଆଜିଠାରୁ ଗଣନା ଆରମ୍ଭ କରୁଛୁ ଏବଂ ଏହା ମାର୍ଚ୍ଚ ୧୦ ତାରିଖରେ ସମାପ୍ତ ହେବ। ଯଦି ଆପଣ ୪୦ ଦିନ ମଧ୍ୟରେ ଏହାକୁ ଘୋଷଣା ନ କରନ୍ତି, ତେବେ ମାର୍ଚ୍ଚ ୧୦ ତାରିଖରେ, ଦିଲ୍ଲୀ ଯିବା ପରିବର୍ତ୍ତେ ଆମେ ଲକ୍ଷ୍ନୌରେ ସନ୍ଥ, ମହନ୍ତ ଏବଂ ଆଚାର୍ଯ୍ୟଙ୍କ ସହିତ ଏକତ୍ରିତ ହେବୁ ଏବଂ ତା'ପରେ ନିଷ୍ପତ୍ତି ନେବୁ।

## ନିପା ଭାଇରସ୍‌ରେ ୨ ସଂକ୍ରମିତ




ନୂଆଦିଲ୍ଲୀ: ଭାରତରେ ନିପା ଭାଇରସ୍ରେ ଦୁଇଜଣ ସଂକ୍ରମିତ ହୋଇଥିବା ଜଣାପଡ଼ିଛି। ନିପା ସଂକ୍ରମଣ ସମ୍ପର୍କରେ ଜଣାପଡ଼ିବା ପରେ ଏସିଆର ଅନେକ ଦେଶରେ ବିଦେଶରୁ ଆସୁଥିବା ଯାତ୍ରୀଙ୍କୁ ବିମାନ ବନ୍ଦରରେ କଡ଼ା ଯାଞ୍ଚ କରାଯାଉଛି। ଏହାକୁ ଦେଖି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍ଓ) ଶୁକ୍ରବାର କହିଛି ଯେ, ଭାରତରେ ନିପା ଭାଇରସ ବ୍ୟାପିବାର ସମ୍ଭାବନା କମ୍ ରହିଛି। ତେଣୁ ଯାତ୍ରା କିମ୍ବା ବାଣିଜ୍ୟ କଟକଣାର ଆବଶ୍ୟକତା ନାହିଁ। ଡବ୍ଲ୍ୟୁଏଚ୍ଓ ଦ୍ୱାରା ଏହାର ୱେବସାଇଟରେ ଦିଆଯାଇଥିବା ତଥ୍ୟ ଅନୁଯାୟୀ, ନିପା ଭାଇରସ୍ ଯୋଗୁ ମଣିଷରୁ ମଣିଷକୁ ସଂକ୍ରମଣ ବୃଦ୍ଧିର କୌଣସି ପ୍ରମାଣ ନାହିଁ। ଏହାଦ୍ୱାରା ଜାତୀୟ, ଆଞ୍ଚଳିକ ଏବଂ ବିଶ୍ୱସ୍ତରରେ ବିପଦ କମ୍ ରହିଛି। ପଶ୍ଚିମବଙ୍ଗର ଉତ୍ତର ୨୪ ପରଗଣା ଜିଲ୍ଲାରେ ନିପା ଭାଇରସରେ ଦୁଇ ଜଣ ସଂକ୍ରମିତ ହୋଇଥିବା ଜଣାପଡ଼ିଛି। ଡବ୍ଲ୍ୟୁଏଚ୍ଓ କହିଛି ଯେ, ମାମଲାଗୁଡ଼ିକ କେବଳ ଜିଲ୍ଲା ମଧ୍ୟରେ ସୀମିତ ଏବଂ ରୋଗୀମାନଙ୍କର କୌଣସି ଯାତ୍ରା ଇତିହାସ ରିପୋର୍ଟ କରାଯାଇ ନାହିଁ। ଭାରତର ଅନ୍ୟ କେ ?ଣସି ରାଜ୍ୟ କିମ୍ବା ଅନ୍ତର୍ଜାତୀୟ ସ୍ତରରେ ଏହା ବ୍ୟାପିବାର ସମ୍ଭାବନା କମ୍ ରହିଛି। ଯାତ୍ରା କଟକଣା ଲଗାଇବାର କୌଣସି ଆବଶ୍ୟକତା ନଥିବା ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ କୁହାଯାଇଛି। ନିପା ଭାଇରସ୍ ବାଦୁଡ଼ିଠାରୁ ମଣିଷକୁ ବ୍ୟାପି ଥାଏ।

## ଭାରତରେ ହ୍ରାସ ପାଉଛି ଧନୀ-ଦାରିଦ୍ର୍ୟ ଅସମାନତା

ନୂଆଦିଲ୍ଲୀ : ଭାରତରେ ଗରିବ ଓ ଧନୀଙ୍କ ମଧ୍ୟରେ ଥିବା ବ୍ୟବଧାନ ଧୀରେ ଧୀରେ ହ୍ରାସ ପାଉଛି। ସଂସଦରେ ଆଗତ ୨୦୨୫-୨୬ ଆର୍ଥିକ ସର୍ଭେ ରିପୋର୍ଟରେ ଏହି ଖୁଲାସା ହୋଇଛି। ଦେଶର ସବୁଠାରୁ ନିମ୍ନ ସ୍ତରରେ ଥିବା ୫ ରୁ ୧୦ ପ୍ରତିଶତ ଜନସଂଖ୍ୟାଙ୍କ ମାସିକ ବ୍ୟବହାର କ୍ଷମତାରେ ସର୍ବାଧିକ ବୃଦ୍ଧି ଘଟିଛି। ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ଯୋଗୁଁ ଦାରିଦ୍ର୍ୟ ହ୍ରାସ ପାଇବା ସହ ଏହି ବର୍ଗର ଲୋକଙ୍କ ଆର୍ଥିକ ସ୍ଥିତିରେ ସୁଧାର ଆସିଥିବା ରିପୋର୍ଟରେ ଦର୍ଶାଯାଇଛି। ସବ୍ସିଡି, ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (ଡିଇଟି), ପେନ୍ସନ୍ ଏବଂ ସ୍ୱାସ୍ଥ୍ୟ ବୀମା ଭଳି ପଦକ୍ଷେପ ଗରିବ ଲୋକଙ୍କ ଆୟ ବୃଦ୍ଧିରେ ସହାୟକ ହୋଇଛି। ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସେବାକୁ ସହଜରେ ଉପଲବ୍ଧ କରାଇବା ପାଇଁ ସରକାରୀ ବ୍ୟୟ ବୃଦ୍ଧି ପାଇଛି। ଯାହା ଶୋଷିତ ବର୍ଗଙ୍କୁ ଦାରିଦ୍ର୍ୟରୁ ବାହାର କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଗ୍ରାମାଞ୍ଚଳରେ ଉପଭୋକ୍ତା ଖର୍ଚ୍ଚ ବୃଦ୍ଧି ପାଇଛି, ଯାହା ସ୍ଥାନୀୟ ଅର୍ଥନୀତିକୁ ଗତିଶୀଳ କରିଛି। ଘରୋଇ ଉପଭୋକ୍ତା ବ୍ୟୟ ସର୍ଭେ (ଏଚସିଇଏସ) ୨୦୨୩-୨୪ ଅନୁଯାୟୀ, ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ରହୁଥିବା ସର୍ବନିମ୍ନ ୧୦% ଆୟକାରୀ ବର୍ଗଙ୍କ ମଧ୍ୟରେ ମାସିକ ମୁଣ୍ଡପିଛା ବ୍ୟୟ (ଏମପିସିଇ) ସର୍ବାଧିକ ବଢ଼ିଛି। ଏହା ଦର୍ଶାଉଛି ଯେ ସରକାରଙ୍କ 'ଅନ୍ତ୍ୟୋଦୟ' ଲକ୍ଷ୍ୟ ସଫଳ ହେଉଛି। ସର୍ଭେରେ କୁହାଯାଇଛି ଯେ ଗ୍ରାମାଞ୍ଚଳର ପାରମ୍ପରିକ ସଂସ୍କୃତି ଓ ପରିବେଶକୁ ବଜାୟ ରଖିବା ସହ ସେଠାରେ ନୂତନ ଜୀବିକା ଓ ଶିକ୍ଷାର ସୁଯୋଗ ସୃଷ୍ଟି କରିବାକୁ ହେବ। ଏଥିପାଇଁ ଗ୍ରାମୀଣ ଅର୍ଥନୀତିରେ ଆଧୁନିକ ଜ୍ଞାନକୌଶଳର ବ୍ୟବହାର ଏବଂ ସମୁଦାୟର ସକ୍ରିୟ ଅଂଶଗ୍ରହଣ ଉପରେ ଗୁରୁତ୍ୱ ଦିଆଯାଇଛି।

# ସୁଦୃଢ଼ ହେବ ଭାରତ-ଆରବ ସମ୍ପର୍କ



ନୂଆଦିଲ୍ଲୀ : ଭାରତ ଚଳିତ ମାସ ୩୧ ତାରିଖରେ ଦ୍ୱିତୀୟ ସଂସ୍କରଣର ଭାରତ-ଆରବ ବୈଦେଶିକ ମନ୍ତ୍ରୀ ବୈଠକ ଆୟୋଜନ କରୁଛି। ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଆରବ ଲିଗ୍ର ସଦସ୍ୟ ଦେଶର ବୈଦେଶିକ ମନ୍ତ୍ରୀ ଏବଂ ଆରବ ଲିଗ୍ର ମହାସଚିବ ସାମିଲ ହେବେ । ଏହି ବୈଦେଶିକ ମନ୍ତ୍ରୀ ବୈଠକ ପୂର୍ବରୁ ଶୁକ୍ରବାର ନୂଆଦିଲ୍ଲୀର ଭାରତ ମଣ୍ଡପମ୍ରେ ଚତୁର୍ଥ ଭାରତ-ଆରବ ବରିଷ୍ଠ ଅଧିକାରୀ ସମ୍ମିଳନୀ (ଏସଓଏମ) ଆୟୋଜିତ ହେଉଛି । ଆରବ ଲିଗ୍(ଏଲଏଏସ) ୧୯୪୫ ମାର୍ଚ୍ଚ ୨୨ ତାରିଖରେ କାଇରୋରେ ସ୍ଥାପିତ ହୋଇଥିଲା । ପ୍ରାରମ୍ଭରେ ମିଶର, ଇରାକ, ଜର୍ଡାନ, ଲେବାନନ, ସୌଦି ଆରବ ଓ ସିରିଆ ଏହାର ସଦସ୍ୟ ଥିଲେ । ସେତେବେଳେ ୭ଟି ଦେଶ ସହ ଆରମ୍ଭ ହୋଇଥିବା ଏହି ସଂଗଠନର ବର୍ତ୍ତମାନ ୨୨ଟି ସଦସ୍ୟ ଦେଶ ରହିଛନ୍ତି, ଯେଉଁଥିରେ ଉତ୍ତର ଆଫ୍ରିକା ଓ ମଧ୍ୟ ପୂର୍ବର ଦେଶମାନେ ସାମିଲ । ସିରିଆକୁ ପୁନଃ ସଦସ୍ୟତା ମିଳିଛି । ଏଲଏଏସର କିଛି ପର୍ଯ୍ୟବେକ୍ଷକ ଦେଶ ମଧ୍ୟ ରହିଛନ୍ତି, ଯେଉଁମାନଙ୍କ ମଧ୍ୟରେ ଭାରତ, ଆର୍ମେନିଆ, ବ୍ରାଜିଲ, ଚାଦ, ଏରିଟ୍ରିଆ, ଗ୍ରୀସ ଓ ଭେନିଜୁଏଲା ଅଛନ୍ତି ।

ଆରବ ଲିଗ୍ର ଗଠନରେ ବିଶେଷ ମନ୍ତ୍ରୀସ୍ତରୀୟ କମିଟି, ସାଧାରଣ ସଚିବାଳୟ ଓ ବିଶେଷୀକୃତ ସଂସ୍ଥା ଅନ୍ତର୍ଭୁକ୍ତ । ସଦସ୍ୟ ଦେଶମାନଙ୍କ ବୈଦେଶିକ ମନ୍ତ୍ରୀମାନେ ଯୋଗଦେଇଥିବା କାଉନସିଲ ହେଉଛି ଏହାର ପ୍ରମୁଖ ରାଜନୈତିକ ଅଙ୍ଗ, ଯାହା ପ୍ରତିବର୍ଷ ଦୁଇଥର ବୈଠକ କରେ । ପ୍ରତ୍ୟେକ ସଦସ୍ୟ ଦେଶର ଗୋଟିଏ ମତ ଥାଏ ଏବଂ ନିଷ୍ପତ୍ତି ସେମାନଙ୍କ ପାଇଁ ବାଧ୍ୟତାମୂଳକ ହୁଏ, ଯେଉଁମାନେ ସପକ୍ଷରେ ଭୋଟ୍ ଦେଇଥାନ୍ତି । ତେବେ ନିଷ୍ପତ୍ତି ପାଳନ କରିବା ପାଇଁ ଏଲଏଏସ ପାଖରେ କୌଣସି ବାଧ୍ୟତାମୂଳକ ବ୍ୟବସ୍ଥା ନଥିବାରୁ ଏହାକୁ ଆଭ୍ୟନ୍ତରୀଣ ମତଭେଦ ପାଇଁ ସମାଲୋଚନା କରା ହେଉଛି । ଆରବ ଲିଗ୍ ଆଫ୍ରିକାନ୍ ୟୁନିୟନ (ଏୟୁ), ୟୁରୋପିୟନ୍ ୟୁନିୟନ (ଇୟୁ), ଏଏସଇଏନ ଓ ଦକ୍ଷିଣ ଆମେରିକୀୟ ଦେଶମାନଙ୍କ ସଂଘ ସହ ବହୁପକ୍ଷୀୟ ସମ୍ପର୍କ ରଖିଛି । ଆରବ ଲିଗ୍ ଚୀନ୍ ସହିତ ସହ ରୁଷିଆ, ବ୍ରାଜିଲ ଓ ଫ୍ରାନ୍ସ ସହ ମଧ୍ୟ ରାଜନୈତିକ ଓ କୂଟନୈତିକ ସମ୍ପର୍କ ରଖିଆସୁଛି। ଏହି ବହୁପକ୍ଷୀୟ ସମ୍ପର୍କମାନେ ଆରବ ଦେଶମାନଙ୍କ ସହ ବିଭିନ୍ନ ଆନ୍ତର୍ଜାତୀୟ ମଞ୍ଚରେ ସହଯୋଗକୁ ଆହୁରି ମଜବୁତ କରୁଛି ।

ଆରବ ଲିଗ୍ (ଏଲଏଏସ) ବିଶ୍ୱର ୨୦ରୁ ଅଧିକ ଦେଶରେ ତାର ମିଶନ ସ୍ଥାପନ କରିଛି । ଯୁକ୍ତରାଷ୍ଟ୍ର, ରୁଷିଆ, ଚୀନ୍, ଫ୍ରାନ୍ସ, ବ୍ରିଟେନ୍, ବ୍ରାଜିଲ ଓ ଜର୍ମାନୀ ସହ ଭାରତରେ ମଧ୍ୟ ଆରବ ଲିଗ୍ର ଏକ ମିଶନ୍ ରହିଛି । ବର୍ତ୍ତମାନ ଆରବ ଲିଗ୍ର ମହାସଚିବ ଭାବେ ଆହମଦ୍ ଆବୁଲ୍ ଘେଇତ୍ କାର୍ଯ୍ୟରତ ଅଛନ୍ତି । ଭାରତ ଓ ଆରବ ଲିଗ୍ର ସମ୍ପର୍କ କାହିଁ କେଉଁ କାଳରୁ ଚାଲିଆସୁଛି । ବାଣିଜ୍ୟ, ଶିକ୍ଷା ଓ କୂଟନୈତିକ ସମ୍ପର୍କ ମାଧ୍ୟମରେ ଦୁଇ ପକ୍ଷ ମଧ୍ୟରେ ଦୀର୍ଘକାଳୀନ ସମ୍ପର୍କ ଗଢ଼ିଉଠିଛି । ଭାରତ ଓ ଆରବ ଲିଗ୍ ମଧ୍ୟରେ ମାର୍ଚ୍ଚ ୨୦୦୨ ମସିହାରେ ଏକ ଏମ୍ଓୟୁ ସ୍ୱାକ୍ଷରିତ ହୋଇ ସଂସ୍ଥାଗତ ସଂଳାପକୁ ଆକାର ଦିଆଯାଇଥିଲା । ପରେ ଡିସେମ୍ବର ୨୦୦୮ରେ ଆରବ-ଭାରତ ସହଯୋଗ ଫୋରମ୍ ସ୍ଥାପନ ପାଇଁ ଏକ ସହଯୋଗ ଏମ୍ଓୟୁ ସ୍ୱାକ୍ଷର ହୋଇଥିଲା, ଯାହାକୁ ଡିସେମ୍ବର ୨୦୧୩ରେ ପୁନଃ ସମୀକ୍ଷା କରାଯାଇଥିଲା । ଡିସେମ୍ବର ୨୦୧୦ରେ କାଇରୋରେ ଅବସ୍ଥିତ ଭାରତୀୟ ରାଜଦୂତଙ୍କୁ ଆରବ ଲିଗ୍ ପାଇଁ ଭାରତର ସ୍ଥାୟୀ ଭାବେ ନିଯୁକ୍ତ କରାଯାଇଥିଲା।

ଭାରତ-ଆରବ ବୈଦେଶିକ ମନ୍ତ୍ରୀର ପ୍ରଥମ ବୈଠକ ଜାନୁଆରୀ ୨୦୧୬ରେ ବାହାରିନର ମନାମାରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ମନାମା ଘୋଷଣା ଓ କାର୍ଯ୍ୟନିର୍ବାହୀ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥିଲା । ଭାରତ-ଆରବ ବୈଦେଶିକ ମନ୍ତ୍ରୀ ବୈଠକ ପ୍ରତି ଦୁଇ ବର୍ଷକୁ ଥରେ ଏବଂ ବରିଷ୍ଠ ଅଧିକାରୀମାନଙ୍କ ବୈଠକ (ଏସଓଏମ) ପ୍ରତିବର୍ଷ ଆୟୋଜିତ ହୁଏ। ଏପର୍ଯ୍ୟନ୍ତ ୩ଟି ଏସଓଏମ ଅନୁଷ୍ଠିତ ହୋଇଛି, ଯେଉଁଥିରେ ଜାନୁଆରୀ ୨୦୨୧ରେ ହୋଇଥିବା ଏକ ଭର୍ଚ୍ଚୁଆଲ୍ ବୈଠକ ମଧ୍ୟ ଅନ୍ତର୍ଭୁକ୍ତ । ଅର୍ଥନୀତି କ୍ଷେତ୍ରରେ, ଷଷ୍ଠ ଭାରତ-ଆରବ ପାର୍ଟନରସିପ୍ ସମ୍ମିଳନୀ ଜୁଲାଇ ୨୦୨୩ରେ ନୂଆଦିଲ୍ଲୀରେ ଆୟୋଜିତ ହୋଇଥିଲା । ଏହାର ସପ୍ତମ ସଂସ୍କରଣ ଆରବ ପକ୍ଷ ଦ୍ୱାରା ଆୟୋଜନ କରାଯିବାକୁ ଥିବା ସୂଚନା ମିଳିଛି ।

## ୱିଙ୍ଗସ୍ ଇଣ୍ଡିଆରେ ଭାରତୀୟ ବିମାନବନ୍ଦର ପ୍ରାଧିକରଣ(ଏଏଆଇ)ର ପ୍ୟାଭିଲିୟନ



ହାଇଦ୍ରାବାଦ: ଆଞ୍ଚଳିକ ଏୟାରଷ୍ଟ୍ରିରୁ ବିଶ୍ୱସ୍ତରୀୟ ଗେଟ୍ୱେ ପର୍ଯ୍ୟନ୍ତ ଭାରତୀୟ ବିମାନ ଯାତ୍ରାର ସଫଳ ଗାଥା ହାଇଦ୍ରାବାଦ, ୩୦.୦୧.୨୦୨୬: ହାଇଦ୍ରାବାଦଠାରେ ଆୟୋଜିତ ୱିଙ୍ଗ୍ସ ଇଂଆ କାର୍ଯ୍ୟକ୍ରମରେ ସାଧାରଣ ଏୟାରଷ୍ଟ୍ରି ରୁ ଆରମ୍ଭ କରି ବିଶ୍ୱସ୍ତରୀୟ ଗେଟ୍ୱେ ପର୍ଯ୍ୟନ୍ତ ବିମାନ ଯାତ୍ରା କ୍ଷେତ୍ରରେ ଭାରତ ଲାଭ କରିଥିବା ଅସାଧାରଣ ପରିବର୍ତ୍ତନ ପଛରେ ଭାରତୀୟ ବିମାନବନ୍ଦର ପ୍ରାଧିକରଣ (ଏଏଆଇ)ର ଭୂମିକା ସମ୍ବନ୍ଧରେ ପ୍ୟାଭିଲିୟନ ଉଦ୍‌ଘାଟିତ ହୋଇଛି। ଏକ ଶକ୍ତିଶାଳୀ ସ୍ଥିତି ଭାବେ ଏଏଆଇ, ଭାରତର ବିମାନ ଇକୋସିଷ୍ଟମର ଡିଜାଇନ୍, ବିକାଶକାରୀ, ସକ୍ଷମକାରୀ ଏବଂ ସଂରକ୍ଷକ ଭାବେ ବିମାନ ଚଳାଚଳ ସଂସ୍ଥାକୁ ସୁଦୃଢ କରିଆସୁଅଛି । ଏହି ପ୍ୟାଭିଲିୟନରେ ଭିତ୍ତିଭୂମି ଉନ୍ନୟନ ସହିତ ସୁରକ୍ଷା, ସ୍ଥାୟିତ୍ୱ, ନବସୃଜନ ଏବଂ ଜାତୀୟ ଅଭିବୃଦ୍ଧିକୁ ଯୋଡ଼ି ଏକ ସୁଦୃଢ ଭବିଷ୍ୟତର ଦୃଷ୍ଟିକୋଣକୁ ଉପସ୍ଥାପନ କରାଯାଇଥିଲା । ପ୍ୟାଭିଲିୟନରେ ପରିଦର୍ଶକମାନଙ୍କୁ ଭାରତର ବିମାନ ଚଳାଚଳ କ୍ଷେତ୍ରରେ ଏଏଆଇର ବହୁମୁଖୀ ଭୂମିକା ସମ୍ପର୍କରେ ଏକ ବଳିଷ୍ଠ ଅଭିଜ୍ଞତା ପ୍ରଦାନ କରାଯାଇଥିଲା । ନୂତନ ବିକଶିତ ବିମାନବନ୍ଦରଗୁଡ଼ିକ ବିଷୟରେ ତଥ୍ୟ ଆନାମୋର୍ଫିକ୍ ଇମର୍ସିଭ୍ ପ୍ରଦର୍ଶନ ଥିଲା ପ୍ୟାଭିଲିୟନର ମୁଖ୍ୟ ଆକର୍ଷଣ ଯେଉଁଥିରେ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଭାରତର ବିବିଧ ସାଂସ୍କୃତିକ ସୌନ୍ଦର୍ଯ୍ୟ ବର୍ଣ୍ଣିତ ରହିଛି । ଆନାମୋର୍ଫିକ୍ ଇମର୍ସିଭ୍ ପ୍ରଦର୍ଶନୀରେ ଏଏଆଇ ବିମାନବନ୍ଦର ସଂଯୋଗ କ୍ଷେତ୍ର, କଳା ସଂକଳନ କ୍ଷେତ୍ର, ଆର୍‌ସିଏସ୍-ଉଡାନ ସଂଯୋଗ ଆଦି କ୍ଷେତ୍ରରେ ଦେଶବ୍ୟାପୀ ବିମାନବନ୍ଦର ନେଟ୍ୱର୍କ, ଭାରତୀୟ କଳା-ସଂସ୍କୃତି ଏବଂ ଆଞ୍ଚଳିକ ସଂଯୋଗର ସଫଳତାର କାହାଣୀଗୁଡ଼ିକ ଦର୍ଶାଯାଇଥିଲା । ସାଂସ୍କୃତିକ ଏବଂ ଜାତୀୟ ଗୌରବକୁ ଅଧିକ ଗଭୀର କରିବା ପାଇଁ ପ୍ୟାଭିଲିୟନରେ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପାଳନ କରାଯାଇ ଏହାର ରଚୟିତା ଶ୍ରୀ ବଙ୍କିମ ଚନ୍ଦ୍ର ଚାଟାର୍ଜୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା ।

ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନରେ ଭାରତୀୟ ବିମାନ ଚଳାଚଳର ନେତୃତ୍ୱ ଏବଂ ଦୃଷ୍ଟିକୋଣକୁ ତଥା ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଇବା ପାଇଁ ଏକ ସେଲ୍ଫି ପଏଣ୍ଟ ନିର୍ମାଣ କରାଯାଇଥିଲା । ନବସୃଜନ, ଅନ୍ତର୍ଭୁକ୍ତିକରଣ, ସାଂସ୍କୃତିକ ଗୌରବ ମାଧ୍ୟମରେ ୱିଙ୍ଗସ୍ ଇଂଆରେ ଏଏଆଇ ପ୍ୟାଭିଲିୟନ ଭାରତର ବିମାନ ଚଳାଚଳର ଅତୀତ, ବର୍ତ୍ତମାନ ଏବଂ ଭବିଷ୍ୟତ ବିଷୟରେ ଆକର୍ଷକ ଭାବେ ବର୍ଣ୍ଣିତ କରାଯାଇଛି ।




# ପ୍ରୋ-ଲିଗ୍ ହକି ଲାଗି ସାମ୍ଭାବ୍ୟ ଭାରତୀୟ ଦଳରେ ଓଡ଼ିଶାରୁ ୫



ଭୁବନେଶ୍ୱର: ରାଉରକେଲାରେ ଆସନ୍ତା ମାସରେ ହେବାକୁ ଥିବା ଏଫ୍ଆଇଏଚ୍ ପୁରୁଷ ପ୍ରୋ- ଲିଗ୍ ହକି ପ୍ରତିଯୋଗିତା ଲାଗି ହକି ଲାଗି ହକି ଇଣ୍ଡିଆ ଗୁରୁବାର ୩୩ ଜଣିଆ ସମ୍ଭାବ୍ୟ ଦଳ ଘୋଷଣା କରିଛି। ଏହି ଦଳରେ ଓଡ଼ିଶାରୁ ୫ ଜଣ ଅମିତ ରୋହିଦାସ, ନୀଳମ ସଞ୍ଜୀପ ଖେସ୍, ଶିଳାନନ୍ଦ ଲାକ୍ରା, ଅମନଦୀପ ଲାକ୍ରା ଓ ରୋଶନ କୁଜୁର ସ୍ଥାନ ପାଇଛନ୍ତି। ଏମାନେ ରାଉରକେଲାରେ ଫେବ୍ରୁଆରୀ ୧ରୁ ୭ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଜାତୀୟ ଦଳର ପ୍ରସ୍ତୁତି ଶିବିରରେ ଅଂଶଗ୍ରହଣ କରିବେ।

ଏହି ଶିବିରରୁ ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ୍‌ରେ ଫେବ୍ରୁଆରୀ ୧୦ରୁ ୧୫ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ପ୍ରୋ-ଲିଗ୍ ଲାଗି ଚୂଡ଼ାନ୍ତ ଦଳ ଘୋଷଣା କରାଯିବ। ଶିବିର ପୂର୍ବରୁ ଦଳର ମୁଖ୍ୟ ପ୍ରଶିକ୍ଷକ କ୍ରେଗ୍ ଫୁଲଟନ୍ କହିଛନ୍ତି ଯେ 'ହକି ଇଣ୍ଡିଆ ଲିଗ୍ ପ୍ରଦର୍ଶନ ଦେଖି ଆମେ ଏହି ଦଳ ଚୟନ କରିଛି। କାର୍ଯ୍ୟଭାର ଯୋଗୁଁ କିଛି ବରିଷ୍ଠ ଖେଳାଳିଙ୍କୁ ବିଶ୍ରାମ ଦେଇଛୁ। ଭଲ ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ସୁଯୋଗ ଦେଇଛୁ। ଆଗାମୀ ବିଶ୍ୱକପ୍ ଓ ଏସୀୟ କ୍ରୀଡ଼ା ଆମର ମୁଖ୍ୟ ଲକ୍ଷ୍ୟ ରହିଥିବାରୁ ରାଉରକେଲା ଓ ହୋବର୍ଟ ପ୍ରୋ-ଲିଗ୍ ପ୍ରଦର୍ଶନ ଆମକୁ ଭଲ ଦଳ ଚୟନ କରିବାକୁ ସାହାଯ୍ୟ କରିବ।'

ଭାରତୀୟ ଦଳ: ପବନ, ସୂରଜ କରକେର, ମୋହିତ ହୋନ୍ନେନାହାଲ୍ଲୀ ଶଶିକୁମାର, ପ୍ରିନ୍ସଦୀପ ସିଂହ (ଗୋଲି), ଅମିତ ରୋହିଦାସ, ଜର୍ମନପ୍ରୀତ ସିଂହ, ସଞ୍ଜୟ, ହରମନପ୍ରୀତ ସିଂହ, ଯୁଗରାଜ ସିଂହ, ସୁମିତ, ପୂବାନ୍ନା ଚନ୍ଦୁରା ବବି, ଯଶଦୀପ ସିୱାଚ, ନୀଲମ ସଞ୍ଜୀପ ଖେସ୍, ଅମନଦୀପ ଲାକ୍ରା (ଡିଫେଣ୍ଡର), ରାଜିନ୍ଦର ସିଂହ, ମନପ୍ରୀତ ସିଂହ, ହାର୍ଦ୍ଦିକ ସିଂହ, ମୋଇରାଙ୍ଗଥେମ ରବିଚନ୍ଦ୍ର ସିଂହ, ବିବେକ ସାଗର ପ୍ରସାଦ, ବିଷ୍ଣୁକାନ୍ତ ସିଂହ, ରାଜକୁମାର ପାଲ, ନୀଳକାନ୍ତ ଶର୍ମା, ରୋଶନ କୁଜୁର (ମିଡ୍‌ଫିଲ୍ଡର), ଅଭିଷେକ, ସୁଖଜିତ ସିଂହ, ଶିଳାନନ୍ଦ ଲାକ୍ରା, ମନଦୀପ ସିଂହ, ଅରାଇଜିତ ସିଂହ ହୁଣ୍ଡାଲ, ଅଙ୍ଗଦବୀର ସିଂହ, ଉତ୍ତମ ସିଂହ, ସେଲ୍‌ଭାମ କାର୍ତ୍ତୀ, ଆଦିତ୍ୟ ଅର୍ଜୁନ ଲାଲାଗେ, ମନିନ୍ଦର ସିଂହ (ଫରୱାର୍ଡ)।

# ରଣଜୀ ଟ୍ରଫି: ଓଡ଼ିଶା ୨୮୨ରେ ଅଲଆଉଟ୍



ଭୁବନେଶ୍ୱର, (ପିପିଏସ୍): ଜାମସେଦପୁରର କିନାନ ଷ୍ଟାଡିୟମ୍‌ରେ ଖେଳାଯାଉଥିବା ଓଡ଼ିଶା- ଝାଡ଼ଖଣ୍ଡ ରଣଜୀ ଟ୍ରଫି ମୁକାବିଲାର ଦ୍ୱିତୀୟ ଦିନରେ ଓଡ଼ିଶା ୨୮୨ ରନ୍‌ରେ ଅଲଆଉଟ୍ ହୋଇଯାଇଛି। ଓଡ଼ିଶା ନିଜର ଗତ କାଲିର ସ୍କୋରରେ ଆଉ ୪୦ ରନ ଯୋଗ କରିବା ପରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଏହାର ଜବାବରେ ଝାଡ଼ଖଣ୍ଡ ସର୍ବଶେଷ ସୂଚନା ଅନୁସାରେ ଗୋଟିଏ ୱିକେଟ୍ ହରାଇ ୩୦ ରନ କରିଛି।

ଓଡ଼ିଶାର ଅଧିନାୟକ ଶୁଭ୍ରାଂଶୁ ସାମନ୍ତରାୟ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ : ଗୁରୁବାରଠାରୁ ଆରମ୍ଭ ହୋଇଥିବା ଏହି ମୁକାବିଲାରେ ଓଡ଼ିଶାର ଅଧିନାୟକ ଶୁଭ୍ରାଂଶୁ ସାମନ୍ତରାୟ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ଓଡ଼ିଶା ପ୍ରାରମ୍ଭରୁ ସଂଦୀପ ପଟ୍ଟନାୟକ (୭) ଓ ଶୁଭ୍ରାଂଶୁ ସେନାପତି (୧୦)ଙ୍କୁ ହରାଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ ବି ସ୍ୱସ୍ତିକ ସାମଲ ଓ ଗୋବିନ୍ଦ ପୋଦ୍ଦାର ଚମତ୍କାର ବ୍ୟାଟିଂ କରି ଦଳକୁ ବିପର୍ଯ୍ୟୟରୁ ରକ୍ଷା କରିବା ସହ ୩ୟ ୱିକେଟ୍ ଯୋଡ଼ିରେ ୧୨୨ ରନ୍‌ର ଭାଗୀଦାର କରିଥିଲେ। ସ୍ୱସ୍ତିକ ୭୯ ରନ କରିଥିବାବେଳେ ଗୋବିନ୍ଦ ୬୪ ରନ କରିଥିଲେ। ସେହିପରି ବିପ୍ଳବ ସାମନ୍ତରାୟ ୩୮ କରିଥିବାବେଳେ ରାଜେଶ ମହାନ୍ତି ୨୫ ରନ୍ କରିଥିଲେ। ପ୍ରଥମ ଦିନର ଖେଳ ଶେଷସୁଦ୍ଧା ଓଡ଼ିଶା ୬ ୱିକେଟ୍ ହରାଇ ୨୪୨ ରନ୍ କରିଥିବାବେଳେ ବିପ୍ଳବ ସାମନ୍ତରାୟ ୩୮ ଓ ସାୱନ ପହରିଆ ୧୨ ରନରେ ଅପରାଜିତ ଥିଲେ। ମାତ୍ର ଦ୍ୱିତୀୟ ଦିନର ଖେଳ ଆରମ୍ଭରେ ହିଁ ଓଡ଼ିଶା ବିପ୍ଳବଙ୍କ ୱିକେଟ୍ ହରାଇଥିଲା। ବିପ୍ଳବ ନିଜର ଗତକାଲିର ସ୍କୋରରେ କୌଣସି ରନ୍ ଯୋଗ କରିବା ପୂର୍ବରୁ ପାଭିଲିୟନ୍ ଫେରିଥିଲେ। ସେହିପରି ପହରିଆ ନିଜ ସ୍କୋରରେ ମାତ୍ର ୬ ରନ ଯୋଗ କରିବା ପରେ ସାହିଲ୍ ରାଜଙ୍କ ଦ୍ୱାରା ଏଲବିଡବ୍ଲୁ ହୋଇଥିଲେ। ଓଡ଼ିଶା ଗତ କାଲିର ସ୍କୋରରେ ଆଉ ମାତ୍ର ୪୦ ରନ ଯୋଗ କରି ଅଲଆଉଟ୍ ହୋଇଯାଇଥିଲା। ଝାଡ଼ଖଣ୍ଡ ପକ୍ଷରୁ ସୌରଭ ଶେଖର ଓ ଆଦିତ୍ୟ ସିଂ ୩ଟି ଲେଖାଏଁ ଏବଂ ସାହିଲ୍ ରାଜ୍ ଓ ଅନୁକୂଲ୍ ରୟ ୨ଟି ଲେଖାଏଁ ୱିକେଟ୍ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର :** ଓଡ଼ିଶା ୨୮୨ ଅଲଆଉଟ୍ (ସ୍ୱସ୍ତିକ ସାମଲ ୭୯, ଗୋବିନ୍ଦ ପୋଦ୍ଦାର ୬୪, ବିପ୍ଳବ ସାମନ୍ତରାୟ ୩୮, ସୌରଭ ଶେଖର ୪୩/୩, ଆଦିତ୍ୟ ସିଂହ ୩/୩୫, ଅନୁକୂଳ ରୟ ୨/୭୯, ସାହିଲ୍ ରାଜ୍ ୨୩/୯)।

# ଦୌଡ଼ରାଣୀ ପିଟି ଉଷାଙ୍କ ଉପରେ ଭାଙ୍ଗିଲା ଦୁଃଖର ପାହାଡ଼



ନୂଆଦିଲ୍ଲୀ : ଭାରତୀୟ ଅଲିମ୍ପିକ ଆସୋସିଏସନର ସଭାପତି ଏବଂ ରାଜ୍ୟ ସଭା ସଦସ୍ୟ ପି.ଟି. ଉଷାଙ୍କ ସ୍ୱାମୀ ଭି. ଶ୍ରୀନିବାସନଙ୍କ ଶୁକ୍ରବାର ସକାଳେ ଦେହାନ୍ତ ହୋଇଛି। ପରିବାର ସୂତ୍ରରୁ ତାଙ୍କ ମୃତ୍ୟୁକୁ ନିଶ୍ଚିତ କରାଯାଇଛି। ତାଙ୍କୁ ୬୭ ବର୍ଷ ବୟସ ହୋଇଥିଲା। ତାଙ୍କ ମୃତ୍ୟୁକୁ ନେଇ କ୍ରୀଡ଼ା ଏବଂ ସାମାଜିକ ମହଲରେ ଶୋକର ଛାୟା ଖେଳିଯାଇଛି।

ପରିବାର ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଭି. ଶ୍ରୀନିବାସନ ଶୁକ୍ରବାର ସକାଳେ ତାଙ୍କ ବାସଭବନରେ ହଠାତ ଚେତାଶୂନ୍ୟ ହୋଇଗଲେ। ତାଙ୍କୁ ନିକଟସ୍ଥ ଏକ ହସ୍ପିଟାଲକୁ ନିଆଯାଇଥିଲା, ଯେଉଁଠାରେ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ। ସମସ୍ତ ଚିକିତ୍ସା ପ୍ରୟାସ ସତ୍ତ୍ୱେ ତାଙ୍କ ଜୀବନ ବଞ୍ଚାଯାଇ ପାରିଲା ନାହିଁ।

ଭି. ଶ୍ରୀନିବାସନ ଜଣେ ପୂର୍ବତନ କେନ୍ଦ୍ର ସରକାରୀ କର୍ମଚାରୀ ଥିଲେ। ସେ ପି.ଟି. ଉଷାଙ୍କ ଚମତ୍କାର କ୍ରୀଡ଼ା କ୍ୟାରିଅର ଏବଂ ତାଙ୍କ ରାଜନୈତିକ ଯାତ୍ରାର ପ୍ରତ୍ୟେକ ପଦକ୍ଷେପରେ ତାଙ୍କ ସହିତ ଠିଆ ହୋଇଥିଲେ। ତାଙ୍କୁ ଉଷା ଏବଂ ତାଙ୍କ ଅନେକ ବୃତ୍ତିଗତ ସଫଳତା ପଛରେ ଥିବା ପ୍ରେରଣାଦାୟକ ଶକ୍ତି ପାଇଁ ଏକ ଦୃଢ଼ ସମର୍ଥନ ଭାବରେ ବିବେଚନା କରାଯାଉଥିଲା। ପି.ଟି. ଉଷା ଏବଂ ଭି. ଶ୍ରୀନିବାସନର ଉଜ୍ଜ୍ୱଳ ନାମକ ଏକ ପୁଅ ଅଛି।

## ଶୋକ ପ୍ରକାଶ କଲେ ମୋଦୀ

ପ୍ରଧାନମନ୍ତ୍ରୀ ମୋଦି ଏହି ସମୟରେ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ପ୍ରକାଶ କରିଛନ୍ତି ଏବଂ ସ୍ୱର୍ଗତ ଆତ୍ମାର ଶାନ୍ତି ପାଇଁ ପ୍ରାର୍ଥନା କରିଛନ୍ତି। କେନ୍ଦ୍ର ମନ୍ତ୍ରୀ କିରେନ ରିଜିଜୁ ମଧ ଭି. ଶ୍ରୀନିବାସନଙ୍କ ଦେହାନ୍ତରେ ଶୋକ ପ୍ରକାଶ କରିଛନ୍ତି। ଏକ ପୋଷ୍ଟରେ ସେ କହିଛନ୍ତି, 'ରାଜ୍ୟ ସଭା ଏମପି ଏବଂ ଭାରତୀୟ ଅଲିମ୍ପିକ ସଂଘର ସଭାପତି ପି.ଟି. ଉଷାଙ୍କ ସ୍ୱାମୀ ଭି. ଶ୍ରୀନିବାସନଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଗଭୀର ଦୁଃଖିତ। ପି.ଟି. ଉଷା ଏବଂ ତାଙ୍କ ପରିବାର ପ୍ରତି ମୋର ଗଭୀର ସମବେଦନା। ଏହି କଷ୍ଟକର ସମୟରେ ମୁଁ ଭଗବାନଙ୍କୁ ଶକ୍ତି ପ୍ରଦାନ ପାଇଁ ପ୍ରାର୍ଥନା କରୁଛି।'

'ଉଡ଼ନ୍ତା ପରୀ' ବା ଦୌଡରାଣୀ ଭାବରେ ଜଣାଶୁଣା ପି.ଟି. ଉଷା ଭାରତୀୟ କ୍ରୀଡ଼ା ଇତିହାସର ସବୁଠାରୁ ପ୍ରେରଣାଦାୟକ ବ୍ୟକ୍ତିତ୍ୱମାନଙ୍କ ମଧ୍ୟରୁ ଜଣେ। ତାଙ୍କ ବ୍ୟକ୍ତିଗତ ଜୀବନରେ ଏହି କ୍ଷତି କେବଳ ତାଙ୍କ ପାଇଁ ନୁହେଁ ବରଂ ତାଙ୍କ ପ୍ରିୟଜନଙ୍କ ପାଇଁ ମଧ ଗଭୀର ଦୁଃଖଦାୟକ। ଖେଳାଳି, ପ୍ରଶିକ୍ଷକ, ପ୍ରଶଂସକ ଏବଂ ଜନସାଧାରଣ ସୋସିଆଲ ମିଡିଆରେ ତାଙ୍କୁ ନିରନ୍ତର ଉତ୍ସାହ ଏବଂ ସମର୍ଥନର ବାର୍ତ୍ତା ପଠାଉଛନ୍ତି।

## ମିଛ କହି ଧରାପଡ଼ିଗଲେ ସୂର୍ଯ୍ୟକୁମାର

ବିଶାଖାପାଟଣା : ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ଚତୁର୍ଥ ଟି-୨୦ ମ୍ୟାଚ ଭାଇଜାଗରେ ଖେଳାଯାଇଥିଲା। ଏହି ମ୍ୟାଚ ପାଇଁ ଇଶାନ କିଷାନ ଭାରତୀୟ ପ୍ଲେଇଂ-୧୧ରୁ ବାଦ ପଡ଼ିଥିଲେ। ତାଙ୍କ ସ୍ଥାନରେ ଅର୍ଶଦୀପ ସିଂହଙ୍କୁ ଦଳରେ ସାମିଲ କରାଯାଥିଲା। ଇଶାନଙ୍କ ପ୍ଲେଇଂ-୧୧ରୁ ଅନୁପସ୍ଥିତ ରହିବାର କାରଣ ବ୍ୟାଖ୍ୟା କରି ଟିମ ଇଣ୍ଡିଆର ଅଧିନାୟକ ସୂର୍ଯ୍ୟକୁମାର ଯାଦବ କହିଥିଲେ, ସେ ଆହତ ହୋଇଛନ୍ତି। କିନ୍ତୁ ପରେ ଏହି ବୟାନ ମିଥ୍ୟା ପ୍ରମାଣିତ ହୋଇଥିଲା। ଇଶାନ କିଷାନଙ୍କୁ ମ୍ୟାଚ ସମୟରେ ପଡ଼ିଆରେ ଦୌଡୁଥିବା ଏବଂ ସାଥୀ ଖେଳାଳିଙ୍କୁ ପାଣି ଦେଉଥିବାର ଦେଖାଯାଇଥିଲା। ସୂର୍ଯ୍ୟକୁମାର ଯାଦବ ଟସ ସମୟରେ କହିଥିଲେ, ଗୌହାଟୀରେ ତୃତୀୟ ଟି-୨୦ ମ୍ୟାଚ ସମୟରେ ଫିଲ୍ଡିଂ କରୁଥିବା ସମୟରେ ଇଶାନ କିଷାନ ଆଘାତ ପାଇଥିଲେ, ଯାହା ଫଳରେ ତାଙ୍କୁ ଭାଇଜାଗ ଟି-୨୦ ପାଇଁ ପ୍ଲେଇଂ-୧୧ରୁ ବାଦ ଦିଆଯାଇଥିଲା। କିନ୍ତୁ ଯେଉଁ ମ୍ୟାଚରୁ ଇଶାନଙ୍କୁ ଆଘାତ ଯୋଗୁ ବାଦ ଦିଆଯାଇଥିଲା।

# ଡବ୍ଲ୍ୟୁପିଏଲ୍ ଫାଇନାଲ୍‌ରେ ଆରସିବି



ଭଦୋଦରା : ଚଳିତ ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ)ରେ ଆରସିବି ସିଧାସଳଖ ଫାଇନାଲ୍ ଖେଳିବ। ନିଜ ଶେଷ ଲିଗ୍ ମ୍ୟାଚ୍‌ରେ ଆରସିବି ଗୁରୁବାର ୟୁପି ୱାରିୟର୍ସକୁ ୮ ୱିକେଟ୍‌ରେ ପରାସ୍ତ କରିଛି। ଏଥି ସହିତ ଆର୍ସିବି ୮ରୁ ୬ ବିଜୟ ସହ ଶୀର୍ଷ ସ୍ଥାନକୁ ନିଶ୍ଚିତ କରିଛି। ଗୁରୁବାର ମେଗ୍ ଲାନିଙ୍ଗ୍ (୪୧) ଓ ଦୀପ୍ତି ଶର୍ମା (୫୫) ପ୍ରଥମ ୱିକେଟ୍ ପାଇଁ ୮ ଓଭରରେ ୭୪ ରନ୍ ସଂଗ୍ରହ କରିଥିଲେ ମଧ ୟୁପି ୱାରିୟର୍ସ ୧୪୩/୮ରେ ସୀମିତ ରହିଯାଇଥିଲା।

ନାଡିନ୍ ଡି'କ୍ଲାର୍କ ୪ ୱିକେଟ୍ ନେଇଥିଲେ। ଜବାବରେ ଗ୍ରେସ୍ ହାରିସ୍ (୩୭ ବଲ୍‌ରୁ ୭୫ ରନ୍) ଏବଂ ଅଧିନାୟିକା ସ୍ମୃତି ମନ୍ଧାନା (୨୭ ବଲ୍‌ରୁ ୫୪* ରନ୍) ପ୍ରଥମ ୱିକେଟ୍ ପାଇଁ ୯ ଓଭରରେ ୧୦୮ ରନ୍ ଉଠାଇବା ପରେ ଆର୍ସିବି ୪୧ ବଲ୍ ପୂର୍ବରୁ ୨ ୱିକେଟ୍ ହରାଇ ୧୪୭ ରନ୍ ସଂଗ୍ରହ କରି ନେଇଥିଲା। ଅଲ୍‌ରାଉଣ୍ଡ ପ୍ରଦର୍ଶନ କରିଥିବାରୁ ଗ୍ରେସ୍ ହାରିସ୍ (୨/୨୨ ଓ ୭୫ ରନ୍) ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତା ହୋଇଥିଲେ।


ସପ୍ତାହର ଶେଷରେ ସାପ୍ତାହିକୀ ହାତରେ
ପ୍ରଜାତନ୍ତ୍ର ସାପ୍ତାହିକୀ
୧-୭ ଫେବ୍ରୁଆରୀ- ୨୦୨୬
ରହସ୍ୟରେ ନିଲମ୍ବନ !




**ଜାତୀୟ:** ବୁଲା କୁକୁରଙ୍କ ପାଇଁ ମୃତ୍ୟୁର ଫାସ ପାଲଟିଛି
**ଅନ୍ତର୍ଜାତୀୟ:** ମଧ୍ୟପ୍ରାଚ୍ୟରେ ଘନେଇଲା ଯୁଦ୍ଧ ଆଶଙ୍କା
**ବିଶେଷ ପ୍ରସଙ୍ଗ:** ଆଞ୍ଚଳିକ ଦଳ ପାଇଁ ନିଶା କାହିଁକି ?
**ନାରୀ:** : ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ କେତେ ବୟସ ଗ୍ୟାପ୍ ରହିବା ଉଚିତ
**କ୍ଷୁଦ୍ରଗଳ୍ପ:** ଭାଗ୍ୟ ପରାଗ
**ଚଳଚ୍ଚିତ୍ର:** ୪୮ବର୍ଷ ବୟସରେ ବି ଏକା ଏକା ଜୀବନ କାଟୁଛନ୍ତି ଦିବ୍ୟା ଦତ୍ତାଆଉଟ୍ ବଲିଉଡ ଉପରେ ରାଗିଛନ୍ତି କି ପ୍ରକାଶ ରାଜ ?
**ଖେଳ:** ବାଂଲାଦେଶ ଆଉଟ୍ ସ୍କଟଲାଣ୍ଡ ଇନ୍‌କମ,
**ମୀନାବଜାର:** ଅପରଙ୍କୁ ନ ହଟାଇ ଆଗକୁ ବଢ଼ିଚାଲ, ଚର୍ଚ୍ଚାରେ: ଇତିହାସ ରଚିଲା 'ଭେରୋନିକା', ବିଜ୍ଞାନ: ଅନ୍ତରିକ୍ଷରେ ବିସ୍ଫୋରଣ କାହିଁକି ଭିନ୍ନ, ପର୍ଯ୍ୟଟନ: ଛତିଶଗଡ଼ର ଧମତରୀ ସହର ବିଲେଇମାତା ମନ୍ଦିର, ବାସ୍ତୁ: କୁଣ୍ଡଳୀରେ ଚାକିରି ଯୋଗ କେମିତି ଲାଗେ ଭଳି ଏଥିରେ ରହିଛି ଆହୁରି ଅନେକ ଉପାଦେୟ ପ୍ରସଙ୍ଗ।
ନିକଟସ୍ଥ ଏଜେଣ୍ଟଙ୍କଠାରୁ ଶୀଘ୍ର ସଂଗ୍ରହ କରି ନିଅନ୍ତୁ


# ଚର୍ଚ୍ଚାରେ ବିରାଟ୍ କୋହଲିଙ୍କ ଇନ୍‌ଷ୍ଟା ଆକାଉଣ୍ଟ୍



ମୁମ୍ବାଇ: ଶୁକ୍ରବାର ହଠାତ୍ ଚର୍ଚ୍ଚାରେ ରହିଥିଲା ଭାରତୀୟ କ୍ରିକେଟ୍ ତାରକା ବିରାଟ୍ କୋହଲିଙ୍କ ଇନଷ୍ଟାଗ୍ରାମ୍ ଆକାଉଣ୍ଟ୍। ଏହି ଆକାଉଣ୍ଟ୍ କିଛି ଘଣ୍ଟା ପାଇଁ ବନ୍ଦ ହେବା ପରେ ପୁଣି ଖୋଲିଥିଲା। ଫଳରେ ପ୍ରଶଂସକମାନେ ଆଶ୍ୱସ୍ତ ହୋଇଥିଲେ।

୨୭୪ ନିୟୁତ ଅନୁସରଣକାରୀ : ଶୁକ୍ରବାର ସକାଳୁ ପ୍ରଶଂସକ ଓ ଅନୁସରଣକାରୀମାନେ ବିରାଟଙ୍କ ଇନଷ୍ଟା ଆକାଉଣ୍ଟ୍ ଖୋଲିବାକୁ ଚେଷ୍ଟା କରୁଥିଲେ ବି ତାହା ଖୋଲିନଥିଲା। ଏହା ପ୍ରସଂଶକମାନଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲା। ଫଲୋଅରମାନେ ତାଙ୍କ ପତ୍ନୀ ତଥା ଅଭିନେତ୍ରୀ ଅନୁଷ୍କା ଶର୍ମାଙ୍କ ଇନଷ୍ଟା ଆକାଉଣ୍ଟକୁ ଯାଇ ଏ ସଂପର୍କରେ ବିଭିନ୍ନ ପ୍ରଶ୍ନ ପଚାରିଚାଲିଥିଲେ। ତେବେ କିଛି ଘଣ୍ଟା ବନ୍ଦ ରହିବା ପରେ ପୁଣି ଥରେ ଏହି ଆକାଉଣ୍ଟ୍ ଖୋଲିଥିଲା।

ବିରାଟଙ୍କ ଇନ୍‌ଷ୍ଟା ଆକାଉଣ୍ଟ କେବଳ ଭାରତ ନୁହେଁ, ସମଗ୍ର ବିଶ୍ୱରେ କେତୋଟି ସର୍ବାଧିକ ଅନୁସରଣକାରୀ ଥିବା ଆକାଉଣ୍ଟ ମଧ୍ୟରେ ଅନ୍ୟତମ। ତାଙ୍କର ମୋଟ ୨୭୪ ନିୟୁତ ଅନୁସରଣକାରୀ ଅଛନ୍ତି। ସମଗ୍ର ବିଶ୍ୱରେ ସେ ୧୬ତମ ସର୍ବାଧିକ ଅନୁସରଣକାରୀ ସେଲିବ୍ରିଟି ଥିବାବେଳେ କ୍ରୀଡ଼ାବିତ୍‌ମାନଙ୍କ ମଧ୍ୟରେ ତାଙ୍କ ସ୍ଥାନ ୩ୟ। ଇନଷ୍ଟା ଅନୁସରଣକାରୀ ସଂଖ୍ୟା ଦୃଷ୍ଟିରୁ ତାଙ୍କ ଉପରେ ଅଛନ୍ତି କ୍ରିଷ୍ଟିଆନୋ ରୋନାଲଡୋ (୬୭୦ ନିୟୁତ) ଓ ଲିଓନେଲ୍ ମେସି (୫୧୧ ନିୟୁତ)।

ତେବେ ଏହା ପ୍ରଥମ ଥର ନୁହେଁ ଯେ ବିରାଟଙ୍କ ଇନଷ୍ଟା ଆକାଉଣ୍ଟ ଚର୍ଚ୍ଚାରେ ରହିଛି। ଗତ ବର୍ଷ ଭାରତ ଚାମ୍ପିୟନ୍ସ ଟ୍ରଫି ଜିତିବା ପରେ ଦଳର ଅନ୍ୟ ଖେଳାଳିମାନେ ଟ୍ରଫିର ଫଟୋ ସେୟାର କରି ଖୁସି ଜାହିର କରିଥିବାବେଳେ ବିରାଟ କିନ୍ତୁ କିଛି ଲେଖିନଥିଲେ। ପରେ ଆରସିବିର ଏକ ଇଭେଣ୍ଟରେ ବିରାଟ କହିଥିଲେ 'ଲକ୍ଷ୍ୟହୀନଭାବେ ସୋସିଆଲ ମିଡିଆର ବ୍ୟବହାର ଧ୍ୟାନଭଙ୍ଗ କରିଥାଏ। ମୁଁ ଟ୍ରଫି ଫଟୋ ସେୟାର କଲେ ଆମକୁ ଦୁଇଟି ଟ୍ରଫି ମିଳିଯିବ ନାହିଁ'।

# ଜାତୀୟ ହ୍ୟାଣ୍ଡ ବଲ୍ ଖେଳାଳି ସମ୍ବର୍ଦ୍ଧିତ



ଭଦ୍ରକ, (ପିପିଏସ୍): ହ୍ୟାଣ୍ଡ ବଲ୍ କ୍ରୀଡ଼ାରେ ଜାତୀୟସ୍ତରର ଖେଳାଳିଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ଭଦ୍ରକ ବାଗୁରାଇ ସ୍ଥିତ ପିଏମ ବିନ୍ଦୁ ମାଧବ ବଗୁରାଇ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ଦିବ୍ୟାଂଶୁ ସିଂଙ୍କୁ ବିଦ୍ୟାଳୟରେ ଅନୁଷ୍ଠିତ ଏକ ଭବ୍ୟ ଉତ୍ସବରେ ଏହି ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ସାହୁ ଏବଂ କ୍ରୀଡା ଶିକ୍ଷକ ତପନ କୁମାର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ରାଜ୍ୟ କ୍ରୀଡ଼ା, ଯୁବ ବ୍ୟାପାର, ଭାଷା ସାହିତ୍ୟ ସଂସ୍କୃତି ତଥା ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍, ଜିଲ୍ଲାପାଳ ଦିଲୀପ ରାଉତରାୟ ଅତିଥି ଭାବେ ଯୋଗ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଦିବ୍ୟାଂଶୁ ୭ମ ଶ୍ରେଣୀର ଛାତ୍ର। ସେ ରାଜସ୍ଥାନରେ ଅନୁଷ୍ଠିତ ଜାତୀୟ ସ୍ତରର ହ୍ୟାଣ୍ଡ ବଲ କ୍ରୀଡାରେ ଭାଗ ନେଇ ଜିଲ୍ଲାକୁ ଗୌରବାନ୍ୱିତ କରିଛନ୍ତି।

# ରାଜନୀତିରେ ଯୋଗ ଦେଇପାରନ୍ତି ମାହି !



ରାଞ୍ଚି : ପୂର୍ବତନ ଭାରତୀୟ କ୍ରିକେଟ ଅଧିନାୟକ ମହେନ୍ଦ୍ର ସିଂହ ଧୋନି ହଠାତ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ଭେଟିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଛି। ମୁଖ୍ୟମନ୍ତ୍ରୀ ତାଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟରେ ବୈଠକର ଏକ ଫଟୋ ପୋଷ୍ଟ କରି ଲେଖିଛନ୍ତି, 'ମାହିଙ୍କ ସହ ମୋର ଏକ ଆଶ୍ଚର୍ଯ୍ୟଜନକ ସାକ୍ଷାତ ହୋଇଥିଲା।' ଫଟୋରେ ଧୋନିଙ୍କୁ ମଝିରେ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଏବଂ ବିଧାୟକ କଳ୍ପନା ସୋରେନଙ୍କ ସହ ଦେଖାଯାଉଛି। ତଥାପି, ଏହି ସାକ୍ଷାତ ପଛର କାରଣ ଏପର୍ଯ୍ୟନ୍ତ ସାର୍ବଜନୀନ ହୋଇନାହିଁ। ବିଶ୍ୱାସ କରାଯାଉଛି ଯେ ହେମନ୍ତ ସୋରେନ ଏବଂ ଧୋନି ନୂତନ ବର୍ଷର ଶୁଭେଚ୍ଛା ଆଦାନ ପ୍ରଦାନ କରିଥିଲେ।

ଧୋନି ଏବଂ ହେମନ୍ତ ସୋରେନଙ୍କ ମଧ୍ୟରେ ଏହି ସାକ୍ଷାତ ପୂର୍ବରୁ, ମୁଖ୍ୟମନ୍ତ୍ରୀ ଡାଭୋସରେ ଅନୁଷ୍ଠିତ ବିଶ୍ୱ ଅର୍ଥନୈତିକ ଫୋରମ ବୈଠକରେ ମହେନ୍ଦ୍ର ସିଂହ ଧୋନିଙ୍କ ବିଷୟରେ ମଧ କହିଥିଲେ। ସେ ଧୋନିଙ୍କୁ ଝାଡ଼ଖଣ୍ଡର କ୍ରୀଡ଼ା ଐତିହ୍ୟର ପ୍ରତୀକ ଭାବରେ ବର୍ଣ୍ଣନା କରିଥିଲେ। ସେ ସେତେବେଳେ କହିଥିଲେ ଯେ ଧୋନିଙ୍କ ଭଳି ଜଣେ ଆଇକନ ସହିତ, ଝାଡ଼ଖଣ୍ଡରେ ବିଶ୍ୱସ୍ତରୀୟ କ୍ରୀଡ଼ା ଏକାଡେମୀ ବିକାଶ କରିବାର ଅପାର ସମ୍ଭାବନା ଅଛି।

ଏଠାରେ ଉଲ୍ଲେଖନୀୟ ଯେ ଝାଡ଼ଖଣ୍ଡ ସରକାର କିଛି ସମୟ ଧରି ଧୋନିଙ୍କୁ ଝାଡ଼ଖଣ୍ଡ ପର୍ଯ୍ୟଟନର ବ୍ରାଣ୍ଡ ଆମ୍ବାସାଡର କରିବାକୁ ଯୋଜନା କରୁଛି। ରାଜ୍ୟର କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଧୋନିଙ୍କ ଅଭିଜ୍ଞତାକୁ ବ୍ୟବହାର କରିବା ପାଇଁ ଯୋଜନା ଉପରେ ମଧ ଆଲୋଚନା ହେଉଛି।


ସଂପାଦକ : ଭର୍ତ୍ତୃହରି ମହତାବ ❒ Printed and Published by Sri Bhartruhari Mahtab on behalf of Prajatantra Prachar Samity and Printed at Prajatantra Press, Biharibag, Chandinichowk, Cuttack- 753002, Phone-2508111, E-mail- prajatantra2003@yahoo.com/prajatantra2014@gmail.com, ❒ Regional Office- BBSR, Ph- 2393583